# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୩/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, August 3/2023 | Page 16 | ₹ 7.00

୪୯ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 249 | ମୂଲ୍ୟ ₹୭/-




## ବଫନଙ୍କ ଅବସର

ଇଟାଲୀ ଦଳର ବିଶ୍ୱ ବିଜୟୀ ଗୋଲକିପର ତଥା ଜୁଭେଣ୍ଟସ ପକ୍ଷରୁ ଦୀର୍ଘ ବର୍ଷ ଧରି ଖେଳିଥିବା ଜିଆନ୍‌ଲୁଗି ବଫନ କ୍ଲବ ଫୁଟବଲରୁ ଅବସର ଗ୍ରହଣ କରିଛନ୍ତି।

୧୬ | ୦୨

## ୨୫ରେ 'ଡ୍ରିମ୍ ଗର୍ଲ- ୨'

ଅଭିନେତା ଆୟୁଷମାନ ଖୁରାନାଙ୍କ ଅଭିନୀତ ଫିଲ୍ମ 'ଡ୍ରିମ୍ ଗର୍ଲ- ୨' ଆସନ୍ତା ୨୫ ତାରିଖରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି।





**ବର୍ଷା ବିପ୍ରାତ:** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଖମାରରୁ ନୂଆଗାଁ-କଣଲୋଇ ଗ୍ରାମ ଦେଇ ସମ୍ବଲପୁର ଜିଲାକୁ ସଂଯୋଗ କରୁଥିବା ଭଟ୍ଟପାଳ ନିକଟ ଆଉଁଳି ନଦୀ ପୋଲ ସଂଯୋଗୀକରଣ ରାସ୍ତାରେ ସୃଷ୍ଟି ହୋଇଥିବା ୧୫ ଫୁଟର ଘାଇ। (ଫଟୋ-ଅଜିତ୍ ଧଳ)

# ପାଣି ଘେରରେ ବହୁ ଗାଁ

- ଅନୁଗୋଳ ଜିଲାରେ ପୋଲ ଭାସିଗଲା
- ବୈତରଣୀ, ବଂଶଧାରା, ମହାନଦୀରେ ବନ୍ୟା ଆଶଙ୍କା
- ବିପଦସଙ୍କେତ ଉପରେ ବୈତରଣୀ
- ୧୦ ଜିଲାର ଅଧିକାରୀଙ୍କୁ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ
- ୨୩ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ ଟିମ୍ ମୁତୟନ
- ଉପରମୁଣ୍ଡରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୮ (ଅନିଲ ଦାସ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଗତ ୨ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ରାଜ୍ୟର ବହୁ ଗାଁ ପାଣିଘେରରେ ରହିଛି। ବର୍ଷା ତାଣ୍ଡବ ଯୋଗୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଯୋଗୁ କେନ୍ଦୁଝର ଜିଲାର ଝୁମ୍ପୁରା ବ୍ଲକରେ କାନ୍ଥ ପଡ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁରଠାରେ ଜଣେ ମହିଳା ବୈତରଣୀ ନଦୀରେ ଭାସି ଯାଇଥିଲେ। ତେବେ ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ବନ୍ୟାଜଳରେ ଅନୁଗୋଳ ଜିଲାରେ ଏକ ପୋଲ ଭାସିଯାଇଛି। ଏଥିସହିତ ମହାନଦୀ ଅବବାହିକା ତଳିଆ ଅଞ୍ଚଳ ଜନବସତିକୁ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି। ରାଜ୍ୟର ପ୍ରମୁଖ ନଦୀ ଫୁଲିବାରେ ଲାଗିଛି। ବୈତରଣୀ ଓ ବଂଶଧାରା, ଜଳକା ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ମହାନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି।

ମହାନଦୀର ଖଇରମାଳରେ ୫ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେଉଛି। ଗୁରୁବାର ସକାଳ ୧୦ଟା ସୁଦ୍ଧା ମୁଣ୍ଡଳିରେ ୬ ଲକ୍ଷ କ୍ୟୁସେକ ଜଳ ପହଞ୍ଚିବା ଅନୁମାନ କରାଯାଇଛି। ବୈତରଣୀ ନଦୀର ଆନନ୍ଦପୁରରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଆନନ୍ଦପୁର ରାଜଘାଟଠାରେ ବିପଦ ସଙ୍କେତ ୩୮.୩୬ ମିଟର ଥିବାବେଳେ ୩୯.୦୨ ମିଟର ଜଳପ୍ରବାହିତ ହେଉଛି। ତେବେ ଭଦ୍ରକ ଜିଲା ଆଖୁଆପଦାରେ ବନ୍ୟାଜଳ ବିପଦସଙ୍କେତ ଉପରେ ଚାଲିଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଆଗକୁ ବୈତରଣୀ ନଦୀରେ ବନ୍ୟାଜଳ ବଢ଼ିବାର ଆଶଙ୍କା କରାଯାଉଛି। ଏଥିଯୋଗୁ ତଳିଆ ଅଞ୍ଚଳ ବନ୍ୟା ସ୍ଥିତି ସଙ୍ଗିନ ହେବା ନେଇ ଅନୁମାନ କରାଯାଇଛି। ବୈତରଣୀ ବ୍ୟତୀତ ଅନ୍ୟ କୌଣସି ନଦୀରେ ଏ ପର୍ଯ୍ୟନ୍ତ ବନ୍ୟା ସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ଭଦ୍ରକ ଓ ଯାଜପୁରକୁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ପଠାଯାଇଛି। ☞ପୃଷ୍ଠା-୪

## ଆଜି ୯ ଜିଲାରେ ସ୍କୁଲ ବନ୍ଦ

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ବୁଧବାର ୧୩ଟି ଜିଲାରେ ସ୍କୁଲ ଛୁଟି ରହିଥିଲା। କେନ୍ଦୁଝର, ବଲାଙ୍ଗୀର, ନୂଆପଡ଼ା, ବାଲେଶ୍ୱର, କଳାହାଣ୍ଡି, ସୁବର୍ଣ୍ଣପୁର, ସମ୍ବଲପୁର, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଅନୁଗୋଳ, ବୌଦ୍ଧ ଓ କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଥିଲା। ସେହିପରି ଗୁରୁବାର ୯ ଜିଲାରେ ସ୍କୁଲ ବନ୍ଦ ରହିବ ବୋଲି ସୂଚନା ମିଳିଛି। ରାୟଗଡ଼ା, ଦେବଗଡ଼, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ, ବଲାଙ୍ଗୀର, ସୋନପୁର ଓ ବରଗଡ଼ ଜିଲାରେ ସମସ୍ତ ସ୍କୁଲ ଏବଂ ଯାଜପୁର ଜିଲାର ୪ଟି ବ୍ଲକ୍‌ରେ ଶିକ୍ଷାନୁଷ୍ଠାନ ବନ୍ଦ ରହିବ।

ଗୁରୁବାର ରାୟଗଡ଼ା ଜିଲାର ସମସ୍ତ ସ୍କୁଲ ଛୁଟି ରଖିବାକୁ ଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେବଗଡ଼ ଜିଲାର ସମସ୍ତ ସ୍କୁଲକୁ ୨ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସ୍କୁଲ ବୁଧବାର ଓ ଗୁରୁବାର ବନ୍ଦ ରଖାଯାଇଛି। ସୁନ୍ଦରଗଡ଼ ଜିଲାରେ ମଧ୍ୟ ଗୁରୁବାର ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିବ ବୋଲି ଜିଲାପାଳ କାର୍ଯ୍ୟାଳୟରୁ ସୂଚନା ମିଳିଛି। ମୟୂରଭଞ୍ଜ ଜିଲାପାଳଙ୍କ ଅନୁମୋଦନକ୍ରମେ ଜିଲାର ସମସ୍ତ ସ୍କୁଲ ଗୁରୁବାର ବନ୍ଦ ରଖିବାକୁ ଜିଲା ଶିକ୍ଷାଧିକାରୀ ବୁଧବାର ଜିଲାର ସମସ୍ତ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଜିଲା ଅଧୀନରେ ଥିବା ସମସ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ସେହିପରି ସୋନପୁର ଓ ବରଗଡ଼ ଜିଲାରେ ସମସ୍ତ ସ୍କୁଲ ବନ୍ଦ ରଖାଯାଇଥିବା ☞ପୃଷ୍ଠା-୪

## ପାହାଡ଼ରୁ ପଥର ଖସି ମାଲ୍‌ବାହୀ ଲାଇନଚ୍ୟୁତ

ବଇଣ୍ଡା, ୨।୮ (ପରିକ୍ଷିତ ସାହୁ)

ତାଳଚେର-ସମ୍ବଲପୁର ରେଳପଥରେ ବୁଧବାର ଭୋର୍ ସମୟରେ ଘଟିଛି ଅଘଟଣ। ପ୍ରବଳ ବର୍ଷାରେ ପାହାଡ଼ରୁ ପଥର ଧସି ମାଲ୍‌ବାହୀ ଟ୍ରେନ୍‌ରେ ପିଟିହେବାରୁ ଏହାର ଇଞ୍ଜିନ୍ ଲାଇନଚ୍ୟୁତ ହୋଇଯାଇଛି। ରେଳଧାରଣା କ୍ଷତିଗ୍ରସ୍ତ ହୋଇଛି। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ଼ଧରଣର ଦୁର୍ଘଟଣା ଟଳିଯାଇଛି। ଟ୍ରେନ୍‌ରେ ଥିବା କର୍ମଚାରୀ ସୁରକ୍ଷିତ ଅଛନ୍ତି। ଏହି ଘଟଣା ପରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। ପୁରୀ-ରାଉରକେଲା ଏବଂ ରାଉରକେଲା-ପୁରୀ ପାସେଞ୍ଜର ଟ୍ରେନ ବାତିଲ କରାଯାଇଛି। ସମ୍ବଲପୁର-ପୁରୀ ଇଣ୍ଟରସିଟି, ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ୨ଘଣ୍ଟା ବିଳମ୍ବରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା।

ଘଟଣାରୁ ଜଣାପଡ଼ିଛି, ୫୮ ୱାଗନ୍ ବିଶିଷ୍ଟ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍ ବୁଧବାର ଅନୁଗୋଳ ଜିଲା ତାଳଚେରରୁ ସମ୍ବଲପୁର ଜିଲା ଲପଙ୍ଗା ଅଭିମୁଖେ ଯାଉଥିଲା। ଭୋର୍ ପ୍ରାୟ ୫ଟା ବେଳେ କିଶୋରନଗର ବ୍ଲକ ବଇଣ୍ଡା ରେଳଷ୍ଟେଶନଠାରୁ ଏକ କିଲୋମିଟର ଦୂରରେ ହଠାତ୍ ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ଖସିବା ଆରମ୍ଭ କରିଥିଲା। ଉକ୍ତ ପଥର ସବୁ କ୍ଷୀପ୍ର ଗତିରେ ୨ନଂ. ରେଳଧାରଣା ଆଡ଼କୁ ଗଡ଼ି ଆସି ଡିଜେଲ ଟ୍ରେନ୍ ଇଞ୍ଜିନ୍ (ନଂ. ୭୦୭୭୦)ରେ ମାଡ଼ ହୋଇଥିଲା। ଟ୍ରେନ୍ ସମ୍ମୁଖ ଧାରଣାରେ ☞ପୃଷ୍ଠା-୪



ପାହାଡ଼ରୁ ପଥର ଖସି ଟ୍ରେନ୍‌ରେ ଚାପି ହୋଇରହିଛି।

## ମାଟିକାନ୍ଥ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଝୁମ୍ପୁରା, ୨।୮ (ଶଶିଭୂଷଣ ସାହୁ)

କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ନହବେଡ଼ା ପଞ୍ଚାୟତର ଘୁଣ୍ଟିପଶି ଗ୍ରାମରେ ଓଦା ହୋଇଥିବା କାନ୍ଥ ଧସି ଶ୍ରୀମତୀ ଲୋହାର (୭୦)ଙ୍କ ମୃତ୍ୟୁ ହୋଇଛି। ଝୁମ୍ପୁରା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୩)ରେ ରୁଜୁ ହୋଇଛି। ଝୁମ୍ପୁରା ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ମାଟିତଳୁ ମୃତଦେହ ଜବତ କରିଥିଲେ। ନହବେଡ଼ା ସରପଞ୍ଚ ମନ୍ମୟ ବିଳାସତିଓ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଅନୁକମ୍ପା ରାଶି ବୃଦ୍ଧାଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରିଛନ୍ତି। ଝୁମ୍ପୁରା ତହସିଲଦାର ରୋହିତ ବାଗ କହିଛନ୍ତି, ବୃଦ୍ଧାଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ୍ ସହାୟତା ପ୍ରଦାନ କରାଯିବ। ସରକାରୀ ସହାୟତା ପାଇଁ ଜିଲାପାଳଙ୍କୁ ଅବଗତ କରାଯାଇଛି।

# ନୂଆ ୫୦ ବର୍ଗଙ୍କୁ ସାମାଜିକ ସୁରକ୍ଷା

### ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ବୋର୍ଡ କଲ୍ୟାଣ ଯୋଜନା

- ରେଜିଷ୍ଟ୍ରିଭୁକ୍ତଙ୍କ ଦୁର୍ଘଟଣାଜନିତ ସହାୟତା ରାଶି ୪ ଲକ୍ଷକୁ ବୃଦ୍ଧି
- ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାକୁ ବୃଦ୍ଧିକଲେ ସରକାର

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଜରିଆରେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାର ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ବୁଲାବିକାଳି, ଛୋଟ ଦୋକାନୀ, ଘରୋଇ ସହାୟକ, ରିକ୍ସାବାଲା, ଅଟୋ ଡ୍ରାଇଭର, ମୋଚି, କୃଷି ଶ୍ରମିକ, ଜଙ୍ଗଲ ଶ୍ରମିକ, ଖବରକାଗଜ ହକର ଏବଂ ସଫେଇ କର୍ମଚାରୀଙ୍କ ଭଳି ୧୦ଟି ବର୍ଗର ଲୋକ ବୋର୍ଡର କଲ୍ୟାଣ ଯୋଜନାରେ ସୁବିଧା ପାଉଛନ୍ତି। ଏବେ ଆଉ ୫୦ ବର୍ଗର ଅଣସଙ୍ଗଠିତ କର୍ମଚାରୀଙ୍କୁ ଏହି ବୋର୍ଡର କଲ୍ୟାଣ ଯୋଜନାରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡରେ ରେଜିଷ୍ଟ୍ରିଭୁକ୍ତ ଶ୍ରମିକମାନଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶି ୨ ଲକ୍ଷ ଟଙ୍କା ମିଳୁଥିଲା। ରାଜ୍ୟ ସରକାର ଏହି ରାଶିକୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ସ୍ୱାଭାବିକ ☞ପୃଷ୍ଠା-୪

# ମଣିପୁର ହିଂସା: ୧୪ହଜାର ସ୍କୁଲ ପିଲା ବିସ୍ଥାପିତ

ନୂଆଦିଲ୍ଲୀ, ୨।୮

ଗତ ପ୍ରାୟ ୩ ମାସ ଧରି ମଣିପୁରରେ ସୃଷ୍ଟ ହିଂସାରେ ପ୍ରାୟ ୧୪ହଜାର ସ୍କୁଲ ପିଲା ବିସ୍ଥାପିତ ହୋଇଛନ୍ତି। ଏଥିମଧ୍ୟରୁ ୯୩ପ୍ରତିଶତ ପିଲାଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବା କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ବୁଧବାର ରାଜ୍ୟ ସଭାରେ ବିବୃତି ରଖିଛନ୍ତି। ଗୃହରେ ଦିଆଯାଇଥିବା ସୂଚନା ଅନୁସାରେ ହିଂସା ଯୋଗୁ ମୋଟ ୧୪,୭୬୩ ସ୍କୁଲ ଯାଉଥିବା ପିଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ସେମାନେ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବାବେଳେ ସେମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରତ୍ୟେକ କ୍ୟାମ୍ପରେ ଜଣେ ଜଣେ ନୋଡାଲ୍ ଅଫିସରଙ୍କୁ ନିଯୁକ୍ତସ୍ କରାଯାଇଛି। ନୋଡାଲ୍ ଅଫିସରମାନେ ବିସ୍ଥାପିତ ପିଲାମାନଙ୍କୁ ଚିହ୍ନଟ କ ରି ନିକଟସ୍ଥ ବିଦ୍ୟାଳୟଗୁଡ଼ିକରେ ମାଗଣାରେ ନାମ ଲେଖାଇବା ସହ ସେମାନଙ୍କ ପାଠପଢ଼ା କିପରି ଠିକ୍ ଭାବେ ହୋଇପାରିବ ସେନେଇ ନିଶ୍ଚିତ କରାଉଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪



# ମୋ ଘର: ୨.୪୨ ଲକ୍ଷ ଆବେଦନ, ୩୯ ଅନୁମୋଦନ

### ବ୍ୟାଙ୍କ ନିୟମରେ କଟିଯାଉଛନ୍ତି ୯୦%ରୁ ଅଧିକ ଲୋକ

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଯେଉଁ ଗରିବ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ପକ୍କାଘର ଖଣ୍ଡେ କରିବାରେ ସକ୍ଷମ ହୋଇପାରୁନାହାନ୍ତି ସେମାନଙ୍କ ଲାଗି ରାଜ୍ୟ ସରକାର 'ମୋ ଘର' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଉପରେ ରାଜ୍ୟ କ୍ୟାବିନେଟ୍ ଗତ ମେ ୨୯ରେ ମୋହର ମାରିଥିଲା। ମୋ ଘର ଯୋଜନାରେ ହିତାଧିକାରୀମାନଙ୍କୁ ଆବେଦନ କରିବା ପାଇଁ ସରକାର ଗତ ଜୁନ୍ ୧୬ରେ ଏକ ୱେବ୍‌ସାଇଟ୍ ମଧ୍ୟ ଆରମ୍ଭ କରିଥିଲେ। ହେଲେ ଏହି ଯୋଜନାରୁ ଗରିବ ହିତାଧିକାରୀଙ୍କୁ ଲାଭ ମିଳିପାରୁ ନ ଥିବା ଖୋଦ୍ ସରକାର ଅନୁଭବ କରିବା ଆରମ୍ଭ କଲେଣି। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ହିଁ ସବୁଠାରୁ ବଡ ସମସ୍ୟା ହୋଇ ଉଭା ହୋଇଛି; ଯେଉଁଥିଲାଗି ସରକାର ମଧ୍ୟ ଏବେ ଅଡ଼ୁଆରେ ପଡ଼ିଯାଇଛନ୍ତି। ଏହି ଯୋଜନାରୁ ଗରିବ ଲୋକମାନେ ଲାଭ ନ ପାଇପାରିବା ସରକାରଙ୍କ ମୁଣ୍ଡବ୍ୟଥା ଏବେ ବଢ଼ାଇ ଦେଲାଣି। ଗତ ଦେଢ଼ ମାସ ମଧ୍ୟରେ ରାଜ୍ୟରୁ ମୋଟ୍ ୩୯ ଜଣଙ୍କୁ ମୋ ଘର ଯୋଜନାର କାର୍ଯ୍ୟାଦେଶକୁ ଅନୁମୋଦନ ମିଳିବାରେ ସମ୍ଭବ ହୋଇଛି, ଯାହାକୁ ନେଇ ଏହି ଯୋଜନାରେ ଅନେକ ନିୟମ ପରିବର୍ତ୍ତନ କରାଇବାର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି।

ଏହି ଯୋଜନାରେ ରାଜ୍ୟ ସରକାର ୨୧୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିବା ବେଳେ ୨ ବର୍ଷରେ ପ୍ରାୟ ୪ ଲକ୍ଷ ହିତାଧିକାରୀଙ୍କୁ ଘର ଦେବେ ବୋଲି ଲକ୍ଷ୍ୟ ରଖିଛନ୍ତି। । ଯୋଜନାରେ ଘର କରିବା ଲାଗି ହିତାଧିକାରୀମାନଙ୍କୁ ବ୍ୟାଙ୍କରୁ ଋଣ ନେବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍‌ଦେବା ପରେ ୧୦ ବର୍ଷରେ ହିତାଧିକାରୀମାନେ ଏହି ଋଣ ଅର୍ଥ ଶୁଝିପାରିବେ। ସରକାର ଋଣ ଅର୍ଥରୁ ସବ୍‌ସିଡି ପ୍ରଦାନର ବ୍ୟବସ୍ଥା କରିଛନ୍ତି। ତେବେ ହିତାଧିକାରୀମାନେ ବ୍ୟାଙ୍କରେ ନିଜ ଜମିକୁ ବନ୍ଧକ ରଖି ଋଣ ନେବାର ବ୍ୟବସ୍ଥା କରାଯାଇଛି। ହେଲେ ଜମି ବନ୍ଧକ ରଖି ଘର କରିବା ଏତେଟା ସହଜ ହୋଇ ନାହିଁ। ବ୍ୟାଙ୍କଗୁଡ଼ିକ ନିଜ ନିୟମ ବାହାରକୁ ଯାଇ ଋଣ ଦେବା ସପକ୍ଷରେ ନାହାନ୍ତି। ଯଦି ଜଣଙ୍କ ନାଁରେ ଘରର ଜମି ରେକର୍ଡ ଥିବ ସେ କ୍ଷେତ୍ରରେ ଠିକ୍ ଅଛି। ଯେଉଁଠି ଗୋଟିଏ ପରିବାରର ୩ରୁ ୪ ଜଣଙ୍କ ନାଁରେ ଜମିର ରେକର୍ଡ ରହିଛି ସେଠାରେ ସମସ୍ୟା ଆରମ୍ଭ ହୋଇଛି। ସରକାରଙ୍କ ପାଖରେ ତଥ୍ୟ ଆସି ପହଞ୍ଚିଛି ଯେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ଜମି ରେକର୍ଡ ଏକାଧିକ ଲୋକଙ୍କ ନାଁରେ ରହିଛି। ସେ କ୍ଷେତ୍ରରେ ଜମିକୁ ପାର୍ଟିଶନ କରିବା ସେତେଟା ସହଜ କଥା ନୁହେଁ। ଯେଉଁମାନଙ୍କ ନାଁରେ ଜମିର ରେକର୍ଡ ରହିଛିଳ ସେମାନଙ୍କ ମଧ୍ୟରୁ ଅନେକେ ବ୍ୟାଙ୍କଠାରୁ ପୂର୍ବରୁ ଋଣ ନେଇ ଡିଫଲ୍ଟର ଅଛନ୍ତି। ଯଦି କେଉଁଠାରେ ଏହି ଦୁଇଟି କଥାରେ ସମସ୍ୟା ନାହିଁ, ସେଠାରେ ବ୍ୟାଙ୍କ ସେମାନଙ୍କ ସିଭିଲ ସ୍କୋର ଦେଖି ଋଣ ଦେବାକୁ ରାଜି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତନ୍ତ୍ର ଦେବୀ ବରାହୀ**

# ‘୩୭୦’ ବିଚାର ଆରମ୍ଭ

ନୂଆଦିଲ୍ଲୀ,୨।୮

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଖଲ ଅନେକ ଆବେଦନର ବିଚାର ବୁଧବାର ସୁପ୍ରିମକୋର୍ଟରେ ଆରମ୍ଭ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହାର ଦୈନନ୍ଦିନ ଶୁଣାଣି ଆରମ୍ଭ କରିଛନ୍ତି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ କପିଲ ସିବଲ କହିଥିଲେ, ଯେ ଗୁରୁବାର ପର୍ଯ୍ୟନ୍ତ ପକ୍ଷ ରଖିବେ। ସିଜେଆଇ କହିଥିଲେ, ଆବେଦନକାରୀଙ୍କ ଓକିଲଙ୍କୁ ଯୁକ୍ତି ବାଢ଼ିବା ପାଇଁ ଅନୁମତି ଦିଆଯିବ। ସେ କେତେକ ନିର୍ଦ୍ଦିଷ୍ଟ ଦିଗ ଉପରେ ଅତିରିକ୍ତ ତଥ୍ୟ ଦେଇପାରିବେ। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ ସାମିଲ ଥିବା ଏହି ପୀଠ ପୂର୍ବରୁ କହିଥିଲେ ଯେ, ସୋମବାର ଓ ଶୁକ୍ରବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଏହି ପ୍ରସଙ୍ଗରେ ଶୁଣାଣି ହେବ। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ର ଉଚ୍ଛେଦ କରିଥିଲେ। ଏହା ଉପରେ ସୁପ୍ରିମକୋର୍ଟ ପୂର୍ବରୁ କହିଥିଲେ, ୩୭୦ ଉଚ୍ଛେଦ ପରେ କଶ୍ମୀର ସ୍ଥିତିକୁ ନେଇ କେନ୍ଦ୍ର ପକ୍ଷରୁ ଦାଖଲ ସତ୍ୟପାଠର କୌଣସି ସମ୍ପର୍କ ସାମ୍ବିଧାନିକ ପ୍ରସଙ୍ଗ ସହ ରହିବ ନାହିଁ।

## ହରିୟାଣା ସାମ୍ପ୍ରଦାୟିକ ହିଂସା

# ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

ନୂଆଦିଲ୍ଲୀ,୨।୮



ଦିଲ୍ଲୀ ସଂଲଗ୍ନ ହରିୟାଣାରେ ସାମ୍ପ୍ରଦାୟିକ ହିଂସାରେ ୬ ଜଣଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସମ୍ବେଦନଶୀଳ ଅଞ୍ଚଳରେ ଅଧିକ ସୁରକ୍ଷା ବଳ ମୁତୟନ ଏବଂ ଘୃଣା ମନ୍ତବ୍ୟ ଉପରେ ଲଗାମ ଲଗାଇବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଥିବାବେଳେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ବଜରଙ୍ଗ ଦଳ ପକ୍ଷରୁ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ କରାଯାଉଥିବା ଶୋଭାଯାତ୍ରାକୁ ବନ୍ଦ କରିବାକୁ କୋର୍ଟ ମନା କରିଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି. ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଘୃଣା ମନ୍ତବ୍ୟ ବାତାବରଣକୁ ଅଧିକ ଖରାପ କରୁଛି। ତେଣୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ସଂଲଗ୍ନ କରାଯାଉ। ସିସିଟିଭି ଫୁଟେଜ୍ ଓ ଭିଡିଓ ରେକର୍ଡିଂକୁ ସୁରକ୍ଷିତ ରଖାଯିବ। କୌଣସି ସମ୍ପ୍ରଦାୟ ବିରୋଧରେ ଯେପରି ଘୃଣା ମନ୍ତବ୍ୟ ଦିଆ ନ ଯିବ ତାହା ପୋଲିସ ଅଧିକାରୀଙ୍କ ସମେତ ରାଜ୍ୟ ସରକାରମାନେ ସୁନିଶ୍ଚିତ କରିବେ। ସେହିପରି ହିଂସା ଓ ଧନଜୀବନ ହାନି ରୋକିବା ମଧ୍ୟ ସେମାନଙ୍କ କର୍ତ୍ତବ୍ୟ। ଯେଉଁଠି ଆବଶ୍ୟକ ପର୍ଯ୍ୟାପ୍ତ ପୋଲିସ ଅଧିକାରୀ କିମ୍ବା ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ମୁତୟନ କରାଯିବ। ଉତ୍ତର ପ୍ରଦେଶ, ହରିୟାଣା ଓ ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଟି) ଦିଲ୍ଲୀ ସରକାରଙ୍କୁ ଏହି ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରାଇବା ପାଇଁ ରେଜେଷ୍ଟ୍ରିଙ୍କୁ କୁହାଯାଇଛି। ଆସନ୍ତା ଶୁକ୍ରବାର ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

# ମୋନୁଙ୍କ ସମ୍ପର୍କରେ ସୂଚନା ନାହିଁ: ଖଟ୍ଟର

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ବୁଧବାର କହିଛନ୍ତି, ମୋନୁ ମାନେସରଙ୍କ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ରାଜସ୍ଥାନ ସରକାର ତାଙ୍କୁ ଖୋଜିବାରେ ସହଯୋଗ ଲୋଡ଼ିଲେ ଆମେ ସାହାଯ୍ୟ କରିବାକୁ ପ୍ରସ୍ତୁତ। ସୋମବାର ଘଟିଥିବା ସାମ୍ପ୍ରଦାୟିକ ସଂଘର୍ଷର ମାଷ୍ଟରମାଇଣ୍ଡ କୁହାଯାଉଥିବା ମୋନୁ ମାନେସରଙ୍କୁ ରାଜସ୍ଥାନର ୨ ଜଣଙ୍କୁ ହତ୍ୟା କରିବା ଅଭିଯୋଗରେ ଯୋଧପୁର ପୋଲିସ ଗତ ଜାନୁୟାରୀରୁ ଖୋଜୁଛି।


ମନୋହର ଲାଲ ଖଟ୍ଟର

୫ ଜଣିଆ ସାମ୍ବିଧାନିକ ପୀଠରେ ବୁଧବାର ୩୭୦ ଉଚ୍ଛେଦ ପ୍ରସଙ୍ଗରେ ଶୁଣାଣି ଚାଲିଥିବାବେଳେ ଏଥିରେ ଅଧ୍ୟକ୍ଷତା କରୁଥିବା ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ହଠାତ୍ ଏହାକୁ ଅଟକାଇ ହରିୟାଣାର ନୁହ୍ ଜିଲାରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ମାମଲାର ଶୁଣାଣି କରିଥିଲେ। ପ୍ରକାଶ ଯେ, ନୁହ୍ ହିଂସାରେ ଅଦ୍ୟାବଧି ୬ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ନେଇ ରାଜ୍ୟ ଓ ଜାତୀୟ ରାଜନୀତି ସରଗରମ ହୋଇଛି।

# ନୀତିନ୍ ଦେଶାଇଙ୍କ ଆତ୍ମହତ୍ୟା

ମୁମ୍ବାଇ,୨।୮

ଯୋଧା ଆକବର ଓ ଲଗାନ ଭଳି ହିଟ୍ ଫିଲ୍ମର ପ୍ରଖ୍ୟାତ୍ ଆର୍ଟ ଡାଇରେକ୍ଟର ନୀତିନ ଦେଶାଇଙ୍କ ମୃତ୍ୟୁ ହୋଇଛି। ୫୭ ବର୍ଷୀୟ ନୀତିନଙ୍କ ଝୁଲନ୍ତା ମୃତଦେହ ମୁମ୍ବାଇ ନିକଟସ୍ଥ କରଜାତରେ ଥିବା ତାଙ୍କ ଷ୍ଟୁଡିଓରୁ ମିଳିଛି। ନୀତିନଙ୍କ କମ୍ପାନୀ ଏନ୍‌ଡିସ୍ ଆର୍ଟ ୱାର୍ଲ୍ଡ ପ୍ରାଇଭେଟ୍ ଲିଃ ଏହାର ଫାଇନାନ୍ସିଆଲ କ୍ରେଡିଟରଠାରୁ ନେଇଥିବା ଋଣ ବାବଦ ୨୫୨ କୋଟି ଟଙ୍କାର ଖିଲାପ କରିଥିଲା। ଗତ ସପ୍ତାହରେ କମ୍ପାନୀ ବ୍ୟାଙ୍କରପ୍‌ସି କୋର୍ଟରେ ଦେବାଳିଆ ଘୋଷଣା ପାଇଁ ଆବେଦନ କରିଥିଲା। ଏନେଇ ରାଏଗଡ଼ ଏସ୍‌ପି ସୋମନାଥ ଘାର୍ଗେ କହିଛନ୍ତି, ନୀତିନଙ୍କ ମୃତଦେହ ତାଙ୍କ ଷ୍ଟୁଡିଓରୁ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ଏହା ଏକ ଆତ୍ମହତ୍ୟା ମାମଲା ମନେହେଉଛି। ତଥାପି ସବୁ ଦିଗରୁ ତଦନ୍ତ ଚାଲିଛି। ପ୍ରକାଶ ଯେ, ଏନ୍‌ଡିସ୍ ଆର୍ଟ ୱାର୍ଲ୍ଡ ଇସିଏଲ୍ ଫାଇନାନ୍ସଠାରୁ ୨୦୧୬ ଓ ୨୦୧୮ରେ ୧୮୫ କୋଟିର ଦୁଇଟି ଋଣ ନେଇଥିଲା। ୨୦୨୦ ଜାନୁୟାରୀରେ ଟଙ୍କା ପଇଠ କରିବାରେ ଅସୁବିଧା ଆରମ୍ଭ ହୋଇଥିଲା। ଏଥିପାଇଁ ନୀତିନ ଚିନ୍ତାରେ ଥିଲେ। ସେ ଭୋର ୪ଟାରେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି କୁହାଯାଉଛି।



# କୁନୋ ପାର୍କରେ ଆଖି ବୁଜିଲା ନବମ ଚିତା

ଭୋପାଳ,୨।୮

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ବୁଧବାର ସକାଳେ ଆଉ ଏକ ଚିତା ଧାତ୍ରି ଆଖିବୁଜିଛି। ଏହାକୁ ମିଶାଇ ଗତ ମାର୍ଚ୍ଚରୁ ଅଦ୍ୟାବଧି ଏହି ନ୍ୟାଶନାଲ ପାର୍କରେ ୯ ଚିତାଙ୍କ ମୃତ୍ୟୁ ଘଟିଲାଣି। ଏହି ମାଇ ଚିତା ମୃତ୍ୟୁର କାରଣ ଖୋଜିବା ପାଇଁ ଏହାର ପୋଷ୍ଟମର୍ଟମ କରାଯାଇଛି। କୁନୋ ପାର୍କ ଏନ୍‌କ୍ଲୋଜରରେ ବର୍ତ୍ତମାନ ୧୪ ଚିତା ରହିଛନ୍ତି, ଯାହାଙ୍କ ମଧ୍ୟରୁ ୭ ଅଣ୍ଡିରା, ୬ ମାଇ ଏବଂ ୧ ମାଇ ଶାବକ। କୁନୋ ବନ୍ୟପ୍ରାଣୀ ଚିକିତ୍ସକ ଓ ନାମ୍ବିଆର ବିଶେଷଜ୍ଞ ଟିମ୍ ନିୟମିତ ଭାବେ ଏମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଅନ୍ୟ ଏକ ମାଇ ଚିତା ବାହାରେ ବୁଲୁଛି, ଯାହା ଉପରେ ଉକ୍ତ ଟିମ୍ କଡ଼ା ନଜର ରଖିଛି। ତାକୁ ଏନ୍‌କ୍ଲୋଜରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚାଲିଥିବା ପାର୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରୋଜେକ୍ଟ ଚିତା ଅଧୀନରେ ମୋଟ ୨୦ ଚିତାଙ୍କୁ ନାମ୍ବିଆ ଓ ଦକ୍ଷିଣ ଆଫ୍ରିକାରୁ ଦୁଇଟି ପର୍ଯ୍ୟାୟ(ଗତବର୍ଷ ସେପ୍ଟେମ୍ବର ଓ ଚଳିତବର୍ଷ ଫେବୃୟାରୀ)ରେ ଅଣାଯାଇଥିଲା।



# ମହାକାଶରେ ମୃତ୍ୟୁ ଘଟିଲେ...

ହ୍ୟୁଷ୍ଟନ,୨।୮



ମହାକାଶକୁ ମାନବ ପ୍ରେରଣ ଏକ ଅତି ଦୁରୂହ ଓ ବିପଜ୍ଜନକ ବ୍ୟାପାର। ୬୦ ବର୍ଷ ପୂର୍ବେ ମହାକାଶ ଅଭିଯାନ ଆରମ୍ଭ ହେବା ପରଠୁ ଅଦ୍ୟାବଧି ସ୍ପେସ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୧୪ ଜଣ ୧୯୮୬ରୁ ୨୦୦୩ ମଧ୍ୟରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ସ୍ପେସ୍ ଶଟଲ ଟ୍ରାଜେଡିରେ ପ୍ରାଣ ହରାଇଛନ୍ତି। ସେହିପରି ୧୯୭୧ର ସୋୟୁଜ୍ ୧୧ ମିଶନରେ ୩ ଏବଂ ୧୯୬୭ରେ ଆପୋଲୋ ୧ ଲଞ୍ଚ ପ୍ୟାଡ୍‌ରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୫ରେ ନାସା ପକ୍ଷରୁ ଚନ୍ଦ୍ରକୁ ଜଣେ ମଣିଷଙ୍କୁ ପଠାଇବା ଯୋଜନା ଚାଲିଛି। ସେହିପରି ମଙ୍ଗଳ ଗ୍ରହକୁ ମଧ୍ୟ ମହାକାଶଚାରୀଙ୍କୁ ପ୍ରେରଣ ଯୋଜନା ରହିଛି। ବ୍ୟବସାୟିକ ସ୍ପେସ୍‌ଫ୍ଲାଇଟ୍‌ର ଲୋକପ୍ରିୟତା ମଧ୍ୟ ବଢ଼ୁଛି। ଟ୍ରାନ୍ସଲେଶନାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ଜଣେ ସ୍ପେସ୍ ମେଡିକାଲ ଡାକ୍ତର କହିଛନ୍ତି, ମୁଁ ଓ ମୋର ଟିମ୍ ସ୍ପେସ୍ ଏକ୍ସପ୍ଲୋରରମାନଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନ ଦେଇଥାଉ। ତେବେ ମହାକାଶ ଯାତ୍ରାରେ ଥିବା କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ କ’ଣ କରାଯିବ। ଲୋ-ଅର୍ବିଟ୍ ମିଶନରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ଅଭିଯାନ ବେଳେ ଘଟିଲେ କ୍ରିଉ ତାଙ୍କ ମୃତଦେହକୁ ଏକ କ୍ୟାପ୍‌ସୁଲରେ ପୃଥିବୀକୁ କିଛି ଘଣ୍ଟା ଭିତରେ ପଠାଇପାରିବେ। ଚନ୍ଦ୍ରରେ ମୃତ୍ୟୁ ହେଲେ କ୍ରିଉ ତାଙ୍କ ମରଶରୀରକୁ କିଛି ଦିନ ମଧ୍ୟରେ ପୃଥିବୀକୁ ପଠାଇପାରିବେ। ଏସମ୍ପର୍କିତ ପ୍ରୋଟୋକଲର ବିସ୍ତୃତ ବିବରଣୀ ନାସା ପକ୍ଷରୁ ପ୍ରଦାନ କରାଯାଇଛି। ମହାକାଶରେ ମୃତକଙ୍କ ଶରୀରକୁ ଫେରାଇଆଣିବାକୁ ନାସା ସେତେ ଗୁରୁତ୍ୱ ଦେଇ ଥାଏ, ବରଂ ଅନ୍ୟ ମହାକାଶ ଯାତ୍ରୀମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଏହି ଏଜେନ୍ସିର ସର୍ବାଧିକ ପ୍ରାଥମିକତା। ୩୦୦ ନିୟୁତ ମାଇଲ ଯାତ୍ରା କରି ମଙ୍ଗଳରେ ପହଞ୍ଚିବାବେଳେ ଭିନ୍ନ ଉପାୟ ଆପଣାଯିବ। ଏଭଳି ସ୍ଥିତିରେ କ୍ରିଉ ତତ୍କାଳ ମୃତଦେହ ଧରି ଫେରିଆସିବା ପାଇଁ ସକ୍ଷମ ହେବେ ନାହିଁ। ବର୍ଷେ ହେଉ କି ଦୁଇବର୍ଷ ମିଶନ ଶେଷ ହେବା ପରେ ହିଁ ସେ ମୃତକଙ୍କ ମରଶରୀର ଧରି ପୃଥିବୀକୁ ଫେରିବେ। ସେତେଦିନ ଯାଏ ମୃତକଙ୍କ ଶବକୁ ଏକ ଭିନ୍ନ ଚାମ୍ବରରେ ସୁରକ୍ଷିତ ରଖାଯିବ। ମହାକାଶ ଯାନରେ ତାପମାତ୍ରା ଓ ଆର୍ଦ୍ରତା ଏଥିରେ ସହାୟକ ହେବ ବୋଲି ନାସା ପକ୍ଷରୁ ପ୍ରକାଶ କରାଯାଇଛି।

# ୪ ମାସରେ ୧,୨୨୪ ମୃତ

ନୂଆଦିଲ୍ଲୀ,୨।୮

## ଭାରତରେ ଜଳବାୟୁ ବିପର୍ଯ୍ୟୟ

ଜଳବାୟୁ ପରିବର୍ତ୍ତନ ଯୋଗୁ ବନ୍ୟା ଓ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଭାରତରେ ଗତ ୪ ମାସ ମଧ୍ୟରେ ୧,୨୨୪ ଜଣଙ୍କ ଜୀବନ ଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏହି ତଥ୍ୟ ପ୍ରଦାନ କରାଯାଇଛି। ମୃତକଙ୍କ ମଧ୍ୟରୁ ସର୍ବାଧିକ ୫୦୨ ଜଣ ବିହାରର। ଏହି ଅବଧି ମଧ୍ୟରେ ମଧ୍ୟପ୍ରଦେଶରେ ୯୭ ଓ ଗୁଜରାଟରେ ୯୪ ଜଣଙ୍କ ମୃତ୍ୟୁ ଘଟିଛି। ହିମାଚଳ ପ୍ରଦେଶ ଏହି କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ରହିଛି, ଯେଉଁଠି ବନ୍ୟାବିପ୍ଳାବ ଓ ଭୂସ୍ଖଳନ ଯୋଗୁ ୮୮ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ କହିଛନ୍ତି, ହାଇଡ୍ରୋ-ମେଟେରୋଲୋଜିକାଲ୍ ଡିଜାଷ୍ଟର (ଜଳ ପାଣିପାଗ ସମ୍ପର୍କିତ ବିପର୍ଯ୍ୟୟ)ରେ ୨୫,୫୫୮ ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ୬୧,୦୦୦ରୁ ଅଧିକ ଘର ଭାଙ୍ଗିଯାଇଛି। କିନ୍ତୁ ଉତ୍ତର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ଏହାର ସବୁଠୁ କମ୍ ପ୍ରଭାବ ଦେଖିବାକୁ ମିଳିଛି। ଏଭଳି ବିପତ୍ତି ସମୟରେ ଧନଜୀବନ ହାନିକୁ ହ୍ରାସ କରିବା ଉପରେ ଦେଶରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ଏକ ଆଗୁଆ ସତର୍କତା ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି, ଯହିଁରୁ ପାଣିପାଗ ସମ୍ପର୍କରେ ଠିକ୍ ସୂଚନା ମିଳିପାରୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ନିଆଯାଉଥିବା ପ୍ରସ୍ତୁତି, ନିରାକରଣ ଓ ପ୍ରଶମନ ବ୍ୟବସ୍ଥା ଭଳି ପଦକ୍ଷେପ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ହ୍ରାସ ପାଇଛି। ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ଭଳି ଭାରତରେ ପ୍ରତିକୂଳ ପାଗର ଖରାପ ପ୍ରଭାବ ବଢ଼ିଚାଲିଛି ବୋଲି ନିତ୍ୟାନନ୍ଦ କହିଛନ୍ତି।

| ରାଜ୍ୟ | ମୃତ୍ୟୁ ସଂଖ୍ୟା | ଗୋରୁଙ୍କ ଜୀବନହାନି | ଘର ନଷ୍ଟ | ଫସଲ ନଷ୍ଟ ହେକ୍ଟରରେ |
|---|---|---|---|---|
| ବିହାର | ୫୦୨ | -- | -- | -- |
| ମଧ୍ୟପ୍ରଦେଶ | ୯୭ | ୨୪୬ | ୧୧୬୯ | -- |
| ଗୁଜରାଟ | ୯୪ | ୪୬୫୪ | ୨୦୫୪୧ | ୧,୩୩,୧୨୯ |
| ହିମାଚଳ ପ୍ରଦେଶ | ୮୮ | ୨୯୧୪ | ୬୨୦୮ | -- |
| କର୍ଣ୍ଣାଟକ | ୭୮ | ୫୩୯ | ୪୯୧୦ | ୧୦,୩୯୬ |
| ମହାରାଷ୍ଟ୍ର | ୬୬ | ୧୧୯ | ୨୧୦ | -- |
| ପଞ୍ଜାବ | ୩୮ | ୧୦୪୪୪ | ୧୧୪୨ | ୨୫,୫୩୦ |
| ଆନ୍ଧ୍ର ପ୍ରଦେଶ | ୩୬ | -- | -- | -- |
| ଆସାମ | ୩୬ | ୧୫୧୩ | ୨୭୨୯ | ୨୮,୩୮୬ |
| ହରିୟାଣା | ୩୨ | ୨୯୫୮ | ୪୧୮୩ | ୨,୦୬୯୯୦ |
| ରାଜସ୍ଥାନ | ୩୨ | ୯୯୭ | ୬୪୯୩ | -- |
| ଉତ୍ତରାଖଣ୍ଡ | ୨୯ | ୪୪୧ | ୮୩୫ | -- |
| ଛତିଶଗଡ଼ | ୨୮ | ୧୩୦ | ୫୨୫ | -- |
| କେରଳ | ୨୧ | -- | ୧୯୪୫ | -- |
| ତ୍ରିପୁରା | ୧୩ | -- | ୬୦୨୪ | -- |
| ମେଘାଳୟ | ୦୭ | ୨୭ | ୧୮୭୬ | ୮୨ |
| ଅରୁଣାଚଳ ପ୍ରଦେଶ | ୫ | ୧୪ | ୫୫ | ୧.୫୪ |
| ସିକିମ | ୦୫ | ୧୮୫ | ୪୬୦ | ୧୩୮ |
| ନାଗାଲାଣ୍ଡ | ୦୪ | ୦୧ | ୧୩୨୨ | ୨୪ |
| ଦିଲ୍ଲୀ | ୦୪ | ୧୦ | ୦୯ | -- |
| ଉତ୍ତର ପ୍ରଦେଶ | ୦୩ | ୩୫୮ | ୧୦୫ | -- |
| ଦାଦର ଓ ନଗର ହାବେଳି | ୦୩ | -- | -- | -- |
| ଜମ୍ମୁ ଓ କଶ୍ମୀର | ୦୨ | -- | ୧୦ | |
| ପୁଡୁଚେରୀ | ୦୧ | -- | ୧୦ | -- |
| ଗୋଆ | -- | -- | ୨୧୪ | -- |
| ମିଜୋରାମ | -- | -- | ୦୩ | -- |
| ଓଡ଼ିଶା | -- | ୦୮ | ୧୫୮ | -- |
| ମୋଟ | ୧୨୨୪ | ୨୫,୫୫୮ | ୬୧,୧୩୬ | ୪,୦୪,୬୭୬.୫୪ |

## ଫୁର୍‌ସତ୍

# ସିଙ୍ଗଲ ବିଲ୍ଡିଂ ସ୍ଲେକ୍‌ଲାଇନକୁ ରଶିରେ ଚାଲି ଅତିକ୍ରମ କଲେ

ଟାଲିନ୍



ଅନେକ ଲୋକ ନିଜ କାରନାମା ଦେଖାଇ ବିଭିନ୍ନ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ନିକଟରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଇଷ୍ଟୋନିଆର ସ୍ଲେକ୍‌ଲାଇନ ଆଥଲେଟ୍ ଜାନ୍ ରୋସି ନିକଟରେ ୪୯୨ ଫୁଟ୍ ରଶିରେ ଚଢ଼ି ଏପଟରୁ ସେପଟକୁ ଯାଇ ରେକର୍ଡ କରିଛନ୍ତି। ଯାହା ସ୍ଥଳ ଭାଗରୁ ୬୦୬ ଫୁଟ୍ ଉଚ୍ଚରେ ବନ୍ଧା ହୋଇଥିଲା। ରଶି କତରର ଲୁସୈନ ମରୀନାର ଟାୱାରର ଦୁଇ ପାର୍ଶ୍ୱରେ ବନ୍ଧା ଯାଇଥିଲା। ଯାହା ଉପରେ ଜାନ୍ ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଇ ରବିବାର ଏହି ସଫଳତା ହାସଲ କରିଛନ୍ତି। ସେ ଏହାର ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଯେଉଁଥିରେ ସେ ବହୁ ଉଚ୍ଚରେ ଥିବା ଏକ ରଶି ଉପରେ ଚଢୁଥିବା ଦେଖିବାକୁ ମିଳିଛି। ସେଥିରେ ସେ ବିନା କିଛି ସାହାଯ୍ୟରେ ନିଜର ସନ୍ତୁଳନ ରକ୍ଷା କରୁଥିଲେ। ଜାନ୍ ସବୁଠାରୁ ଲମ୍ବା ସିଙ୍ଗଲ ବିଲ୍ଡିଂ ସ୍ଲେକ୍‌ଲାଇନକୁ ଅତିକ୍ରମ କରିଥିବା ନେଇ ରେକର୍ଡ କରିଛନ୍ତି। ତାଙ୍କର ଏହି ଭିଡିଓକୁ ଲୋକେ ବହୁତ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। ଏଥିରେ ତାଙ୍କୁ ଅନେକ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଆସିଛି। କିଛି ଲୋକ ଜାନ୍‌ଙ୍କ ଏହି କାମର ପ୍ରଶଂସା କରିଥିବାବେଳେ ଆଉ କେତେଜଣ ଏହାକୁ ତାଙ୍କ ପାଗଳାମି ବୋଲି କହିଛନ୍ତି।

# ୨୫ରେ ‘ଡ୍ରିମ୍ ଗର୍ଲ- ୨’



**ମୁମ୍ବାଇ:** ଅଭିନେତା ଆୟୁଷମାନ ଖୁରାନାଙ୍କ ଅଭିନୀତ ଫିଲ୍ମ ‘ଡ୍ରିମ୍ ଗର୍ଲ- ୨’ର ଟ୍ରେଲର ନିକଟରେ ରିଲିଜ୍ ହୋଇଛି। ଏଥିରେ ଆୟୁଷମାନଙ୍କୁ ଜଣେ ଯୁବତୀଙ୍କ ଭୂମିକା ନିଭାଇବାକୁ ପଡ଼ିଛି, ଯାହା ତାଙ୍କ ପାଇଁ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଏବଂ ମହତ୍ତ୍ୱପୂର୍ଣ୍ଣ ଥିବା ସେ କହିଛନ୍ତି। ଏଥର ପୁରସ୍କାର ସିଜନରେ ଆୟୁଷମାନ ଶ୍ରେଷ୍ଠ ଅଭିନେତ୍ରୀ ବର୍ଗରେ ମନୋନୀତ ହେବାକୁ ଇଚ୍ଛା ରଖିଥିବା ସେ କହିଛନ୍ତି। ତାଙ୍କ ସହ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏଥିରେ ନଜରକୁ ଆସିଛନ୍ତି। ମୁଭିରେ ଅଭିଷେକ ବାନାର୍ଜୀ, ରାଜପାଲ ଯାଦବ, ଅନୁ କପୁର, ପରେଶ ରାୱଲ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ରାଜ ସାଣ୍ଡିଲ୍ୟାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ୨୦୧୯ର ‘ଡ୍ରିମ୍ ଗର୍ଲ’ ସିକ୍ୟୁଏଲ୍‌କୁ ନେଇ ହୋଇଥିବା ଜଣାଯାଇଛି। ପୂର୍ବ ଭଳି ଆୟୁଷମାନଙ୍କୁ କରମବୀର ସିଂ ଏବଂ ପୂଜା ରୋଲରେ ଦେଖିବାକୁ ମିଳିବ। ଫିଲ୍ମ ଆସନ୍ତା ୨୫ ତାରିଖରେ ରିଲିଜ୍ ହେବ। ତେବେ ଆୟୁଷମାନ ୨୦୧୨ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ‘ଆନ୍ ଆକ୍ସନ ହିରୋ’ ମୁଭିରେ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କୁ ଅନେକ ଟିଭି ଶୋ’ରେ ମଧ୍ୟ ଦେଖିବାକୁ ମିଳିଛି।

# ୪ରେ ‘କୋଇ ମିଲ୍ ଗୟା’ର ପୁନଃ ମୁକ୍ତିଲାଭ

ମୁମ୍ବାଇ



ଅଭିନେତା ହ୍ରିତିକ୍ ରୋଶନଙ୍କ ଅଭିନୀତ ୨୦୦୩ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ‘କୋଇ ମିଲ୍ ଗୟା’ ସେ ସମୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ପିଲାଠୁ ବୃଢ଼ା ପର୍ଯ୍ୟନ୍ତ ସଭିଏ ଏହି ଫିଲ୍ମ ଦେଖିବାକୁ ପ୍ରେକ୍ଷାଳୟରେ ଭିଡ଼ ଜମାଇଥିଲେ। ତେବେ ଚଳିତ ମାସ ଏହି ମୁଭିର ମୁକ୍ତିଲାଭକୁ ୨୦ ବର୍ଷ ପୂରିଛି। ଏହି ଅବସରରେ ନିର୍ମାତା ରାକେଶ ରୋଶନ ଏହାକୁ ପୁଣି ଥରେ ରିଲିଜ୍ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଚଳଚ୍ଚିତ୍ରର ୨୦ ବର୍ଷ ପୂରଣ ଅବସରରେ ଏହାକୁ ୩୦ଟି ସହରରେ ପୁନଃ ମୁକ୍ତିଲାଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଚଳଚ୍ଚିତ୍ର ଆସନ୍ତା ୪ ତାରିଖରେ ୩୦ଟି ସହରରେ ପିଭିଆର୍ ଏବଂ ଆଇନକ୍ସରେ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ଦ୍ଦେଶକ ରାକେଶ ଏକ ସାକ୍ଷାତ୍କାରରେ ସୂଚନା ଦେଇଛନ୍ତି। ଚଳଚ୍ଚିତ୍ରରେ ହ୍ରିତିକଙ୍କ ବିପକ୍ଷରେ ପ୍ରୀତି ଜିଣ୍ଟା ନଜର ଆସିଥିଲେ। ଏହା ବ୍ୟତୀତ ହ୍ରିତିକଙ୍କ ମା’ ଭୂମିକାରେ ରେଖା ଅଭିନୟ କରିଥିଲେ। ଏଥିସହ ଫିଲ୍ମରେ ଦେଖିବାକୁ ମିଳିଥିବା ଯାଦୁ କ୍ୟାରେକ୍ଟର ସମସ୍ତଙ୍କୁ ଅଧିକ ଆକର୍ଷିତ କରିଥିଲା। ହ୍ରିତିକ୍ ଯୁବ ବୟସରେ ପିଲାଙ୍କ ସହ ପିଲା ଅଭିନୟ କରିବା, ପରେ ଯାଦୁ ତାଙ୍କ ଜୀବନରେ ପ୍ରବେଶ ସମସ୍ତ କାହାଣୀକୁ ଅଧିକ ହୃଦୟସ୍ପର୍ଶୀ କରାଇଥିଲା।

# ଓଲାର ନୂଆ କର୍ମଚାରୀ ‘ବିଜ୍‌ଲୀ’

ବେଙ୍ଗାଲୁରୁ




ମାର୍କେଟ୍‌ରେ ଏବେ ଇଲେକ୍ଟ୍ରିକ୍ ସ୍କୁଟରର ଚାହିଦା ବଢ଼ିବାକୁ ଲାଗିଛି। ତେବେ ଲୋକଙ୍କ ପସନ୍ଦକୁ ନଜରରେ ରଖି ନିକଟରେ ଓଲା ଇଲେକ୍ଟ୍ରିକ୍ ଏକ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ଯାହା ବିଷୟରେ କମ୍ପାନୀର ସିଇଓ ଭବିଶ ଅଗ୍ରୱାଲ ସୂଚନା ଦେଇଛନ୍ତି। ଭବିଶ ଉକ୍ତ କର୍ମଚାରୀଙ୍କ ଆଇଡି କାର୍ଡ ଟୁଇଟରରେ ପୋଷ୍ଟ କରିଛନ୍ତି। କ୍ୟାପ୍ସନରେ ଲେଖିଛନ୍ତି, କମ୍ପାନୀର ନୂଆ କର୍ମଚାରୀ। କମ୍ପାନୀ ନିଯୁକ୍ତ କରିଥିବା ନୂଆ କର୍ମଚାରୀ ଜଣେ ମଣିଷ ନୁହେଁ, ଗୋଟେ କୁକୁର। ତା’ ନାମ ‘ବିଜ୍‌ଲୀ’। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଟୁଇଟର ପୋଷ୍ଟ ମୁତାବକ, ବିଜ୍‌ଲୀର କର୍ମଚାରୀ କୋଡ୍ ଅଜବ। ତା’ର ଏମ୍ପ୍ଲଇ କୋଡ୍ ‘୪୪୦ଭି’ ରଖାଯାଇଛି। ଏଥିସହ ତା’ର ରକ୍ତର ଗ୍ରୁପ ‘PAW +ve’ ବୋଲି ଲେଖାଯାଇଛି। କାର୍ଡରେ ଓଲା ଇଲେକ୍ଟ୍ରିକ୍ ବେଙ୍ଗାଲୁରୁର ଠିକଣା ରହିଛି। ଏହାର ଅର୍ଥ ବିଜ୍‌ଲୀର ନିଯୁକ୍ତି କୋରମଙ୍ଗଳ ବ୍ରାଞ୍ଚରେ ହୋଇଛି। ଏହାଛଡ଼ା ବିଜ୍‌ଲୀ ସହ ସମ୍ପର୍କ କରିବାକୁ ହେଲେ ଅଫିସ ସହ ଯୋଗାଯୋଗ କରିବେ ବୋଲି ଲେଖାରହିଛି। ଭବିଶଙ୍କ ଏହି ପୋଷ୍ଟକୁ ଅନେକ ଲୋକ କମେଣ୍ଟ କରିଥିବା ଦେଖିବାକୁ ମିଳିଛି। କିଛି ଲୋକ ଏହାକୁ ଜନ୍ତୁଙ୍କ ପ୍ରତି ଭଲପାଇବା ଦର୍ଶାଉଥିବା କହିଛନ୍ତି।




# ଶିମିଳିପାଳ, ବାଘ ସୁରକ୍ଷା ପାଇଁ ଜଏଣ୍ଟ ଟାସ୍କଫୋର୍ସ

## ୧୦୦ ସଶସ୍ତ୍ର ପୋଲିସ କନ୍‌ଷ୍ଟେବଲ ସାମିଲ

ଭୁବନେଶ୍ୱର/ବାରିପଦା, ୨।୮ (ଅସମାପିକା ସାହୁ/ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ସୁରକ୍ଷା ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍) ଗଠନ କରାଯାଇଛି। ଏନେଇ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ୨ ବନ କର୍ମଚାରୀଙ୍କୁ ଶିକାରୀମାନେ ଗୁଳିକରି ହତ୍ୟା କରିବା ପରେ ବନ ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ସଶସ୍ତ୍ର ଶିକାରୀଙ୍କୁ ମୁକାବିଲା କରିବାରେ ଏହି ଟିମ୍ ବଡ଼ ଦାୟିତ୍ୱ ତୁଲାଇବ। ଟାସ୍କ ଫୋର୍ସରେ ୧୦୦ ସଶସ୍ତ୍ର ପୋଲିସ କନ୍‌ଷ୍ଟେବଲ, ୩ ରେଞ୍ଜ ଅଫିସର, ୬ ଫରେଷ୍ଟର ଓ ୮୧ଜଣ ଫରେଷ୍ଟ ଗାର୍ଡଙ୍କୁ ସାମିଲ କରାଯାଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଟାସ୍କ ଫୋର୍ସର ଅଧ୍ୟକ୍ଷ ରହିଛନ୍ତି। ସେହିପରି ବାରିପଦା, କରଞ୍ଜିଆ, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କ ସମେତ ଶିମିଳିପାଳ ଉତ୍ତର ବନଖଣ୍ଡର ଉପନିର୍ଦ୍ଦେଶକ, ମୟୂରଭଞ୍ଜର ଅତିରିକ୍ତ ଏସ୍‌ପି କିମ୍ବା ଡିଏସ୍‌ପି ର୍‍ୟାଙ୍କ୍‌ର ପୋଲିସ ଅଧିକାରୀ ଓ ଶିମିଳିପାଳ ସାଉଥ୍ ଜୋନ୍‌ର ସହକାରୀ ବନ ସଂରକ୍ଷକ ଏଥିରେ ପ୍ରମୁଖ ସଦସ୍ୟ ରହିଛନ୍ତି।

ଶିମିଳିପାଳ ମହାବଳ ବାଘଙ୍କ ଉତ୍ତମ ପ୍ରଜନନ ସ୍ଥାନ ହୋଇଥିବାରୁ ଏଠାରେ ବାଘ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ୟପକ୍ଷରେ କଲରାପତରିଆ ବାଘ ସଂଖ୍ୟା କମିବାରେ ଲାଗିଛି। ଅଭୟାରଣ୍ୟରେ ବାଘ ଶିକାର ବନ୍ଦ ହେଉ ନ ଥିବାରୁ ଯେଉଁ ଅନୁସାରେ ବାଘ ସଂଖ୍ୟା ବଢ଼ିବା କଥା ତାହା ହେଉନାହିଁ। ବିଶେଷକରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ମହାବଳ, କଲରାପତରିଆ ବାଘ ଓ ହାତୀ ଶିକାର ବର୍ଷ ତମାମ ଲାଗି ରହୁଛି। ଶିକାରୀମାନେ ଶକ୍ତିଶାଳୀ ହୋଇଉଠିବା ସହ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଏହି ବେଆଇନ କାର୍ଯ୍ୟ ଚଳାଇଥିବାବେଳେ ସୁରକ୍ଷା ଦାୟିତ୍ୱରେ ଥିବା ବନ ଅଧିକାରୀ ଓ କର୍ମଚାରୀମାନେ ବିନା ଅସ୍ତ୍ରରେ ସେମାନଙ୍କୁ ମୁକାବିଲା କରିପାରୁ ନାହାନ୍ତି କି ଅଭୟାରଣ୍ୟ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ସକ୍ଷମ ହେଉନାହାନ୍ତି। ଅଭୟାରଣ୍ୟରେ ବାଘ ସଂଖ୍ୟା ବଢ଼ାଇବା ଓ ସଂରକ୍ଷଣ ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ବାର୍ଷିକ ୧୨ ରୁ ୧୩ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଗତ ୧୨ ବର୍ଷ ଭିତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ବାବଦରେ ୧୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ସାରିଲେଣି। ହେଲେ ଶିକାରୀଙ୍କ ରାଜ୍ ଅଭୟାରଣ୍ୟ ଓ ବନ୍ୟପ୍ରାଣୀଙ୍କ ପାଇଁ ବଡ଼ ବିପଦ ସାଜିଛି। କିଛିଦିନ ତଳେ ପାଟ୍ରୋଲିଂବେଳେ ଶିକାରୀ ଗୁଳିରେ ଦୁଇ ବନପାଳଙ୍କ ମୃତ୍ୟୁ ହେବା ପରେ ଅଭୟାରଣ୍ୟର ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ଏପରିସ୍ଥିତିରେ ନବଗଠିତ ଜେଟିଏଫ୍ ଅଭୟାରଣ୍ୟକୁ କେତେ ସୁରକ୍ଷା ଦେବ ତାହାକୁ ନେଇ ମଧ୍ୟ ନାନା ଆଲୋଚନା ଚାଲିଛି। କାରଣ ପୂର୍ବରୁ ସରକାର ବହୁ ପଦକ୍ଷେପ ନେଇଥିଲେ ମଧ୍ୟ ଅଭୟାରଣ୍ୟ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ବିଫଳ ହୋଇଛି।

# ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ

## ସନତ୍ ମହାନ୍ତି କାର୍ଯ୍ୟକାରୀ ଅଧ୍ୟକ୍ଷ

ଭୁବନେଶ୍ୱର, ୨।୮ (ଅନିଲ ଦାସ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଅଧ୍ୟକ୍ଷ ସତ୍ୟଜିତ ମହାନ୍ତିଙ୍କ କାର୍ଯ୍ୟକାଳ ବୁଧବାର ଶେଷ ହୋଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସତ୍ୟଜିତ ୬୨ ବର୍ଷରେ ପଦାର୍ପଣ କରିବାରୁ ତାଙ୍କ ଅଧ୍ୟକ୍ଷ ପଦ ରଦ୍ଦ କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ପରବର୍ତ୍ତୀ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ହେବା ପର୍ଯ୍ୟନ୍ତ ଓପିଏସ୍‌ସି ସଦସ୍ୟ ସନତ୍ କୁମାର ମହାନ୍ତି ଅସ୍ଥାୟୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇବେ। ସୂଚନାଯୋଗ୍ୟ ଯେ, ୧୯୯୮ ବ୍ୟାଚ ଆଇପିଏସ୍ ଅଫିସର ତଥା ପୂର୍ବତନ ଅଗ୍ନିଶମ ଡିଜି ଓ ଦ୍ୱୈତନଗର ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ୨୦୨୧ ଫେବୃୟାରୀରେ ଓପିଏସ୍‌ସି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା।






# ଷ୍ଟେଶନ ନିକଟରେ ବଗି ଛାଡ଼ିଗଲା ମାଲବାହୀ ଟ୍ରେନ

ବସ୍ତା, ୨।୮ (ହରିଶଙ୍କର ପାଢୀ)

ବୁଧବାର ସକାଳେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରେନ ବସ୍ତା ଷ୍ଟେସନ ନିକଟସ୍ଥ ଦକ୍ଷିଣ କ୍ୟାବିନ ନିକଟରେ ଇଞ୍ଜିନ ପଟରୁ କିଛି ବଗି ରହିଯାଇଥିଲା। ଗାର୍ଡଠାରୁ ସୂଚନା ପାଇ ଲୋକୋ ପାଇଲଟ ଟ୍ରେନକୁ ଅଟକାଇବା ପରେ ପୁଣି ବଗିକୁ ଯୋଡାଯାଇଥିଲା। ପରେ ଟ୍ରେନ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ଏହି ଘଟଣା ସମ୍ପର୍କରେ ବସ୍ତା ଷ୍ଟେସନ ମ୍ୟାନେଜର ରାଧାକାନ୍ତ ରାଉଳ କହିଛନ୍ତି ଯେ, ଟ୍ରେନର କପ୍‌ଲିଂ ଖୋଲିଯାଇଥିଲା। ତାହା ଜଣାପଡ଼ିବା ପରେ ତୁରନ୍ତ ମରାମତି କରାଯାଇଥିବା ପ୍ରକାଶ କରିଥିଲେ। ଅଧଘଣ୍ଟା ଧରି ଡାଉନ ଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଫାଟକ ପଡ଼ିରହିଥିବାରୁ ଲୋକେ ହଇରାଣ ହୋଇଥିଲେ।

# ସାପ କାମୁଡ଼ାରେ ଭଉଣୀ, ଭାଇ ମୃତ

ଅମ୍ବାଭୋନା, ୨।୮ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ଗୋବିନ୍ଦପୁର ଗ୍ରାମରେ ସାପ କାମୁଡ଼ାରେ ଭଉଣୀ, ଭାଇଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅର୍ଜୁନ ତିହିରିଆ(୩୫) ଏବଂ ତାଙ୍କ ଭଉଣୀ ସୀତୟା ତିହିରିଆ(୩୩)। ଏ ନେଇ ଅମ୍ବାଭୋନା ଥାନାରେ ଏକ ଅପମୃତ୍ୟୁ ମାମଲା(୧୨/୨୩) ରୁଜୁ ହୋଇଛି। ମଙ୍ଗଳବାର ରାତ୍ରିଭୋଜନ ସାରି ପରିବାର ଲୋକଙ୍କ ସହ ଉଭୟେ ଶୋଇଥିଲେ। ଶୋଇଥିବାବେଳେ ଏକ ବିଷାକ୍ତ ସାପ ପ୍ରଥମେ ଅର୍ଜୁନଙ୍କୁ କାମୁଡ଼ିଥିଲା। ସାପକୁ ଧରି ସେ ଫୋପାଡ଼ି ଦେଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ସାପ ଭଉଣୀ ସୀତୟାଙ୍କ ଉପରେ ପଡ଼ିଥିଲା। ସେହି ସାପ ମଧ୍ୟ ତାଙ୍କୁ କାମୁଡ଼ି ଦେଇଥିଲା। ଏହାପରେ ସେମାନେ ପ୍ରଥମେ ଝଡ଼ାଫୁଙ୍କା କରିଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ ସେମାନଙ୍କୁ ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଅର୍ଜୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ସୀତୟାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ସୀତୟା ବିବାହିତା ଏବଂ ସେ ଗତ କିଛିଦିନ ତଳେ ସେ ବାପଘରକୁ ବୁଲି ଆସିଥିଲେ। ବ୍ୟବଚ୍ଛେଦ ପରେ ସୀତୟାଙ୍କ ମୃତଦେହ ତାଙ୍କ ମହୁଲପାଲିସ୍ଥିତ ଶ୍ୱଶୁର ଘରକୁ ନିଆଯାଇ ସତ୍କାର କରାଯାଇଥିଲା। ସେହିପରି ଅର୍ଜୁନଙ୍କ ମୃତଦେହକୁ ଗୋବିନ୍ଦପୁରରେ ସତ୍କାର କରାଯାଇଛି।

# ରାସ୍ତାରେ ପାଣି, ଭାରରେ ବୁହା ହେଲେ ପ୍ରସୂତି



ପ୍ରସୂତିଙ୍କୁ ଭାରରେ ନିଆଯାଉଛି।

ଔପଦା, ୨।୮ (ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲାର ଔପଦା ବ୍ଲକର ରାଇରମଚନ୍ଦ୍ରପୁର ପଞ୍ଚାୟତର ପାହାଡ଼ ପାଦଦେଶରେ ଅବସ୍ଥିତ ଆଦିବାସୀ ଅଞ୍ଚଳ ରାଜସ୍ୱ ଗ୍ରାମ ମହିଷାଡାଳିର କୁରାଢ଼ୀବସା ସାହିକୁ ରାସ୍ତା ନ ଥିବାରୁ ଜଣେ ଆଦିବାସୀ ଗର୍ଭବତୀ ପ୍ରସବ ପରେ ଘରକୁ ଭାରରେ ବୁହା ହେଉଥିବା ଭିଡିଓ ଭାଇରାଲ ହୋଇଛି। କୁରାଢ଼ୀବସା ସାହିର ଚନ୍ଦନ ମୁର୍ମୁଙ୍କ ସ୍ତ୍ରୀ ଦାନଗିଙ୍କ ପ୍ରସବ କରାଇବା ପାଇଁ ପ୍ରାୟ ୩ ଦିନ ପୂର୍ବେ ସୋର ଡାକ୍ତରଖାନାକୁ ଯାଇଥିଲେ। ପ୍ରସବ ପରେ ମହିଳା ଜଣଙ୍କ ଘରକୁ ଫେରୁଥିବା ବେଳେ ସାହିକୁ ଭଲ ରାସ୍ତା ନ ଥିବାରୁ ଲଘୁଚାପ ପ୍ରଭାବରେ ପାହାଡ଼ରୁ ବନ୍ୟା ଜଳ ସେହି ରାସ୍ତାରେ ପ୍ରବାହିତ ହେଉଥିଲା। ଶେଷରେ ତାଙ୍କର ପରିବାର ଲୋକେ ଉପାୟ ଶୂନ୍ୟ ହୋଇ ପ୍ରସୂତିଙ୍କୁ ଏକ ପ୍ଲାଷ୍ଟିକ ଚୌକିରେ ବସାଇ ଭାର କରି ଦେଢ଼ କି.ମି. ରାସ୍ତା ଅତିକ୍ରମ କରି ଘରେ ପହଞ୍ଚାଇଥିଲେ। ଏହି ପଞ୍ଚାୟତ ଦୁଇ ଥର ଆଦର୍ଶ ଗ୍ରାମ ପଞ୍ଚାୟତ ଭାବେ ମାନ୍ୟତା ପାଇଥିବା ବେଳେ ରାସ୍ତା ନ ଥିବାରୁ ପ୍ରସୂତିଙ୍କୁ ଭାରରେ ବୁହା ହେବା ଘଟଣା ଔପଦା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

# ଲୋକଙ୍କ ଖାଦ୍ୟ ଥାଳିରେ ମାଣ୍ଡିଆ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ଉତ୍ତମ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିଶସ୍ୟର ଆବଶ୍ୟକତା ପୂରଣ ଦିଗରେ ମିଲେଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକଙ୍କ ଖାଦ୍ୟ ଥାଳିରେ ମାଣ୍ଡିଆ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ମିଲେଟ ମିଶନ ଗଠନ ହେବା ଦିନ ଠାରୁ ଏହା ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟ କରି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରଶଂସାଭାଜନ ହୋଇପାରିଛି। ଏଥିସହିତ ମାଣ୍ଡିଆ ଖାଦ୍ୟର ଚାହିଦା ବୃଦ୍ଧି ନିମନ୍ତେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର ସହଯୋଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଚଳିତ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ବୁଧବାର ଲୋକସେବା ଭବନର କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ପୁଷ୍ଟିଶସ୍ୟ ଭିତ୍ତିକ କର୍ମଶାଳା ଏବଂ ଟେଷ୍ଟିଂ ଇଭେଣ୍ଟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି ଯେ, ମିଲେଟ ଚାଷର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ହେକ୍ଟର ପିଛା ୨୬,୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରୁଛନ୍ତି। ଓଡ଼ିଶା ମିଲେଟ ମିଶନର ସଫଳତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ରାଜ୍ୟର ସମସ୍ତ ୩୦ ଜିଲାରେ ୧୭୭ଟି ବ୍ଲକ୍‌କୁ ସମ୍ପ୍ରସାରିତ କରାଯାଇଛି।

# ଦଶମ ପିଲା ପଢ଼ିବେ ଆସ୍ପିରେଶନାଲ କମ୍ପୋନେଣ୍ଟ

## ଚଳିତ ଶିକ୍ଷାବର୍ଷଠାରୁ ସାମିଲ ହେଲା ନୂଆ ପାଠ୍ୟକ୍ରମ

କଟକ, ୨।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚଳିତ ଶିକ୍ଷାବର୍ଷଠାରୁ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଆସ୍ପିରେଶନାଲ କମ୍ପୋନେଣ୍ଟ ସାମିଲ ହୋଇଛି। ଏନେଇ ବୁଧବାର ବୋର୍ଡ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇସ୍କୁଲ ସମେତ ମଧ୍ୟମାର ଛାତ୍ରୀଛାତ୍ରମାନେ ଏହି ବିଷୟରେ ପାଠ ପଢିବେ। ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ ଏବଂ କ୍ରୀଡ଼ାଙ୍ଗନ ୪ଟି କ୍ଲବରେ ପାଠପଢ଼ା ହେବ। ଇଣ୍ଟରନାଲ ଆସେସ୍‌ମେଣ୍ଟ ସହ ଏହାକୁ ମିଶାଇ ମୋଟ ୨୦ ପ୍ରତିଶତ କ୍ୟାରିୟର ମାର୍କ ମିଳିବ। ବିଦ୍ୟାଳୟସ୍ତରରେ ଏହି ବିଷୟରେ ପରୀକ୍ଷା କରାଯାଇ ଫଳ ପ୍ରକାଶ ପାଇବ। ଦୁଇଟି ପର୍ଯ୍ୟାୟରେ ବୋର୍ଡ ୱେବ୍‌ସାଇଟ୍‌ରେ ମାର୍କ ଅପ୍‌ଲୋଡ୍ ହେବ। ଆସନ୍ତା ସେପ୍ଟେମ୍ବର ୨୫ରୁ ୨୮ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୪ ଜାନୁୟାରୀ ୧୮ରୁ ୨୧ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ମାର୍କ ଅପ୍‌ଲୋଡ୍ କରାଯିବ। ଛାତ୍ରୀଛାତ୍ରମାନେ ଯେଉଁ ମାର୍କ ରଖିବେ ତାହାକୁ ସ୍କୁଲ କର୍ତ୍ତୃପକ୍ଷ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବେ ବୋଲି ସୂଚନା ମିଳିଛି। ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀରେ ଏନେଇ ପୃଥକ କ୍ଲାସ୍ ହେବ। ପ୍ରଧାନ ଶିକ୍ଷକ ଜଣେ ମେଣ୍ଟର ଶିକ୍ଷକଙ୍କୁ ଏହାର ଦାୟିତ୍ୱ ଦେବେ। ସମ୍ପୃକ୍ତ ମେଣ୍ଟର ଶିକ୍ଷକ କ୍ଲବର ପ୍ରୋଗ୍ରେସ ରିପୋର୍ଟ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିବେ।




କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ବାଲିଆଗୋଡ଼ାଠାରୁ ଭାଲିଆଡ଼ିହି ଯାଇଥିବା ରାସ୍ତା ଲଗାଣ ବର୍ଷାରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ଏହି ରାସ୍ତାରେ ଏକ କଲଭର୍ଟ ଧୋଇଯାଇଛି। ତିନି ମାସ ହେଲା ଏହି କଲଭର୍ଟ କାମ ହୋଇଥିଲା।

# ରାଜ୍ୟ ସରକାରଙ୍କୁ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

## ସିସିଟିଭି ଲଗାଇବାବେଳେ ଯୁବକଙ୍କ ମୃତ୍ୟୁ ମାମଲା

କଟକ, ୨।୮ (କାର୍ତ୍ତିକ ସାହୁ)

ପୁରୀ ରଥଯାତ୍ରା ନିମନ୍ତେ ସିସିଟିଭି ଲଗାଇବାବେଳେ ବିଦ୍ୟୁତ୍ ଆଘାତରେ ଜଣେ ଅପରେଟର୍‌ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ରେ ରୁଜୁ ମାମଲାର ଶୁଣାଣି କରି ଆୟୁକ୍ତ ତଦନ୍ତ ରିପୋର୍ଟ ଦାଖଲ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ପୁରୀ ରଥଯାତ୍ରା ନିମନ୍ତେ ସିସିଟିଭି ଲଗାଇବାବେଳେ କଟକ ପୁରୀଘାଟ ଥାନା ଅନ୍ତର୍ଗତ କୁସୁନପୁର ଅଞ୍ଚଳର ରାକେଶ ବେହେରା ନାମକ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ରାର୍ଥନା କରି ଆବେଦନକାରୀ ଆଇନଜୀବୀ ଶିବଶଙ୍କର ମହାନ୍ତି ଓଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# କ୍ରିମିନାଲ୍ ଅପିଲ୍ ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

## ବିଧାୟକ ମୋକିମ୍‌ଙ୍କ ବିରୋଧରେ ଦଣ୍ଡାଦେଶ ଲାଗୁ ନେଇ ଜନସ୍ୱାର୍ଥ ମାମଲା

କଟକ, ୨।୮ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ କ୍ରିମିନାଲ୍ ଅପିଲ୍ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ଥିତି ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବାକୁ ନୋଟିସ କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଡା. ରବିରଞ୍ଜନ ସାହୁ, ଫିରୋଜ ଅହେମଦ ଖାନ୍ ଓ ସଙ୍ଗୀତା ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମୋକିମଙ୍କୁ ଭିଜିଲାନ୍ସ ମାମଲାରେ ହୋଇଥିବା ଦଣ୍ଡାଦେଶ କଡ଼ାକଡ଼ି ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଉଲ୍ଲେଖ ରହିଛି। ଏଥିରେ ଭାରତର ନିର୍ବାଚନ କମିଶନର, ରାଜ୍ୟ ନିର୍ବାଚନ କମିଶନର, ମହମ୍ମଦ ମୋକିମ ଓ ରାଜ୍ୟ ଭିଜିଲାନ୍ସକୁ ପକ୍ଷଭୁକ୍ତ କରାଯାଇଛି। ମୋକିମଙ୍କ ନାମରେ କଟକର ଏସ୍‌ଡିଜେଏମ୍ କୋର୍ଟ, ଭୁବନେଶ୍ୱର ଓ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ, ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ, କଟକର ଏସ୍‌ଡିଜେଏମ୍ (ଏସ୍) ଆଦି କୋର୍ଟରେ ୧୨ଟି ମାମଲା ବିଚାରାଧୀନ ରହିଛି। ୨୦୨୨ ସେପ୍ଟେମ୍ବର ୨୯ରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏକ ମାମଲାରେ ମୋକିମଙ୍କ ସମେତ ଅନ୍ୟ ତିନି ଜଣଙ୍କୁ ୩ ବର୍ଷ ଲେଖାଏ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଏଥିସହ ମୋକିମ୍‌ଙ୍କୁ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ତୁରନ୍ତ ଦଣ୍ଡାଦେଶକୁ କାର୍ଯ୍ୟକାରୀ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ମୋକିମ ଭିଜିଲାନ୍ସ କୋର୍ଟଙ୍କ ଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ଆବେଦନ କରିଛନ୍ତି। ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ଭିଜିଲାନ୍ସ କୋର୍ଟର ଦଣ୍ଡାଦେଶ ଉପରେ ସାମୟିକ ସ୍ଥଗିତାଦେଶ ଜାରି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ବିଜୟୀ ପ୍ରାର୍ଥୀ ତଥା କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ନିର୍ବାଚନ ବିଜୟକୁ ଅସିଦ୍ଧ ଘୋଷଣା କରିବା ପାଇଁ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ଏକ ମାମଲା ମଧ୍ୟ ରୁଜୁ କରିଛନ୍ତି। ମୋକିମଙ୍କ ନାମରେ ଥିବା ଆପରାଧିକ ମାମଲା ଏବଂ ତାଙ୍କର ସମ୍ପତ୍ତି ସମ୍ପର୍କରେ ସେ ରିଟର୍ନିଂ ଅଫିସରଙ୍କ ନିକଟରେ ମିଥ୍ୟା ଓ ଅସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିଥିବାରୁ ତାଙ୍କ ନିର୍ବାଚନକୁ ଖାରଜ କରାଯାଉ ବୋଲି ଦେବାଶିଷ ପ୍ରାର୍ଥନା କରିଛନ୍ତି।

# ଯାଜପୁର ଜିଲାପାଳଙ୍କୁ ଲୋକାୟୁକ୍ତଙ୍କ ନୋଟିସ

## ମାଙ୍କଡ଼ିଆ ଜନଜାତି କଲୋନୀ ନିର୍ମାଣ ପ୍ରସଙ୍ଗ

## ୮୭ % ଖର୍ଚ୍ଚ, ୩୦% କାମ ହୋଇନି

ଯାଜପୁର, ୨।୮ (ହର୍ଷବର୍ଦ୍ଧନ ବେହେରା)

ମାଙ୍କଡ଼ିଆ ସମ୍ପ୍ରଦାୟ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ୮୭ କଲୋନୀ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଗାଁସୋଲ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମରେ ହୋଇଥିବା ଏଭଳି ଅଭିଯୋଗ ଉପରେ ଯାଜପୁର ଜିଲାପାଳଙ୍କ ସମେତ ସୁକିନ୍ଦା ବିଡିଓ, ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ଓ ଠିକାଦାର ଭାଗବତ ଖଟୁଆଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଲୋକାୟୁକ୍ତଙ୍କ ପକ୍ଷରୁ ଅଧ୍ୟକ୍ଷ ଓ ସଦସ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ୭।୯।୨୦୨୩ରେ ହେବ ବୋଲି ଉକ୍ତ ନିର୍ଦ୍ଦେଶ ପତ୍ରରେ ସୂଚନା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଜଙ୍ଗଲ ଜମି ଅଧିକାର ଆଇନ ମାଧ୍ୟମରେ ୮୭ ମାଙ୍କଡ଼ିଆ ସମ୍ପ୍ରଦାୟ ପରିବାରବର୍ଗଙ୍କୁ ଜମି ଯୋଗାଇ ଗୃହ ନିର୍ମାଣ ବାବଦକୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ଡିଏମ୍‌ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ମଞ୍ଜୁର ହୋଇଥିଲା। ସେଥିରୁ ୨୦୨୧-୨୨ ସୁଦ୍ଧା ୨ କୋଟି ୮୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ପ୍ରାୟ ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏପରିକି ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ ଖର୍ଚ୍ଚ ପରିମାଣର ବିନିଯୋଗ ପତ୍ର(ୟୁସି) ଦାଖଲ ମଧ୍ୟ କରି ସାରିଛନ୍ତି। ଯାଜପୁର ଜିଲାପାଳ ତଥା ଡିଏମ୍‌ଏଫ୍ ଟ୍ରଷ୍ଟିଙ୍କୁ ଏହି ୟୁସି ଦାଖଲ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ୨୦।୭।୨୦୨୩ରେ ରିପୋର୍ଟ ମଧ୍ୟ ପ୍ରଦାନ କରି ସାରିଛନ୍ତି। ହେଲେ ଅଧିକାଂଶ ଘର ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବାବେଳେ କେତେକ ଘର ଭିତରେ ଫାଟ ସୃଷ୍ଟି ହୋଇ ସାରିଛି। ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗ କ୍ରମେ ଲୋକାୟୁକ୍ତ ୩୪୬/୨୦୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି, ମାଙ୍କଡ଼ିଆ ଜନଜାତି ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯାଜପୁର, ମୟୂରଭଞ୍ଜ, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ଏହି ଜନଜାତିମାନେ ବସବାସ କରିଥାନ୍ତି। ଏମାନେ ପର୍ଟିକୁଲାର ଭୁଲନେରେବୁଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର। ବର୍ତ୍ତମାନ ଏହି ସମ୍ପ୍ରଦାୟର ୮୭ ପରିବାର କାଳିଆପାଣି ଖଣି ନିକଟସ୍ଥ ମଲ୍ଲାରସାହି ଗ୍ରାମରେ ବସବାସ କରୁଛନ୍ତି। ଏମାନଙ୍କୁ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ଘର ସମେତ ପାନୀୟ ଜଳ, ବାଥରୁମ୍, ବିଦ୍ୟୁତ୍ ଯୋଗାଇ ଦେବାକୁ ପାଣ୍ଠି ମଞ୍ଜୁର ହୋଇଛି। ହେଲେ ମଞ୍ଜୁର ପାଣ୍ଠିରୁ ପ୍ରାୟ ୮୭ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି। ଏହାସହ ଘର ଯୋଗାଇ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ୨୧।୨।୨୦୨୦ ସୁଦ୍ଧା ଶେଷ ହେବା କଥା। କିନ୍ତୁ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ମାତ୍ର ୩୦% କାମ ସରିଛି। ଫଳରେ ଏହିସବୁ ପ୍ରତିଶ୍ରୁତି ନିରୀହ ମାଙ୍କଡ଼ିଆ ଜନଜାତି ପରିବାରଙ୍କ ପାଇଁ ସ୍ୱପ୍ନ ହୋଇଛି। ଶେଷ ହୋଇଥିବା ଘରଗୁଡ଼ିକ ଏତେ ନିମ୍ନମାନର ହୋଇଛି ଯେ, ସେଥିରେ ମଣିଷ ରହିବା ଅସମ୍ଭବ। ତେଣୁ ଲୋକାୟୁକ୍ତଙ୍କ ନିକଟରେ ଏହି ଦୁର୍ନୀତି ଉପରେ ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ତେବେ ଠିକାଦାର ଜିଲାର ଜଣେ ପ୍ରଭାବଶାଳୀ ନେତାଙ୍କ ପାଖ ଲୋକ ହୋଇଥିବାରୁ ସହଜରେ ଖସିଯିବେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁସାରେ ଠିକ ସମୟରେ ରିପୋର୍ଟ ଦାଖଲ କରାଯିବ।

**ଆଜିର ମନ୍ତବ୍ୟ**

"ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟାର କହୁଛନ୍ତି, ସମସ୍ତଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ। କିନ୍ତୁ ଜାତି ଓ ଧର୍ମ ଆଧାରରେ ଏକ ସରକାର ଲୋକଙ୍କୁ ଉସୁକାଇବା ନିନ୍ଦନୀୟ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଟ;**
**ଯେଉଁ ବାଟେ ବାଟେ ଆସିଲ ବନ୍ଧୁ !**
**ସେହି ବାଟେ ବାଟେ ନେଉଟା**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା' ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଉ ବିଷ୍ଠା ତ୍ୟାଗ କରି ଚମ୍ପଟ**
**ବଗ ବିଚରା ପଡିଲା ଧରା।**

ଧୂର୍ତ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଫଳସ୍ୱରୂପ କିଛି ନ କରି ମଧ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି। ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକଙ୍କୁ ଦଣ୍ଡ ଦିଆଯିବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶିମିଳିପାଳ ସୁରକ୍ଷା ଦାବିରେ ଭଞ୍ଜ ସେନାର ଗଣବିକ୍ଷୋଭ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ସହ ୧୦ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଭଞ୍ଜ ସେନା। ସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିଠାରେ ବୁଧବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୟୂରଭଞ୍ଜ ଜିଲାର ୨୭୫୦ ବର୍ଗ କିମି କ୍ଷେତ୍ରଫଳ ବିଶିଷ୍ଟ ଶିମିଳିପାଳରେ ୧୦୭୬ ପ୍ରକାର ବୃକ୍ଷଲତା ଓ ୯୬ ପ୍ରକାରେ ଅର୍ଚ୍ଚିଡ ପ୍ରଜାତିର(ଚିତ୍ର ଜାତୀୟ) ଫୁଲ, ୫୫ ପ୍ରକାର ବିରଳ ବୃକ୍ଷ, ୫୫ ଜାତିର ପଶୁ, ୬୨ ପ୍ରକାର ସରୀସୃପ ଓ ୩୦୪ ପ୍ରଜାତିର ପକ୍ଷୀ ଅଛନ୍ତି। ମାତ୍ର ପ୍ରକୃତିର ଏ ଅବଦାନ ବର୍ତ୍ତମାନ ବିପଦରେ ବୋଲି ଭଞ୍ଜ ସେନା ଅଧକ୍ଷ ଶୁଭେନ୍ଦୁ ମହାନ୍ତି କହିଛନ୍ତି। ଏହି ଜୈବମଣ୍ଡଳର ସୁରକ୍ଷା ଦିଗରେ ନିଦାବିଷ୍ଣୁ ସାଜିଥିବା ବିଧାୟକ, ସାଂସଦ ଓ ପ୍ରତିନିଧିମାନେ ନିଜ ସ୍ୱାର୍ଥରେ ନିୟୋଜିତ ରହିଛନ୍ତି ବୋଲି ସଂଗଠନର କାର୍ଯ୍ୟକାରୀ ଅଧକ୍ଷ ସଞ୍ଜୀବ ରାଉତ କହିଛନ୍ତି। ଭଞ୍ଜସେନାର ଦାବିଗୁଡିକ ମଧ୍ୟରେ ମହାବଳ ବାଘ ସଂଖ୍ୟା ବୃଦ୍ଧିକୁ ନେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଭାଗ ଓ ରାଜ୍ୟର ବିଶିଷ୍ଟ ପରିବେଶବିତ୍‌ଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉ। ବାଘଙ୍କ ଗତିବିଧିକୁ ଟ୍ରାକିଂ କରିବା ପାଇଁ ଜିପିଏସ୍, ମନିଟରିଙ୍ଗ ସିଷ୍ଟମ ଓ ଭିଏଚ୍‌ଏଫ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଉ। ଅବାଧ ଶିକାର ରୋକିବା ନିମନ୍ତେ ସରକାରୀ ସ୍ତରରେ ଶିମିଳିପାଳ ସ୍ପେଶାଲ ସ୍କ୍ୱାଡ୍ ଗଠନ କରି କଡ଼ାକଡ଼ି ନିୟମ ଓ ଦଣ୍ଡବିଧାନ ପ୍ରଣୟନ କରାଯାଉ। ଶିମିଳିପାଳରେ ବାଘ ପ୍ରଜନନ, ସଂଖ୍ୟା ବୃଦ୍ଧି, ବାସସ୍ଥାନ, ଖାଦ୍ୟଶୃଙ୍ଖଳ, ଗତିବିଧି, ପରିବେଶ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ସହ ଶିମିଳିପାଳ କୋର୍ ଓ ବୋଫର ଅଞ୍ଚଳରେ ଅବସ୍ଥିତ ଗାଁଗୁଡିକୁ ବିସ୍ଥାପିତ କରାଯାଇ ଶିମିଳିପାଳକୁ ସମ୍ପୂର୍ଣ୍ଣ ଜାତୀୟ ଉଦ୍ୟାନ ଭାବେ ମାନ୍ୟତା ପ୍ରଦାନ କରାଯାଉ। ଏହାସହିତ ବିସ୍ଥାପିତଙ୍କୁ ସରକାରୀ ଜମି, ଶିକ୍ଷା, ବିଜୁଳି, ସ୍ୱାସ୍ଥ୍ୟ, ରୋଜଗାର, ବାସଗୃହ ଯୋଗାଇବା ସହିତ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉ। କେବଳ ଆଦିବାସୀଙ୍କ ଧାର୍ମିକ ଉପାସନା ଓ ବାର୍ଷିକ ପୂଜାର୍ଚ୍ଚନା ପାଇଁ ଶିମିଳିପାଳକୁ ପ୍ରବେଶର ଅନୁମତି ପ୍ରଦାନ କରାଯାଉ। ସରକାରଙ୍କ ପକ୍ଷରୁ ଇକୋ ଟୁରିଜମ୍ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉ। ଶିମିଳିପାଳର ସୁରକ୍ଷା ପାଇଁ ଖାଲି ପଡିଥିବା ୪୦ପ୍ରତିଶତ କର୍ମଚାରୀଙ୍କ ପଦବୀ ପୂରଣ କରାଯାଉ। ଅଭୟାରଣ୍ୟ ମଧ୍ୟରେ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ନିଆଯାଉଥିବା ପଦକ୍ଷେପକୁ ତୁରନ୍ତ ବାତିଲ କରାଯାଉ। ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବା ସହିତ କାର୍ଯ୍ୟକାରୀ କରାଯାଉ। ନବ ରୂପାନ୍ତର ପ୍ରକ୍ରିୟାରେ କୀଚକେଶ୍ୱରୀଙ୍କ ମନ୍ଦିର, ମାଆ ଅମ୍ବିକା ମନ୍ଦିର, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିର ଓ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ। ଉପରୋକ୍ତ ଦାବି ପୂରଣ ନ ହେଲେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦିଆଯିବ ବୋଲି ସେନା ପକ୍ଷରୁ ଚେତାବନୀ ଦିଆଯାଇଛି।



# ମହିଳାଙ୍କୁ ଆକ୍ରମଣ କରି ଟଙ୍କା, ସୁନା ଲୁଟ୍

ଧର୍ମଶାଳା/ଜେନାପୁର,୨।୮ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)

ଯାଜପୁର ଜିଲା ଜେନାପୁର ଥାନା କମାଗଡ଼ ପଞ୍ଚାୟତ ଅନ୍ତର୍ଗତ ଅଣ୍ଟିଆ ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ କରିବା ସହ ତାଙ୍କଠାରୁ ଟଙ୍କା, ସୁନା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ମହିଳା ଓ ୨ ଜଣ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଅଣ୍ଟିଆ ଗ୍ରାମର ଦୁଇ ଭଉଣୀ ଲିପୁନା ମଲିକ ଓରଫ୍ ସନ୍ଧ୍ୟାରାଣୀ(୨୪), ପ୍ରିୟଙ୍କା ମଲିକ ଓରଫ ବର୍ଣ୍ଣି(୨୩), ସେହି ଗ୍ରାମର ମହିଳା ମୋନାଲିସା ସାହୁ (୨୨) ଓ ମହିଳା ରାନୁ ମଲିକ(୨୩)।

**୨ ମହିଳା, ୨ ଯୁବତୀ ଗିରଫ**

ପୋଲିସ ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ୧୦ଟାରେ ଗ୍ରାମର କୈଳାସ ଚନ୍ଦ୍ର ମଲିକଙ୍କ ସ୍ତ୍ରୀ ବେବିନା ମଲିକ ଟଙ୍କା ଜମା କରିବା ପାଇଁ ନିକଟରେ ଥିବା ଏକ ଜନସେବା କେନ୍ଦ୍ରକୁ ଯାଉଥିଲେ। ଜନସେବା କେନ୍ଦ୍ରଠାରେ ସଂଘବଦ୍ଧ ଭାବେତାଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ପରେ ଗାଁ ମଝିରେ ଥିବା ଏକ କଇଁଆ ଗଛରେ ବାନ୍ଧି ତାଙ୍କ ନିକଟରୁ ନଗଦ ୩୦ ହଜାର ଟଙ୍କା, ଏକ ସୁନା ଚେନ୍ ଓ ଏକ କାନ ଫୁଲ ନେଇ ଯାଇଥିଲେ। ଏ ସମ୍ପର୍କରେ ବେବିନାଙ୍କ ସ୍ୱାମୀ କୈଳାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୧୯୬/୨୩ରେ ମାମଲା ରୁଜୁ ହୋଇଥିବା ଏସ୍ଆଇ ସୌମ୍ୟରଞ୍ଜନ ଭୋଳ ସୂଚନା ଦେଇଛନ୍ତି। ଏହି ଆକ୍ରମଣର କାରଣ ଜଣାପଡ଼ିନାହିଁ।

# ରିପୋର୍ଟ ଦାଖଲ ପାଇଁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ମେରାମୁଣ୍ଡଳି ଟାଟା ଷ୍ଟିଲ ପ୍ଲାଣ୍ଟ-ରେ ଦୁର୍ଘଟଣା ମାମଲା**

କଟକ,୨।୮ (କାର୍ତ୍ତିକ ସାହୁ)

ଢେଙ୍କାନାଳସ୍ଥିତ ମେରାମୁଣ୍ଡଳି ଟାଟା ଷ୍ଟିଲ୍ ପ୍ଲାଣ୍ଟରେ ଦୁର୍ଘଟଣାକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି)ରେ ରୁଜୁ ମାମଲାର ବୁଧବାର ଶୁଣାଣି ହୋଇଛି। ଓଏଚ୍ଆରସି ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଏବଂ ଢେଙ୍କାନାଳ ଜିଲାପାଳଙ୍କୁ ଘଟଣାର ତଦନ୍ତ କରି ଏକ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ଦୁଇମାସ ତଳେ ଟାଟା କମ୍ପାନୀର ମେରାମୁଣ୍ଡଳି ପ୍ଲାଣ୍ଟରେ ବିସ୍ଫୋରଣ ଘଟି ୧୯ଜଣ ଶ୍ରମିକ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଆଇନଜୀବୀ ଶିବଶଙ୍କର ମହାନ୍ତି ଓଏଚଆରସିରେ ମାମଲା ରୁଜୁ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପାଣି ଘେରରେ ...

ଏହାଛଡ଼ା ଗଜପତି ଜିଲା କାଶୀନଗରଠାରେ ବଂଶଧାରା ନଦୀର ବିପଦସଙ୍କେତ ୫୪.୬୦ମିଟର ରହିଥିବା ବେଳେ ବର୍ତ୍ତମାନ ୫୪.୯୦ ମିଟର ଉପରେ ପ୍ରବାହିତ ହେଉଛି। ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଏହି ନଦୀର ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ଜିଲାରେ ଦୁହାକୁ ଦୁହା ବର୍ଷା ଲାଗି ରହିଛି । ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଲଘୁଚାପ ଜନିତ ବର୍ଷା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ବୌଦ୍ଧ ଜିଲାରେ ସର୍ବାଧିକ ୩୯୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ୧୪୦.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭଦ୍ରକରେ ୭୨.୫ ମି.ମି., ଯାଜପୁରରେ ୭୯.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟର ୧୭ ବ୍ଲକରେ ୨୦୦ ମିଲିମିଟର ଏବଂ ୬୮ଟି ବ୍ଲକରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ଲଗାଣ ବର୍ଷା ସ୍ଥିତି ଚିନ୍ତାଜନକ ଅବସ୍ଥାରେ ଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ସତ୍ୟବ୍ରତ ସାହୁ ବୁଧବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସମ୍ଭାବ୍ୟ ବନ୍ୟା ଆଶଙ୍କା ଥିବା ଅନୁଗୋଳ, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ସହ କ୍ଷେତ୍ରସ୍ତର ଅଧିକାରୀଙ୍କୁ ସଜାଗ ରଖିବାକୁ ସେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆବଶ୍ୟକ ସ୍ଥଳେ ରାସ୍ତା ସଫା କରିବା ପାଇଁ ଟିମ୍ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନେବାକୁ ଏସ୍ଆର୍‌ସି କହିଛନ୍ତି। ଅତ୍ୟଧିକ ବର୍ଷା ହେତୁ ବିଭିନ୍ନ ସ୍ଥାନରେ ଫ୍ଲାସ୍‌ଫ୍ଲଡର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଅଫିସରଙ୍କୁ ଜିଲା ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସୋନପୁର, ବୌଦ୍ଧ, କନ୍ଧମାଳ ଓ ବାଲେଶ୍ୱର ଆଦି ୧୦ ଜିଲାରେ ୮ ଓଡ୍ରାଫ ଟିମ୍, ୨ ଏନ୍‌ଡିଆର୍‌ଏଫ୍ ଟିମ୍, ୧୩ ଅଗ୍ନିଶମ ବାହିନୀଙ୍କୁ ସତର୍କତାମୂଳକ ପଦକ୍ଷେପ ଭାବେ ନିୟୋଜନ କରାଯାଇଥିବା ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଘନୀଭୂତ ହେଉଥିବା ଲଘୁଚାପ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଛତିଶଗଡ଼ ଆଡକୁ ମୁହାଁଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇପାରେ। ଏହାର ପ୍ରଭାବରେ ହୀରାକୁଦ ସମେତ ଅନ୍ୟାନ୍ୟ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ଆଜି ୯ ଜିଲାରେ ...

ସମ୍ପୃକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ତେବେ ଯାଜପୁର ଜିଲାର ୪ଟି ବ୍ଲକ୍‌ରେ ଥିବା ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଜିଲାପାଳ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତି ଅନୁସାରେ, ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କୋରେଇ, ଯାଜପୁର, ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ସମସ୍ତ ଅଙ୍ଗନୱାଡ଼ି, ସମସ୍ତ ସରକାରୀ ଓ ଘରୋଇ ସ୍କୁଲ କଲେଜ ବନ୍ଦ ରହିବ। ସେପଟେ ଅନୁଗୋଳ ଜିଲାରେ ମଧ ସମସ୍ତ ସ୍କୁଲ ଛୁଟି ରହିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ ସହ ଆଲୋଚନା ପରେ ସ୍କୁଲ ଛୁଟି ସଂକ୍ରାନ୍ତରେ ଯାହାକିଛି ନିଷ୍ପତ୍ତି ହେବ ବୋଲି ଢେଙ୍କାନାଳ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି। ବୌଦ୍ଧ ଜିଲାରେ କିଛି ସ୍କୁଲ କର୍ତ୍ତୃପକ୍ଷ ସ୍ଥିତି ସୁଧୁରିବା ପର୍ଯ୍ୟନ୍ତ ସ୍କୁଲ ଛୁଟି କରାଯାଇଥିବା କହିଛନ୍ତି।

## ପାହାଡ଼ରୁ ପଥର ଖସି ...

ପଥର ଖଣ୍ଡ ଗଦା ହୋଇଯାଇଥିଲା। ଫଳରେ ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନର ଚକଗୁଡ଼ିକ ଲାଇନ୍‌ଚ୍ୟୁତ୍ ହୋଇଯାଇଥିଲା ଏବଂ ଏହାର ପ୍ରଭାବରେ ଟ୍ରାକ୍ ମଧ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଟ୍ରେନ୍‌ର ଗତି ଧୀମା ଥିବାରୁ ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ଏହାକୁ ନିୟନ୍ତ୍ରଣ କରିଦେବାରେ ସକ୍ଷମ ହୋଇଥିଲେ। ଫଳରେ ବଡ଼ ଦୁର୍ଘଟଣାକୁ ଏଡ଼ାଇଦିଆଯାଇପାରିଛି। ଟ୍ରେନ୍‌ରେ ଥିବା କର୍ମଚାରୀ ସୁରକ୍ଷିତ ଅଛନ୍ତି।

ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ସମ୍ବଲପୁର ରେଳମଣ୍ଡଳର ପ୍ରବନ୍ଧକ ଭିନୀତ ସିଂ, ସଙ୍କେତ ଓ ଦୂର ସଞ୍ଚାର ବିଭାଗ ମୁଖ୍ୟ ପ୍ରଭାତ କୁମାର, ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ମାନସ ରାଉତଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଛନ୍ତି। କୋଇଲା ବୋଝେଇ ୱାଗନଗୁଡ଼ିକୁ ଅନ୍ୟ ଏକ ଇଞ୍ଜିନ୍ ସହାୟତାରେ ବଇଣ୍ଡା ରେଳ ଷ୍ଟେଶନକୁ ଅଣାଯାଇଛି। ରେଳ ଧାରଣାରେ ପଡ଼ିଥିବା ପଥରକୁ ମେଶିନ ସହାୟତାରେ ହଟାଯିବା ସହ ରେଳଧାରଣା ମରାମତି କାର୍ଯ୍ୟ ଜାରି ରହିଛି। ବଇଣ୍ଡା ଷ୍ଟେଶନରୁ ଦିଗ ପରିବର୍ତ୍ତନ କରି ୧ନଂ. ଲାଇନ୍‌ରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ଖବର ଲେଖାଯିବା ସୁଦ୍ଧା ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ତାଳଚେର-ସମ୍ବଲପୁର ୨ନଂ. ରୁଟ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି।



ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍ ଇଞ୍ଜିନ।

**ମଙ୍ଗଳବାରଠାରୁ ଖସୁଥିଲା ପଥର**

ମାଲବାହୀ ଟ୍ରେନ୍ ଇଞ୍ଜିନ୍ ଲାଇନ୍‌ଚ୍ୟୁତ ହୋଇଥିବା ସ୍ଥାନ ସଂଲଗ୍ନ ପାହାଡ଼ରୁ ମଙ୍ଗଳବାରଠାରୁ ଛୋଟ ଛୋଟ ପଥର ଖସୁଥିଲା। ତେବେ ଲଗାଣବର୍ଷାରେ ବୁଧବାର ସକାଳେ ହଠାତ୍ ବଡ଼ ବଡ଼ ପଥର ଖସିବା ଆରମ୍ଭ କରିଥିଲା। କିନ୍ତୁ ସେତେବେଳକୁ କୌଣସି ଯାତ୍ରୀବାହୀ ଟ୍ରେନ୍ ଆସୁ ନ ଥିବାରୁ ବଡ଼ଧରଣର ଦୁର୍ଘଟଣା ଟଳିଯାଇଛି।

## ନୂଆ ୫୦ ବର୍ଗଙ୍କୁ ...

ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶିକୁ ଲକ୍ଷେ ଟଙ୍କାରୁ ୨ ଲକ୍ଷକୁ ବୃଦ୍ଧି କରିଛନ୍ତି।

ବୋର୍ଡରେ ସାମିଲ ହୋଇଥିବା ୫୦ ବର୍ଗର ଅଣସଙ୍ଗଠିତ କର୍ମଚାରୀଙ୍କ ମଧ୍ୟରେ ଦରଜୀ, ଏମ୍ବ୍ରୋଡୋରି କାରିଗର, ବାରିକ, ସ୍ପା, ସେଲୁନ ଓ ବିଉଟି ପାର୍ଲରରେ କାମ କରୁଥିବା କର୍ମଚାରୀ, ମହାରଣା, ମତ୍ସ୍ୟଜୀବୀ, କମାର, ରେଲୱେ କୁଲି, ମାଲ ଲୋଡିଂ ଏବଂ ଅନ୍‌ଲୋଡିଂରେ ନିୟୋଜିତ ଶ୍ରମିକ ତଥା ମୁଣ୍ଡରେ ବୋଝ ବୋହୁଥିବା ଶ୍ରମିକ, କୁମ୍ଭକାର, ପଥର ଶିଳ୍ପୀ ଏବଂ ସହାୟକ, ଜରି ଗୋଟାଳି, ପରିମଳ କର୍ମଚାରୀ, ରଜକ/ ଲଣ୍ଡ୍ରି ଓ ଡ୍ରାଏ କ୍ଲିନର କର୍ମଚାରୀ, ବୁଣାକାର, ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର, କତାଶିଳ୍ପ ଶ୍ରମିକ, ଲୋକକଳା କଳାକାର, ଚିତ୍ରଶିଳ୍ପୀ/ପଟ୍ଟଚିତ୍ର ଶିଳ୍ପୀ, ମାଂସ କଟାଳି, ରତ୍ନପଥର ତଥା ସୁନାରୁପା କାରିଗର, ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବାରେ କାର୍ଯ୍ୟରତ ଶ୍ରମିକ, ଫଟୋଗ୍ରାଫର ଓ ଭିଡିଓଗ୍ରାଫରମାନଙ୍କୁ ସାମିଲ କରାଯାଇଛି। ଏହାସହ ୱେଲ୍ଡିଂ କାରିଗର, ୱେଲ୍ଡିଂ ସହାୟକ, ଇଲେକ୍ଟ୍ରିସିଆନ, ପାଣି ପାଇପ ମିସ୍ତ୍ରି, ଟୁଲ୍ ମେକର, ଡାଏ ମେକର, ରଙ୍ଗ ପ୍ରସ୍ତୁତକାରୀ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଯନ୍ତ୍ରାଂଶ ମରାମତି କର୍ମଚାରୀ, ମାଳୀ, ଆସବାବପତ୍ର ମରାମତିରେ ନିୟୋଜିତ ଶ୍ରମିକ, ତେଜରାତି ଓ ପରିବା ଦୋକାନରେ କାର୍ଯ୍ୟରତ ସହାୟକ, ଫୁଲଦୋକାନୀ, ଟେଣ୍ଟହାଉସ/ଡେକୋରେଶନ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ବ୍ୟାଣ୍ଡପାର୍ଟି ସଦସ୍ୟ, ମନୋରଞ୍ଜନ କଳାକାର, ମ୍ୟୁଜିସିଆନ ଓ କଣ୍ଠଶିଳ୍ପୀ, ଚଳଚ୍ଚିତ୍ର ଅପରେଟର/ସହାୟକ, ସିନେମା ହଲ୍ ବୁକିଂ କ୍ଲର୍କ, ବାଦ୍ୟଯନ୍ତ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ସମସ୍ତ ପ୍ରକାର କାରିଗର, ବୃକ୍ଷରୋପଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ଡଙ୍ଗା ଚାଳକ/ସହାୟକ, ସ୍ନାକ୍ସ ମିକ୍ସଚର ଫ୍ୟାକ୍ଟ୍ରି ଶ୍ରମିକ, ଆଚାର, ବଡ଼ି, ପାମ୍ପଡ଼ ପ୍ରସ୍ତୁତକାରୀ, ସ-ମିଲ୍ ଶ୍ରମିକ, କ୍ଷୀର ବିକ୍ରୟ କରୁଥିବା ବ୍ୟକ୍ତି, କେୟାରଟେକର/ହାଉସ କିପର/ବେଡ୍‌ସାଇଡ ଆଟେଣ୍ଡାଣ୍ଟ, କେକ୍/କ୍ୟାଣ୍ଡି ପ୍ରସ୍ତୁତକାରୀ, ବରଫ ପ୍ରସ୍ତୁତକାରୀ/ ଆଇସକ୍ରିମ୍ ପ୍ରସ୍ତୁତକାରୀ, ଡେଏରି ପ୍ରଡକ୍ଟ ପ୍ରସ୍ତୁତକାରୀ, ଟ୍ରାଭେଲ ଓ ଟୁରିଷ୍ଟ ଗାଇଡ୍, ଡେଲିଭରି ବଏ ଏବଂ କୃଷି ଶ୍ରମିକ (କଲ୍ଟିଭେଟର) ରହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ମେ ୧ରୁ ଆରମ୍ଭ ହୋଇଥିବା ଏହି ବୋର୍ଡ ଜରିଆରେ ବର୍ତ୍ତମାନ ୧୦ ବର୍ଗର ପ୍ରାୟ ୩.୬୫ ଲକ୍ଷ ପଞ୍ଜୀକୃତ ଶ୍ରମିକ ସୁବିଧା ପାଉଛନ୍ତି। ଏବେ ଆଉ ୫୦ ବର୍ଗର ଅଣସଙ୍ଗଠିତ ଶ୍ରମିକ ଏହି ଯୋଜନାରୁ ଉପକୃତ ହେବେ।

## ମୋ ଘର: ୨.୪୨ ଲକ୍ଷ ...

ହେଉନାହିଁ। ରାଜ୍ୟର ଅତ୍ୟନ୍ତ ଦୁର୍ବଳ ଶ୍ରେଣୀ ବା ଗରିବ ଲୋକମାନେ ଏହି ଯୋଜନାରେ ଆବେଦନ କରୁଥିବାବେଳେ ସେମାନଙ୍କ କ୍ଷେତ୍ରରେ ବ୍ୟାଙ୍କ ଯାହା ଖୋଜୁଛି ତାହା ପ୍ରାୟ କୌଣସି ହିତାଧିକାରୀଙ୍କଠାରୁ ମିଳିବା ସମ୍ଭବପର ହେଉ ନ ଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଲକ୍ଷ୍ୟ କଲେଣି। ସରକାରୀ ତଥ୍ୟ ଅନୁଯାୟୀ ଏବେ ସୁଦ୍ଧା ରାଜ୍ୟର ୨,୪୨,୦୦୦ ହିତାଧିକାରୀ ୱେବ୍‌ସାଇଟ୍‌ରେ ଆବେଦନ କରିଛନ୍ତି। ୮୫,୦୦୦ ହିତାଧିକାରୀଙ୍କ ରେଜିଷ୍ଟ୍ରେଶନ ହେବା ପ୍ରୋସେସ୍ ମଧ୍ୟରେ ଅଛି। ତେବେ ୨,୪୨,୦୦୦ ହିତାଧିକାରୀଙ୍କ ଆବେଦନପତ୍ର ମଧ୍ୟରୁ ବିଭିନ୍ନ ବ୍ଲକରୁ ମୋଟ୍ ୩୫,୦୦୦ଟି ଯାଞ୍ଚ କରାଯାଇ ବ୍ୟାଙ୍କଗୁଡ଼ିକୁ ପଠାଯାଇଛି, ଯେଉଁଥିରୁ ରାଜ୍ୟରେ ମୋଟ ୩୯ଟି ଆବେଦନପତ୍ରକୁ ଏ ପର୍ଯ୍ୟନ୍ତ ଅନୁମୋଦନ ମିଳିଛି। ଅନ୍ୟପକ୍ଷରେ ବ୍ୟାଙ୍କ ପକ୍ଷରୁ ପ୍ରାୟ ଆବେଦନପତ୍ର ନିମନ୍ତେ ସରକାରୀ ଗ୍ୟାରେଣ୍ଟି ଖୋଜାଯାଉଛି, ଯାହାକି ସମ୍ଭବ ମନେହେଉନାହିଁ। ଏନେଇ ଜଣେ ସରକାରୀ ଅଧିକାରୀଙ୍କ କହିବା କଥା, ସରକାର ଯେହେତୁ ସବ୍‌ସିଡି ଦେଉଛନ୍ତି ତେଣୁ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କ ଯାଞ୍ଚ ଅନୁଯାୟୀ ଋଣ ପ୍ରଦାନ କରାଯାଉ। ହେଲେ ବ୍ୟାଙ୍କଗୁଡ଼ିକ କିନ୍ତୁ ଉପଯୁକ୍ତ କାଗଜପତ୍ର କିମ୍ବା ସରକାର ଗ୍ୟାରେଣ୍ଟର ନ ପଡ଼ିଲେ ଏହି ପ୍ରସ୍ତାବକୁ ସ୍ୱୀକୃତି ଦେବାକୁ ରାଜି ନାହାନ୍ତି। ସେହିପରି ରାଜ୍ୟର ୧୨୨ ବ୍ଲକରେ ଥିବା ସିଡ୍ୟୁଲ ଏରିଆରେ ଲୋକମାନେ ସେମାନଙ୍କ ଜମି ୧୯୫୬ ବିଜ୍ଞପ୍ତି ଅନୁଯାୟୀ ବନ୍ଧକ ରଖିପାରିବାର ବ୍ୟବସ୍ଥା ନାହିଁ। ତେଣୁ ଏହି ସମସ୍ତ ବ୍ଲକରେ ରହୁଥିବା ଆଦିବାସୀମାନେ ମଧ ଏହି ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ସମାନଭାବେ ରାଜ୍ୟର ୩୧୪ ବ୍ଲକରେ ଫରେଷ୍ଟ ରାଇଟ୍ ଆକ୍ଟ ଅନୁଯାୟୀ ଯେଉଁମାନେ ପଟ୍ଟା ପାଇଛନ୍ତି, ସେମାନେ ମଧ ଜମି ବନ୍ଧକ ରଖିପାରିବେ ନାହିଁ। ତେଣୁ ସେସବୁ କ୍ଷେତ୍ରରେ ହିତାଧିକାରୀମାନେ ଏହି ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ବିଷୟ ନେଇ ଜିଲାପାଳମାନେ ନିକଟରେ ମୁଖ୍ୟ ଶାସନ ସଚିବଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏନେଇ ଆଲୋଚନା କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହା ଉପରେ କିଛି ଜଣାଇ ନ ଥିବା ଜଣାପଡିଛି।

ପୁରୀ ଜିଲା ସଦର ବ୍ଲକର ଆଶୁତୋଷ ମହାନ୍ତି କହିଛନ୍ତି, ସରକାର ଯାହା ବ୍ୟବସ୍ଥା କରିଛନ୍ତି ସେଥିରେ ଋଣ ପାଇବା ଅସମ୍ଭବ। ଜମି ତାଙ୍କ ବାପାଙ୍କ ନାମରେ ରହିଛି। ସେ ଚାଲିଗଲେଣି। ଜମି ଏ ପର୍ଯ୍ୟନ୍ତ ତାଙ୍କ ୨ ଭାଇଙ୍କ ନାଁକୁ ଆସିନାହିଁ। ଏଭଳି କ୍ଷେତ୍ରରେ ବ୍ୟାଙ୍କ ସିଧାସଳଖ ଋଣ ଦେବାକୁ ମନା କରିଦେଉଛି ବୋଲି ସେ କହିଛନ୍ତି। ସେହିପରି ଜଗତ୍‌ସିଂହପୁର ଜିଲାର ବିରଞ୍ଚିନାରାୟଣ ଦାସଙ୍କ କହିବା କଥା ହେଲା, ସେ କେବେହେଲେ ବ୍ୟାଙ୍କରୁ ଋଣ ନେଇନାହାନ୍ତି। ବ୍ୟାଙ୍କ କହୁଛି ସିଭିଲ ସ୍କୋର ଭଲ ନାହିଁ, ଋଣ ମିଳିପାରିବ ନାହିଁ। ତେବେ ସରକାର ଏ କି ପ୍ରକାର ଯୋଜନା କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପଞ୍ଚାୟତିରାଜ ବିଭାଗର ସ୍ପେଶାଲ ପ୍ରୋଜେକ୍ଟ ଡାଇରେକ୍ଟର ଅରବିନ୍ଦ ଡାକୁଆଙ୍କୁ ଏହି ଯୋଜନାରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ କେତେକ ପ୍ରଶ୍ନ କରାଯାଇଥିଲା। ଯୋଜନା ଏବେ ନୂଆ କରି ଆରମ୍ଭ ହୋଇଛି, ଧୀରେ ଧୀରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

## ମଣିପୁର ହିଂସା: ୧୪ହଜାର ...

ପ୍ରକାଶ ଯେ, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ମେଇତି ଏବଂ କୁକି-ଜି ସମ୍ପ୍ରଦାୟ ମଧ୍ୟରେ ଗତ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବିବାଦ ଲାଗିରହିଛି। ରାଜ୍ୟରେ ଜାତିଆଣ ଏବଂ ଯୌନହିଂସା ଉଗ୍ରରୂପ ଧାରଣ କରିଛି। ରାଜ୍ୟରେ ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟକୁ ତଫସିଲ୍‌ଭୁକ୍ତ ଜନଜାତି ବର୍ଗ(ଏସ୍‌ଟି)ରେ ସାମିଲ କରିବା ଦାବି ବିରୋଧରେ ଗତ ମେ' ୩ ତାରିଖରେ 'ଟ୍ରାଇବାଲ୍ ସଲିଡାରିଟି ମାର୍ଚ୍ଚ' ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ସମୟରେ ହିଂସା ସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଏହାର ଗୋଟେ ଦିନ ପରେ କୁକି-ଜି ସମ୍ପ୍ରଦାୟର ୨ଜଣ ମହିଳାଙ୍କୁ ବଳାତ୍କାର ପରେ ଉଲଗ୍ନ କରାଯାଇ ରାସ୍ତାରେ ଚଲାଯାଇଥିଲା। ହିଂସା ଯୋଗୁ ରାଜ୍ୟରେ ଏଯାବତ୍ ୧୬୦ ଲୋକ ପ୍ରାଣ ହରାଇଥିବାବେଳେ ଶତାଧିକ ଲୋକ ଆହତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦିନଟିରେ ସହଜ ଓ ସୁବିଧାରେ କାମ ହାସଲ କରିବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ**
ପରୋକ୍ଷ ଶତ୍ରୁତା କାରଣରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ। ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଆପଣଙ୍କୁ ଅତିଷ୍ଠ କରିପାରେ। କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ। ପିଲାମାନଙ୍କ ଗୌରବ ସାମୟିକ ସାନ୍ତ୍ୱନାର କାରଣ ହେବ।

**ମିଥୁନ**
ଆଜି ଅସାବଧାନତା କିମ୍ବା ଅନ୍ୟମନସ୍କତା କାରଣରୁ ଟଙ୍କା ପଇସା କିମ୍ବା କୌଣସି ଜିନିଷ ହଜିଯାଇପାରେ। ପାରିବାରିକ ସମସ୍ୟାକୁ ନେଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କିନ୍ତୁ ମୃଗଶିରା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ବନ୍ଧୁଙ୍କ ପକ୍ଷପାତିତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟ ଚିନ୍ତାକରି ଆଜିର ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା ସମାଲୋଚିତ ହେବାକୁ ପଡ଼ିପାରେ। ଆର୍ଥିକ ଦିଗଟି ଭଲ ରହିବ, କିନ୍ତୁ ବାକି ଥିବା ଟଙ୍କା ଫେରି ପାଇବେ ନାହିଁ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ**
ନିରପେକ୍ଷ ଚିନ୍ତାଧାରା ଅନ୍ୟମାନଙ୍କୁ ନ ସୁହାଇବା କାରଣରୁ ପରୋକ୍ଷରେ କଟୁ ମନ୍ତବ୍ୟ ଶୁଣିବାକୁ ପଡ଼ିପାରେ। ପୂର୍ବା-ଫାଲଗୁନୀ ନକ୍ଷତ୍ର ଅଧିକାଂଶ କ୍ଷେତ୍ରରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। କୌଣସି ଆନୁଷ୍ଠାନିକ କାମ କିମ୍ବା ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ବ୍ୟବସାୟ, ନିର୍ମାଣ, କାରିଗରିରେ ଉନ୍ନତି କରିବେ।

**କନ୍ୟା**
ଯାହା ପାଇବା ପାଇଁ ଆଶା ବାନ୍ଧି ବସିଛନ୍ତି ତାହା ଯଦିଓ ପାଇବେ କିନ୍ତୁ କିଛି ବ୍ୟତିକ୍ରମ ମଧ୍ୟରେ। ନିଜ ଲୋକମାନେ ଏହାଦ୍ୱାରା ଖୁସି ହେବା ବଦଳରେ ବାରକଥା କହିପାରନ୍ତି। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି।

**ତୁଳା**
ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ପରାମର୍ଶରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ।

**ବିଛା**
ଆନୁଷ୍ଠାନିକ କାମରେ ଅବହେଳା, ଘରୋଇ କଥାରେ ଝଗଡ଼ା, ନୂତନ କାମରେ ପ୍ରତିବନ୍ଧକ ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ବ୍ୟବସାୟିକ ଆଲୋଚନା, ରାଜନୀତି, ସଂଗଠନ, ମାଲିମକଦ୍ଦମା କିମ୍ବା ସଭାସମିତିରେ ମଜିରହିପାରନ୍ତି। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପିଲାଙ୍କ ପାଠପଢ଼ା ସମସ୍ୟା ନେଇ ଚିନ୍ତିତ ରହିବେ।

**ଧନୁ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ବିଳମ୍ବ ହେଲେ ମଧ ସଫଳତା ଅବଶ୍ୟମ୍ଭାବୀ। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର**
ମନ ବୁଝିଲା ଭଳି କିଛି ପ୍ରତିଶ୍ରୁତି, ମିଷ୍ଟାନ୍ନ ଭୋଜନ ଓ ମନୋରଞ୍ଜନ ହେତୁ ମନ ପ୍ରାୟତଃ ଖୁସି ରହିବ। କୌଣସି ପ୍ରତୀକ୍ଷିତ ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ।

**କୁମ୍ଭ**
ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ। ଯାନବାହନରେ ସତର୍କ ରହନ୍ତୁ, ଅନ୍ୟଥା ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ଖଳ ଲୋକମାନଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ**
ସବୁ ଭଲ ଥିଲେ ମଧ ଅତୀତର କୌଣସି ଅଭୁଲା କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଫଳରେ କେତେକ କାମ ବିଗିଡ଼ି ଯାଇପାରେ। ତଥାପି ଆପଣ ଚାତୁରିକଥା କହି ବନ୍ଧୁଙ୍କଠାରୁ କାର୍ଯ୍ୟ ହାସଲ କରିବେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଅଗଷ୍ଟ ୩ ତାରିଖ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତୃତୀୟାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ମି. ଗତେ ଘ.୦୭।୦୯ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ. ୦୧।୧୦ମି.ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୯ମି. ଗତେ ଘ. ୦୩।୦୫ମି. ମଧ୍ୟେ ରାହୁକାଳ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ନିରାକାରପୁର

# ଯୁବପିଢ଼ି ପ୍ରଭାବିତ ନ ହୋଇ ମୁହଁ ଖୋଲନ୍ତୁ




ଖୋର୍ଦ୍ଧା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ବୁଧବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**ଖୋର୍ଦ୍ଧା/ନିରାକାରପୁର,୨।୮ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)**

ସାମ୍ପ୍ରତିକ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଆକ୍ରୋଶ ରହିଛି। ସେମାନେ ଭଲ ମନ୍ଦ ବୁଝିବାର ବିଚାର କରିପାରୁଛନ୍ତି। ହେଲେ ସେମାନଙ୍କୁ କହିବାକୁ ଉପଯୁକ୍ତ ପ୍ଲାଟଫର୍ମ ବା ସୁଯୋଗ ନ ମିଳିବାରୁ ମନର କ୍ଷୋଭକୁ ମନ ଭିତରେ ମାରି ଦେଉଛନ୍ତି। ତେଣୁ ଆଜିର ଯୁବପିଢ଼ି କାହାଦ୍ୱାରା ପ୍ରଭାବିତ ନ ହୋଇ ମୁହଁ ଖୋଲନ୍ତୁ ବୋଲି ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ "ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି" ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ବ୍ରତତୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଧରିତ୍ରୀ ୫୦ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ ଏହାକୁ ଶୁଭେଚ୍ଛା ଜଣାଇଥିଲେ। ଧରିତ୍ରୀର ନିରପେକ୍ଷ ଖବର ପରିବେଷଣ ଆଜି ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି କହିବା ସହ ପିଲାମାନଙ୍କୁ ପ୍ରତିଯୋଗିତାରେ ଅଧିକରୁ ଅଧିକ ସଂଖ୍ୟାରେ ଭାଗ ନେବା ପାଇଁ ଉତ୍ସାହିତ କରିଥିଲେ। ଅତିଥିଭାବେ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ଜୟନ୍ତ ବାନାର୍ଜୀ କହିଥିଲେ ପିଲାବେଳୁ ସମସ୍ତଙ୍କ ମଧ୍ୟରେ ଖବରକାଗଜ ପଢ଼ିବାର ଆଗ୍ରହ ରହିବା ଆବଶ୍ୟକ। ପ୍ରତିଟି ଖବରରେ କିଛି ନା କିଛି ଉପାଦେୟତା ରହିଛି। କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ଏହି ୩ସ୍ତମ୍ଭ ସହ ଗଣମାଧ୍ୟମ ସମନ୍ୱୟ ରକ୍ଷା କରିଥାଏ। ଗଣମାଧ୍ୟମ ଦୁର୍ବଳ ହେଲେ ଗଣତନ୍ତ୍ର ଦୋହଲିଯିବ। ବହୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗଣମାଧ୍ୟମର କାର୍ଯ୍ୟ ପ୍ରଶଂସନୀୟ ବୋଲି ବାନାର୍ଜୀ କହିଥିଲେ।

ଏହି ବକ୍ତୃତା ପ୍ରତିଯୋଗିତାରେ ୧୩ଜଣ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ଓଜସ୍ୱିନୀ ଭାଷଣ ମାଧ୍ୟମରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ଜନତାଙ୍କ କଥା କହେ। ବ୍ୟକ୍ତି ଠିକ୍ ବାଟରେ ଚାଲିଲେ, ଗଣତନ୍ତ୍ର ସୁରକ୍ଷିତ ରହିବ। କେବଳ ଗଣମାଧ୍ୟମ ଉପରେ ଦୋଷଲଦି ଯୁବପିଢି ନିଜ ଦାୟିତ୍ୱରୁ ଖସିପାରିବେ ନାହିଁ। ନିଜ ସାମର୍ଥ୍ୟ ଅନୁସାରେ ସମାଜର ପରିବର୍ତ୍ତନ ଆଣିବା ଆବଶ୍ୟକ। ଆଜିର ଯୁବପିଢ଼ି ମଦ, ମାଛ, ମାଂସ ନିଶାରେ ବୁଡିଛନ୍ତି। ଟଙ୍କା ଲୋଭରେ ଭୋଟ ଦେଲେ ଗଣତନ୍ତ୍ର ସୁରକ୍ଷିତ ରହିବା ପରିବର୍ତ୍ତେ ଭୁଶୁଡ଼ି ପଡ଼ିବ। ପ୍ରଲୋଭନରେ ନ ପଡ଼ି ବିବେକ ଅନୁସାରେ ଉପଯୁକ୍ତ ଲୋକଙ୍କୁ ବାଛିଲେ, ନିଜ ଅଞ୍ଚଳର ବିକାଶ ହୋଇପାରିବ ବୋଲି ପ୍ରତିଯୋଗୀମାନେ କହିଥିଲେ। ଏହି ପ୍ରତିଯୋଗିତାରେ ଚିତ୍ତରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପୂର୍ଣ୍ଣିମା ପାଇକରାୟ ଦ୍ୱିତୀୟ ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ବାଣିଜ୍ୟ ବିଭାଗ ଅଧ୍ୟାପକ ଚନ୍ଦନ ମିଶ୍ର କହିଲେ ଯେ, ମା' ଶବ୍ଦରୁ ଧରିତ୍ରୀ ଆସିଛି। ଏହା ସବୁବେଳେ ସତ୍ୟ ଆଧାରିତ ଖବର ପରିବେଷଣ ଦିଗରେ ସ୍ୱତନ୍ତ୍ରତା ବଜାୟ ରଖିଛି। ଧରିତ୍ରୀ ପକ୍ଷରୁ ଏଭଳି ପ୍ରେରଣାଦାୟୀ ପ୍ରତିଯୋଗିତା ଆମ ମହାବିଦ୍ୟାଳୟରେ ଆୟୋଜନ ପିଲାଙ୍କୁ ବେଶ ଉତ୍ସାହିତ କରିଛି ବୋଲି କହିଥିଲେ। ଅନ୍ୟତମ ବିଚାରକ ଭାବେ ସ୍ନାତକୋତ୍ତର ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ.ସର୍ବେଶ୍ୱର ବେହେରା କହିଲେ, ସତ୍ୟପଥରେ ଅନେକ ବାଧାବିଘ୍ନ ଆସିପାରେ। ଅନେକ ଚାପ ପଡିପାରେ। ତେବେ ସମସ୍ତ ବିଘ୍ନକୁ ଏଡାଇ ଯିଏ ଆଗକୁ ବଢେ, ସଫଳତା ହାସଲ କରିଥାଏ। ନିରପେକ୍ଷତା ବଜାଏ ରଖିବା ପାଇଁ ସାଧନା ଆବଶ୍ୟକ, ଯାହା କି ଧରିତ୍ରୀ ୫୦ବର୍ଷ ଧରି ଆପଣାଇ ପାରିଛି। ସେହିପରି ଅନ୍ୟତମ ବିଚାରକ ତଥା ଓଡ଼ିଆ ଅଧ୍ୟାପିକା ସସ୍ମିତା ପାଇକରାୟ କହିଲେ, ଗଣମାଧ୍ୟମ ଓ ଗଣତନ୍ତ୍ର ଉଭୟ ପରିପୂରକ। ଯୁବପିଢି ନିଜ ସାଧନା ବଳରେ ଏହାକୁ ଠିକ୍ ଦିଶା ଦେଇପାରିବେ। ଯୁବସମାଜ ହାତରେ ଦେଶର ଭବିଷ୍ୟତ। ଏଣୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ। ସେହିଭଳି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କହିଲେ, ଗଣମାଧ୍ୟମ କ୍ଷେତ୍ରରେ ଧରିତ୍ରୀ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିଛି। ୧୯୭୪ ମସିହାରେ ଓଡ଼ିଶାର ଯଶସ୍ୱୀ ସାଧକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଖବରକାଗଜ ନିର୍ଭୀକତା, ନିରପେକ୍ଷତା ତଥା ସାଧାରଣ ଲୋକଙ୍କ ସ୍ୱର ଭାବେ ସମାଜରେ ନିଜର ପ୍ରତିବଦ୍ଧତା ବଜାୟ ରଖିପାରିଛି। ଘରେ ଘରେ ଧରିତ୍ରୀ ପରିଚିତ। ଏହା ଜନ ଜୀବନର ଏକ ଅଂଶ ପାଲଟି ଯାଇଛି। ଭବିଷ୍ୟତ ଭାରତର ବିନ୍ଧାଣି ହେଉଛନ୍ତି ଯୁବପଢ଼ି। ନିଜ ଅନ୍ତର୍ନିହିତ ପ୍ରତିଭାକୁ ଜାଗ୍ରତ କର, ପରିଶ୍ରମୀ ହେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଯୁବପିଢି ଜଣେ ସୁନାଗରିକ ହୋଇପାରିଲେ ଦେଶ ଆଗକୁ ବଢିବ। ସମ୍ପାଦକୀୟ ହେଉଛି ଖବରକାଗଜର ମୁଖ ସଦୃଶ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ସମ୍ପାଦକୀୟ ପ୍ରକାଶ ପାଇଥାଏ। ଏହାକୁ ପଢନ୍ତୁ। ପ୍ରଶ୍ନ ପଚାରିବାର ସାହସ ସମସ୍ତଙ୍କ ମଧ୍ୟରେ ଜାଗ୍ରତ ହେବାର ଆବଶ୍ୟକ ରହିଛି ବୋଲି ସେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିରାକାରପୁର ପ୍ରତିନିଧି ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସହସମ୍ପାଦକ ଅଜିତ ମହାନ୍ତି, ଜଟଣୀ ପ୍ରତିନିଧି ରବୀନ୍ଦ୍ର ମହାକୁଡ ସହଯୋଗ କରିଥିଲେ। ଓଡ଼ିଆ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ରଣସିଂ, ମାଧବ ମାଝି, ପୁଣ୍ୟଦର୍ଶନ ସାହୁ, ଡ. ସଙ୍ଗିତା ବେହେରା ଓ ଡ. ପ୍ରତାପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେତାଙ୍କ ମୁଖରୁ...



" ଗଣତନ୍ତ୍ରର ସୁରକ୍ଷା ପାଇଁ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକା ମଧ୍ୟରେ ସ୍ୱଚ୍ଛତା ଜରୁରୀ। ଏହି ୩ଟି ସ୍ତମ୍ଭ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ ଗଣମାଧ୍ୟମ। ଆଜିର ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତ୍ୟେକ କ୍ଷେତ୍ରରେ ମୁକ୍ତ ନୁହେଁ। ଯୁବପିଢି ଗଣତନ୍ତ୍ର ରୂପକ ରଥର ଆଧାର। ଏଣୁ ଯୁବ ସମାଜ ଦାୟିତ୍ୱ ଓ କର୍ତ୍ତବ୍ୟ ପଥରୁ ନ ଓହରି ଉଚିତ୍ ନିଷ୍ପତ୍ତି ନେବା ଆବଶ୍ୟକତା ରହିଛି।

– ଚିତ୍ତରଞ୍ଜନ ସାହୁ, ପ୍ରଥମ



" ଯୁବପିଢି ମଦ, ମାଂସ, ପ୍ରରୋଚନାରେ ଆସି ପ୍ରାର୍ଥୀ ବାଛୁଛନ୍ତି। ପରବର୍ତ୍ତୀ ସମୟରେ କାମ ନହେଲେ ପଶ୍ଚାତାପ କରୁଛନ୍ତି। ଗଣତନ୍ତ୍ରର ଏକ ପ୍ରମୁଖ ଅଂଶ ହେଉଛି ଭୋଟ। ଟଙ୍କା ନେଇ ଭୋଟ ଦିଅନ୍ତୁ ନାହିଁ। ନିଜ ଦାୟିତ୍ୱକୁ ବୁଝନ୍ତୁ, ନିଜକୁ ଅନ୍ୟ ପାଖରେ ବିକ୍ରି ନ କରି ଠିକ୍ କର୍ତ୍ତବ୍ୟ କରିଲେ, ଆଗକୁ ହଇରାଣ ହେବାକୁ ପଡ଼ିବ ନାହିଁ।

– ପୂର୍ଣ୍ଣିମା ପାଇକରାୟ, ଦ୍ୱିତୀୟ



" ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢି ପରସ୍ପର ପରିପୂରକ। ଗୋଟିଏ ବିନା ଅନ୍ୟଟି ସମ୍ପୂର୍ଣ୍ଣ ନୁହଁ। ପୂର୍ବରୁ ନିଈପୋଖରୀ, ପାନଦୋକାନରେ ମଧ୍ୟ ଖବର ପରିବେଷଣ ହେଉଥିଲା। ଏବେ ସମୟ ବଦଳିଛି। ଆଜିର ଇଣ୍ଟରନେଟ ଯୁଗରେ କେଇ ସେକେଣ୍ଡରେ ଖବର ସାରା ବିଶ୍ୱର ଖବର ଜାଣିହେଉଛି। ଯୁବପିଢି ଆଖି ଖୋଲି ସ୍ୱପ୍ନ ଦେଖନ୍ତୁ। ଯୁବପିଢିଙ୍କ ବ୍ୟତୀତ ଗଣତନ୍ତ୍ର ଅସଫଳ।

– ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ, ତୃତୀୟ

## କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ର


ଅନସୂୟା ମହାରଣା


ବିଶ୍ୱଦର୍ଶିନୀ ମିଶ୍ର


ରଶ୍ମିତା ମାଝୀ


ରିହାନା ବେଗମ


ଶୀତଳ ପାଢଶାଣୀ


ସ୍ମୃତିରେଖା ସାହୁ


ସୌମ୍ୟରଞ୍ଜନ ଶ୍ରୀଚନ୍ଦନ


ଶୁଭଦୀପ୍ତା କୋଡ଼ମାସିଂ


ସୁନିତା ମାଝୀ


ଯାଜ୍ଞସେନୀ ଦାସ

# ଅର୍ଚ୍ଚନାଙ୍କୁ ଆଉ ଏକ ମାମଲାରେ ଜାମିନ

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/କଟକ,(କାର୍ତ୍ତିକ ସାହୁ)୨।୮**

**ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲା**
- ପୂର୍ବରୁ ନୟାପଲ୍ଲୀ ଥାନା ମାମଲାରେ ମିଳିଥିଲା ଜାମିନ
- ଇଡି ମାମଲାରେ ଜାମିନ ମିଳି ନ ଥିବାରୁ ଜେଲରେ ରହିବେ

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ରହିଛନ୍ତି। ଏଭଳି ସ୍ଥିତିରେ ବୁଧବାର ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ବ୍ଲାକମେଲ୍ କରି ହନିଟ୍ରାପ୍‌ରେ ଲଗାଇବା ନେଇ ଖଣ୍ଡଗିରି ଥାନାରେ ହୋଇଥିବା ମାମଲାରେ ଏହି ଜାମିନ ମିଳିଛି। ତେବେ ହାଇକୋର୍ଟଙ୍କ ସର୍ତ୍ତ ଅନୁସାରେ, ଅର୍ଚ୍ଚନା ତଦନ୍ତରେ ସହଯୋଗ କରିବେ, ବିନା ଅନୁମତିରେ ରାଜ୍ୟ ବାହାରକୁ ଯାଇପାରିବେ ନାହିଁ, ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ ଓ ଶ୍ରଦ୍ଧାଞ୍ଜଳିଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ। ଜଷ୍ଟିସ୍ ଭି. ନରସିଂହ ଏହି ବେଲ୍ ପିଟିଶନର ଶୁଣାଣି କରିଥିଲେ। ଏହାପୂର୍ବରୁ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ କରିବା ନେଇ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ଏପ୍ରିଲ ୧୧ରେ ଅର୍ଚ୍ଚନାଙ୍କୁ ସର୍ତ୍ତମୂଳକ ଜାମିନଦେଇଥିଲେ ହାଇକୋର୍ଟ। ଭୁବନେଶ୍ୱର ଯୁଗ୍ମପିଡିର ଦୁଇଟି ଥାନାରେ ଥିବା ପୃଥକ ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳିଥିଲେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳି ନ ଥିବାରୁ ସେ ଜେଲରୁ ମୁକୁଳି ପାରିବେ ନାହିଁ। ଅନ୍ୟପକ୍ଷରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ନାଁରେ ଥିବା ଇଡି ମାମଲାରେ ହୋଇଥିବା ଜାମିନ ଜାମିନ ଆବେଦନର ଶୁଣାଣି ଆସନ୍ତା ୯ ତାରିଖରେ ହେବ ବୋଲି ସୂଚନା ମିଳିଛି। ସେହିଭଳି ଖଗେଶ୍ୱର ମଧ୍ୟ ଜାମିନ ପାଇଁ ଅପେକ୍ଷାରେ ରହିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳିଙ୍କ ଦ୍ୱାରା ଅର୍ଚ୍ଚନା ବ୍ଲାକ୍‌ମେଲ କରି ଟଙ୍କା ମାଗୁଥିବା ନେଇ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ହନିଟ୍ରାପରେ ଫସାଉଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅକ୍ଟୋବର ୬ରେ ଅର୍ଚ୍ଚନା ଓ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।

**ରାଜଧାନୀରେ 'ସେଫ୍ ସିଟି ଡ୍ରାଇଭ୍'**

# ଜୁଲାଇରେ ୪,୧୫୬ ଜଣଙ୍କଠାରୁ ୨୦.୯୯ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଭୁବନେଶ୍ୱର,୨।୮(ସତ୍ୟଜିତ୍ ରାଉତ)**

- ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ଫସୁଛନ୍ତି
- ଜୁନ୍‌ରେ ୪,୧୯୧ ଜଣ ଗଣିଥିଲେ ୨୦.୯୬ ଲକ୍ଷ ଜରିମାନା

କମିଶନରେଟ ପୋଲିସ ଦ୍ୱାରା ଭୁବନେଶ୍ୱରରେ ଜାରି ରହିଥିବା 'ସେଫ୍ ସିଟି ଡ୍ରାଇଭ୍' ଅଭିଯାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସର୍ବସାଧାରଣରେ ମଦ୍ୟପାନ କରି 'ଓଡ଼ିଶା ଅର୍ବାନ ପୋଲିସ୍ ଆକ୍ଟ' ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଗତ ଜୁଲାଇରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ୪ ହଜାର ୧୫୬ ଜଣ ଏହି ନିୟମ ଉଲ୍ଲଂଘନ କରି ୨୦ ଲକ୍ଷ ୯୯ ହଜାର ୧୦୦ ଜରିମାନା ଗଣିଛନ୍ତି। ଏମାନଙ୍କ ମଧ୍ୟରୁ ଖାରବେଳନଗର ଥାନା ଅଞ୍ଚଳରେ ସର୍ବାଧିକ ୫୨୬ଜଣ ନିୟମ ଉଲ୍ଲଂଘନକାରୀ ରହିଥିବାବେଳେ ଏମାନଙ୍କଠାରୁ ସର୍ବାଧିକ ୨ ଲକ୍ଷ ୬୩ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ମୈତ୍ରୀବିହାର ଥାନା ଅଞ୍ଚଳରେ ୩୨୬ ଓ ଶହୀଦନଗର ଥାନା ଅଞ୍ଚଳରେ ୩୧୮ଜଣ ନିୟମ ଉଲ୍ଲଂଘନକାରୀ ଯଥାକ୍ରମେ ୧ ଲକ୍ଷ ୬୪ ହଜାର ୧୦୦ ଏବଂ ୧ ଲକ୍ଷ ୫୯ ହଜାର ୫୦୦ ଟଙ୍କା ଜରିମାନା ଦେଇଛନ୍ତି। ଏନେଇ ବୁଧବାର କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR,
BHUBANESWAR-751021, TEL. No. 2721048, 2721049
E-mail: orierc@gmail.com/Website: www.orierc.org
Together, Let us light up our lives

**ADVERTISEMENT**

Retired Clerk/Diarist/Despatch Clerk/Issue Superintendent of Government Offices/Public Sector Undertakings interested to serve as Jr. Consultant (Diary & Despatch) in OERC on contractual basis may apply in the prescribed format on or before **16.08.2023** by **5.30 PM.** The Application format along with the detailed Advertisement is available on the Commission's website **www.orierc.org**

Sd/-
SECRETARY

**ODISHA ADARSHA VIDYALAYA**
**GONDHIPALLY, MALKANGIRI**
Dist.: Malkangiri, Odisha, PIN Code: 764045
Email: oavgondhipally@gmail.com, Contact No. 7077270403, 9090216331
Advertisement No. 2/2023, Dt.02.08.2023

**WALK-IN-INTERVIEW**

A Walk-in-Interview will be conducted in the vidyalaya premises on **Dt.08.08.2023 at 11.00 A.M.** to fill up the vacant posts of **PGTs (English, Economics - 01 Post each) & TGT (English - 01 Post) purely on part time contractual basis** for the Academic Session 2023-24 or till the joining of regular teacher whichever is earlier. The interested candidates below 65 years of age can attend the interview with their complete Bio-Data and all original certificates along with the photo copies of the same. For details about (Eligibility, Qualification, Age, Remuneration, Application Form etc.), please visit: **www.malkangiri.nic.in**. The candidate is required to bring the filled in application form to the interview along with 02 Nos. of Passport Size Photos. For any query, they can contact to **7077270403, 9090216331, 7325993152**. No TA/DA will be given for attending the interview. Selection will be done in accordance with the revised guidelines as given by OAVS.

**Sd./- Principal**
**OAV, Gondhipally, Malkangiri**

**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, हजारीबाग**

मुख्यमंत्री ग्राम सड़क योजना अन्तर्गत
ई–निविदा आमंत्रण सूचना

ई–निविदा सं0 :– 02/2023-24/RWD/EE/HAZARIBAG दिनांक :– 01.08.2023

1. कार्य की विवरणी :–

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | प्राक्कलित राशि (रुपया में) अक्षर में | कार्य समाप्ति की अवधि |
|---|---|---|---|---|---|
| 1 | RWD/HAZ/MMGSY/08/2023-24 | पंचायत कुसुम्बा जमुआरी हिन्दी स्कूल से जमुआरी होते हुए ओदरना तक पथ निर्माण कार्य (लं0–4.150 कि0मी0) | 4,53,92,900/- | चार करोड़ तीरपन लाख बेरान्वे हजार नौ सौ मात्र | 9 (नौ) माह |

2. वेबसाईट में निविदा प्रकाशन की तिथि :– 05.08.2023 ।
3.ई–निविदा प्राप्ति की अंतिम तिथि एवं समय :–16.08.2023 अपराह्न 5.00 बजे तक ।
4.(क) जिला नियंत्रण कक्ष, रॉची (ख) मुख्य अभियंता का कार्यालय, ग्रामीण कार्य विभाग, झारखण्ड, रॉची (ग) जिला नियंत्रण कक्ष, हजारीबाग में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय–17.08.2023 अपराह्न 3.30 बजे तक ।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग, इन्द्रपुरी चौक, हजारीबाग के नजदीक, हजारीबाग, झारखण्ड, पिन–825301 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (17.08.2023 अपराह्न 3.30 बजे तक) से पूर्व प्राप्त हो जाय । अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा ।
6. निविदा खोलने की, तिथि, समय एवं स्थान–18.08.2023 पूर्वाह्न 3.30 बजे, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग ।
7. निविदा आमंत्रित करने वाले पदाधिकारी का पदनाम एवं पताः–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
7. ई–निविदा प्रकोष्ठ का दूरभाष सं0–06546–265286 ।
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक/अनुसूचित बैंक द्वारा निविदाकार के नाम/अकाउंट से ही निर्गत बैंक ड्राफ्ट के रुप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग के पक्ष में एवं हजारीबाग में भुगतेय होगा जो लौटाया नहीं जायेगा ।
9. यदि किसी कारणवश उपरोक्त अंकित तिथियों में अवकाश घोषित होता है तो अगले कार्यदिवस में अंकित कंडिकाओं का कार्य किया जायेगा एवं सभी शर्तें पूर्ववत रहेगी ।
10. परिमाण विपत्र की राशि घट या बढ़ सकती है।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, हजारीबाग।

PR.NO.303882 Rural Work Department(23-24):D

**ADMISSION NOTICE**

Azadi Ka Amrit Mahotsav | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment, Government of India)
OLATPUR, PO - BAIROI, DIST - CUTTACK (ODISHA) - 754010
Tel: 0671-2805347,Mob: 09438568953, 09937755426 (within working hours)
Email: dasvnirtar@gmail.com, Website: https://www.svnirtar.nic.in

Applications are invited from the eligible candidates in the prescribed form for admission into;

**Post Basic Diploma in Orthopaedic Nursing (PBDON) - 2023 Course**

**ELIGIBILITY**
Pass in GNM/B.Sc/P.B.B.Sc/ B.Sc Nursing with one year Clinical experience as a Staff Nurse.
DURATION OF THE COURSE : 01 Year

Date of available of information Brochure and Application Form in website: 01.08.2023
Closing date of Receipt of Application form : 31.08.2023

For more details log on to https://svnirtar.nic.in

Sd/-Director cum Chairman, PBDON-2023

ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡ଼ିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ ଡୁବାମାରି ଯାଇପାର। –ଶ୍ରୀମା



# ତନ୍ତ୍ର ଦେବୀ ବରାହୀ



ଦେବଦତ୍ତ ପଟ୍ଟନାୟକ

ଭଗବାନ୍ ବିଷ୍ଣୁ ହିଂସ୍ର ଶୂକର ରୂପ ନେଇଥିବା ବିଷୟ ଆମେ ଶୁଣିଛେ। ଏହି ରୂପରେ ସେ ସମୁଦ୍ର ଭିତରକୁ ଯାଇ ଅସୁରମାନଙ୍କୁ ପରାସ୍ତ କରିବା ସହ ଧରିତ୍ରୀଦେବୀଙ୍କୁ ତାଙ୍କ ଥୋଡ଼ିରେ ଉପରକୁ ଉଠାଇ ଆଣିବା କଥା ମଧ୍ୟ ଆମେ ଜାଣିଛେ। ଏ ହେଉଛନ୍ତି ବରାହ, ଯାହାଙ୍କ ଛବି କିମ୍ବା ମୂର୍ତ୍ତି ଅନେକ ବିଷ୍ଣୁମନ୍ଦିରରେ ରହିଛି ଓ ଏସବୁ ମନ୍ଦିରର ଆକର୍ଷଣ ବଢ଼ାଇଛି। ତେବେ କେବଳ ଆନ୍ଧ୍ରପ୍ରଦେଶର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅନ୍ୟ ଅଞ୍ଚଳରେ ବରାହଙ୍କ ପାଇଁ ନିର୍ମାଣ କରାଯାଇଥିବା ସ୍ୱତନ୍ତ୍ର ମନ୍ଦିର ବେଶି ଲୋକପ୍ରିୟ ହୋଇପାରିନାହିଁ। କିନ୍ତୁ ଏମିତି ଏକ ଦେବୀ ଯିଏ କି ଏକ ମାଈ ଘୁଷୁରି ବା ବରାହୀ ଭାବେ ଦୃଶ୍ୟମାନ ତାହାର ରହସ୍ୟ କ'ଣ' ରହିଛି? ଆମେ ଅତୀତରେ ଏଭଳି ନାମ କେବେ ଶୁଣିଥିଲେ କି? ବରାହୀ ଜଣେ ଦେବୀ ଯାହାଙ୍କ ମୁଣ୍ଡ ଶୂକର ଭଳି ଓ ପେଟ ମାଠିଆ ସଦୃଶ। କୌଣସି ସ୍ଥାନରେ ସେ ୨ରୁ ୬ ବାହୁଧାରୀ ଦେବୀ ରୂପେ ବିରାଜମାନ ହୋଇ ଅନେକ ଅସ୍ତ୍ର ଧାରଣ କରିଛନ୍ତି, ଯେଉଁଥିରେ ଅଛି ତ୍ରିଶୂଳ, ପାସ, ଗଦା ଓ ଚକ୍ର। ଆଉ କେତେକ ଜାଗାରେ ବରାହୀ ବାହୁରେ ଶିଶୁ ଧରିଥିବା ଦେଖାଯାଏ । କେତେକ କ୍ଷେତ୍ରରେ ବି ଦେବୀ ମଇଁଷି ପିଠିରେ ବସିଥିବା ଲକ୍ଷ୍ୟ କରାଯାଏ। ବରାହୀଙ୍କ ପୂଜା ପଦ୍ଧତି ଭିନ୍ନ। ତାଙ୍କୁ ବିଶେଷକରି ରାତିରେ ପୂଜା କରାଯାଏ ଏବଂ ମାଛ ଓ ଅଣ୍ଡିରା ପ୍ରାଣୀଙ୍କ ରକ୍ତ ସମର୍ପଣ କରାଯାଏ। ବରାହୀଙ୍କ ସ୍ୱାମୀ ନାହାନ୍ତି। ସେଥିପାଇଁ ସେ ଜଣେ ତାନ୍ତ୍ରିକ ଦେବୀ । ତାଙ୍କର ପ୍ରଜନନ ଶକ୍ତି ଓ ମୃତ୍ୟୁ ସହ ସମ୍ବନ୍ଧ ରହିଛି, ଯାହା ହାତରେ ଶିଶୁ ଧରିବା ଓ ମଇଁଷି ପିଠିରେ ବସିଥିବା ରୂପ ସୂଚିତ କରେ। ଦେଶରେ ବରାହୀ ଦେବୀଙ୍କ ମନ୍ଦିର କମ୍ ଅଛି। କାଁ ଭାଁ କେଉଁଠି କେମିତି ଏହା ଦେଖିବାକୁ ମିଳେ। ଯେଉଁ କେତୋଟି ମନ୍ଦିର ଅଛି ସେଥିମଧ୍ୟରୁ ଓଡ଼ିଶା, ବାରାଣସୀ, ଚେନ୍ନାଇ ଏବଂ ନେପାଳରେ ଥିବା ମନ୍ଦିର ବେଶ୍ ପରିଚିତ। ଓଡ଼ିଶାର ଚୌରାସିରେ ଥିବା ବରାହୀ ମନ୍ଦିର ପୁରୀ ଜଗନ୍ନାଥ ମନ୍ଦିରର ପ୍ରସାଦ ଗ୍ରହଣ କରିଥାଏ। ଏହା ଏକ ବୈଷ୍ଣବ ପୀଠ ଯାହାର ତାନ୍ତ୍ରିକ ଶାକ୍ତ ଦେବୀମାନଙ୍କ ସହ ନିବିଡ଼ ସମ୍ପର୍କ ରହିଥିବା ସ୍ୱୀକାର କରାଯାଏ। ବରାହୀ ଅନେକ ମାତୃକା ଦେବୀଙ୍କ ମଧ୍ୟରୁ ଜଣେ ବୋଲି ସମସ୍ତେ ଜାଣନ୍ତି। ବହୁ ସମୟରେ ତାଙ୍କୁ ଦେବତାମାନଙ୍କ ଶକ୍ତି ଭାବେ ଗଣାଯାଏ, ଯିଏ ଅସୁରମାନଙ୍କ ସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କୁ ସାହାଯ୍ୟ କରିବା ଲାଗି ଆବିର୍ଭାବ ହୋଇଥିଲେ। ବରାହୀଙ୍କ ସମେତ ମାତୃକାଦେବୀମାନେ ରାକ୍ଷସ ବା ଦୁଷ୍ଟାତ୍ମାଙ୍କ ରକ୍ତ ପିଅନ୍ତି, ଯାହାଦ୍ୱାରା ସେମାନେ ପୁଣି କୌଣସି ରୂପ ଧରିପାରନ୍ତି ନାହିଁ। ମାତୃକା ଦେବୀମାନଙ୍କ ମଧ୍ୟରେ ୭ଜଣ ଦେବୀ ପୂରା ସ୍ୱତନ୍ତ୍ର। ବରାହୀ ୫ରେ ଅଛନ୍ତି ଓ ସେଥିପାଇଁ ତାଙ୍କୁ ପଞ୍ଚମୀ କୁହାଯାଏ। ଏହା ପଛରେ ଏକ କାରଣ ରହିଛି। ଏହା ବି ଖୁବ୍ ରୋଚକ। ସାଧାରଣତଃ ଦେବନାଗରୀ ବର୍ଣ୍ଣମାଳା ସହିତ ମାତୃକାମାନଙ୍କର ସମ୍ପର୍କ ଅଛି। ସପ୍ତ ମାତୃକା ୭ ଧାଡି ବ୍ୟଞ୍ଜନବର୍ଣ୍ଣକୁ ଧାରଣ କରିଥାନ୍ତି ଏବଂ ବରାହୀ ବ୍ୟଞ୍ଜନବର୍ଣ୍ଣର ୫ମ ଧାଡ଼ିରେ ଥିବା ଶବ୍ଦଗୁଡ଼ିକ ଯଥା ପ,ଫ,ବ,ଭ,ମକୁ ଧାରଣ କରିଛନ୍ତି। ଘୁଷୁରି ବୁଦ୍ଧି, ଉତ୍ପାଦକତା, ଉଗ୍ରତା ଏବଂ ସ୍ୱାଧୀନତାର ପ୍ରତୀକ ଭାବେ ଜଣାଶୁଣା। ଭାରତରେ ମୁସଲମାନ କିମ୍ବା ଉଚ୍ଚଜାତିର ହିନ୍ଦୁମାନେ ଘୁଷୁରି ମାଂସ ଖାଆନ୍ତି ନାହିଁ। ସାଧାରଣତଃ ଘୁଷୁରିକୁ ମଇଳା ଓ ଅସ୍ପୃଶ୍ୟତାର ସୂଚକ ଭାବେ ଦେଖାଯାଏ ଏବଂ ସେମାନଙ୍କୁ ଯେଉଁମାନେ ରଖନ୍ତି ବା ପାଳନ କରିଥାନ୍ତି ସେମାନେ ମଧ୍ୟ ଅସ୍ପୃଶ୍ୟ ଭାବେ ବିବେଚିତ ହୁଅନ୍ତି। ଏପରିକି ସେମାନେ ଗାଁ ଶେଷମୁଣ୍ଡରେ ରହିଥାନ୍ତି। ଏଭଳି ବିଷୟଗୁଡ଼ିକ ବହୁ ପ୍ରଶଂସିତତଥାଚର୍ଚ୍ଚିତମରାଠୀ ଚଳଚ୍ଚିତ୍ର'ଫାଣ୍ଡ୍ରି'ର ଆଧାର। ଏହିପରି ଭାବେ ବରାହୀ ପୂଜାରେ ଅବମାନନା ଏବଂ ବିରୋଧତାର ବିଷୟ ରହିଛି।



ବରାହୀଙ୍କୁ ବୈଷ୍ଣବ ଗ୍ରନ୍ଥରେ ବରାହଙ୍କ ଶକ୍ତି ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ଶାକ୍ତ ଶାସ୍ତ୍ରରେ ବରାହଙ୍କ ମା' ହେଉଛନ୍ତି ବରାହୀ। ବରାହ ସବୁବେଳେ ଶାନ୍ତ, ଲଜ୍ଜାଶୀଳ ଓ ବିନିତ କୁହାଯାଉଥିବା ଧରିତ୍ରୀ ଦେବୀଙ୍କ ସହ ଜଡ଼ିତ ଥିବାବେଳେ ବରାହୀ ପୂରା ସ୍ୱାଧୀନ ଓ ଉଗ୍ର। ବରାହଙ୍କୁ ଫଳ ଓ କ୍ଷୀରରେ ପୂଜା କରାଯାଉଥିବାବେଳେ ବରାହୀଙ୍କୁ ରକ୍ତ, ମାଂସ ଏପରିକି ମଦ ଅର୍ପଣ କରାଯାଏ। ସବୁ ବିଷ୍ଣୁମନ୍ଦିରରେ ବରାହ ଅଛନ୍ତି ଓ ଦିନରେ ତାଙ୍କୁ ପୂଜା କରାଯାଏ। ଅନ୍ୟପକ୍ଷରେ ବରାହୀ ଏବଂ ତାଙ୍କ ମାତୃକାଗଣ କେବଳ ରାତିରେ ପୂଜାପାଆନ୍ତି। ବରାହ ଭଳି ଶକ୍ତି ଓ ବରାହୀ ଭଳି ପ୍ରତିଶକ୍ତି ଭାବେ ବ୍ୟାଖ୍ୟା ଓ ମନ୍ଥନ କରିବାର ପ୍ରବୃତ୍ତି ବହୁ ଐତିହାସିକ ଆହ୍ୱାନ ସତ୍ତ୍ୱେ ହିନ୍ଦୁଧର୍ମକୁ ବଞ୍ଚାଇ ରଖିବା ସହ ଆଗକୁ ବଢ଼ାଇବାରେ ସକ୍ଷମ ହୋଇଛି।

ଆମେ ଏବେ ଏକ ସମୟରେ ବାସ କରୁଛୁ ଯେତେବେଳେ ହିନ୍ଦୁ ଧର୍ମକୁ ନୀତିବାଦାତ୍ମକ ଦୃଷ୍ଟିକୋଣରେ ବିଚାର କରାଯାଉଛି, ଯାହାକୁ ନିଷ୍ଠା ବା ଶୁଦ୍ଧତାରେ ବ୍ୟାଖ୍ୟା କରାଯାଉଛି। ଏହି ଧର୍ମରେ ବ୍ରହ୍ମଚର୍ଯ୍ୟ ବା ସଂଯମ ଜୀବନର ମହତ୍ତ୍ୱକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସଂଯମତା ହିଁ ଧର୍ମର ମୂଳମନ୍ତ୍ର ବୋଲି କୁହାଯାଉଛି। ଏହାବାଦ୍ ହିନ୍ଦୁଧର୍ମରେ ଆମିଷ ଖାଦ୍ୟ ଏବଂ ମଦ୍ୟପାନକୁ ଖରାପ ଦୃଷ୍ଟିରେ ଦେଖାଯାଏ ଓ ଏହା ଧର୍ମର ପ୍ରତିକୂଳ ଆଚରଣ ବୋଲି ବିବେଚନା କରାଯାଏ। ଦେଖିବାକୁ ଗଲେ ଏହା ଏମିତି ଏକ ଧର୍ମ ଯେଉଁଠାରେ ମହିଳା ସ୍ୱାଧୀନତାକୁ ନେଇ ଭୟ ରହିଛି। ଏହି ସମୟରେ ବରାହୀ ପରି ଦେବୀଙ୍କୁ ସ୍ମରଣ କରିବାକୁ ହେବ, ଯିଏ ମୌଳିକ ନୀତିବାଦର ବେଦାନ୍ତ ପ୍ରତି ତାନ୍ତ୍ରିକ ଆହ୍ୱାନର ଏକ ଅଂଶ ଭାବରେ ଉଭା ହୋଇଥିଲେ ଏବଂ ଯୌନ, ହିଂସା, ଜୀବନ ଏବଂ ମୃତ୍ୟୁ ସମ୍ପର୍କିତ ଦୃଷ୍ଟିକୋଣ ବଦଳରେ ମଣିଷକୁ ଏକ ଅଧିକ ବାସ୍ତବବାଦୀ ଭାବେ ନିଶ୍ଚିତ କରିଥିଲେ।

–devduttofficial@gmail.com

# ପୁରୁଷଙ୍କୁ ସୁରକ୍ଷା କେବେ



ଦୀପ୍ତିମୟୀ ନାୟକ

ଆମେ ସବୁବେଳେ ନାରୀ ସୁରକ୍ଷା ନେଇ ଅନେକ ପ୍ରଶ୍ନ ଉଠାଉଛେ, ହେଲେ କେବେ କେଉଁଠି ଦେଖିଛନ୍ତି କି କିଏ ପୁରୁଷଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠେଇବାର। ହଁ, କ୍ୱଚିତ୍ କେତେବେଳେ ପୁରୁଷଙ୍କ ସୁରକ୍ଷା ବିଷୟରେ ଧ୍ୟାନ ଦିଆଯାଏ ତ ଆଉ କେତେବେଳେ କିଛି ପୁରୁଷମାନଙ୍କ କଥାକୁ ବିଶେଷ ଧ୍ୟାନ ଦିଆଯାଏନି। ଆଉ ସେଥିପାଇଁ ସେହି କେତେଜଣ ପୁରୁଷଙ୍କ ସମସ୍ୟାକୁ ଗଦା ଗଦା କାଗଜ ତଳେ ସମାଧି ଦିଆଯାଇଥାଏ। ଆମେମାନେ ନାରୀକୁ ଯେତିକି ପ୍ରାଧାନ୍ୟ ଦେଉଛେ, ସେତିକି ପୁରୁଷମାନଙ୍କ କଥାକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର। ନଚେତ୍ ଯାହାକୁ ନ୍ୟାୟ କହୁଛନ୍ତି ତାହା ଦିନେ ଅନ୍ୟାୟରେ ପରିଣତ ହେବ ଆଉ ଆଜିର କିଛି ନାରୀ ଉଦ୍ଧତ ସୀମା ଟପିବେ ଏବଂ କିଛି ପୁରୁଷ ନିଜ ସୀମା ଭିତରେ ରହି ନ୍ୟାୟ ପାଇବାରୁ ବଞ୍ଚିତ ରହିବେ।

ଗୋଟେ ପୁରୁଷ ସମାଜ ଏବଂ ପରିବାର ପାଇଁ ଚିନ୍ତିତ ଥାଏ। ଦୁଃଖ ଯନ୍ତ୍ରଣାରେ ନିଜକୁ ଲୁଚେଇ ଅନ୍ୟ ଆଗରେ ହସିବାର ଅଭିନୟ କରେ। ଅନେକ ସମୟରେ ପୁରୁଷମାନେ ନିଜ ଅଧିକାର ଓ ନିଜ ସପକ୍ଷରେ ଥିବା ଆଇନ ସମ୍ପର୍କରେ ଜାଣିନଥିବାରୁ ସେମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି। ତେଣୁ ସେମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରାଯାଉ। କାରଣ ଅନେକ ସମୟରେ ଆମେ ଦେଖୁ କେତେଜଣ ମହିଳା ନିଜ ସପକ୍ଷରେ ଥିବା ଆଇନର ଦୁରୁପଯୋଗ କରି କିଛି ପୁରୁଷଙ୍କୁ ଦୋଷୀ ସଜେଇ ଦିଅନ୍ତି। ଶେଷରେ ପୁରୁଷ ନିର୍ଯାତନାର ଶିକାର ହୁଏ। ସେ ନ୍ୟାୟ ପାଇବା ପାଇଁ ସମାଜ ଆଗରେ ଚିତ୍କାର କରେ। କୁହେ ମୁଁ ଦୋଷୀ ନୁହେଁ, ମୁଁ ନିର୍ଦ୍ଦୋଷ। ମୋତେ ନ୍ୟାୟ ଦରକାର। ଏ ସମସ୍ୟା ଦୂର ହେବା ଦରକାର। ଯେପରି ମହିଳାମାନଙ୍କୁ ସ୍ୱାସ୍ଥ୍ୟଗତ ଓ ସମାଜିକ ସମସ୍ୟା ଉପରେ ଅବଗତ କରାଯାଇଛି, ଯଦି ପୁରୁଷମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଧ୍ୟାନ ଦେଇ ସଚେତନ କରାଯାଆନ୍ତା, ହୁଏତ ଗୋଟେ ପୁରୁଷ ଗୋଟେ ନାରୀ ଭଳି ସଚେତନଶୀଳ ରହିପାରନ୍ତା।

ହିନ୍ଦୀରେ ଗୋଟେ କଥା କୁହାଯାଇଛି 'ମର୍ଦ କୋ ଦର୍ଦ ନେହିଁ ହୋତା'। ହେଲେ ଅସଲରେ 'ମର୍ଦ କୋ ଦର୍ଦ ହୋତା ହେ'। କାହିଁକି ନା ଯେତେବେଳେ ବିଶ୍ୱରେ ମହିଳା ଦିବସ ପାଳନ କରାଯାଉଛି, ସେତେବେଳେ ମାର୍ଚ୍ଚ ୮ ରେ ନାରୀମାନଙ୍କୁ ମହିଳା ଦିବସର ଅନେକ ଶୁଭେଚ୍ଛା ଜଣାଯାଉଛି। କିନ୍ତୁ ଯେତେବେଳେ ନଭେମ୍ବର ୧୯ରେ ବିଶ୍ୱ ପୁରୁଷ ଦିବସ ପାଳନ କରାଯାଉଛି, ସେତେବେଳେ କ୍ୱଚିତ୍ ଲୋକ ଏ ବିଷୟରେ ଜାଣି ବିଶ୍ୱ ପୁରୁଷ ଦିବସ ପାଳନ କରିଥା'ନ୍ତି। କିନ୍ତୁ ସେମିତି ଭାବ ନଥାଏ ଯେମିତି ଭାବରେ ଆପଣ ଇଚ୍ଛା କରିଥିବେ। କାରଣ କିଛି ଲୋକଙ୍କୁ ତ ଜଣା ହିଁ ନଥିବ ଏହି ପୁରୁଷ ଦିବସ କାହିଁକି ଆଉ କେଉଁ ଉଦ୍ଦେଶ୍ୟରେ ପାଳନ କରାଯାଉଛି। ମହିଳା ଦିବସରେ ଅନେକ ମହିଳାଙ୍କ ପାଖକୁ ସୋସିଆଲ ମିଡିଆଠାରୁ ହ୍ୱାଟ୍ସଆପ୍ ପର୍ଯ୍ୟନ୍ତ ମେଞ୍ଚେ ମେଞ୍ଚେ କବିତା ସହ ମେଞ୍ଚେ ମେଞ୍ଚେ ଶୁଭେଚ୍ଛା ବାର୍ତ୍ତା, କିନ୍ତୁ ପୁରୁଷ ଦିବସରେ ସେତିକି ବାର୍ତ୍ତା ପୁରୁଷମାନେ ପାଆନ୍ତି କି? ଯଦିବି ପାଆନ୍ତି, ତେବେ କ୍ୱଚିତ୍ ଲୋକ ସେମାନେ ପରସ୍ପରକୁ ପ୍ରୋତ୍ସାହିତ କରିଥା'ନ୍ତି। ମାନୁଛି, ନାରୀ ହେଉଛି ମା', କିନ୍ତୁ ପୁରୁଷ ବି ଜଣେ ବାପା। ଯଦି ମା'ବାପାଙ୍କ ବିନା ଦୁନିଆ ଅନ୍ଧାର, ତେବେ ମା' କଥା ଭାବି ବାପାଙ୍କ କଥାକୁ କାହିଁକି ଅଣଦେଖା କରାଯାଉଛି? ପୁରୁଷଙ୍କ ଅବଦାନ ଅତୁଳନୀୟ, ଯେପରି ନାରୀର ଅବଦାନ ଅବର୍ଣ୍ଣନୀୟ। ଠିକ୍ ସେହିପରି ଆମେ ଏହି ଉଭୟଙ୍କ ସୁରକ୍ଷା କଥା ଭାବିବା ଉଚିତ। କେବଳ କହିଦେଲେ ହେବନି, ବାସ୍ତବ ଜୀବନରେ ଘଟୁଛି କିମ୍ବା ଘଟିବାକୁ ଯାଉଛି ତାହା ଉପରେ ମଧ୍ୟ ଅଧିକ ଧ୍ୟାନ ଦେବା ଉଚିତ ଏବଂ ଆମ ସମାଜରେ ଯାହା ଯେତେବେଳେ ଘଟୁଛି ତାହାର ସଠିକ୍ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ଉଚିତ। ସେ ନାରୀ ହେଉ କି ପୁରୁଷ, ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ। ଯେଉଁଦିନ ନାରୀ ଓ ପୁରୁଷଙ୍କ ମଧ୍ୟରେ ସମାନ ଅଧିକାର ରହିବ, ସେତେବେଳେ ଏ ନାରୀ ଓ ପୁରୁଷଙ୍କୁ ସମାନ ସୁରକ୍ଷା ମିଳିବ।

ନାରୀକୁ ପ୍ରାଧାନ୍ୟ ଦେଇ ପୁରୁଷକୁ ଗୁରୁତ୍ୱ ନ ଦେଇ ଅଣଦେଖା କରି ଆଜିର ଦିନରେ ପୁରୁଷଙ୍କ ସୁରକ୍ଷା କଥା ଭୁଲିଯିବା କେତେ ବଡ଼ ଭୁଲ୍ ସେକଥା ହୁଏତ କେହି ଭାବନ୍ତିନି। ଯେତେବେଳେ ଉଭୟ ଉଭୟଙ୍କୁ ସମାନ ସ୍ଥିତିରେ ବୁଝିବେ, ସେତେବେଳେ ଆମ ସମାଜର କିଛି ପରିବର୍ତ୍ତନ ହୋଇପାରିବ। ଆମେମାନେ ଯଦି ନାରୀଙ୍କ ପାଇଁ ସ୍ୱର ଉଠେଇ ପାରୁଛେ, ତେବେ ପୁରୁଷଙ୍କ ପାଇଁ କାହିଁକି ସେହି ସମାନ ସ୍ୱର ଉଠାଇବାନି। ଆମେ ଏକ ଆମ ରକ୍ତ ଏକ ଏବଂ ଆମେମାନେ ସମାନତାର ଏକ ପ୍ରତୀକ। ସେଥିପାଇଁ ଖାଲି ଝିଅଙ୍କ କଥା ଭାବିଲେ ହେବନି, କେବେକେବେ ପୁଅଙ୍କ କଥା ମଧ୍ୟ ଭାବନ୍ତୁ। ତାଙ୍କୁ ସୁରକ୍ଷା ଦେବା କଥା ଚିନ୍ତା କରନ୍ତୁ।

ମୋ: ୯୦୯୦୬୬୧୫୮୬

## ଏଇ ଭାରତରେ

ଅବସର ପରେ ପ୍ରକୃତି ସେବାରେ ବ୍ରତୀ ଗୁଜରାଟର ଏକ ଦମ୍ପତିଙ୍କ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି। ରାଙ୍ଗେଶ୍ୱରର ଧନୋରା ଗାଁରେ ରହୁଥିବା ଏହି ଦମ୍ପତି ହେଲେ ଦିନେଶ ଚନ୍ଦ୍ର ଓ ଦେବିନ୍ଦ୍ରା ଠାକୁର। ଉଭୟ ଏବେସୁଦ୍ଧା ତାଙ୍କ ଗାଁରେ ଛୋଟ ବଡ଼ ୧୦ଟି ଜଙ୍ଗଲରେ ୨୦୦ କିସମର ୬୦୦୦ ଗଛ ଲଗାଇ ବଢ଼ାଇପାରିଛନ୍ତି। ଏହି ଜଙ୍ଗଲ ଅନେକ ହଜାର ପକ୍ଷୀଙ୍କ ବାସସ୍ଥଳୀ ପାଲଟିଛି। ଦିନେଶ ଓ ଦେବିନ୍ଦ୍ରା ଉଭୟ ଶିକ୍ଷକ ଥିଲେ ଓ ଅବସର ପରେ ୨୫ ବର୍ଷ ଧରି ଜଙ୍ଗଲ ସୃଷ୍ଟି କରିବାରେ ବିତାଇସାରିଲେଣି। ପ୍ରଥମେ ସେମାନେ ୩ ଏକର ଜମି କିଣି ଗଛ ଲଗାଇବା ଆରମ୍ଭ କରିଥିଲେ। ସେହି ଜମିରେ ଏକ ଝାଟିମାଟି ଘର କରି ଗଛର ରକ୍ଷଣାବେକ୍ଷଣ କରିଥିଲେ। ସେଥିରେ ସଫଳ ହେବା ପରେ ସେମାନେ ଏବେସୁଦ୍ଧା ୧୦ଟି ଜଙ୍ଗଲ କରିସାରିଲେଣି। ଜଙ୍ଗଲରେ ରହୁଥିବା ପକ୍ଷୀମାନଙ୍କୁ ପ୍ରତିଦିନ ୧୦୦ କେ.ଜି. ଶସ୍ୟ ଖାଇବାକୁ ଦେଉଛନ୍ତି। ପକ୍ଷୀମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏବାବଦରେ ସବୁ ଖର୍ଚ୍ଚ ସେମାନେ ନିଜ ପକେଟରୁ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୯୮

- ବଲିଭାର ପ୍ରଦେଶରେ ଏକ ସଂଘର୍ଷ ବେଳେ କଲମ୍ବିଆ ସୈନ୍ୟମାନଙ୍କ ଆକ୍ରମଣରେ ୧୪ ବାମପନ୍ଥୀ ବିଦ୍ରୋହୀ ଗେରିଲା ନିହତ।
- ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଇଭେଣ୍ଟରେ ଦକ୍ଷିଣ ଆଫ୍ରିକାର ପେନି ଲେନ୍ସଙ୍କ ବିଶ୍ୱରେକର୍ଡ ପ୍ରତିଷ୍ଠା।
- ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ଗଙ୍ଗାଧର ରଥ ହାଇକୋର୍ଟ ବାର ଆସୋସିଏଶନର ସାଭପତି ନିର୍ବାଚିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | 5 | 6 | | 1 |
| | | | | | | | 9 | |
| | | | 7 | 6 | | | 5 | |
| | | | | 4 | 3 | | | |
| | | 5 | | | | | 8 | 7 |
| | 8 | | | | | | 6 | |
| | 2 | 7 | 4 | | | | 3 | |
| | 4 | | 1 | | | | 7 | |
| 8 | | | 5 | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 7 | 8 | 1 | 3 | 5 | 2 | 4 |
| 8 | 4 | 1 | 6 | 5 | 2 | 7 | 3 | 9 |
| 2 | 5 | 3 | 9 | 7 | 4 | 6 | 1 | 8 |
| 5 | 8 | 4 | 2 | 6 | 1 | 9 | 7 | 3 |
| 1 | 3 | 9 | 7 | 8 | 5 | 4 | 6 | 2 |
| 7 | 2 | 6 | 3 | 4 | 9 | 8 | 5 | 1 |
| 3 | 6 | 2 | 5 | 9 | 8 | 1 | 4 | 7 |
| 4 | 7 | 8 | 1 | 2 | 6 | 3 | 9 | 5 |
| 9 | 1 | 5 | 4 | 3 | 7 | 2 | 8 | 6 |

ଗତକାଲିର ଉତ୍ତର

# ବିପନ୍ନ କୃଷି ଓ ହତାଶ ଚାଷୀ



ବୈକୁଣ୍ଠନାଥ ମିଶ୍ର

ଭାରତୀୟ କୃଷି ମୌସୁମୀ ବାୟୁର କ୍ରୀଡ଼ନକ। ଯେଉଁ ବର୍ଷ ମୌସୁମୀ ପ୍ରବାହ ଯେତେ ସୁଗମ ସେ ବର୍ଷ କୃଷି ପାଇଁ ଅନୁକୂଳ ବୋଲି ମନେକରାଯାଏ। ନିଅଣ୍ଟିଆ ବୃଷ୍ଟି କିମ୍ବା ବୃଷ୍ଟିର ପ୍ରାବଲ୍ୟ ସମୁଦାୟ କୃଷକ କୁଳକୁ ଉଚ୍ଛନ୍ନ କରିଦିଏ। ପାଣିପାଗ ବିଭାଗର ମୌସୁମୀ ପ୍ରବାହଜନିତ ଆକଳନ ପ୍ରତି କୃଷକ କ୍ରମେ ବୀତସ୍ପୃହ ହେଲାଣି। ମୌସୁମୀ ଆଗମନର ଚିରାଚରିତ ସମୟ ସାରଣିରେ ବ୍ୟାପକ ପରିବର୍ତ୍ତନ ପରିଦୃଷ୍ଟ। ଏବର୍ଷ ନିର୍ଦ୍ଧାରିତ ସମୟର ପ୍ରାୟ ଏକ ସପ୍ତାହ ପରେ ମୌସୁମୀ କେରଳ ସ୍ପର୍ଶ କଲା ଏବଂ ଓଡ଼ିଶାରେ ନିର୍ଦ୍ଧାରିତ ସମୟର୧୫/୨୦ ଦିନ ପରେ ପ୍ରବେଶ କଲା। ହେଲେ ସ୍ଥାନେ ସ୍ଥାନେ ସାମାନ୍ୟ ବୃଷ୍ଟିକରି କେଉଁଆଡ଼େ ଲୁଚିଗଲା। ଚାଷୀ ବୁଝି ସାରିଲାଣି ଯେ, ବୃଷ୍ଟିପାତ ମୌସୁମୀଜନିତ ନ ହୋଇ କେବଳ ଲଘୁଚାପ ଉପରେ ନିର୍ଭର କରୁଛି। ବୃଷ୍ଟିପାତର ଅନିଶ୍ଚିତତା ଯୋଗୁ ଏ ବର୍ଷ ଓଡ଼ିଶାରେ ବିଶେଷକରି ଉପକୂଳ ଅଞ୍ଚଳରେ ପ୍ରାରମ୍ଭିକ ଚାଷକାର୍ଯ୍ୟ ଘୋର ପ୍ରଭାବିତ ହୋଇଛି। ଧାରା ଶ୍ରାବଣ ଖରା ଶ୍ରାବଣରେ ପରିବର୍ତ୍ତିତ ହୋଇଛି। ତେବେ ଏବେ ଲଘୁଚାପ ଜନିତ ବର୍ଷା ଚାଷୀଙ୍କୁ କିଛି ଆଶ୍ୱସ୍ତ କରିଛି।

୨୦୧୦ରୁ ୨୦୨୩ ମଧ୍ୟରେ ଆମ ରାଜ୍ୟ ୮ଟି ମରୁଡ଼ିର ସମ୍ମୁଖୀନ ହୋଇଛି। ମରୁଡ଼ି ପରିସ୍ଥିତିର ସମ୍ଭାବନା ଦେଖାଦେଲେ ସରକାରୀ ସ୍ତରରେ ବୈଠକ ବସି ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଏ। ଏବର୍ଷ ମଧ୍ୟ ଅନୁରୂପ ବୈଠକ ବସି ସାରିଛି। କୃଷି ବିଭାଗର ପରାମର୍ଶ ହେଲା ସମ୍ଭାବ୍ୟ ମରୁଡ଼ି ପ୍ରତିକାର ପାଇଁ କ୍ଷତିଗ୍ରସ୍ତ ଚାଷୀ ସହଳ କିସମର ବିହନ ବ୍ୟବହାର କରନ୍ତୁ। କିନ୍ତୁ କ୍ଷୋଭ ଓ ପରିତାପର ବିଷୟ ହେଲା କୃଷକ ଯେଉଁ ବିହନ ସଂଗ୍ରହ କରିଥିଲା ତାକୁ କ୍ଷେତରେ ବୁଣିଦେବା ପରେ ଆଉ ବିହନ କ୍ରୟ ପାଇଁ ତା'ପାଖରେ ସମ୍ବଳ ନାହିଁ। ଦ୍ୱିତୀୟତଃ ଜୁଲାଇ ଶେଷବେଳକୁ ବିହନ ଗଜା ହେବାର ସମ୍ଭାବନା କ୍ଷୀଣ। ପ୍ରକୃତି ଯେତେବେଳେ ଦାଉ ସାଧିବ କେଉଁ ସରକାର ବା ପ୍ରତିକାର ପାଇଁ ସକ୍ଷମ ହେବ? ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି କେବଳ ବୃଷ୍ଟିପାତ ଅନିୟମିତତାକୁ ଯେ ଆମନ୍ତ୍ରଣ କରେ ତା' ନୁହେଁ; ବ୍ୟାପକ ଫସଲହାନିର କାରଣ ମଧ୍ୟ ସାଜେ। ଓଡ଼ିଶାରେ ଗୋଟିଏ ପଟେ ବୃଷ୍ଟିପ୍ରାବଲ୍ୟ ଓ ଅନ୍ୟପଟେ ବୃଷ୍ଟିହୀନତା ପ୍ରକୃତିର ଭିନ୍ନ ଏକ ରୂପ। ଜୁଲାଇରେ ତାପମାତ୍ରା ବୃଦ୍ଧି ବ୍ୟାପକ ଫସଲହାନି ଘଟାଉଛି ଓ କୃଷକର ଆୟ ପ୍ରଭାବିତ ହେବା ଯୋଗୁ ସେ ଘୋର ନୈରାଶ୍ୟ ମଧ୍ୟକୁ ଠେଲି ହୋଇଯାଉଛି। କୃଷକର ମସ୍ତିଷ୍କରେ ସକଳ ବିପରୀତ କ୍ରିୟା ସୃଷ୍ଟି ହେଉଛି। କ୍ରମ ବର୍ଦ୍ଧମାନ ପରିବାର ଖର୍ଚ୍ଚ ଭରଣା କରିବାରେ ଅସମର୍ଥ କୃଷକ ବିଷାଦଗ୍ରସ୍ତ ହୋଇପଡୁଛି। ଫଳରେ ସେ ହିଂସାତ୍ମକ ମାର୍ଗକୁ ଆପଣେଇ ନେଉଛି। ସ୍ଥଳ ବିଶେଷରେ ଆତ୍ମହତ୍ୟାର ମାର୍ଗ ବାଛି ନେଉଛି।

ଏକେତ ଫସଲ ଅମଳ ସନ୍ତୋଷଜନକ ନୁହେଁ; ଦ୍ୱିତୀୟତଃ ସେ ଯେତିକି ଫସଲ ଅମଳ କରୁଛି ତାକୁ ମଧ୍ୟ ଉଚିତ ଦରରେ ବିକ୍ରି କରିପାରୁ ନାହିଁ। ଧାନ କଥା ଦେଖାଯାଉ। ମଣ୍ଡିରେ ନିର୍ଦ୍ଧାରିତ ଦରରେ ଧାନବିକ୍ରି ସମ୍ଭବ ହେଉନାହିଁ। ନାନା ଆଳ ଦେଖାଇ ମିଲର କୁଇଣ୍ଟାଲ ପିଛା ୪ରୁ ୫ କିଗ୍ରା ଧାନ କାଟିନେଉଛି। ଘରୋଇ ବ୍ୟବସାୟୀଙ୍କୁ ଧାନ ବିକ୍ରିରେ ଶତକଡ଼ା ୨୫ରୁ ୩୦ ଭାଗ କ୍ଷତି ସହିବାକୁ ହେଉଛି। ୨୦୧୭ରେ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା ଯେ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ଧାର୍ଯ୍ୟ କରାଯିବା ପାଇଁ ଦାବି କରାଯିବ, ତାହା ହେଲା ନାହିଁ। ପୁନର୍ବାର ୨୦୨୨ନଭେମ୍ବର ୨୯ ତାରିଖରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଧାନରେ ସର୍ବନିମ୍ନ ସହାୟକ ମୂଲ୍ୟ ୩୪୦୦ ଟଙ୍କା ଧାର୍ଯ୍ୟ କରିବାକୁ ଦାବି କରାଗଲା। ମାତ୍ର ଫଳସ୍ୱରୂପ ଏବର୍ଷ ଅର୍ଥାତ ୨୦୨୩–୨୪ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ମାତ୍ର ୨୧୮୩ ଟଙ୍କା ଧାର୍ଯ୍ୟ ହୋଇଛି। ଏଠାରେ ସ୍ମରଣ କରାଯାଇପାରେ ଯେ ଉପା ସରକାର ଅମଳରେ ବିଶିଷ୍ଟ କୃଷି ବୈଜ୍ଞାନିକ ଡ. ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ନିଯୁକ୍ତି କରାଯାଇ ଧାନର ଉତ୍ପାଦନ ଖର୍ଚ୍ଚ ଆକଳନର ବ୍ୟବସ୍ଥା କରାଯାଇଥିଲା। କମିଶନଙ୍କ ସୂତ୍ର ଆଧାରରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରିତ ପାଇଁ ସ୍ଥିର କରିଥିଲେ। ଏଥିରେ କୃଷକ ଆବଶ୍ୟକ କରୁଥିବା ସମସ୍ତ ଖର୍ଚ୍ଚ ଯଥା ସାର, କୀଟନାଶକ, ମୂଲମଜୁରି, ବିହନ କ୍ରୟ, ଜମି ମାଲିକର ଦେୟ, କୃଷି ଉପକରଣ ଇତ୍ୟାଦି ସମସ୍ତ ଖର୍ଚ୍ଚ ଉପରେ ଅନୁମୋଦିତ ସୁଧ ମିଶାଇ ଧାର୍ଯ୍ୟ କରାଯିବ।



ସ୍ୱାମୀନାଥନ କମିଶନଙ୍କ ଉପରୋକ୍ତ ସୂତ୍ରବିଶିଷ୍ଟ ସୁପାରିସ ଯଦି ସରକାର ଗ୍ରହଣ କରିଥାନ୍ତେ, ତେବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି କେବେ ବି ୪ହଜାରରୁ କମ୍ ହେବ ନାହିଁ। ଓଡ଼ିଶା ସରକାରଙ୍କ ଦାବି ୨୦୧୭ ଓ ୨୦୨୨ ଯଥାକ୍ରମେ ୨୯୦୦ ଓ ୩୪୦୦ ଟଙ୍କା କମିଶନଙ୍କ ସୁପାରିସ ଅନୁଯାୟୀ ନ ହେଲେ ମଧ୍ୟ ନିହାତି ନିରୁତ୍ସାହଜନକ ନୁହେଁ। କିନ୍ତୁ ଭାରତ ସରକାର ଏ ଦାବିକୁ ଏପର୍ଯ୍ୟନ୍ତ ଗ୍ରହଣ କରି ନାହାନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ଏ ପର୍ଯ୍ୟନ୍ତ କେବଳ ସରକାରୀ ନୀତି ନିର୍ଘଣ୍ଟର ଏକ ଅଂଶବିଶେଷ ହୋଇରହିଛି। ମାତ୍ର ଏହା କୃଷକର ଆଇନସମ୍ମତ ଅଧିକାରର ମାନ୍ୟତା ପାଇନାହିଁ। ଏହା ପରୋକ୍ଷରେ ସୂଚାଇ ଦେଉଛି ଯେ, ସରକାର ଚାହିଁଲେ କୃଷକର ଫସଲକୁ ସହାୟକ ମୂଲ୍ୟ ବିନିମୟରେ କ୍ରୟ କରିବେ, ନ କରିପାରିବେ ମଧ୍ୟ। କେନ୍ଦ୍ର ସରକାର କୌଣସି ପରିସ୍ଥିତିରେ କୃଷକର ପ୍ରାପ୍ୟକୁ ଆଇନସମ୍ମତ ଭାବେ ସ୍ୱୀକୃତି ଦେବାକୁ ଚାହାନ୍ତି ନାହିଁ। ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ଥରେ ଆଇନସମ୍ମତ ହେଲେ ସରକାର ସ୍ୱାମୀନାଥନ କମିଶନଙ୍କ ସୁପାରିସ ଅନୁସାରେ କୃଷକକୁ ତା'ର ପ୍ରାପ୍ୟ ଦେବାକୁ ବାଧ୍ୟ ହେବେ। କୃଷି ଓ କୃଷକଙ୍କ ବିରୋଧୀ ବୋଲି କୁହାଯାଉଥିବା ୩ଟି ଆଇନକୁ ସରକାର ପ୍ରତ୍ୟାହାର କରିଥିଲେ ମଧ୍ୟ କୃଷକର ସହାୟକ ମୂଲ୍ୟ ପ୍ରାପ୍ତିର ଦାବିକୁ ଗ୍ରହଣ କରିନାହାନ୍ତି।

ଓଡ଼ିଶା କୃଷକର ଦୁଃଖ ଅବର୍ଣ୍ଣନୀୟ। ବହୁ ସମୟରେ ମରୁଡି ପଦଧ୍ୱନି ଶୁଣାଯାଉଥିବା ବେଳେ ବହୁ ଅଞ୍ଚଳରେ କେନାଲ ମାଧ୍ୟମରେ ଜଳସେଚନ ବାସ୍ତବ ରୂପ ନେଇପାରିନାହିଁ। ଅଗଷ୍ଟ ମାସରେ ବି ଶାଖା କେନାଲଗୁଡିକ ଜଳଶୂନ୍ୟ ଭାବେ ପଡିରହିଛି। ଫସଲ କ୍ଷୟକ୍ଷତିଜନିତ ବୀମା ଏପର୍ଯ୍ୟନ୍ତ ପ୍ରହସନରେ ପରିଣତ ହୋଇଛି କହିଲେ ଭୁଲ୍ ହେବ ନାହିଁ। ବାରମ୍ବାର ନାନା କାରଣରୁ ଫସଲ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ବୀମା ରାଶି ପ୍ରଦାନର କୌଣସି ସ୍ଥିରତା ନାହିଁ। ସବୁଠାରୁ ଦୁର୍ଗତିର ସାମ୍ନା କରେ ଭାଗଚାଷୀ। ସରକାରୀ ସହାୟତା (ଯଦି କେବେବା ମିଳେ) ଜମି ମାଲିକ ତାକୁ ଚଞ୍ଚକତା କରି ହାତେଇ ନେଉଛି। ଅତଏବ ସବୁଦୃଷ୍ଟିରୁ ଚାଷୀଟି ବିଚରା ହତାଶ।

ସିଦ୍ଧଳ, ଜଗତ୍‌ସିଂହପୁର

ମୋ–୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଅଟୋରେ ମିଟର ରହୁନି, ଠକାମିରେ ପଡୁଛନ୍ତି ଯାତ୍ରୀ

ମହାଶୟ,

କଟକ ସହରରେ ଶେୟାର ଅଟୋ ଭଡ଼ା ମନଇଚ୍ଛା ଆଦାୟ କରାଯାଉଛି। ୨ କିମି ରାସ୍ତା ପାଇଁ ଶେୟାର ଅଟୋରେ ଯାତ୍ରୀଙ୍କ ନିକଟରୁ ୨୦ ଟଙ୍କା ନିଆଯାଉଛି। ବହୁ ସମୟରେ ରିଜର୍ଭ କରି ଅଟୋରେ ଯାତ୍ରୀଙ୍କୁ ଯାତାୟାତ କରିବାକୁ ପଡୁଛି। କିନ୍ତୁ ରିଜର୍ଭ ଅଟୋରେ ୧/୨ କି.ମି. ରାସ୍ତା ପାଇଁ ଭଡ଼ା ଶହେ ଟଙ୍କା ଦେବାକୁ ପଡୁଛି। ହସ୍ପିଟାଲ ଓ ରେଳଷ୍ଟେଶନ ପାଇଁ ଅଟୋ ଭଡ଼ା କଲେ ଦର ଭିନ୍ନ ରହୁଛି। ବରିଷ୍ଠ ନାଗରିକ ଓ ଚାଲିବାକୁ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଏପରି ସ୍ଥିତି ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏଥିପାଇଁ କିଛି ନୀତିନିୟମ ନାହିଁ। ବାହାରୁ ଆସୁଥିବା ଲୋକମାନେ ଦାବି ମୁତାବକ ଅଟୋଭଡ଼ା ଦେବାକୁ ବାଧ୍ୟ ହେଉଛନ୍ତି। କଟକ ମହାନଗରରେ ଅଟୋଭଡ଼ା ମୁମ୍ବାଇ ମହାନଗରଠାରୁ ଅଧିକ ବୋଲି କୁହାଯାଉଛି। ମୁମ୍ବାଇ ସହରରେ ସବୁ ଅଟୋରେ ମିଟର ଲାଗିଛି। ପ୍ରଥମ ଦେଢ଼ କିଲୋମିଟର ପାଇଁ ଅଟୋଭଡ଼ା ୨୩ ଟଙ୍କା ଥିଲାବେଳେ ପରବର୍ତ୍ତୀ କିଲୋମିଟରଗୁଡ଼ିକ ପାଇଁ ୧୬ ଟଙ୍କା ରହିଛି। ଏଭଳିସ୍ଥଳେ ଜଣେ ବ୍ୟକ୍ତି ଯଦି କଟକର ଚାଉଳିଆଗଞ୍ଜରୁ ରେଳ ଷ୍ଟେଶନକୁ ଯାଆନ୍ତି, ତେବେ ତାଙ୍କୁ ମିଟର ଅନୁସାରେ ୨୩ରୁ ୪୦ ଟଙ୍କା ଭଡ଼ା ଦେବାକୁ ପଡ଼ିବ। କିନ୍ତୁ ଚାଉଳିଆଗଞ୍ଜରୁ ରେଳ ଷ୍ଟେଶନ ଯିବାକୁ ରିଜର୍ଭ ଅଟୋରେ ଶହେରୁ ଦେଢ଼ଶହ ଟଙ୍କା ଭଡ଼ା ଦେବାକୁ ପଡୁଛି। ସୂଚନାଥାଉ କି, କଟକ ସହରର ସବୁ ଅଟୋରେ ମିଟର ଲଗାଇବା ପାଇଁ ଟିଏମ୍‌ସି ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ନାହିଁ। ଅଟୋରେ ମିଟର ବାଧ୍ୟତାମୂଳକ କରାଯିବା ପ୍ରସଙ୍ଗକୁ ପ୍ରଶାସନ କ'ଣ ପାଇଁ ଏଡ଼ାଇ ଆସୁଛି ତାହା କାହାକୁ ଜଣାନାହିଁ।

–ଗିରିଧାରୀ ସାମଲ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ଶରୀର ପରେ, ପ୍ରାଣମୂଳେ
ବାଜଇ ଝଙ୍କାର
ଅନ୍ତର ମଥିତ କରେ ଅପହୃତ ଧନ ଆଶଙ୍କାର
ସୃଷ୍ଟିର ବିରାଟ ପ୍ରାଣେ ତଥା ଅହରହ
ଲାଗଇ ଯେ ଦୂରନ୍ତ ବିରହ!

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଭାଜପାରେ ତେଲଗୁ ଅଭିନେତ୍ରୀ ଜୟସୁଧା**

**ହାଇଦ୍ରାବାଦ:** ତେଲଗୁ ଅଭିନେତ୍ରୀ ତଥା ପୂର୍ବତନ ବିଧାୟିକା ଜୟସୁଧା ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ତେଲଙ୍ଗାନା ଭାଜପା ସଭାପତି ଜି କିଶନ ରେଡ୍ଡୀ ଏବଂ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍‌ଙ୍କ ଉପସ୍ଥିତିରେ ସେ ଭାଜପାରେ ଯୋଗ ଦେଇଛନ୍ତି। ପୂର୍ବରୁ ପ୍ରତିନିଧିତ୍ୱ କରିଥିବା ସିକନ୍ଦରାବାଦ ନିର୍ବାଚନମଣ୍ଡଳୀରୁ ଭାଜପା ପକ୍ଷରୁ ସେ ପୁଣି ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କୁହାଯାଉଛି।



**ମଣିପୁର ହିଂସା: ରାଷ୍ଟ୍ରପତିଙ୍କୁ ଭେଟିଲେ ବିରୋଧୀ**

ମଣିପୁର ହିଂସା ଓ ଯୌନହିଂସାକୁ ନେଇ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲୁ ନ ଥିବାରୁ ଏହି ପ୍ରସଙ୍ଗରେ ଗୃହରେ ବିସ୍ତୃତ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ୨୬ ବିରୋଧୀ ଦଳକୁ ନେଇ ଗଠିତ ବ୍ଲକ୍ 'ଇଣ୍ଡିଆ'ର ନେତାମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା (ଖାର୍ଗେ)ଙ୍କ ସ୍ୱରକୁ ଚପାଇବା ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ବୋଲି ସେମାନେ ସମାଲୋଚନା କରିଛନ୍ତି। ଗତ ୯୨ ଦିନର ଧ୍ୱଂସଲୀଳା ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯାଉ ବୋଲି ବିରୋଧୀ କହିଛନ୍ତି। (ଫଟୋ: ଚମନ ଗୌତମ)

# ମୁଁ ଅହଂକାରୀ ନୁହେଁ: ରାହୁଲ

ନୂଆଦିଲ୍ଲୀ, ୨।୮

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୋଦି ସରନେମ୍ ସହ ଜଡ଼ିତ ମାନହାନି ମାମଲାରେ ସୁପ୍ରିମକୋର୍ଟରେ ଜବାବ ଦାଖଲ କରିଛନ୍ତି। ତାଙ୍କ ଆବେଦନ ଉପରେ ଅଗଷ୍ଟ ୪ରେ ହେବାକୁ ଥିବା ଶୁଣାଣି ପୂର୍ବରୁ ବୁଧବାର ସେ ସୁପ୍ରିମ୍‌କୋର୍ଟଙ୍କୁ କହିଛନ୍ତି, ମୁଁ ଏହି ଅପରାଧରେ ଦୋଷୀ ନୁହେଁ। ତେଣୁ ଦଣ୍ଡ ଉପରେ ରୋକ ଲଗାଯାଉ। ଯଦି କ୍ଷମା ମାଗିବା ଏବଂ ଦଣ୍ଡ ହ୍ରାସ କରିବାର ଥିଲା, ତେବେ ଏହା ମୁଁ ଢେର୍ ଦିନ ପୂର୍ବରୁ କରିପାରିଥା'ନ୍ତି। ଅଭିଯୋଗକାରୀ ଭାଜପାର ପୂର୍ଣ୍ଣେଶ ମୋଦି ନିଜେ ମୂଳତଃ ମୋଦି ସମ୍ପ୍ରଦାୟର ନୁହନ୍ତି। ତେବେ କ୍ଷମା ମାଗି ନ ଥିବାରୁ ମୋତେ ଅହଂକାରୀ କହିବା ଠିକ୍ ନୁହେଁ।

ସୂଚନାଯୋଗ୍ୟ, ମୋଦି ସରନେମ୍ ବଦନାମ ମାମଲାରେ ଅଭିଯୋଗକାରୀ ପୂର୍ଣ୍ଣେଶ ମୋଦି ଜୁଲାଇ ୩୧ରେ ସୁପ୍ରିମ୍‌କୋର୍ଟରେ ଏକ ଜବାବ ଦାଖଲ କରିଥିଲେ। ଏଥିରେ ସେ ରାହୁଲ ଗାନ୍ଧୀଙ୍କ ଆବେଦନକୁ ଖାରଜ କରିବାକୁ ଦାବି କରିଛନ୍ତି। ଆଉ ସେ ସୁପ୍ରିମ୍‌କୋର୍ଟରେ ଦେଇଥିବା ଜବାବରେ ରାହୁଲ କ୍ଷମା ମାଗିବାକୁ ମନା କରିବାରୁ 'ଅହଂକାରୀ' ଶବ୍ଦ ବ୍ୟବହାର କରିଛନ୍ତି। ରାହୁଲଙ୍କୁ ଆଶ୍ୱସ୍ତି ଦେବା ପାଇଁ କୌଣସି ଆଧାର ନାହିଁ ବୋଲି ପୂର୍ଣ୍ଣେଶ କହିଛନ୍ତି। ତାଙ୍କର ଆଚରଣ ଗର୍ବରେ ପରିପୂର୍ଣ୍ଣ। ବିନା କାରଣରେ ସମଗ୍ର ଶ୍ରେଣୀକୁ ଅପମାନିତ କରିବା ପରେ ସେ କ୍ଷମା ମାଗିବାକୁ ମନା କରିଦେଇଥିଲେ।



ରାହୁଲ ଗାନ୍ଧୀ

ମାନହାନି ମାମଲାରେ ରାହୁଲଙ୍କୁ ଚଳିତବର୍ଷ ମାର୍ଚ୍ଚରେ ସୁରତ କୋର୍ଟ ଦୁଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ ଏବଂ ଗୁଜରାଟ ହାଇକୋର୍ଟ ଜୁଲାଇ ୭ରେ ଏହି ରାୟକୁ କାଏମ ରଖିଥିଲେ। ଏହା ପରେ ରାହୁଲ ସୁପ୍ରିମକୋର୍ଟ ଯାଇଛନ୍ତି।

ଉଲ୍ଲେଖଯୋଗ୍ୟ, ୧୩ ଏପ୍ରିଲ ୨୦୧୯ରେ, କର୍ଣ୍ଣାଟକର କୋଲାରରେ ଏକ ନିର୍ବାଚନ ସମାବେଶକୁ ସମ୍ବୋଧିତ କରିବାବେଳେ ରାହୁଲ କହିଥିଲେ, ସମସ୍ତ ଚୋରଙ୍କ ସରନେମ୍ ମୋଦି କାହିଁକି ହୁଏ? ଏହି ପ୍ରସଙ୍ଗରେ ପୂର୍ଣ୍ଣେଶ ମୋଦି ୨୦୧୯ରେ ତାଙ୍କ ବିରୋଧରେ ଆପରାଧିକ ମାନହାନି ମକଦ୍ଦମା ଦାଏ ର କରିଥିଲେ।

# ଦିଲ୍ଲୀ ସେବା ବିଲ୍: ବିଜେଡିକୁ ଚିଦାମ୍ବରମ୍‌ଙ୍କ ସମାଲୋଚନା

ନୂଆଦିଲ୍ଲୀ, ୨।୮

ଦିଲ୍ଲୀ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରର ବିଲ୍‌କୁ ବୁଧବାର ଆନ୍ଧ୍ର ପ୍ରଦେଶର ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସମର୍ଥନ ଘୋଷଣା କରିଛି। ଏହା ପୂର୍ବରୁ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି) ଏବଂ ଆନ୍ଧ୍ରର ଶାସକ ୱାଇଏସ୍‌ଆର୍ କଂଗ୍ରେସ ସମର୍ଥନ ଘୋଷଣା କରିସାରିଛନ୍ତି। ୨୦୧୮ରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଅଲଗା ହୋଇଥିବା ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଦଳ ଟିଡିପି ମୋଦି ସରକାର ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ମଧ୍ୟ ବିରୋଧ କରିବ ବୋଲି ଘୋଷଣା କରିଛି। ଟିଡିପିର ଲୋକ ସଭାରେ ୩ ଓ ରାଜ୍ୟ ସଭାରେ ଜଣେ ସଦସ୍ୟ ଅଛନ୍ତି। ଏହି ସମର୍ଥନ ଏନ୍‌ସିଟି ଦିଲ୍ଲୀ ସଂଶୋଧନ ବିଲ, ୨୦୨୩କୁ ଗୃହୀତ କରାଇବାରେ କେନ୍ଦ୍ରକୁ ବଳ ଦେବ ବୋଲି କୁହାଯାଉଛି।



ପି. ଚିଦାମ୍ବରମ୍

ଅନ୍ୟପକ୍ଷେ ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ଏଥିଯୋଗୁ ଶକ୍ତ ଝଟ୍‌କା ଲାଗିଛି। ଏଏପି ଏମ୍‌ପି ରାଘବ ଚଢ଼ା କହିଛନ୍ତି, ଏହି ଦଳଗୁଡ଼ିକର କିଛି ତ ମଜବୁରି ଥିବ। ଏମିତି ବିନା କାରଣରେ କେହି ବେୱଫା ହୁଅନ୍ତି ନାହିଁ। ଇଚ୍ଛା ହେଉଛି ବହୁତ ସତ କହିବାକୁ। କିନ୍ତୁ ସବୁ କହିହେଉ ନାହିଁ।

ସେହିପରି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଦିଲ୍ଲୀ ସେବା କର୍ତ୍ତୃପକ୍ଷ ବିଲ୍‌କୁ ବିଜେଡି ଏବଂ ୱାଇଏସ୍‌ଆର୍‌ସିପିର ସମର୍ଥନ ଉପରେ ପ୍ରଶ୍ନ ଉଠାଇଛନ୍ତି। ଚିଦାମ୍ବରମ୍ କହିଛନ୍ତି, ବିଧେୟକକୁ ଭାଜପା ଏମ୍‌ପିଙ୍କ ସମର୍ଥନର କାରଣ ବୁଝି ହେଉଛି। କିନ୍ତୁ ଏହି ଦୁଇ ଦଳ ବିଲ୍‌କୁ ସମର୍ଥନ କରିବା ପଛର କାରଣ ବୁଝିହେଉନାହିଁ। ବିଜେଡି ଏବଂ ୱାଇଏସ୍‌ଆର୍‌ସିପି ଏଥିରେ ମେରିଟ୍ ପାଇଛନ୍ତି କି ବୋଲି ଚିଦାମ୍ବରମ୍ ଟୁଇଟ୍ କରିଛନ୍ତି।

# ଇଡି, ସିବିଆଇ ଭୟରେ ସମର୍ଥନ: ଶରତ

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ବିଜେଡି ସହ ଭାଜପା ମିଶିକି ଅଛି। ମଣିପୁର ହିଂସା ପ୍ରସଙ୍ଗରେ ନବୀନ ସରକାର ପଦୁଟିଏ ମତ ରଖିଲେ ନାହିଁ। ଏଥିରୁ ବୁଝାପଡିଲା, ମହିଳାଙ୍କ ପାଇଁ ତାଙ୍କର ଦରଦ ନାହିଁ। ଶାସକ ବିଜେଡି ଡରିକି ଅନାସ୍ଥା ପ୍ରସ୍ତାବକୁ ବିରୋଧକଲେ ଏବଂ ଭାଜପାକୁ ସମର୍ଥନକଲେ। ଏଭଳି କହି ବିଜେଡି ଉପରେ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରବଳ ବର୍ଷିବା ସହ ଇଡି ଓ ସିବିଆଇ ଭୟରେ ଭାଜପାକୁ ସମର୍ଥନ ଦେଉଛି ବୋଲି ଅଭିଯୋଗ କରିଛନ୍ତି। ଏହାସହ କେନ୍ଦ୍ରୀୟ ନେତାମାନେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିଜେଡିକୁ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ବିଜେଡି-ଭାଜପା ମଧ୍ୟରେ ଗୂଢ଼ ସମ୍ପର୍କ ରହିଛି। ପାର୍ଲାମେଣ୍ଟରେ ମୋଦି ସରକାରଙ୍କ ବିରୋଧରେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ବିଜେଡି ବିରୋଧ କରିବ ବୋଲି ଘୋଷଣା କରିଛି। ସେହିପରି ଦିଲ୍ଲୀ ଅଧ୍ୟାଦେଶକୁ ବିଜେଡି ସମର୍ଥନ ଦେବା ନେଇ ଘୋଷଣା କରିବା ସହ ଦଳୀୟ ଏମ୍‌ପିମାନଙ୍କୁ ହୁଇପ୍ ଜାରି କରିଛି। ଏଥିରୁ ଉଭୟ ବିଜେଡି ଓ ଭାଜପାର ଧମନୀରେ ସମାନ ରକ୍ତ ପ୍ରବାହିତ ହେଉଥିବା ସ୍ପଷ୍ଟ ହୋଇଛି। ଏବେ ଭାଜପାର ସଙ୍କଟମୋଚକ ବିଜେଡି ସାଜିଛି। ଯେତେବେଳେ ଭାଜପାର କେତେଜଣ ବରିଷ୍ଠ ନେତା ଘୋଷଣା କରୁଛନ୍ତି ସେମାନେ ବିଜେଡିକୁ ଜନ୍ମ ଦେଇଛନ୍ତି, ସେତେବେଳେ ଉଭୟ ଦଳ ମଧ୍ୟରେ କୌଣସି ପାର୍ଥକ୍ୟ ନ ରହିବା ସ୍ୱାଭାବିକ। ଓଡ଼ିଶାବାସୀ ବିଜେଡି ଓ ଭାଜପାର ଅସଲ ଉଦ୍ଦେଶ୍ୟ ବୁଝିବା ସହ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ ଦେବାକୁ ଶରତ ନିବେଦନ କରିଛନ୍ତି। ସେହିପରି କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଛନ୍ତି, ଯେଉଁ ମହିଳାଙ୍କ ପାଇଁ ନବୀନବାବୁ ଏତେ ବର୍ଷ ଜିତି ଆସୁଛନ୍ତି, ସେମାନଙ୍କ ପାଇଁ କ'ଣ କରିଛନ୍ତି। ନିଜ ସ୍ଥିତି ବଞ୍ଚାଇବା ପାଇଁ ନିଜ ବିବେକକୁ ନବୀନ ଜଳାଞ୍ଜଳି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ବିଧେୟକ ଆଇନରେ ପରିଣତ ହେଲେ ରାଜ୍ୟ ସରକାରଙ୍କ କ୍ଷମତା ସଙ୍କୁଚିତ ହେବ ଏବଂ ଅମଲାଙ୍କ କ୍ଷମତା ବୃଦ୍ଧି ପାଇବ। ସେହି ବିଧେୟକକୁ ସମର୍ଥନ ଜଣାଇ ବିଜେଡି ଘୋଷଣା କରିବାକୁ ଚାହେଁ ଯେ, ନିର୍ବାଚିତ ଲୋକପ୍ରତିନିଧି ନୁହନ୍ତି, ଅମଲାମାନେ ହିଁ ପ୍ରକୃତ ଶାସନ କର୍ତ୍ତା। ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଏହି ନିଷ୍ପତ୍ତି ଦ୍ୱାରା ଓଡ଼ିଶାର କି ଲାଭ ହେବ। ମୁଖ୍ୟମନ୍ତ୍ରୀ କେନ୍ଦ୍ରଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ ପାଇଁ କରିଥିବା ଦାବି ମିଳିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି, ମୋଦି ସରକାରକୁ ବିଜେଡି ସମର୍ଥନ ଦେବା ନୂଆ କଥା ନୁହେଁ। ରାଜ୍ୟବାସୀ ଜାଣନ୍ତି ଅତୀତରେ ଅନେକ କ୍ଷେତ୍ରରେ ବିଜେଡି ସମର୍ଥନ ଦେଇଆସିଛି।



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

କଂଗ୍ରେସ ଅଭିଯୋଗର ଜବାବ ରଖି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ୨୦୦୯ରୁ ଭାଜପା ଓ ବିଜେଡି ମେଣ୍ଟ ନାହିଁ। ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନରେ ଜୋର୍‌ଦାର ଲଢ଼ିବୁ। ଦାୟିତ୍ୱବାନ୍ ବିରୋଧୀ ଦଳ ଭାବେ ଆମେ କର୍ତ୍ତବ୍ୟ ନିର୍ବାହ କରିବୁ। ରାଜ୍ୟରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ ଜାରି ରହିବ। ଆଗାମୀ ଦିନରେ ରାଜ୍ୟରେ କୌଣସି ମେଣ୍ଟ ହେବ ନାହିଁ ବୋଲି ମନମୋହନ କହିଛନ୍ତି। ଅପରପକ୍ଷରେ ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ରାଜନୈତିକ ଦୃଷ୍ଟିକୋଣରୁ ସେମାନେ ଅଭିଯୋଗ କରୁଛନ୍ତି। ବିଜେଡି ସବୁବେଳେ ରାଜ୍ୟ ଓ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିଷ୍ପତ୍ତି ନେଇଛି।

**କେନ୍ଦ୍ର ସରକାରଙ୍କୁ ବିଜେଡିର ସମର୍ଥନ ନେଇ ଜୋର୍ ଧରିଲା ରାଜନୀତି**

- **ନିର୍ବାଚିତ ଲୋକପ୍ରତିନିଧି ନୁହେଁ, ଅମଲା ହିଁ ପ୍ରକୃତ ଶାସନ କର୍ତ୍ତା: ବିଜୟ**
- **ଆଗାମୀ ଦିନରେ କୌଣସି ମେଣ୍ଟ ହେବନାହିଁ: ମନମୋହନ**
- **ରାଜନୈତିକ ଦୃଷ୍ଟିକୋଣରୁ ଅଭିଯୋଗ କରୁଛନ୍ତି: ଅମର**

# କେନ୍ଦ୍ର ଶରଣରେ ବିଜେଡି: ମିଳିତ ବିରୋଧୀ ମେଣ୍ଟ

ଭୁବନେଶ୍ୱର, ୨।୮ (ଅନିଲ ଦାସ)

ମିଳିତ ବିରୋଧୀ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ପାର୍ଲାମେଣ୍ଟରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବକୁ ବିଜେଡି ବିରୋଧ କରିବ। ଦିଲ୍ଲୀ ସେବା ନିଯୁକ୍ତି ଓ ବଦଳି (ସଂଶୋଧନ) ବିଧେୟକକୁ ସମର୍ଥନ କରିବ। ସେଥିପାଇଁ ବିଜେଡି ସଂସଦୀୟ ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇଛି। ତେବେ ଭାଜପା ପାଖରେ ବିଜେଡି ନିଃସର୍ତ୍ତ ହାତ ଟେକିଦେବା ଓଡ଼ିଶା ସ୍ୱାର୍ଥବିରୋଧୀ। ରାଜ୍ୟ ମିଳିତ ବିରୋଧୀ ମେଣ୍ଟର ଆବାହକ ପ୍ରସାଦ ହରିଚନ୍ଦନ ବୁଧବାର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହା କହିଛନ୍ତି।

ପ୍ରେସ୍ ଇସ୍ତାହାରରେ କୁହାଯାଇଛି, ମୋଦି ସରକାରଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଖିଆସୁଥିବା ସ୍ୱତନ୍ତ୍ର ରାଜ୍ୟପାହ୍ୟା, 'ଫୋକସ୍ ଷ୍ଟେଟ୍' ମାନ୍ୟତା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି, ରାଜ୍ୟ ବିଧାନ ପରିଷଦ ଗଠନ ଭଳି କୌଣସି ଗୋଟିଏ ଦାବି ଆଜିଯାଏ ପୂରଣ ହୋଇନାହିଁ। ୨୦୦୮ କନ୍ଧମାଳ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗ କରି ବିଜେଡି ଭାଜପାର ହାତ ଛାଡ଼ିଥିଲା। ଫଳରେ ୨୦୦୯ ନିର୍ବାଚନରେ ଭାଜପା ବିରୋଧୀ ଜନମତକୁ ବିଜେଡି ହାତେଇବାରେ ସଫଳ ହୋଇଥିଲା। ଏନ୍‌ଡିଏ ଓ ୟୁପିଏଠାରୁ 'ସମଦୂରତା' ରଖିବାକୁ ନିଷ୍ପତ୍ତି ଘୋଷଣା ପରେ ପାର୍ଲାମେଣ୍ଟରେ ସମସ୍ତ ସରକାରୀ ବିଧେୟକକୁ ବିଜେଡି ସମର୍ଥନ କରିଆସିଛି। ରାଜ୍ୟ ସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭୋଟ ଦେଇ ବିଜୟୀ କରିଛି। ଏହିଭଳି ରାଜନୈତିକ ଚାଲ୍‌ବାଜି କରି ଓଡ଼ିଶାବାସୀଙ୍କୁ ବିଜେଡି ଭୁଆଁ ବୁଲେଇ ଆସିଛି ବୋଲି ବିରୋଧୀ ଦଳ ନେତାମାନେ କହିଛନ୍ତି। କେଉଁ କାରଣରୁ 'ଦୂରତା' ହଟେଇ ଭାଜପା ଆଡକୁ ପାଖେଇଗଲା ବୋଲି କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ (ଏମ୍‌ଏଲ୍), ସମତାକ୍ରାନ୍ତି ଦଳ, ସମାଜବାଦୀ ପାର୍ଟି, ଆର୍‌ଜେଡି, ସମୃଦ୍ଧ ଓଡ଼ିଶା, ଏନ୍‌ସିପି, ଫରୱାର୍ଡ ବ୍ଲକ, ରେଡ୍‌ଷ୍ଟାର, ଟିଏମ୍‌ସି, ଆପ୍, ଜେଏମ୍‌ଏମ୍, ଆର୍‌ପିଆଇ, ସିପିଆଇ ଲିବରେଶନ, ଜେଡିୟୁ ସମେତ ୧୭ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ପ୍ରଧାନମନ୍ତ୍ରୀ ଦେଶବିଦେଶ ଗସ୍ତ କରୁଥିବା ବେଳେ ଏଯାଏ ମଣିପୁରରେ ପାଦ ପକେଇଲେ ନାହିଁ। ଶାନ୍ତି ଫେରିବା ପାଇଁ ବାର୍ତ୍ତାଟିଏ ମଧ୍ୟ ଦେଲେ ନାହିଁ। ପାର୍ଲାମେଣ୍ଟ ଭିତରେ ବିବୃତି ରଖିଲେ ନାହିଁ। ଶେଷରେ ମିଳିତ ବିପକ୍ଷ ଦଳ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ମାଆକୁ ସମ୍ମାନ, ମହିଳା ସଶକ୍ତୀକରଣର ନାରା ଦେଇ ମହିଳା ଭୋଟବ୍ୟାଙ୍କ ହାତେଇ ଆସୁଥିବାବେଳେ ମଣିପୁରରେ ମହିଳାଙ୍କ ଉପରେ ହିଂସାକୁ ନେଇ ବିଜେଡି ପାଟି ଚୁପ୍ କରି ବସିଛି। ଦଳ ଅନାସ୍ଥା ପ୍ରସ୍ତାବ ପାଇଁ ତିନିଧାଡ଼ିଆ ହୁଇପ୍ ଜାରି କରିଥିବା ବେଳେ ମଣିପୁର ପାଇଁ ମୁଖ୍ୟମନ୍ତ୍ରୀ ଧାଡ଼ିଟିଏ ମଧ୍ୟ ଟୁଇଟ୍ କରିନାହାନ୍ତି। ବିଜେଡିର ମହିଳା ବିରୋଧୀ ଅସଲ ଚେହେରା ଧରା ପଡ଼ିଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗୋଟିଏ ଫୋନ୍ କଲରେ ମୁଖ୍ୟମନ୍ତ୍ରୀ ଖୋଲାଖୋଲି ବିଜେଡିକୁ ଭାଜପା ସେବାରେ ସମର୍ପି ଦେଇଛନ୍ତି। ବିଜେଡିର ଏଭଳି ରାଜନୈତିକ ଧୋକାବାଜି ଓଡ଼ିଶା ବିରୋଧୀ ନୀତିର କଡ଼ା ଜବାବ ଆଗାମୀ ଦିନରେ ଓଡ଼ିଶାବାସୀ ଦେବେ ବୋଲି ବିରୋଧୀ ମେଣ୍ଟ ନେତାମାନେ କହିଛନ୍ତି।

# ୨୩ % ଅନୁସୂଚିତ ଜନଜାତି ପଛେଇବାରେ ଲାଗିଛନ୍ତି: ଭାଜପା

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ଜନଜାତିଙ୍କ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ବିକାଶ ପାଇଁ ୧୯୬୧ ମସିହାରେ ଡେବାର କମିଶନ ଏବଂ ୧୯୯୪ରେ ଦିଲୀପ ସିଂହ ଭୁରିଆଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ ଅନେକ ପ୍ରସ୍ତାବ ଦେଇଥିଲେ। 'ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିନିୟମ (ପେସା)-୧୯୯୬' ଅନୁଯାୟୀ ଅନୁସୂଚିତ କ୍ଷେତ୍ରରେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱତନ୍ତ୍ର କ୍ଷମତା ରହିଛି। ପ୍ରତି ପଞ୍ଚାୟତରେ ହେଉଥିବା ଗ୍ରାମସଭା ଭଳି ପାରିତ ପ୍ରସ୍ତାବକୁ ପ୍ରାଧାନ୍ୟ ଦେଇ ସେହି ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ। ଏଥିସହ ଜଙ୍ଗଲ ଅଧିକାର ଆଇନ, ୩ୟ ଓ ୪ର୍ଥ ଶ୍ରେଣୀ ସରକାରୀ ପଦ ପାଇଁ ଅନୁସୂଚିତ ଜିଲାରେ ଜିଲାଭିତ୍ତିକ ନିଯୁକ୍ତିରେ ସ୍ଥାନୀୟ ଆଦିବାସୀଙ୍କୁ ଅଗ୍ରାଧିକାର, ସ୍ଥାନୀୟ ଆଦିବାସୀ ଭାଷାରେ ଜନଜାତି ପିଲାଙ୍କୁ ପ୍ରାଥମିକ ଶିକ୍ଷାଦାନ, ଉଚ୍ଚଶିକ୍ଷାରେ ଜନଜାତି ବର୍ଗ ଛାତ୍ରୀଛାତ୍ରଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦେବା ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ହେଲେ ରାଜ୍ୟରେ ୨୩ ବର୍ଷ ଶାସନ କରିଥିବା ବିଜେଡି ସରକାରଙ୍କ ଅପାରଗତା ପାଇଁ ରାଜ୍ୟର ମୋଟ ୨୩ ପ୍ରତିଶତ ଅନୁସୂଚିତ ଜନଜାତି ଦିନକୁ ଦିନ ପଛେଇବାରେ ଲାଗିଛନ୍ତି ବୋଲି ପୂର୍ବତନ ଏମ୍‌ପି ତଥା ଭାଜପା ନେତା ବଳଭଦ୍ର ମାଝି କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେଡି ସରକାରର ନେତା ଓ ମନ୍ତ୍ରୀମାନେ ଏହି ଫଣ୍ଡରେ ଆସୁଥିବା ଟଙ୍କାକୁ ବ୍ୟାପକ ହେରଫେର କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଆଦିବାସୀ ଅଧ୍ୟୁଷିତ ଖଣି ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଡିଏମ୍‌ଏଫ୍ ପାଣ୍ଠିରେ ଗଚ୍ଛିତ ଥିବା ୧୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାକୁ ଶାସକ ବିଜେଡି ନେତା ଓ କର୍ମୀମାନେ ବ୍ୟାପକ ଭାବେ ହରିଲୁଟ୍ କରିବା ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ଓଡ଼ିଶାରେ ଶାସନ କରୁଥିବା ଆଦିବାସୀଙ୍କ ବିକାଶ ବିରୋଧୀ ସରକାର ସମ୍ପର୍କରେ ବୁଧବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ଭେଟି ଅବଗତ କରାଇଛନ୍ତି।



ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ବୁଧବାର ଭାଜପା ପ୍ରତିନିଧି ଦଳ ଭେଟୁଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-346ETR, ତା.26.07.2023ରିଖ

**କାର୍ଯ୍ୟର ନାମ:** ତାଳଚେର-ବିମଳାଗଡ଼ ନୂଆ ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ସୁନାଖଣି-ସାମଲ ସେକ୍ସନ ମଧ୍ୟରେ 01 ଗୋଟି ଟନେଲର ଜେନେରାଲ ବିଦ୍ୟୁତୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 96.10 ଲକ୍ଷ, EMD (₹): 1,92,200/-, କାର୍ଯ୍ୟ ଶେଷ ହେବା ଅବଧି: 04 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.08.2023ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା / ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର - 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-50/CG/23-24

GOVERNMENT OF ODISHA
**OFFICE OF THE EXECUTIVE ENGINEER RURAL WORKS DIVISION, RAYAGADA**
Letter No. 1950 Date: 01.08.2023
**1st Corrigendum to Bid Identification No. EERWRGD-Online-02/2023-24, Dated: 19.07.2023**
No. O-521: In partial modification to this Office Bid Identification No. 02/2023-24 the following changes are made under unavoidable circumstance.
The availability of tender online for bidding from 07.08.2023 at 11.00 A.M. to 19.08.2023 upto 05.00 P.M. & Time for opening of tender 21.08.2023 at 11.00 A.M. in place of the availability of tender online for bidding from 01.08.2023 at 11.00 A.M. to 11.08.2023 upto 5.00 P.M. & Time for opening of tender 14.08.2023 at 11.00 A.M. respectively.
All other terms and conditions remain unchanged.
Sd./- Executive Engineer Rural Works Division, Rayagada
OIPR-25072/11/0003/2324

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1516 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.3832/OSIC/MKT Dt.02.08.2023
The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/ Manufacturers for procurement and supply of furniture and Amenities for the Classrooms and two Nos. of Hostels at Mahanadi Campus under Ravenshaw University, Cuttack. The detail specifications, quantity of the items along with terms and conditions is available in OSIC website. Any corrigendum/changes/modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.
By order of MD
Sd/-General Manager(O)
OIPR-14073/11/0044/2324

**ODISHA PUBLIC SERVICE COMMISSION, CUTTACK**
**NOTICE**
No. 6176/PSC Dt.02.08.2023
No. D-102: It is for information of all concerned that the written examination of Odisha Municipal Administrative Services - 2021 pursuant to Advt. No. 06 of 2022-23, scheduled to be held on 13.08.2023 vide this Office Notice No. 5116/PSC, Dt.26.06.2023 & 5964/PSC, Dt.24.07.2023 is hereby **postponed** till further notification. The date & programme of the said examination shall be notified later.
2. The candidates are advised to visit the website of the Commission at **http://opsc.gov.in** regularly for further information in this regard.
OIPR-12002/11/0076/2324 Sd./- Secretary

GOVERNMENT OF ODISHA No. A-392
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN**
At/P.O.: Laxmiposi, Dist.: Mayurbhanj, Mail Id: cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 13/23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A. Construction of Haripur Distributary from RD 00m to RD 7550m with its all minors and sub-minors including all structures, CC lining and service road.<br>B. Raising and strengthening of Nilda TRE Saline Embankment<br>C. Restoration and protection to right bank of river Budhabalanga near Village: Palusia, Rabaneswar, Kalyanpur, Alada, Makand A & Haldia.<br>D. Raising and strengthening of Parikhi Saline embankment. |
| 2 | Estimated Cost | A. Rs.9874.37 Lakh<br>B. Rs.1096.62 Lakh<br>C. Rs.1255.70 Lakh<br>D. Rs.987.05 Lakh |
| 3 | Bid Security/E.M.D. | A. Rs.98,74,400/-<br>B. Rs.10,96,700/-<br>C. Rs.12,55,700/-<br>C. Rs.9,87,100/- |
| 4 | Period of Completion | For 1. A. 30 (Thirty) Calendar Months, 1. B., 1. C. & 1. D. - 18 (Eighteen) Calendar Months |
| 5 | Class of Contractor | For 1. A. "Super" Class<br>1. B., 1. C. & 1. D.: "A" Class and "Special" Class |
| 6 | Date & Time of availability of bid document in the portal | 09.08.2023 at 10.00 A.M. |
| 7 | Last date/time for receipt of bid in the portal | 04.09.2023 upto 5.00 P.M. |
| 8 | Date & time for Pre-Bid Conference | For Sl. No. 1 A.:- 24.08.2023 Office of the CE & BM, S&B Basin, Laxmiposi in physical/virtual mode through Google Meet. The interested bidder should ask to link giving their email Id to: **cebmsbb2019@gmail.com** (Joining time in Google Meet 11.00 A.M. to 11.30 A.M. |
| 9 | Date of Opening of Bid | 05.09.2023 at 11.00 A.M. |
| 10 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal "**https://tendersodisha.gov.in**".
OIPR-32074/11/0023/2324 Sd./- Chief Engineer & Basin Manager

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## ସଂକ୍ଷେପରେ

### ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୫୫୦ ଛୁଇଁଲା

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ରାଜଧାନୀରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶେଷ ୨୪ ଘଣ୍ଟା ମଧ୍ୟରେ ୪୭ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୫୦ରେ ପହଞ୍ଚିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ସୁଦ୍ଧା ନୟାପଲ୍ଲୀରୁ ସର୍ବାଧିକ ୬୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ୟୁନିଟ୍‌-୯ରୁ ୨୭ଜଣ, ଜୟଦେବ ବିହାରରୁ ୨୫ଜଣ, ସତ୍ୟନଗରରୁ ୨୪ଜଣ, ବରମୁଣ୍ଡା ଓ ଶହୀଦନଗରରୁ ୨୦ ଜଣ ଲେଖାଏ, ପୁରୁଣା ଭୁବନେଶ୍ୱରରୁ ୧୨ଜଣ ଏବଂ ଅନ୍ୟ ଅଞ୍ଚଳରୁ ଏକାଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଗାଡ଼କଣ ଆଦିମାତା କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଗୋବିନ୍ଦଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବିଜ୍ଞାନମେଳାକୁ ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ କାର୍ତ୍ତିକଚନ୍ଦ୍ର ସ୍ୱାଇଁ ଏହାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ମୁଖ୍ୟ ଦୀପ୍ତିମୟ ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ପବିତ୍ର କୁମାର ସାହୁ ଶିଶୁମାନଙ୍କୁ ମୂଲ୍ୟବୋଧକ ବକ୍ତବ୍ୟ ଦେଇଥିଲେ। ଏହି ମେଳାରେ କନିଷ୍ଠ ବର୍ଗର ୬୧ଟି ପ୍ରକଳ୍ପ, ଶିଶୁବର୍ଗର ୨୭ଟି ପ୍ରକଳ୍ପ, ବାଲ୍‌ବର୍ଗ ୪୦ଟି ପ୍ରକଳ୍ପ ଓ କିଶୋର ବର୍ଗର ୩୨ଟି ପ୍ରକଳ୍ପ ସ୍ଥାପିତ ଥିଲା। ଗଣିତ, ବିଜ୍ଞାନ, ସଂସ୍କୃତି ଜ୍ଞାନ, ପ୍ରଶ୍ନ ମଞ୍ଚ, ପତ୍ରବାଚନ, ମୂର୍ତ୍ତି କଳା, କଥା କଥନ ପ୍ରମୁଖ ପ୍ରତିଯୋଗିତାରେ ମୋଟ ୨୨୫ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବାଲିପାଟଣା,୨।୮ (ଅଭିମନ୍ୟୁ ନାୟକ)

ଶିଶୁଅନନ୍ତ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ବୁଧବାର ଏନେଇ ଏକ ଉତ୍ସବ ଆୟୋଜିତ ହୋଇଥିଲା। ଅତିଥିଭାବେ ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ବୁଲବୁଲ ବେହେରା, ବିଇଓ ଆକାଂକ୍ଷିତା ପ୍ରିୟଦର୍ଶିନୀ ପ୍ରଧାନ, ପୂର୍ବତନ ଜଲାପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ଶିକ୍ଷା ଏକ ସାଧନା, ସମାଜରେ ପ୍ରତିଷ୍ଠା ଲାଭ କରିବାକୁ ହେଲେ ଶିକ୍ଷାକୁ ପ୍ରାଧାନ୍ୟ ଦେବାକୁ ହେବ ବୋଲି କହିଥିଲେ। ଅନୁଷ୍ଠାନର ଶୃଙ୍ଖଳା ରକ୍ଷା କରି ଜଣେ ଉତ୍ତମ ଶିକ୍ଷାର୍ଥୀ ହେବା ପାଇଁ ଚେଷ୍ଟା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ନିମାଇଁ ଚରଣ ଜେନାଙ୍କ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ସରୋଜ ରାୟ, ଡ.ଅଭିଜିତ ସାହୁ, ସତ୍ୟନାରାୟଣ ରଥ, ରଶ୍ମିତା ମହାପାତ୍ର, ଅଭୟ ତ୍ରିପାଠୀ, ଚାନ୍ଦ ବିବି, ମଧୁମତି ରଥ, ମାନସୀ ଷଡ଼ଙ୍ଗୀ, ଲକ୍ଷ୍ମୀଧର ସେଠୀ, ମାମିନା ସାହୁ, ନିରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବେଆଇନ ବାଲି ଚାଲାଣ, ୮ ହାଇୱା ଜବତ

କଟକ ସଦର,୨।୮ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମ ନିକଟ କାଠଯୋଡ଼ି ନଦୀଘାଟରୁ ବେଆଇନ ଭାବେ ବାଲି ଉଠାଇବା ଅଭିଯୋଗରେ ପୋଲିସ ମଙ୍ଗଳବାର ରାତିରେ ୮ଟି ହାଇୱା ଜବତ କରିଥିଲା। ଏଥିସହ ଜବତ ଗାଡିର ମାଲିକମାନଙ୍କୁ ନୋଟିସ ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉକ୍ତ ଘାଟରୁ ବେଆଇନ ଭାବେ ବାଲି ଉଠାଯାଉଥିଲା। ଖବରପାଇ କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ଦୁର୍ଗାଶଙ୍କର ଦାଶ, ହାଡ଼ିବନ୍ଧୁ ସାହୁ, ଦୁର୍ଗାଚରଣ ପ୍ରଧାନ, ଋଷି କାଣ୍ଡି, ପ୍ରଭାତ ଦାଶ, ସୁରେନ୍ଦ୍ର ନାୟକ, ଭାଗବତ ପତି ଓ ଅନିଲ ଭୋଇ ପ୍ରମୁଖ ସେଠାରେ ପହଞ୍ଚି ହାଇୱା ସମ୍ମୁଖରେ ବିକ୍ଷୋଭ କରିବାରୁ ଗାଡ଼ିଗୁଡ଼ିକ କଟକ ଅଭିମୁଖେ ଯାଇପାରି ନ ଥିଲା। ଅନ୍ୟପକ୍ଷରେ ଆଉ ୬ଟି ଗାଡ଼ି ସେହି ସ୍ଥାନରୁ ଖସି ପଳାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ଗାଡ଼ିଗୁଡ଼ିକୁ ଥାନାକୁ ନେଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨୫୭/୨୩) ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଳିଆ, ଜଳ ଘେରରେ ବିଏମ୍‌ସିର ର୍‍ୟାଙ୍କିଂ ସ୍ୱପ୍ନ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ବର୍ଷାରେ ଭୁବନେଶ୍ୱରରେ ସହରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅତିରିକ୍ତ ଜଳ ନିଷ୍କାସନରେ ବ୍ୟସ୍ତ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପରିମଳ ବ୍ୟବସ୍ଥାରେ ପଛରେ ପଡ଼ିଛି। ଏପରିସ୍ଥିତିରେ ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ର୍‍ୟାଙ୍କ୍ ହାସଲ ପାଇଁ ସ୍ୱପ୍ନ ଦେଖୁଛନ୍ତ ବିଏମ୍‌ସି ଅଧିକାରୀ। ଏଥିପାଇଁ ବିଏମ୍‌ସି ସପକ୍ଷରେ ମତାମତ ଦେବାକୁ ଲୋକଙ୍କୁ ଉତ୍ସାହିତ କରିବାରେ ଲାଗିପଡିଛି ବିଏମସି ଟିମ୍। କିନ୍ତୁ ବର୍ଷା ହେବା ପରଠାରୁ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସହରବାସୀଙ୍କଠାରୁ ଭଲ ମତ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହାସତ୍ତ୍ୱେ କିପରି ଅଧିକରୁ ଅଧିକ ସଂଖ୍ୟକ ମତ ସଂଗ୍ରହ ହୋଇପାରିବ ସେନେଇ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶପିଂ ମଲ୍ ଆଦିରେ ବିଏମସି ଅଧିକାରୀ ଓ କର୍ମଚାରୀ ଡେରା ପକାଉଛନ୍ତି। ବୁଧବାର ଏକାଧିକ କଲେଜରେ ଏହି ଟିମ୍ ପହଞ୍ଚି ଛାତ୍ରୀଛାତ୍ରଙ୍କ ମତ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ଶପିଂ ମଲକୁ ଆସୁଥିବା ଗ୍ରାହକଙ୍କଠାରୁ ମଧ୍ୟ ମତ ଗ୍ରହଣ କରାଯାଇଥିଲା। ସୋସିଆଲ ମିଡିଆରେ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ସହରବାସୀ ସକାରାତ୍ମକ ମତ ଦିଅନ୍ତୁ ବୋଲି ବିଏମ୍‌ସି ପକ୍ଷରୁ ଅପିଲ କରାଯାଉଛି। ସେହିପରି ପ୍ରତି ୱାର୍ଡର କର୍ପୋରେଟରମାନେ ଲୋକଙ୍କ ମତ ସଂଗ୍ରହ ପାଇଁ ପ୍ରୟାସ କରିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ମାତ୍ର ଅଳିଆ ଆବର୍ଜନା ତଥା ଜଳଘେରରେ ବନ୍ଦୀ ରାଜଧାନୀବାସୀ ମତ ଦେବା ପରିବର୍ତ୍ତେ ବିଏମ୍‌ସିକୁ ସମାଲୋଚନା କରୁଥିବାରୁ ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ର୍‍ୟାଙ୍କ୍ ପାଇବା ଆଶା ଧୀରେ ଧୀରେ ମଉଳି ଯିବାକୁ ଲାଗିଛି।

**ସ୍ୱଚ୍ଛ ସର୍ବେକ୍ଷଣ ମତାମତ ପାଇଁ ଶିକ୍ଷାନୁଷ୍ଠାନ, ଶପିଂମଲ୍‌ରେ ବିଏମ୍‌ସି ଟିମ୍**





ଦୟା ୱେଷ୍ଟ୍ କେନାଲ ଉପରେ ଲକ୍ଷ୍ମୀସାଗର ନିକଟରେ ଥିବା ବ୍ରିଜ୍‌ରେ ଅଳିଆ ଗଦା ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି।

# ଗଣେଶ ପୂଜାରେ ଆସିବ ଚଳଚ୍ଚିତ୍ର 'ହେ ରାମ୍'



ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଧର୍ମାନ୍ତୀକରଣକୁ ନେଇ ଆସୁଛି ଚଳଚ୍ଚିତ୍ର ହେ ରାମ୍। ସର୍ବ ଧର୍ମକୁ ସମ୍ମାନ ଦେବା ସହ ବିର୍ସା ମୁଣ୍ଡା କିଭଳି ସବୁ ଧର୍ମକୁ ସମ୍ମାନ ଦେଉଥିଲେ ତାହା ଏହି ଚଳଚ୍ଚିତ୍ରରେ ଦେଖାଯାଇଛି। ମୁଖ୍ୟ ଭୂମିକାରେ ଅଭିନେତା ସମ୍ପିତ ପାତ୍ର ଥିବା ବେଳେ ଅଭିନେତ୍ରୀ ଅଙ୍କିତା ରହିଛନ୍ତି। ଭିଦିଶା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ଗଣେଶ ପୂଜାରେ ଆସିବ। ବାସୁଦେବ ବରାଡ଼ ଏହାର କାହାଣୀ, ନିର୍ଦ୍ଦେଶନା ଓ ଚିତ୍ରନାଟ୍ୟ କରିଥିବା ବେଳେ ପ୍ରଯୋଜକ ବିଜୟ କାଣ୍ଡୋଇ ରହିଛନ୍ତି। ଚଳଚ୍ଚିତ୍ରଟି ଗଣେଶ ପୂଜାରେ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଗ୍ରାମାଞ୍ଚଳରେ ନିର୍ମାଣ ହେବ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ ପାର୍କ

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶାର ବିଭିନ୍ନ ବ୍ଲକ୍‌ରେ ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠାକୁ ନେଇ ବୁଧବାର ଭୁବନେଶ୍ୱର କୃଷି ଭବନ ଅଡିଟୋରିୟମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ବିଡିଓଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାକୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲୋହାନୀ କହିଥିଲେ, ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ ପାର୍କ ଦ୍ୱାରା ଉତ୍ପାଦକ ଗୋଷ୍ଠୀଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ପରିଣତ କରିବା ପାଇଁ ସହଜ ମାଧ୍ୟମ ହେବ। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ଏହାର ଏକ ସଫଳ ପରୀକ୍ଷଣ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୫ଟି ବ୍ଲକ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୫ଟି ବ୍ଲକରେ ଏହି ପାର୍କ ନିର୍ମାଣ କରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ସେହିପରି ମିଶନ ଶକ୍ତି ବିଭାର କମିଶନର ତଥା ସଚିବ ସୁଜାତା ଆର୍. କାର୍ତ୍ତିକେୟନ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ ପାର୍କ ଏକ ଚେଞ୍ଜ୍ ମେକର ହେବା ସହ ସ୍ୱୟଂ ସହାୟିକ ଗୋଷ୍ଠୀଗୁଡିକୁ ନିଯୁକ୍ତି ଦେବା ପରିବର୍ତ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଇବ ବୋଲି କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସହିତ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତିକରଣ ବିଭାଗ ପକ୍ଷରୁ ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ଦିଗରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ୮୦ଟି ବ୍ଲକର ବିଡିଓଙ୍କ ସମେତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ଆଇଟିଆଇରେ ଭର୍ଚୁଆଲ ରିୟଲିଟି ଲାବରେଟୋରି ଉଦ୍‌ଘାଟିତ

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ ସରକାରୀ ଆଇଟିଆଇଠାରେ ଏକ ଭର୍ଚୁଆଲ ରିୟଲିଟି ଲାବରେଟୋରି ବୁଧବାର ଉଦ୍‌ଘାଟିତ ହୋଇଛି। ଦକ୍ଷତା ବିକାଶ କ୍ଷେତ୍ରରେ ନୂତନ କୌଶଳ ପଦ୍ଧତି ଆପଣେଇ ଯୁବପିଢ଼ୀକୁ ଆଧୁନିକ ଶିଳ୍ପ ଜଗତର ଚାହିଦା ମୁତାବକ ସଶକ୍ତ କରାଇବା ତଥା ସ୍କିଲ୍ଡ ଇନ୍ ଓଡିଶା ବ୍ରାଣ୍ଡକୁ ବିଶ୍ୱ ପେଷାଦାର ବଜାରରେ ବହୁଳ ଆଦୃତ କରାଇବା ଏହାର ଲକ୍ଷ୍ୟ ରହିଛି। ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜି, ଆଇଟିଆଇ ଭୁବନେଶ୍ୱର ଅଧକ୍ଷା, ପ୍ରଶିକ୍ଷକମଣ୍ଡଳୀ ଓ ପ୍ରଶିକ୍ଷାର୍ଥୀଙ୍କ ଉପସ୍ଥିତିରେ ଏହି ତାଲିମ କାର୍ଯକ୍ରମର ଶୁଭାରମ୍ଭ ହୋଇଛି। ଡିଜିଟାଲ ଯୁଗରେ ଶିକ୍ଷା ଉଭୟ ଦାନ ଓ ଗ୍ରହଣ ପ୍ରଣାଳୀ ଚକ୍ ଡଷ୍ଟରରେ ସୀମିତ ନ ହୋଇ ମଲ୍ଟିମେଡ଼ିଆ ଓ ସିମୁଲେଶନ ପଦ୍ଧତି ଆପଣେଇ ନେଇଛି। ଭର୍ଚୁଆଲ ରିୟଲିଟି ପଦ୍ଧତିରେ କମ୍ପୁଟର ସଫ୍ଟୱେର ମାଧ୍ୟମରେ କୌଣସି ବସ୍ତୁ ବା ଯନ୍ତ୍ରାଂଶର ବାସ୍ତବତା ଅତି ନିଖୁଣ ଭାବରେ ଶ୍ରେଣୀ ଗୃହରେ ଦେଖାଇ ତାହା ଉପରେ କୁଶଳୀ ତାଲିମ ଦିଆଯିବାର ସୁବିଧା ହୋଇପାରୁଛି। ଏହିପରି ପଦ୍ଧତି ବୈଷୟିକ ଶିକ୍ଷା ଓ ତାଲିମ କ୍ଷେତ୍ରରେ ଏକ ନୂତନତ୍ୱ ଆଣିବା ସହିତ ଆଧୁନିକ ଶିଳ୍ପ ଜଗତର ମାନବ ସମ୍ବଳର ଚାହିଦା ମେଣ୍ଟାଇ ପାରିବ ବୋଲି ବିଭାଗର ନିର୍ଦ୍ଦେଶକ ରେଘୁ ଜି କହିଛନ୍ତି। ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ଅଧୀନସ୍ଥ ନ୍ୟାଶନାଲ ଇନଷ୍ଟ୍ରକସନାଲ ମିଡିଆ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଯୋଗଦେଇ କହିଲେ, ଏହି ପଦ୍ଧତିରେ ତାଲିମ କାର୍ଯ୍ୟକ୍ରମ ସମଗ୍ର ଭାରତ ବର୍ଷରେ ୫ଟି ସରକାରୀ ଆଇଟିଆଇରେ ପାଇଲଟ ପ୍ରକଳ୍ପ ଭାବରେ ଆରମ୍ଭ ହୋଇଛି। ଏଥିରେ ଓଡିଶାର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଭୁବନେଶ୍ୱରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପ ଜରିଆରେ ଫିଟର, ଇଲେକ୍ଟ୍ରିସିଆନ, ୱେଲ୍ଡର ଓ ମୋଟରଯାନ ମେକାନିକ ଟ୍ରେଡଗୁଡିକର ପ୍ରାୟ ୧୫୦ଟି ପ୍ରାକ୍ଟିକାଲ ଭର୍ଚୁଆଲ ରିୟଲିଟ ସଫ୍ଟୱାର ପଦ୍ଧତିରେ ହୋଇପାରିବ। ଚେନ୍ନାଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ଶ୍ରୀନିବାସ ରାଓଙ୍କ ସମେତ ନିର୍ଦ୍ଦେଶାଳୟର ଉଚ୍ଚପଦସ୍ଥ ଅଧିକାରୀ ଏବଂ ରାଜ୍ୟର ସମସ୍ତ ୭୭ଟି ସରକାରୀ ଆଇଟିଆଇର ଅଧକ୍ଷ ଓ ପ୍ରଶିକ୍ଷକମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇଥିଲେ।



**ଆରମ୍ଭ ହେଲା ତାଲିମ କାର୍ଯ୍ୟକ୍ରମ**

# କାର୍ଡିଓଲୋଜି ବିଭାଗର ଇକୋ ମେଶିନ ଅଚଳ

ଭୁବନେଶ୍ୱର,୨।୮ (ଅଭିଜିତ ଦାସ)

କ୍ୟାପିଟାଲ ହସ୍ପିଟାଲର ହୃଦ୍‌ରୋଗ (କାର୍ଡିଓଲୋଜି) ବିଭାଗରେ ଥିବା ଇକୋ ମେଶିନର ମଦରବୋର୍ଡ ପୋଡ଼ିଯିବା ଯୋଗୁ ଦୀର୍ଘଦିନ ହେଲା ଏହା ଅଚଳ ହୋଇ ରହିଛି। ଏହାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ମେଶିନଟି ଜର୍ମାନ କମ୍ପାନୀର ହୋଇଥିବାବେଳେ ଏହାକୁ ମରାମତି କରିବା ନେଇ ସମ୍ପୃକ୍ତ କମ୍ପାନୀକୁ ଚିଠି ଲେଖାଯାଇଥିଲା। ସମ୍ପୃକ୍ତ କମ୍ପାନୀର କର୍ମଚାରୀ ଆସି ଯାଞ୍ଚ କରିଥିଲେ। ତେବେ ଏହାର ମରାମତି ପାଇଁ କେତେଦିନ ଲାଗିବ ସେନେଇ କର୍ତ୍ତୃପକ୍ଷ କିଛି ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି। ହୃଦ୍‌ରୋଗ ବିଭାଗକୁ ଦୈନିକ ୧୬୦ରୁ ୧୮୦ ରୋଗୀ ଆସୁଛନ୍ତି। ଇକୋ ମେଶିନ ଅଚଳ ଯୋଗୁ ଇସିଜିରେ କାମ ଚଳିଯାଉଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଦିଲୀପ ପଣ୍ଡା କହିଛନ୍ତି, ଇକୋ ମେଶିନକୁ ସମ୍ପୃକ୍ତ କମ୍ପାନୀ କର୍ମଚାରୀ ଯାଞ୍ଚ କରିଛନ୍ତି ଏବଂ ଖୁବଶୀଘ୍ର ମରାମତି କରାଯିବ।

# ସୀମା ସମସ୍ୟା ନେଇ ଉତ୍କଳ ସମ୍ମିଳନୀର ଉଦ୍‌ବେଗ

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

**ବାରମ୍ବାର ଦାବି ପରେ ଶୁଣୁନାହାନ୍ତି ରାଜ୍ୟ, କେନ୍ଦ୍ର ସରକାର**

ସୀମା ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛି ଉତ୍କଳ ସମ୍ମିଳନୀ। କୋଟିଆରେ ଆଉ କେତେଦିନ ଲୁଚକାଳି ଖେଳ ଚାଲିବ ବୋଲି ସମ୍ମିଳନୀ ପ୍ରଶ୍ନ କରିଛି। ନିକଟରେ କୋରାପୁଟ ଜିଲା ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପର ଜଲାପୁଟ ଜଳଭଣ୍ଡାର ନିକଟରେ ଲାଗିଥିବା ଓଡିଆ ନାମ ଫଳକକୁ ଆନ୍ଧ୍ର ଅଧିକାରୀ ଫୋପାଡିବା ପରେ ଓଡିଶା ଭାଜପା କର୍ମୀ ଫଳକ ଲଗାଇଥିଲେ ଓ ନନ୍ଦପୁର ବିଡିଓ ଏବଂ ତହସିଲଦାର ସ୍ଥିତି ଅନୁଧ୍ୟାନ କରିଥିଲେ । ମଙ୍ଗଳବାର ପୁଣିଥରେ ସେହି ଫଳକ ଓପାଡିବାକୁ ଆନ୍ଧ୍ର ଅଧିକାରୀ ଉଦ୍ୟମ କରି ବିରୋଧର ସମ୍ମୁଖୀନ ହେବାରୁ ବିଫଳ ହୋଇ ଫେରି ଯାଇଛନ୍ତି। ସେହିଭଳି କୋରାପୁଟ ଜିଲା ନନ୍ଦପୁର ବ୍ଲକର ରାଇପାହାଡକୁ ନେଇ ଦେଖା ଦେଇଥିବା ବିବାଦର ସମାଧାନ ପାଇଁ ଓଡିଶା ଓ ଆନ୍ଧ୍ର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଦୁଇ ଦୁଇଥର ବୈଠକ ହୋଇଥିବାବେଳେ ଆନ୍ଧ୍ର ଅଧିକାରୀମାନେ ସମାଧାନକୁ ନ ଯାଇ ବାହାନା ଦେଖାଇ ଓଡିଶା ସହିତ ଖେଳ ଖେଳୁଛନ୍ତି। ସେପଟେ କୋଟିଆରେ ଆନ୍ଧ୍ର ଅଧିକାରୀ ଅନୁପ୍ରବେଶ କରି ଜଗନ୍ନ ସୁରକ୍ଷା ଯୋଜନା କିଟ୍ ବାଣ୍ଟୁଛି। ସ୍ଥାୟୀ ସମାଧାନ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ବାରମ୍ବାର ଦାବି କଲେ ମଧ୍ୟ କେନ୍ଦ୍ର କି ରାଜ୍ୟ ସରକାର କେହି କର୍ଣ୍ଣପାତ କରୁ ନାହାନ୍ତି। ମୁଖ୍ୟ ଶାସନ ସଚିବଙ୍କୁ ଆଲୋଚନା ପାଇଁ ସମୟ ମାଗିଲେ ମଧ୍ୟ ସେ ସମୟ ଦେଉ ନାହାନ୍ତି। ଠିକ୍ ସେହିଭଳି କେନ୍ଦ୍ର ସରକାର ବୋଧହୁଏ ଆସାମରେ ଯେମିତି ଜବାନଙ୍କ ପ୍ରାଣହାନି ଘଟିଛି, ଓଡିଶାରେ ସେଭଳି କିଛି ଘଟିବା ପର୍ଯ୍ୟନ୍ତ ଅପେକ୍ଷା କରିଛ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ଉଦବେଗ ପ୍ରକାଶ କରି କହିଛନ୍ତି।

# ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

କଟକ,୨।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

**କଟକ ଜିଲାରେ ୫୮୧ ମିମି ବର୍ଷା ରେକର୍ଡ**

- ନଦୀରେ ଜଳସ୍ତର ବଢୁଛି
- ଅନେକ ସ୍ଥାନରେ ଲୋକେ ଜଳବନ୍ଦୀ
- ସ୍ଥିତି ପରଖିଲେ ମେୟର, କର୍ପୋରେଟର
- ପାଣି ନିଷ୍କାସନ ପାଇଁ ୨୦୦ରୁ ଉର୍ଦ୍ଧ୍ୱ ଭଲ୍‌ବୋ ପମ୍ପ ନିୟୋଜିତ

ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। କଟକରେ ୫୮୧ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଲାଗି ରହିଥିବାରୁ ମହାନଦୀ ଓ କାଠଯୋଡିରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ଯୋଗୁ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସହରର ଅନେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ତଳିଆ ଅଞ୍ଚଳଗୁଡିକରୁ ୨୦୦ରୁ ଉର୍ଦ୍ଧ୍ୱ ଭଲ୍‌ବୋ ପମ୍ପ ସହାୟତାରେ ପାଣି ନିଷ୍କାସନ କରାଯାଉଛି। ସୋମବାରଠାରୁ ବର୍ଷା ଲାଗି ରହିଛି। ଏଥିସହ ଡ୍ରେନ୍‌ରୁ ବାହାରୁଥିବା ପାଣି ରାସ୍ତାରେ ଲହଡ଼ି ଭାଙ୍ଗୁଛି। ଫଳରେ ଯାତାୟାତରେ ସମସ୍ୟା ଦେଖାଦେଇଛି। କଟକ ବାଦାମବାଡ଼ି, ରକ୍ସିଲେନ୍, ରୋଭର ଷ୍ଟ୍ରିଟ୍, ମେରିଆ ବଜାର, ସୂତାହାଟ, ରାଉସାପାଟଣା ଆଦି ଅଞ୍ଚଳରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରିବାରୁ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା। ଏପରି କି ଲୋକଙ୍କ ଘରେ ପାଣି ପଶିଥିଲା। ଅନେକ ତଳିଆ ଅଞ୍ଚଳରେ ଡ୍ରେନ୍ ଓ ରାସ୍ତା ଏକାକାର ହୋଇଯାଇଛି। ନିର୍ମାଣାଧୀନ ବକ୍ସ ଡ୍ରେନ୍ ଯୋଗୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ସିଏମ୍‌ସି ମେୟର ସୁବାସ ସିଂ ବୁଧବାର ସହରର ଅନେକ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିଥିଲେ। କର୍ପୋରେଟର ଏ. ଶ୍ରୀଦେବୀ, ଚନ୍ଦନ ଜେନା ଓ ପ୍ରଦୀପ୍ତ ସାହୁ ପ୍ରମୁଖ ପଟାପୋଲଠାରୁ ଆରମ୍ଭ କରି ପ୍ରଭାସ ସିନେମା ହଲ, ଫ୍ରେଣ୍ଡ୍ସ କଲୋନୀ, ଗହ୍ମାଡିଆ ଅଞ୍ଚଳ ବୁଲି ଜଳବନ୍ଦୀ ସ୍ଥିତି ଦେଖିଥିଲେ। ତୁରନ୍ତ ଉକ୍ତ ସ୍ଥାନରୁ ଖୁବ୍‌ଶୀଘ୍ର କିପରି ଜଳ ନିଷ୍କାସନ କରାଯିବ, ସେ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।


ସିଏମ୍‌ସି ମେୟର ସୁବାସ ସିଂ ବର୍ଷାଜଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।


ଗୋପବନ୍ଧୁ ବିହାର ରାସ୍ତାରେ ବର୍ଷାପାଣିର ସୁଅ।


ମେରିଆ ବଜାର କେନାଲ ରୋଡ୍ ଜଳମଗ୍ନ।

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା, ୩ ଅଟକ

ପୁରୀ,୨।୮(ଅଜିତ ମହାନ୍ତି)

ବହୁ ଚର୍ଚ୍ଚିତ ପୁରୀର ଯୁବ ବ୍ୟବସାୟୀ ସୋମନାଥ(କପ) ସାହୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବା ୩ଜଣ ଯୁବକଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଅଟକ ରଖିଛି। ଘଟଣା ଘଟାଇଥିବା ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଜିଲା ବାହାରୁ ଧରିଥିବା ସୂଚନା ମିଳିଛି। ତେବେ ପୋଲିସ ଏ ନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେବେ। ସୂଚନାଯୋଗ୍ୟ, ଗତ ମାସ ୨୬ତାରିଖରେ ପୁରୀର ଯୁବ ବ୍ୟବସାୟୀ ତଥା ନେତା ସୋମନାଥ ସାହୁ ରେଡକ୍ରସସ୍ଥିତ ତାଙ୍କ ପାଣି ଗୋଦାମରେ ବସି କାର୍ଯ୍ୟ କରୁଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କ ପାଣି ଗୋଦାମରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପ୍ରଥମେ ପୁରୀ ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେ। ଏ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୩ଟି ଟିମ୍ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ୩ଜଣଙ୍କୁ ଉଠାଇ ଆଣି ଅଟକ ରଖିଛି।

### ରାସ୍ତାରେ ଓଲଟିଲା ପଥର ବୋଝେଇ ଗାଡ଼ି

ପିପିଲି,୨।୮(ଦୁର୍ଗାମାଧବ ମିଶ୍ର)

ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନରେ ଏକ ପଥର ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ରାସ୍ତା ଉପରେ ପଡିଥିବା ଗାଡ଼ିକୁ ହଟାଇବା ସହ ପଥରକୁ କାଢ଼ିଥିଲା। ସୂଚନା ଅନୁଯାୟୀ, ପଥର ବୋଝେଇ ନେଇ ଆସୁଥିବା ଏକ ୪୦୭ ଗାଡ଼ି ହଠାତ୍ ପିପିଲି ବ୍ଲକ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ରାସ୍ତା ଉପରେ ପଥର ପଡିରହିବାରୁ ଯାତାୟାତରେ ଅସୁବିଧା ଦେଖାଦେଇଥିଲା। ସେପଟେ ଦୁର୍ଘଟଣା ଘଟାଇ ଗାଡି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ।

### ୨ ଖଣ୍ଡା, ଛୁରି, ଟର୍ଚ୍ଚଲାଇଟ ଜବତ: ୫ ଗିରଫ

ପୁରୀ ୨।୮( ଅଜିତ୍ ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବା ୫ ଯୁବକଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଲୋକନାଥ ରୋଡ ଥାନାପତି ଲେନ୍‌ର ନିର୍ମଳ ପ୍ରଧାନ(୨୮), ବଡେଇ ଲେନ୍‌ର ସନ୍ତୋଷ ମିଶ୍ର (୩୦), ମିଶ୍ର ନୋଳିଆ ସାହିର ତ୍ରିପତି ବେହେରା(୨୮), ଗୋଖା ସାହିର ପତିତ ବେହେରା (୨୩) ଏବଂ କୁମ୍ଭାରପଡା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହିର ସୁଶାନ୍ତ ବିଶୋଇ ଓରଫ ଅର୍ଜୁନ(୨୮)। ସେମାନଙ୍କଠାରୁ ୨ଟି ଖଣ୍ଡା, ୨ଟି ଲୁହାରଡ, ଗୋଟିଏ ଛୁରି, ଗୋଟିଏ ଟ୍ରଚଲାଇଟ୍, ଲଙ୍କାଗୁଣ୍ଡ, ୬ଟି ଖାଲି ବୋତଲ, ଗୋଟିଏ ମୋବାଇଲ ଫୋନ ଏବଂ ୬ଶହ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଥାନାପତି ଲେନ୍ ନିକଟ ବାଲାଜୀ ମନ୍ଦିରଠାରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିଭିନ୍ନ ମାରାଣାସ୍ତ୍ର ଜବତ କରିଛି।

### ଶଙ୍କରାନନ୍ଦ ମଠର ମୁଖ୍ୟ ପରିଚାଳକଙ୍କ ଭାବ ବିନିମୟ

ପୁରୀ,୨।୮(ଅଜିତ୍ ମହାନ୍ତି)

ପୁରୀରେ ଥିବା ପ୍ରାଚୀନ ଶ୍ରୀଶଙ୍କରାନନ୍ଦ ମଠର ପ୍ରଥମ ସ୍ୱାମୀ ଶ୍ରୀଶଙ୍କରାନନ୍ଦ ଶୃଙ୍ଗେରୀଠାରୁ ଶ୍ରୀଜଗନ୍ନାଥ ଧାମକୁ ଆସିଥିଲେ। ସେ ଜଣେ ବିଖ୍ୟାତ ଦାର୍ଶନିକ ତଥା ଶୈବ ସମ୍ପ୍ରଦାୟର ସନ୍ଥ ଥିଲେ। ତେବେ ଉକ୍ତ ମଠର ମୁଖ୍ୟ ପରିଚାଳନା ଅଧିକାରୀ ପଦ୍ମଶ୍ରୀ ଡ. ଭି.ଆର.ଗୌରୀଶଙ୍କର ଓ ବିଶିଷ୍ଟ ବେଦ ବିଦ୍ୟା ବିଶାରଦ ଡ. ଯଜ୍ଞ ସୁବ୍ରମଣ୍ୟମ୍ ବୁଧବାର ପୁରୀ ଆସି ଶ୍ରୀଶଙ୍କରାନନ୍ଦ ମଠ ପରିଦର୍ଶନ କରିବା ସହ ଭାବ ବିନିମୟ କରିଥିଲେ। ଦୁର୍ଗାପ୍ରସାଦ ମିଶ୍ର, ଡ.ସୁରେନ୍ଦ୍ର କୁମାର ମିଶ୍ର, ଯାମିନୀ ମିଶ୍ର, ମିହିର ମିଶ୍ର, ଆଦିତ୍ୟ ମିଶ୍ର, ସଦାଶିବ ସାହୁ ଓ ସଦାନନ୍ଦ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ସ୍ଥାନରେ ଅପରାଧର ସ୍ଥାନ ନାହିଁ

- ଡକାୟତି ଯୋଜନାବେଳେ ୬ ଧରାପଡ଼ିଲେ
- ଖଣ୍ଡା, କଟୁରି, ୨ ବୋମା, ଲୁହାରଡ୍ ଜବତ





ପୁରୀ,୨।୮(ଅଜିତ୍ ମହାନ୍ତି)

ପୁରୀ ପୋଲିସକୁ ଏକ ସଫଳତା ମିଳିଛି। ଡକାୟତି କରିବା ପାଇଁ ଯୋଜନା କରୁଥିବାବେଳେ ସଦର ଥାନା ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମର ଶ୍ରୀଧର ଜେନା ଓରଫ ରିଙ୍କୁ, ଗିରଳ ଗ୍ରାମର ଜିତେନ୍ଦ୍ର ରାଉତ ଓରଫ ଜିତୁ, ଗୋରୁଆଳ ନୂଆପାଟଣା ଗ୍ରାମର ପ୍ରଭାତ ବରାଳ, ଗୋରୁଆଳ ବାଲିପଡିଆ ଗ୍ରାମର ସଞ୍ଜୟ ସୁନ୍ଦରା, ନୀଳଚକ୍ର ନଗରର ସୌମ୍ୟରଞ୍ଜନ ପଣ୍ଡା ଓରଫ ବିକି ଏବଂ ଗୋଲାସାହିରେ ରହୁଥିବା ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳର ଆଶୀର୍ବାଦ ବରାଡ଼। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ କଟୁରି, ୨ଟି ବୋମା, ଗୋଟିଏ ପ୍ୟାକେଟ ଲଙ୍କାଗୁଣ୍ଡ ପାଉଡର, ୬ଟି ପ୍ଲାଷ୍ଟିକ ବୋତଲ ଏବଂ ଦୁଇଟି ସିଗାରେଟ୍ ପ୍ୟାକେଟ ଜବତ କରିଛି। ପୋଲିସ ଏ ନେଇ ନଂ.୧୪୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଖବରଦାତା ସମ୍ମିଳନୀରେ ପୁରୀ ସଦର ଏସ୍‌ଡିପିଓ ଆର୍.ଏନ୍. ଭଞ୍ଜ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟରାତ୍ରିରେ ସଦର ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ବିଶ୍ୱାଳ ଏବଂ ପୋଲିସ କର୍ମଚାରୀ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ତେବେ ପୁରୀ ମଙ୍ଗଳାଘାଟ ବାଇପାସ୍ ରୋଡ ଜଳଭଣ୍ଡାର ରୋଡଠାରେ ବିଭିନ୍ନ ମାରଣାସ୍ତ୍ର ସହ କେତେଜଣ ଯୁବକ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବାନେଇ ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରିବାବେଳେ କେତେଜଣ ଫେରାର ପାଇଁ ଚେଷ୍ଟା କରିଥିବାବେଳେ ସମସ୍ତ ୬ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ସେମାନେ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ସମସ୍ତ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥିବା ଭଞ୍ଜ ସୂଚନା ଦେଇଛନ୍ତି। ପୁରୀ ସଦର ଏସ୍‌ଡିପିଓ ଭାବେ ନୂତନ କରି ଯୋଗଦେଇଥିବା ଭଞ୍ଜ ଏହି ଅବସରରେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ ସ୍ଥାନ। ଏଠାରେ ଅପରାଧର କୌଣସି ସ୍ଥାନ ନାହିଁ। ପୁରୀକୁ ଅପରାଧମୁକ୍ତ କରିବା ପାଇଁ ଏସ୍‌ପି ସାର୍ ଏବଂ ଜିଲା ପୋଲିସର ମୁଖ୍ୟ ଲକ୍ଷ୍ୟ ରହିଛି। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ,୨।୮(ଅଜିତ ମହାନ୍ତି)

**ଖଣ୍ଡା, ଛୁରି, ହାତୁଡ଼ି, ଲଙ୍କାଗୁଣ୍ଡ ପ୍ୟାକେଟ ଜବତ**

ଡକାୟତି କରିବା ପାଇଁ ଯୋଜନା କରୁଥିବାବେଳେ ପୁରୀ ସମୁଦ୍ରକୁଳ ଥାନା ପୋଲିସ ଚଢ଼ାଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ବଳଭଦ୍ରପୁରର ସୁରେଶ କୁମାର ଦାଶ ଓରଫ ଟାଇସନ୍(୩୭), କୁମ୍ଭାରପଡା ଥାନା ଅନ୍ତର୍ଗତ ଘୋଡ଼ାବଜାରର ଏସ୍ ସନ୍ତୋଷ ରେଡ୍ଡି(୨୬), ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବେହେରା ସାହିର ମହେନ୍ଦ୍ର ସାହୁ ଓରଫ ଆତଙ୍କ ମୁନା(୨୫), ସାଲବେଗ ବସ୍ତିର ମଣ୍ଟୁ ଜାଲି(୨୫) ଓ ବାଲିନୋଳିଆ ସାହି ରତ୍ନାକର ରୋଡର ବି. ବିଶ୍ୱନାଥ ରାଓ(୨୬)। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଗୋଟିଏ ହାତୁଡ଼ି, ଶେଣି, ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୯୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ପେଣ୍ଠକଟାସ୍ଥିତ ସରକାରୀ ଆଇଟିଆଇ କଲେଜ ନିକଟରେ କେତେଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ବିଶେଷସୂତ୍ରରୁ ଖବର ପାଇବା ପରେ ପୋଲିସର ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢାଉ କରି ୫ ଯୁବକଙ୍କୁ ଧରି ଥାନାକୁ ଆଣିଥିଲା। ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ସାମଗ୍ରୀ ଜବତ କରାଯାଇଥିଲା। ଯୁବକମାନଙ୍କୁ ପଚରାଉଚରା ବେଳେ ଡକାୟତି ପାଇଁ ଯୋଜନା କରୁଥିବା ମାନିଥିଲେ।

## ତାରିଣୀ ଛକରୁ ଖୁଣ୍ଟିଆବାଣପୁର ସଂଯୋଗ ରାସ୍ତା ଅଧାପନ୍ତରିଆ

କଣାସ,୨।୮(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ରକେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ଠିକାଦାର ରାସ୍ତାଘାଟ ନିର୍ମାଣ ସମୟରେ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଚାଲିଯାଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଏହାର ସ୍ପଷ୍ଟ ଚିତ୍ର କଣାସ ବ୍ଲକରେ ରାସ୍ତା ଦୀର୍ଘଦିନ ହେଲା ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସେଥିମଧ୍ୟରୁ ଅଡାଳଠାରୁ ବିଣ୍ଡିପୁର, ତାରିଣୀଛକ, ଖୁଣ୍ଟିଆବାଣପୁର, ବାଲିପଡ଼ା ଦେଇ ବକୁଛକଠାରେ ଜଗନ୍ନାଥ ସଡ଼କକୁ ସଂଯୋଗ କରିଛି। ୨ ବର୍ଷ ତଳେ ବିଣ୍ଡିପୁର ତାରିଣୀଛକଠାରୁ ଖୁଣ୍ଟିଆବାଣପୁର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲେ ମଧ ଖୁଣ୍ଟିଆବାଣପୁରକୁ ୨୦୦ମିଟର ଥାଇ ରାସ୍ତାକାମ ଠିକାଦାର ବନ୍ଦ କରିଦେଇଛନ୍ତି। ଫଳରେ ସେହି ରାସ୍ତା ଦେଇ ଗୋପୀନାଥପୁର, ଦୋଛିଆଁ, କାଦୁଆ, ବଡ଼ାଲ, ଗଡ଼ଖାରଦ, ଦେଇପୁର ପଞ୍ଚାୟତର ଶହଶହ ଜନସାଧାରଣ ଯାତାୟାତ କରିବାକୁ ଅସୁବିଧା ଭୋଗୁଛନ୍ତି। ୨୦୦ ମିଟର ରାସ୍ତାକାମ ହୋଇ ନ ଥିବାରୁ ଉକ୍ତ ଜାଗାରେ ବଡ଼ ବଡ଼ ଖାଲ ହୋଇଥିବାରୁ ବର୍ଷା ପାଣି ଜମା ହୋଇ ଦୁର୍ଘଟଣାମାନ ଘଟୁଛି। କାମ ବନ୍ଦ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।




ଜଟଣୀ: ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

ଜଟଣୀ,୨।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଏନ୍‌ଡିଆର୍‌ସି ହାଇସ୍କୁଲ ପରିସରରେ ରାଜା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଯୋଗଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ସାଧନା କୁମାରୀ ନାୟକ, ଶିକ୍ଷକ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ସମେତ ହବିବୁର ରେହେମାନ, ବୃନ୍ଦାବନ ସୁବୁଦ୍ଧି, ବାସୁଦେବ ସେଠୀ, ମାନସ ରଞ୍ଜନ ବାରିକ, ରମେଶ ଚନ୍ଦ୍ର ମହାପାତ୍ର, ଗୀତାଞ୍ଜଳି ସେଠୀ, ଏମ୍.ଡି. ରିଜୁୟାନ, ରାଜା ୱେଲଫାୟାର ଟ୍ରଷ୍ଟ ପ୍ରତିଷ୍ଠାତା ଏମ୍.ଡି ପରବେଶ୍ ହାଇଦର, ଜି.ସୁମନ ରାଓ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ସେହିପରି ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଆଇଆଇଟି ଭୁବନେଶ୍ୱର ନିକଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଟ୍ରଷ୍ଟ ସଭାପତି ନବୀନ୍ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଜଟଣୀ ନାଗରିକ କମିଟିର ସଭାପତି ମନ୍ମଥ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁନିଲ ରାଉତରାୟ ଯୋଗଦେଇ ଚାରାରୋପଣର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଜୀବନ ପାଇଁ ଜୀବିକା ନୁହେଁ ବରଂ ଜୀବିକାଠାରୁ ଅଧିକ ମହତ୍ତ୍ୱ ଗଛ ଲଗାଇ ଜଙ୍ଗଲ ଓ ସବୁଜିମା ସୃଷ୍ଟି କରିବା। ଜୀବନ ରହିଲେ ତ' ଜୀବିକା ଅନ୍ୱେଷଣ କରିବା। ତେଣୁ ସମସ୍ତେ ଚାରାରୋପଣ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଟ୍ରଷ୍ଟର ସଙ୍ଗଠନ ସମ୍ପାଦକ ନିଲୁ ପଟ୍ଟନାୟକ, ଉପସଭାପତି ଏମ୍.ଡି.କରିମ୍, ସଂଯୋଜକ ବିଭୁପ୍ରସାଦ ମହାନ୍ତି, ସହସମ୍ପାଦକ ମହେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାହୁ, ବରିଷ୍ଠ ସଦସ୍ୟ ସାହିତ୍ୟିକ ନୀଳାମ୍ବର ମିଶ୍ର, ମିଡିଆ ସେଲ୍ ସଂଯୋଜକ ମାନସ ରଥ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ହରପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟର ପରାମର୍ଶଦାତା ନରେନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

## ମୋ ଘର ଯୋଜନା ପ୍ରତି ଆଗ୍ରହ ନାହାନ୍ତି ହିତାଧିକାରୀ

ସାକ୍ଷୀଗୋପାଳ,୨।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ରାଜ୍ୟରେ ଗରିବଙ୍କ ନିମନ୍ତେ ସମସ୍ତ କଚ୍ଚାଘରକୁ ପକ୍କାଘର କରି ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର 'ମୋ ଘର ଯୋଜନା' କରିଛନ୍ତି। ହେଲେ ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଏହି ଯୋଜନାର ସୁବିଧା ନେବା ପାଇଁ ହିତାଧିକାରୀଙ୍କ ଆଖିଦୃଶିଆ ସଂଖ୍ୟା ଛୁଇଁପାରିନାହିଁ। ସୂଚନା ଅନୁସାରେ ସତ୍ୟବାଦୀ ବ୍ଲକରେ ଗତ ୨ ମାସ ମଧ୍ୟରେ ୩୬୭୦ଜଣ ମୋ ଘର ଯୋଜନା ପାଇଁ ଅନଲାଇନ୍‌ରେ ରେଜିଷ୍ଟ୍ରେଟ କରିଥିବା ବେଳେ ୩୩୧୫ଜଣଙ୍କ ଆବେଦନ ପତ୍ର ବ୍ଲକ ପ୍ରଶାସନର ହସ୍ତଗତ ହୋଇଛି। ୫୮୬ ଜଣଙ୍କ ଆବେଦନ ପତ୍ରକୁ ଯାଞ୍ଚ କରାଯାଇ ବିଭିନ୍ନ ବ୍ୟାଙ୍କକୁ ପଠାଯାଇଛି। ୩୦ଟି ଆବେଦନ ପତ୍ରକୁ ବିଭିନ୍ନ କାରଣରୁ ବିଡିଓ ରଦ୍ଦ କରିଛନ୍ତି। ଅନ୍ୟପଟେ ମୋ ଘର ଯୋଜନା ପାଇଁ ହୋଇଥିବା ଗାଇଡ୍‌ଲାଇନ୍ ପ୍ରକ୍ରିୟା ଓ ବ୍ୟାଙ୍କ ଋଣ ଦେବା ପାଇଁ ସୃଷ୍ଟି ହେଉଥିବା ସମସ୍ୟା ଯୋଗୁ ଏହି ଯୋଜନାରେ ଅଧିକ ଲୋକ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା କେତେଜଣ ହିତାଧିକାରୀ କହିଛନ୍ତି। ଏପଟେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ହିତାଧିକାରୀ କଚ୍ଚା ଘରେ କିମ୍ବା ଗୋଟିଏ କୋଠରି ଥିବା କଂକ୍ରିଟ ଘର ବାସ କରୁଥିବେ। ପୂର୍ବରୁ ସରକାରଙ୍କ କୌଣସି ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇ ନଥିବେ, ପରିବାରର ମାସିକ ଆୟ ୨୫ହଜାର ଟଙ୍କାରୁ କମ୍ ଥିବ, ପରିବାରରେ ୪ଚକିଆ ଯାନ ନଥିବ, ୧୫ ଏକର ଅଣଜଳସେଚିତ ଜମିରୁ କମ ଥିଲେ ଯାଇ ଏହି ଯୋଜନାରେ ଋଣ ଓ ସବସିଡି ପାଇବା ପାଇଁ ଯୋଗ୍ୟ ହୋଇପାରିବେ।

## ଦାନବୀର ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମ୍ମାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପୁରୀ,୨।୮(ଅଜିତ୍ ମହାନ୍ତି)

ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ୯୯ତମ ପୁଣ୍ୟତିଥି ସ୍ମୃତି ସମାରୋହ ୨୦୨୩ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ସଭାପତି ରବି ନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ ରଖିଥିବା ବେଳେ ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରିଷ୍ଠ ପୂଜାପଣ୍ଡା ପାଳିଆ ସେବାୟତ ଭୂବନ ମୋହନ ପୂଜାପଣ୍ଡା, ପ୍ରତିହାରୀ ସେବକ ଦେବେନ୍ଦ୍ର ନାଥ ପ୍ରତିହାରୀ ଏବଂ ସେବାୟତ ହରେକୃଷ୍ଣ ପ୍ରଧାନୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କନିଷ୍ଠ ଏବଂ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର, ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଓ ଗଣେଶ ମହାପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜମେଶ୍ୱର ପୂଜାପଣ୍ଡା, ସୋମନାଥ ଗୁରୁ, ସତ୍ୟ ନାରାୟଣ ଗୁରୁ, ପ୍ରେମନାଥ ଗୁରୁ, ଅମରନାଥ ଗୁରୁ, ହରିହର ଗୁରୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ ମହାନ୍ତି ଏବଂ ଗୁରୁ ଇଷ୍ଟେଟ୍ ଓ ସ୍ମୃତି ସଂସଦ ସହଯୋଗ କରିଥିଲେ।

## ୫ରେ ସବୁ ବ୍ଲକର ବିଇଓଙ୍କୁ ଦାବିପତ୍ର

ପୁରୀ,୨।୮(ଅଜିତ୍ ମହାନ୍ତି)

**ଜିଲା ପ୍ରାଥମିକ ଶିକ୍ଷକ ସଂଘର ବୈଠକ**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପୁରୀ ଆହ୍ୱାନକ୍ରମେ ଜିଲାର ୧୧ଟି ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ କୁଳମଣି ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ସୋମନାଥ ନନ୍ଦ ସଭାପତିତ୍ୱ କରି କହିଥିଲେ, ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରୁ ଠିକା ନିଯୁକ୍ତି ଉଠାଯାଇଛି। ୬ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିଛନ୍ତି। କିନ୍ତୁ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇ ନାହିଁ। ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ସର୍ବନିମ୍ନ ଗ୍ରେଡ୍ ପେ ଦିଆଯାଇ ୭ମ ବେତନ କମିଶନକୁ ସଂଶୋଧନ କରିଛନ୍ତି। କିନ୍ତୁ କଳା, କ୍ରୀଡ଼ା ଶିକ୍ଷକ ଓ ପାର୍ଟଟାଇମ ଇନଷ୍ଟ୍ରକ୍ଟର ଭଳି ଠିକା ଶିକ୍ଷକମାନଙ୍କର କ୍ୟାରିୟର ଆଡଭାନ୍ସମେଣ୍ଟ କରାଯାଉ ନାହିଁ। ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ କ୍ୟାଡରମୁକ୍ତ କରାଯାଉନାହିଁ । ରାଜ୍ୟ ସରକାର ୬ବର୍ଷ ଧରି ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ହେଲେ ଶିକ୍ଷକ ନିଯୁକ୍ତି କରିନାହାନ୍ତି। ବହୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଶିକ୍ଷକରେ ଶିକ୍ଷାଦାନ ଚାଲୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ୩ଦଫା ଦାବି ନେଇ ଶିକ୍ଷକ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଗତ ବର୍ଷ ନଭେମ୍ବରରେ ଆନ୍ଦୋଳନ କରଯାଇଥିଲା। ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନରୁ ଓହରିଥିଲା। ବାରମ୍ବାର ସରକାରଙ୍କ ସହିତ ଆଲୋଚନା ପରେ ମଧ ସରକାର ଦାବିପୂରଣ କରୁନାହାନ୍ତି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରି କନିଷ୍ଠ ଶିକ୍ଷକମାନଙ୍କୁ ତୁରନ୍ତ ପ୍ରାଥମିକ ଶିକ୍ଷକର ମାନ୍ୟତା, ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ବିଭିନ୍ନ ଦାବି ନେଇ ୫ ତରିଖରେ ୩୧୪ ବ୍ଲକରେ ବୈଠକ କରାଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କ ଜରିଆରେ ଦାବିପତ୍ର ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ବ୍ରିଜ୍ ପାଇଁ ବର୍ଷାରେ ଧାରଣା, ରାସ୍ତାରୋକୋ

ବ୍ରହ୍ମଗିରି,୨।୮(ସ୍ୱାଧୀନ ଚମ୍ପତିରାୟ)




ତିନ ପଞ୍ଚାୟତକୁ ଗମନା ଗମନର ସୁବିଧା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏକ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟକୁ ୧୦ ବର୍ଷ ବିତି ଯାଇଥିଲେ ମଧ ଏହା କେବଳ ପିଲାର ମଧ୍ୟରେ ସୀମିତ ରହିଛି। ବ୍ରିଜ୍‌କୁ ତୁରନ୍ତ ନିର୍ମାଣ ପାଇଁ ସ୍ଥାନୀୟ ବାଲିକେରା, ତିନିକୁଦୀ ଓ ରାହାଧମଲ୍ଲର ଶତାଧିକ ଲୋକ ବୁଧବାର ପୁରୀ ସାତପଡ଼ା ଜାତୀୟ ରାଜପଥର ରେଣ୍ଟା ଛକ ନିକଟରେ ପ୍ରାୟ ୪ ଘଣ୍ଟା ରାସ୍ତା ଅବରୋଧ କରି ବର୍ଷାରେ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଏହି ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶଥାଉକି ବ୍ରହ୍ମଗିରି ବ୍ଲକର ରାହାଡ଼ମଲ୍ଲଠାରେ ଭାର୍ଗବୀ ନଦୀ ଉପରେ ତିନିକୁଦୀ ବାଲିକେରା ସେତୁ ଉପରେ ୩ ପଞ୍ଚାୟତର ୨୦ ଖଣ୍ଡ ଗ୍ରାମର ଲୋକ ଗମନାଗମନ ପାଇଁ ନିର୍ଭର କରନ୍ତି। ଏଠାରେ ସ୍ଥାୟୀ ସେତୁଟେ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏକ ଅସ୍ଥାୟୀ କାଠ ପୋଲ ନିର୍ମାଣ କରାଯାଇ ସ୍ଥାନୀୟ ଲୋକେ ଓ ଛାତ୍ରୀଛାତ୍ର ପ୍ରତ୍ୟେକ ଦିନ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏଠାରେ ଏକ ସ୍ଥାୟୀ ସେତୁର ନିର୍ମାଣ ପାଇଁ ୨୦୧୩ ଜାନୁୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶୁଭ ଦେବାର ୧୦ ବର୍ଷ ବିତି ଯାଇଥିଲେ ମଧ ଏହି ସେତୁ କେବଳ ୨ଟି ପିଲାର ମଧ୍ୟରେ ନିର୍ମାଣ କାର୍ଯ୍ୟ ସୀମିତ ରହିଛି। ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଅବଗତ କରାଇ ବୁଧବାର ରାସ୍ତା ଅବରୋଧ ପନ୍ଥା ଆପଣାଇଥିଲେ। ପୁରୀ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀ ଅଜିତ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୪ ଦିନ ମଧ୍ୟରେ ଅସ୍ଥାୟୀ କାଠପୋଲକୁ ମରାମତି କରିବା ଓ ସ୍ଥାୟୀ ପୋଲର ନିର୍ମାଣ କାର୍ଯ୍ୟ ବର୍ଷା ଋତୁ ପରେ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହି କାର୍ଯ୍ୟକୁ ପଠାଣି ଜେନା, ଭୀମସେନ ସ୍ୱାଇଁ, ଭ୍ରମରବର ସ୍ୱାଇଁ, ସୁଧାକର ନାୟକ, ନଟବର ବରାଳ ପ୍ରମୁଖ ପରିଚାଳନା କରିଥିଲେ।

## ଟ୍ରକ୍‌ରୁ ବେଆଇନ ଚାନ୍ଦା ଆଦାୟ, ଯୁବକ ଗିରଫ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଟ୍ରକ୍ ଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ବେଆଇନ ଚାନ୍ଦା ଆଦାୟ କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁର ଗ୍ରାମର ମହାଦେବ ବେହେରା। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅଧୀନ ଖମାରନୂଆଗାଁଠାରେ ସ୍ଥାପିତ ଏକ ସିମେଣ୍ଟ କାରଖାନାକୁ ଯାଉଥିବା ଟ୍ରକ୍‌କୁ ମହାଦେବ ଅଟକାଇ ଚାଳକଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୫୧/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଡ୍ରିମ୍‌ସ ମେଡିକାଲ କଲେଜ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

କଟକ,୨।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଆଣ୍ଡ୍ ହସ୍ପିଟାଲର ନୂତନ ଅଧକ୍ଷ ଭାବେ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ମହାପାତ୍ର ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ୍



ହସ୍ପିଟାଲର ପ୍ରଥମ ଅଧକ୍ଷ ଭାବରେ କାର୍ଯ୍ୟ କରିଛନ୍ତି। ଜଣେ ଅଭିଜ୍ଞ ମେଡିସିନ୍ ସ୍ପେସାଲିଷ୍ଟ ଭାବେ ପରିଚିତ ଡା. ମହାପାତ୍ର ଏସ୍‌ସିବି ମେଡିକାଲ ମେଡିସିନ୍ ବିଭାଗର ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ମଧ୍ୟ ଥିଲେ। ଏଥିସହ ମେଡିସିନ୍ ବିଭାଗ ମୁଖ୍ୟ ଭାବେ ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା, ଏକାଡେମିକ୍ ଓ ଟ୍ରେନିଂ ବିଭାଗର ନିର୍ଦ୍ଦେଶକ ଭାବେ ପ୍ରଫେସର ଡା. ରଞ୍ଜନ କୁମାର ଦାସ, ଲ୍ୟାବ୍ ସର୍ଭିସ ନିର୍ଦ୍ଦେଶକ ଭାବେ ପ୍ରଫେସର ଡା. ନିରୂପମା ଚୟନୀଙ୍କ ସମେତ ଅନ୍ୟ ବିଭାଗରେ ପ୍ରଫେସର ଡା. ଚାରୁଲତା ଷଡ଼ଙ୍ଗୀ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ସନ୍ଧ୍ୟା ମହାପାତ୍ର ଯୋଗଦାନ କରିଛନ୍ତି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବେଆଇନ ବାଲି ଚାଲାଣ, ୮ ହାଇୱା ଜବତ

କଟକ ସଦର,୨।୮ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମ ନିକଟ କାଠଯୋଡ଼ି ନଦୀଘାଟରୁ ବେଆଇନ ଭାବେ ବାଲି ଉଠାଇବା ଅଭିଯୋଗରେ ପୋଲିସ ମଙ୍ଗଳବାର ରାତିରେ ୮ଟି ହାଇୱା ଜବତ କରିଥିଲା। ଏଥିସହ ଜବତ ଗାଡ଼ିର ମାଲିକମାନଙ୍କୁ ନୋଟିସ ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉକ୍ତ ଘାଟରୁ ବେଆଇନ ଭାବେ ବାଲି ଉଠାଯାଉଥିଲା। ଖବରପାଇ କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ଦୁର୍ଗାଶଙ୍କର ଦାଶ, ହାଡ଼ିବନ୍ଧୁ ସାହୁ, ଦୁର୍ଗାଚରଣ ପ୍ରଧାନ, ଋଷି କାଣ୍ଡି, ପ୍ରଭାତ ଦାଶ, ସୁରେନ୍ଦ୍ର ନାୟକ, ଭାଗବତ ପତି ଓ ଅନିଲ ଭୋଇ ପ୍ରମୁଖ ସେଠାରେ ପହଞ୍ଚି ହାଇୱା ସମ୍ମୁଖରେ ବିକ୍ଷୋଭ କରିବାରୁ ଗାଡ଼ିଗୁଡ଼ିକ କଟକ ଅଭିମୁଖେ ଯାଇପାରି ନ ଥିଲା। ଅନ୍ୟପକ୍ଷରେ ଆଉ ୬ଟି ଗାଡ଼ି ସେହି ସ୍ଥାନରୁ ଖସି ପଳାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ଗାଡ଼ିଗୁଡ଼ିକୁ ଥାନାକୁ ନେଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨୫୭/୨୩) ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଲଘୁଚାପ ଜନିତ ଲଗାଣ ବର୍ଷାରେ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର ଜଳାର୍ଣ୍ଣବ।



ପଟ୍ଟାପୋଲ ଅଞ୍ଚଳରେ ଘର ନିକଟରେ ବର୍ଷାପାଣି।



ମକରବାଗ୍ ସାହି ରାସ୍ତାରେ ଜମି ରହିଥିବା ବର୍ଷାପାଣି।

# ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

କଟକ,୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

- ଜିଲାରେ ୫୮୧ ମିମି ବର୍ଷା ରେକର୍ଡ
- ନଦୀରେ ଜଳସ୍ତର ବଢ଼ୁଛି
- ଅନେକ ସ୍ଥାନରେ ଲୋକେ ଜଳବନ୍ଦୀ
- ସ୍ଥିତି ପରଖିଲେ ମେୟର, କର୍ପୋରେଟର
- ପାଣି ନିଷ୍କାସନ ପାଇଁ ୨୦୦ରୁ ଊର୍ଦ୍ଧ୍ୱ ଭଲ୍‌ବୋ ପମ୍ପ ନିୟୋଜିତ

ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। କଟକରେ ୫୮୧ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଲାଗି ରହିଥିବାରୁ ମହାନଦୀ ଓ କାଠଯୋଡିରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ଯୋଗୁ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସହରର ଅନେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ତଳିଆ ଅଞ୍ଚଳଗୁଡିକରୁ ୨୦୦ରୁ ଊର୍ଦ୍ଧ୍ୱ ଭଲ୍‌ବୋ ପମ୍ପ୍ ସହାୟତାରେ ପାଣି ନିଷ୍କାସନ କରାଯାଉଛି। ସୋମବାରଠାରୁ ବର୍ଷା ଲାଗି ରହିଛି। ଏଥିସହ ଡ୍ରେନ୍‌ରୁ ବାହାରୁଥିବା ପାଣି ରାସ୍ତାରେ ଲହଡ଼ି ଭାଙ୍ଗୁଛି। ଫଳରେ ଯାତାୟାତରେ ସମସ୍ୟା ଦେଖାଦେଇଛି। କଟକ ବାଦାମବାଡ଼ି, ରକ୍ସିଲେନ୍, ରୋଭର ଷ୍ଟ୍ରିଟ୍, ମେରିଆ ବଜାର, ସୂତାହାଟ, ରାଉସାପାଟଣା ଆଦି ଅଞ୍ଚଳରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରିବାରୁ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା। ଏପରି କି ଲୋକଙ୍କ ଘରେ ପାଣି ପଶିଥିଲା। ଅନେକ ତଳିଆ ଅଞ୍ଚଳରେ ଡ୍ରେନ୍ ଓ ରାସ୍ତା ଏକାକାର ହୋଇଯାଇଛି। ନିର୍ମାଣାଧୀନ ବକ୍ସ ଡ୍ରେନ୍ ଯୋଗୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ସିଏମ୍‌ସି ମେୟର ସୁବାସ ସିଂ ବୁଧବାର ସହରର ଅନେକ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିଥିଲେ। କର୍ପୋରେଟର ଏ. ଶ୍ରୀଦେବୀ, ଚନ୍ଦନ ଜେନା ଓ ପ୍ରଦୀପ୍ତ ସାହୁ ପ୍ରମୁଖ ପଟାପୋଲଠାରୁ ଆରମ୍ଭ କରି ପ୍ରଭାସ ସିନେମା ହଲ, ଫ୍ରେଣ୍ଡ୍ସ କଲୋନୀ, ଗହ୍ମାଡିଆ ଅଞ୍ଚଳ ବୁଲି ଜଳବନ୍ଦୀ ସ୍ଥିତି ଦେଖିଥିଲେ। ତୁରନ୍ତ ଉକ୍ତ ସ୍ଥାନରୁ ଖୁବ୍‌ଶୀଘ୍ର କିପରି ଜଳ ନିଷ୍କାସନ କରାଯିବ, ସେ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।



ସିଏମ୍‌ସି ମେୟର ସୁବାସ ସିଂ ବର୍ଷାଜଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।



ଗୋପବନ୍ଧୁ ବିହାର ରାସ୍ତାରେ ବର୍ଷାପାଣିର ସୁଅ।



ମେରିଆ ବଜାର କେନାଲ ରୋଡ୍ ଜଳମଗ୍ନ।



କଟକରେ ଡେଙ୍ଗୁଜ୍ୱରର ନିରାକରଣ ଦାବି ନେଇ କଟକ ନଗର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜଣେ ଅଧିକାରିଣୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣା, ଚାଳକ ଗିରଫ

ଖୁଣ୍ଟୁଣୀ, ୨।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନୂଆବଜାରଠାରେ ମଙ୍ଗଳବାର ପୂର୍ବାହ୍ନରେ ଟ୍ରକ୍ ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଟ୍ରକ ଚାଳକଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅନୁଗୋଳ ଜିଲା ଜରପଡା ଥାନା ଅଧୀନ ଦୁର୍ଗାପୁର ଗ୍ରାମର ସୁଶାନ୍ତ ପ୍ରଧାନ। ସେ ତାଳଚେରରୁ ଟ୍ରକ୍ ନେଇ ମଙ୍ଗୁଳି ଆସୁଥିବାବେଳେ ନୂଆବଜାରଠାରେ ଭାରସାମ୍ୟ ହରାଇ ସମ୍ପୃକ୍ତା ମହିଳାଙ୍କ ଉପରେ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ଥାନାରେ ଏକ ମାମଲା(ନଂ.୧୪୭/୨୩) ରୁଜୁ କରିଛି।

## ଓପିଏସ୍‌ସି ଅଧକ୍ଷ ସତ୍ୟଜିତ୍ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଟକ,୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଅଧକ୍ଷ ଡ. ସତ୍ୟଜିତ୍ ମହାନ୍ତିଙ୍କ କାର୍ଯ୍ୟକାଳ ବୁଧବାର ଶେଷ ହୋଇଛି। ଏ ନେଇ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କାର୍ଯ୍ୟାଳୟରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆୟୋଗର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଡ. ମହାନ୍ତି ଦୀର୍ଘବର୍ଷ ଧରି ଲୋକସେବା ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ। ଓଏନ୍‌ଜିସି, ଆଇଆର୍‌ଟିଏସ୍, ପୋଲିସ ଓ ଅଗ୍ନିଶମ ବିଭାଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ।



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଡ. ସତ୍ୟଜିତ୍ ମହାନ୍ତିଙ୍କ ସହ ଅନ୍ୟମାନେ।

## ୫ ବନ୍ଧୁକ, କାର୍, ବାଇକ୍ ଜବତ: ୫ ଅଭିଯୁକ୍ତ ଗିରଫ

କଟକ,୨।୮(କାର୍ତ୍ତିକ ସାହୁ)

କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍ ଏକ ପେଶାଦାର ବ୍ୟବସାୟୀ ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ପୋପରଡ଼ାର ସତ୍ୟଜିତ୍ ଜେନା ଓରଫ କାଳିଆ, ଜଗତ୍‌ସିଂହପୁରର ଦୁର୍ଗା ଦାସ ଓରଫ ନଣ୍ଟା, ଲାଲବାଗ ଥାନା ଅନ୍ତର୍ଗତ ଦିୱାନବଜାରର ମହମ୍ମଦ ରହିମ, ସେକ୍ ୱାସିମ ଓ କନ୍ଦରପୁର ଥାନା ଅନ୍ତର୍ଗତ ରାଜହଂସ ସାମଲସାହିର ଆସିକ୍ ସାମଲ ଓରଫ ସନ୍ତୋଷ। ସେମାନଙ୍କଠାରୁ ୫୦ ରାଉଣ୍ଡ ଗୁଳି, ୫ଟି ବନ୍ଧୁକ, ଗୋଟିଏ କାର, ଦୁଇଟି ବାଇକ ଓ ୬ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେମାନେ କଟକରେ ରହି ବେଆଇନ ବନ୍ଧୁକ ଓ ଗୁଳି କାରବାର ଚଳାଇଥିଲେ। କଟକ ତଥା ଅବିଭକ୍ତ କଟକ ଜିଲାରେ ବିଭିନ୍ନ ଅପରାଧରେ ସେମାନେ ଜଡ଼ିତ। ସେମାନଙ୍କ ମଧ୍ୟରୁ ରହିମ, ୱାସିମ୍ ଧଳସାମନ୍ତ ଭ୍ରାତାଙ୍କ ଗୋଷ୍ଠୀର ସକ୍ରିୟ ସଦସ୍ୟ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ କଟକ ସହରରେ ବଡ଼ ଧରଣର ଅପରାଧ ଘଟାଇବା ପାଇଁ ବନ୍ଧୁକ କାରବାର ଚଳାଇଥିଲେ। ବାଲି ବ୍ୟବସାୟୀ, ଠିକାଦାରି, ମାଲ ପରିବହନ ବ୍ୟବସାୟୀଙ୍କ ସମେତ ଛୋଟବଡ଼ ଅପରାଧରେ ସକ୍ରିୟ ଥିବା ଅସାମାଜିକ ବ୍ୟକ୍ତିଙ୍କୁ ଏହି ଅଭିଯୁକ୍ତମାନେ ବେଆଇନ ବନ୍ଧୁକ ଓ ଗୁଳି ଯୋଗାଇ ଦେଉଥିଲେ। ଏହି ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଘଟଣାର ଅଧିକ ଖୋଳତାଡ଼ ପାଇଁ ଏମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୯୨/୨୩) ରୁଜୁ ହୋଇଛି।



ଗିରଫ ୫ ଅଭିଯୁକ୍ତ। ଜବତ ବନ୍ଧୁକ, ଗୁଳି ଓ ଅନ୍ୟ ସାମଗ୍ରୀ।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଚୌଦ୍ୱାର,୨।୮(ଆଶୁତୋଷ ଦାସ)

ବିଦ୍ୟୁତ୍ ଆଘାତରେ ମଙ୍ଗଳବାର ଚୌଦ୍ୱାର ଥାନା ଅନ୍ତର୍ଗତ ମହିସାଲଣ୍ଡା ପଞ୍ଚାୟତ ବନ୍ତୋ ଗ୍ରାମର ଚାଷୀ ପରମାନନ୍ଦ ପ୍ରଧାନ(୫୮)ଙ୍କ ମୃତ୍ୟୁ ଘଟିଥିଲା। ବୁଧବାର କଟକ ବଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାର ଜଣଙ୍କୁ ଚାକିରି ପ୍ରଦାନ ଦାବିରେ ମୃତକଙ୍କ ପରିବାର ସଦସ୍ୟ, ବନ୍ତୋ ଗ୍ରାମବାସୀ ଓ ମହିସାଲଣ୍ଡା ପଞ୍ଚାୟତର ଲୋକମାନେ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଚୌଦ୍ୱାରସ୍ଥିତ ଟାଟା ପାୱାର ଅଫିସ୍ ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକୋରୁ ହଟାଇବା ସହିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଟାଟା ପାୱାର ଅଧିକାରୀଙ୍କ ସହ ଆଲୋଚନା ପାଇଁ ବ୍ୟବସ୍ଥା କରିଥିଲା। ଟିପିସିଓଡିଏଲ୍‌ର ଏସ୍‌ଡିଓ ସମୀର ପଢିହାରୀ, ଥାନାର ଭାରପ୍ରାପ୍ତ ଅଧିକାରୀ ସସ୍ମିତା ଖିଲାର, ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ସେକ୍ ସାହାଜାନ୍, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ମଧୁସ୍ମିତା ସେଠୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଟାଟା ପାୱାର ପକ୍ଷରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ଦାବି ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଡିଓ ପଢିହାରୀ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ପରମାନନ୍ଦ ଗ୍ରାମ ପାଖ ଜମିକୁ ଚାଷ କରିବା ପାଇଁ ଯାଇଥିଲେ। ମଧ୍ୟାହ୍ନରେ ସେଠାରୁ ସେ ଘରକୁ ଫେରୁଥିବାବେଳେ ଚାଷଜମିରେ ଛିଣ୍ଡି ପଡ଼ିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଚାକିରି ପ୍ରଦାନ ଦାବିରେ ରାସ୍ତାରୋକୋ।

### ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ ଘଟଣା

## ସଂକ୍ଷେପରେ

### ନିଷ୍କାସନ ନାଳ ଜବରଦଖଲ ପାଇଁ ଭାସୁଛି କଣାସ ବଜାର

କଣାସ,୨।୮ (ବିଭୂତି ଭୂଷଣ ତ୍ରିପାଠୀ)

ବର୍ଷାଜଳ ନିଷ୍କାସନ ପାଇଁ କଣାସ ବ୍ଲକର ହେଡକ୍ୱାର୍ଟର କଣାସ ବଜାରର ଦୁଇ ପାର୍ଶ୍ୱରେ କିଛି ଦିନ ତଳେ ନିଷ୍କାସନ ନାଳ ନିର୍ମାଣ କରାଯାଇଥିଲା। ବଜାରର ଦୁଇ ପାର୍ଶ୍ୱରେ ଥିବା ଗୃହ ଆଗରେ ମାଲିକ ଦୋକାନ ଗୃହ କରି ଭଡ଼ା ଦେବାରୁ ଜଳ ନିଷ୍କାସନ ନାଳ ଅବରୋଧ ହୋଇ ଝିପିଝିପି ବର୍ଷାରେ ବର୍ଷାଜଳ ମଝିରାସ୍ତା ଉପରେ ଜମି ରହୁଛି। ବଡ଼ ବର୍ଷା ହେଲେ ଜଳ ଲହଡି ଭାଙ୍ଗୁଛି। ଏ ସମ୍ପର୍କରେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ପଚାରିବାରେ, ଅଭିଯୋଗ ପରେ ସେ ଯାଇ ରାସ୍ତାର ଅବସ୍ଥା ଦେଖିଥିଲେ ଏବଂ ଘର ମାଲିକଙ୍କୁ ଜଳ ନିଷ୍କାସନ ପାଇଁ ଥିବା ନାଳକୁ ଖୋଳି ପରିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ନ ଶୁଣନ୍ତି, ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ପାଣିଗ୍ରାହୀ କହିଛନ୍ତି।

### ଏସ୍‌ସିଏସ୍ କଲେଜର ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ପୁରୀ,୨।୮ (ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ (ଏସ୍‌ସିଏସ୍) ମହାବିଦ୍ୟାଳୟର ୫୪ତମ ଅଧ୍ୟକ୍ଷ ଭାବେ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱେଚ୍ଛାସେବୀମାନେ ନୂତନ ଅଧ୍ୟକ୍ଷ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍ୱେଚ୍ଛାସେବୀ ପ୍ରତିନିଧି ଏବଂ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ଓମ୍‌ପ୍ରସାଦ ମହାନ୍ତି, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ପ୍ରତିନିଧି ସୌମ୍ୟରଞ୍ଜନ ବାରିକ, ସମ୍ବିତ୍ ନାୟକ, ଦେବୀପ୍ରସାଦ ଖଟେଇ ଏବଂ ପ୍ରୀତିଲିପ୍ସା ପାଇକରାଏ ପ୍ରମୁଖ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜ୍ଞାପନ କରି ସମ୍ବର୍ଦ୍ଧନା କରିଥିଲେ। ଏସ୍‌ସିଏସ୍ କଲେଜ ପୁରୀର ଏକ ପ୍ରମୁଖ କଲେଜ ହୋଇଥିବା ବେଳେ ଏହାର ନାମକୁ ଉଚ୍ଚତର କରିବାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବି ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି।

### ଲୁଣ୍ଡି ସାଗର ପୁନରୁଦ୍ଧାର କରାଯାଉ

କୃଷ୍ଣପ୍ରସାଦ,୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ଅନ୍ତର୍ଗତ ଲୁଣ୍ଡି ସାଗରର ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ପୋତି ହୋଇଯାଉଛି। ୨୪ ଏକର ପରିମିତ ଏହି ଲୁଣ୍ଡି ସାଗର ଏବେ ପିଲାଙ୍କ ଖେଳପଡ଼ିଆ ପାଲଟିଛି। ଏହି ସାଗର ଉପରେ ରାମଲେଙ୍କା ପଞ୍ଚାୟତର ୬ ହଜାର ଚାଷୀ ଚାଷକାମ ନିମନ୍ତେ ଜଳସେଚନ ପାଇଁ ନିର୍ଭର କରନ୍ତି। ଖରାଦିନେ ଚିନାବାଦାମ ଓ ବର୍ଷାଦିନେ ଧାନଚାଷ ପାଇଁ ଲୁଣ୍ଡି ସାଗର ଏକମାତ୍ର ଭରସା। ଉକ୍ତ ସାଗରରେ ୨ଟି ମୁଖ୍ୟ କେନାଲ ଓ ୪ଟି ପରିକେନାଲ ସଂଯୋଗ ରହିଛି। ଲୁଣ୍ଡି ସାଗରଟି ଜଳସେଚନ ବିଭାଗ ଅଧୀନରେ ଥିବାରୁ ୨୦ ବର୍ଷ ପରେ ମଧ୍ୟ ଏହାର ଉନ୍ନତୀକରଣ ଦିଗରେ ଅର୍ଥ ମଞ୍ଜୁର ହୋଇ ନାହିଁ। ସାଗରର କିଛି ଅଂଶ ପୋତିହୋଇଯିବାରୁ ଗୋରୁ, ଷଣ୍ଢ ନିମନ୍ତେ ଚାରଣଭୂଇଁ ପାଲଟିଛି। ଲୁଣ୍ଡି ସାଗରକୁ ମେଗା ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ ଓ ପ୍ରଦ୍ୟୁମ୍ନ ବିଶ୍ୱାଳ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲୁଣ୍ଡି ସାଗରକୁ ମେଗା ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବା ଦିଗରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ଜିଲାପାଳ, ୫-ଟି ସଚିବ ଏବଂ ବ୍ରହ୍ମଗିରି ବିଧାୟକ ଦୃଷ୍ଟିଦେବାକୁ ରାମଲେଙ୍କା ପଞ୍ଚାୟତ ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି।

# ମହାପ୍ରଭୁଙ୍କ ସ୍ଥାନରେ ଅପରାଧର ସ୍ଥାନ ନାହିଁ

- ଡକାୟତି ଯୋଜନାବେଳେ ୬ ଧରାପଡ଼ିଲେ
- ଖଣ୍ଡା, କଟୁରି, ୨ ବୋମା, ଲୁହାରଡ୍ ଜବତ





ଖବରଦାତା ସମ୍ମିଳନୀରେ ପୁରୀ ପୋଲିସ ସୂଚନା ଦେଉଛନ୍ତି।

ପୁରୀ,୨।୮ (ଅଜିତ୍ ମହାନ୍ତି)

ପୁରୀ ପୋଲିସକୁ ଏକ ସଫଳତା ମିଳିଛି। ଡକାୟତି କରିବା ପାଇଁ ଯୋଜନା କରୁଥିବାବେଳେ ସଦର ଥାନା ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମର ଶ୍ରୀଧର ଜେନା ଓରଫ ରିଙ୍କୁ, ଗିରଳ ଗ୍ରାମର ଜିତେନ୍ଦ୍ର ରାଉତ ଓରଫ ଜିତୁ, ଗୋରୁଆଳ ନୂଆପାଟଣା ଗ୍ରାମର ପ୍ରଭାତ ବରାଳ, ଗୋରୁଆଳ ବାଲିପଡିଆ ଗ୍ରାମର ସଞ୍ଜୟ ସୁନ୍ଦରା, ନୀଳଚକ୍ର ନଗରର ସୌମ୍ୟରଞ୍ଜନ ପଣ୍ଡା ଓରଫ ବିକି ଏବଂ ଗୋଲାସାହିରେ ରହୁଥିବା ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳର ଆଶୀର୍ବାଦ ବରାଡ଼। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ କଟୁରି, ୨ଟି ବୋମା, ଗୋଟିଏ ପ୍ୟାକେଟ ଲଙ୍କାଗୁଣ୍ଡ ପାଉଡର, ୬ଟି ପ୍ଲାଷ୍ଟିକ ବୋତଲ ଏବଂ ଦୁଇଟି ସିଗାରେଟ୍ ପ୍ୟାକେଟ ଜବତ କରିଛି। ପୋଲିସ ଏ ନେଇ ନଂ.୧୪୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଖବରଦାତା ସମ୍ମିଳନୀରେ ପୁରୀ ସଦର ଏସ୍‌ଡିପିଓ ଆର୍.ଏନ୍. ଭଞ୍ଜ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟରାତ୍ରିରେ ସଦର ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ବିଶ୍ୱାଳ ଏବଂ ପୋଲିସ କର୍ମଚାରୀ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ତେବେ ପୁରୀ ମଙ୍ଗଳାଘାଟ ବାଇପାସ୍ ରୋଡ ଜଳଭଣ୍ଡାର ରୋଡଠାରେ ବିଭିନ୍ନ ମାରଣାସ୍ତ୍ର ସହ କେତେଜଣ ଯୁବକ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବାନେଇ ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରିବାବେଳେ କେତେଜଣ ଫେରାର ପାଇଁ ଚେଷ୍ଟା କରିଥିବାବେଳେ ସମସ୍ତ ୬ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ସେମାନେ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ସମସ୍ତ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥିବା ଭଞ୍ଜ ସୂଚନା ଦେଇଛନ୍ତି। ପୁରୀ ସଦର ଏସ୍‌ଡିପିଓ ଭାବେ ନୂତନ କରି ଯୋଗଦେଇଥିବା ଭଞ୍ଜ ଏହି ଅବସରରେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ ସ୍ଥାନ। ଏଠାରେ ଅପରାଧର କୌଣସି ସ୍ଥାନ ନାହିଁ। ପୁରୀକୁ ଅପରାଧମୁକ୍ତ କରିବା ପାଇଁ ଏସ୍‌ପି ସାର୍ ଏବଂ ଜିଲା ପୋଲିସର ମୁଖ୍ୟ ଲକ୍ଷ୍ୟ ରହିଛି। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ,୨।୮ (ଅଜିତ ମହାନ୍ତି)

**ଖଣ୍ଡା, ଛୁରି, ହାତୁଡ଼ି, ଲଙ୍କାଗୁଣ୍ଡ ପ୍ୟାକେଟ ଜବତ**

ଡକାୟତି କରିବା ପାଇଁ ଯୋଜନା କରୁଥିବାବେଳେ ପୁରୀ ସମୁଦ୍ରକୂଳ ଥାନା ପୋଲିସ ଚଢ଼ାଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ବଳଭଦ୍ରପୁରର ସୁରେଶ କୁମାର ଦାଶ ଓରଫ ଟାଇସନ୍(୩୭), କୁମ୍ଭାରପଡା ଥାନା ଅନ୍ତର୍ଗତ ଘୋଡ଼ାବଜାରର ଏସ୍ ସନ୍ତୋଷ ରେଡ୍ଡି(୨୬), ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବେହେରା ସାହିର ମହେନ୍ଦ୍ର ସାହୁ ଓରଫ ଆତଙ୍କ ମୁନା(୨୫), ସାଲବେଗ ବସ୍ତିର ମଣ୍ଟୁ ଜାଲି(୨୫) ଓ ବାଲିନୋଳିଆ ସାହି ରତ୍ନାକର ରୋଡର ବି. ବିଶ୍ୱନାଥ ରାଓ(୨୬)। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଗୋଟିଏ ହାତୁଡ଼ି, ଶେଣି, ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୯୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ପେଣ୍ଠକଟାସ୍ଥିତ ସରକାରୀ ଆଇଟିଆଇ କଲେଜ ନିକଟରେ କେତେଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ବିଶେଷସୂତ୍ରରୁ ଖବର ପାଇବା ପରେ ପୋଲିସର ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୫ ଯୁବକଙ୍କୁ ଧରି ଥାନାକୁ ଆଣିଥିଲା। ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ସାମଗ୍ରୀ ଜବତ କରାଯାଇଥିଲା।

### ରାଜ୍ୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା ପାଇଁ ପୁରୀ ଦଳର ଯାତ୍ରା ଆରମ୍ଭ

ପୁରୀ,୨।୮ (ଅଜିତ ମହାନ୍ତି)

୪ରୁ ୬ତାରିଖ ପର୍ଯ୍ୟନ୍ତ ପାରାଦୀପ ମ୍ୟୁନିସିପାଲ କଲ୍ୟାଣ ମଣ୍ଡପରେ ରାଜ୍ୟ ଜୁଡ଼ୋ ଆସୋସିଏଶନ ଦ୍ୱାରା ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତା ୨୦୨୩-୨୪ ଅନୁଷ୍ଠିତ ହେବାକୁଯାଉଛି। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୁରୀ ଜିଲାରୁ ୮ଜଣ ଜୁଡୋକ ମନୋନୀତ ହୋଇ ପାରାଦୀପ ଯାତ୍ରା କରିଛନ୍ତି। ସେମାନେ ହେଲେ ବରିଷ୍ଠ ମହିଳା ବିଭାଗରେ ଶକ୍ତି ସ୍ୱରୂପା ସାହୁ, ବରିଷ୍ଠ ପୁରୁଷ ବିଭାଗରେ ଚନ୍ଦନ ପ୍ରଧାନ, ବ୍ରହ୍ମାନନ୍ଦ ଭୋଇ, ପବିତ୍ର ପ୍ରଧାନ, କନିଷ୍ଠ ବିଭାଗରେ ସତ୍ୟଜିତ ନାୟକ, ଅମଲାନ ଶୁଭମ୍ ସ୍ୱାଇଁ, ଓମ୍ ପ୍ରିନସ୍ ଭୂୟାଁ, ଆଶିଷ୍ କୁମାର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ଏହାସହ ଦଳରେ ପ୍ରବନ୍ଧକ ଓ ପ୍ରଶିକ୍ଷକ ଭାବେ ସନ୍ତୋଷ ପାତ୍ର ଯାତ୍ରା କରିଛନ୍ତି ବୋଲି ଜିଲା ଜୁଡୋ ସଂଘ, ପୁରୀର ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ କହିଛନ୍ତି। ଜିଲାର ଏହି ଜୁଡୋ ଦଳର ସଫଳତା ପାଇଁ ସଂଘ ସଭାପତି ଗିରୀଶ୍ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ସେନାପତି ଓ ଚକ୍ରଧର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ବଡ଼ିଆ, ଉପଦେଷ୍ଟା ରାଜକିଶୋର ପାତ୍ର, ଭଗବାନ ସୁଆର, ଲୋକନାଥ ମହାନ୍ତି ଏବଂ ପ୍ରଶିକ୍ଷକ ବିଶ୍ୱନାଥ ସାମନ୍ତରା, ଅକ୍ଷୟ ବ୍ରହ୍ମା ଏବଂ ଲକ୍ଷ୍ମୀପିୟା ନାଥ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।



କଲ୍ୟାଣପୁର- ଡେଲାଙ୍ଗ ଦେଇଯାଇଥିବା ରାସ୍ତା ବର୍ଷାପାଣିରେ କାଦୁଅ ହୋଇଯାଇଛି।

## ୫ ଦିନରେ ମରାମତି ନ ହେଲେ ରାସ୍ତାରୋକୋ କରିବ ମଞ୍ଚ

ଡେଲାଙ୍ଗ,୨।୮ (ରଶ୍ମି ରଞ୍ଜନ ପ୍ରଧାନ)

**ଡେଲାଙ୍ଗ- ପିପିଲି ଜନକଲ୍ୟାଣ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ଡେଲାଙ୍ଗ ବ୍ଲକର ମୁଖ୍ୟ ରାସ୍ତା ତଥା ପଟ୍ଟନାଇକିଆ- ଖୋର୍ଦ୍ଧା ଓ କଲ୍ୟାଣପୁର- ଡେଲାଙ୍ଗ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପୂର୍ତ୍ତ ବିଭାଗର ଖାମଖିଆଲ ସ୍ୱଭାବରୁ ରାସ୍ତାର ଏପରି ଦୁରବସ୍ଥା ହୋଇଥିବା ଡେଲାଙ୍ଗ- ପିପିଲି ଜନକଲ୍ୟାଣ ମଞ୍ଚର ଆବାହକ ରାଧାମୋହନ ଅଭିଯୋଗ କରିଛନ୍ତି। ଡେଲାଙ୍ଗ ବଜାରଠାରୁ ତିରୁମଲ୍ଲ ପର୍ଯ୍ୟନ୍ତ ରାସ୍ତାରେ ମାଳମାଳ ଖାଲଖମା। ସେହିଭଳି ଗୁଣ୍ଡୁଚିପାଟଣାଠାରୁ ଗଡ଼ ବେଗୁନିଆପଡ଼ା ପର୍ଯ୍ୟନ୍ତ ମାତ୍ର ୭ କି.ମି. ରାସ୍ତାରେ ଶତାଧିକ ଖାଲଖମା ରହିଛି। ଏଥିଯୋଗୁ ପ୍ରତ୍ୟେକ ଦିନ ବାଇକ୍ ଚାଳକଙ୍କ ଦୁର୍ଘଟଣା ଘଟୁଛି। ଗତ ମାସରେ ଜଣେ ସ୍କୁଲ ଛାତ୍ରଙ୍କ ସାଇକେଲ ଖାଲଖମାରେ ପଡ଼ିଯିବାରୁ ଗୋଟିଏ ଟ୍ରକ ତାଙ୍କ ହାତ ଉପରେ ମାଡି ଯିବା ଫଳରେ ସେ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଏତେ ପରେବି ପୂର୍ତ୍ତ ବିଭାଗର ନିଦ ଭାଙ୍ଗୁନି। ସେହିପରି ଡେଲାଙ୍ଗ ହାଟ ବଜାର ଲୁଣା ବ୍ରିଜ୍ ଉପରେ ରାସ୍ତାଟି ଖରାପ ଥିବାବେଳେ ଜନୈକ ଠିକାଦାର ଗତ ୮ ମାସ ତଳେ ଏହି ରାସ୍ତାକୁ ମରାମତି କରିଥିଲେ। ଏହି ଢଳେଇ କାର୍ଯ୍ୟ ଏତେ ନିମ୍ନମାନର ହୋଇଥିଲା ଯେ, ଗୋଡି ଉଠି ବ୍ରିଜ ଉପର ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ଏହି ସ୍ଥାନଟି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ରାସ୍ତାର ମହତାବ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ। ଜଗଦଳପୁର ଛକଠାରୁ ୩ ଶହ ମିଟର ରାସ୍ତାରେ ଗୋଟିଏ ଫାଳ ଢଳେଇ ହୋଇ ଅନ୍ୟ ଫାଳ ସେମିତି ଖାଲ ହୋଇ ପଡିରହିଛି। ରାସ୍ତାଟି ପୁରୀ ଓ ଖୋର୍ଦ୍ଧା ଉଭୟ ଜିଲାର ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ରାସ୍ତା ଅବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପଟେ ହାଟବଜାରଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଅନେକ ଖାଲଖମାରେ ଭର୍ତ୍ତି ହୋଇଛି। ଏହି ୨ ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିବା ସହ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଡେଲାଙ୍ଗ ଓ କଣାସ ରୋଡ ରେଳ ଷ୍ଟେଶନ, ପୁରୀ, ଭୁବନେଶ୍ୱର, ପିପିଲି, ସାକ୍ଷୀଗୋପାଳ ପ୍ରଭୃତି ସହରାଞ୍ଚଳକୁ ଯାତାୟାତ କରିବାକୁ ମୁଖ୍ୟରାସ୍ତା ପାଲଟିଛି। ଏପରିସ୍ଥଳେ ବିଭାଗ ଏହାକୁ ଦୃଷ୍ଟି ନ ଦେବା ବିଭାଗୀୟ ଅଧିକାରୀଙ୍କ ଅପାରଗତା ବୋଲି ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ରାସ୍ତା ମରାମତି ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ନ ଦେବାରୁ ଡେଲାଙ୍ଗ-ପିପିଲି ଜନକଲ୍ୟାଣମଞ୍ଚର ଆବାହକ ରାଧାମୋହନଙ୍କ ନେତୃତ୍ୱରେ ୨ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ମଙ୍ଗଳବାର ପୁରୀ ଜିଲାପାଳ, ଡେଲାଙ୍ଗ ତହସିଲ ଓ ଡେଲାଙ୍ଗ ଥାନାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୫ଦିନ ମଧ୍ୟରେ ରାସ୍ତା ଦୋହରୀକରଣ କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଚ ପକ୍ଷରୁ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ହରିପୁରରେ ଚାରାରୋପଣ

ପିପିଲି,୨।୮ (ଦୁର୍ଗାମାଧବ ମିଶ୍ର)

ସବୁଜ ସମାଜ ଗଠନ ପାଇଁ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରଖିଛି ଓଡ଼ିଶା ଜନ କଲ୍ୟାଣ ସେବା ସଂଗଠନ। ଏହି ଅବସରରେ ବୁଧବାର ପୁରୀ ଜିଲା ନିମାପଡା ବ୍ଲକ ହରିପୁର ଗ୍ରାମର ପ୍ରସିଦ୍ଧ ମହାଦେବଙ୍କ ବଗିଚାରେ ଚାରାରୋପଣ କାର୍ଯ୍ୟ କରାଯାଇଛି। ଔଷଧୀୟ ସମେତ ବିଭିନ୍ନ ପ୍ରକାରର ଚାରାରୋପଣ କରାଗଲା। ସବୁଜ ସମାଜ ଗଠନ ପାଇଁ ଓଡ଼ିଶା ଜନ କଲ୍ୟାଣ ସେବା ସଂଗଠନର ସଭାପତି ଲଳିତ ବରାଳ ପ୍ରତ୍ୟେକ ମନୁଷ୍ୟ ଜୀବନରେ ଥରେ ଗଛ ଲଗାଇବା ଜରୁରୀ ବୋଲି କହିଥିଲେ। ସଂଗଠନ ଯୁବ ସଦସ୍ୟ ଏଥିରେ ସାହାଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନ ସଭାପତି ଲଳିତ ବରାଳଙ୍କ ସମେତ ସଦସ୍ୟ ପ୍ରଭାତ ସାହାଣୀ, ଶଶିକାନ୍ତ ବେହେରା, ଜଗନ ସ୍ୱାଇଁ, ପପୁ ସ୍ୱାଇଁ, ଜଗା ସାହାଣୀ, ରାଜୁ, ପବିତ୍ର, ସିଲୁ, ପଦିଆ ଓ ଭଗବାନ ସାହୁ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକମାନେ ଓ ମନ୍ଦିର ପୂଜକ ବହୁତ ଖୁସି ଅନୁଭବ କରିଥିଲେ ଓ ସଂଗଠନକୁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଚାରା ରୋପଣ କାର୍ଯ୍ୟକ୍ରମ ଅଧିକ ମାତ୍ରାରେ ଜାରି ରହିବ ବୋଲି ସଂଗଠନ ସଭାପତି ଲଳିତ ବରାଳ କହିଛନ୍ତି। ସବୁ ପ୍ରକାରର ସେବାରେ ଏବେ ଓଡ଼ିଶା ଜନ କଲ୍ୟାଣ ସେବା ସଂଗଠନ କାର୍ଯ୍ୟ ଜାରି ରଖିଛି।

## ୫ରେ ସବୁ ବ୍ଲକର ବିଇଓଙ୍କୁ ଦାବିପତ୍ର

ପୁରୀ,୨।୮ (ଅଜିତ୍ ମହାନ୍ତି)

**ଜିଲା ପ୍ରାଥମିକ ଶିକ୍ଷକ ସଂଘର ବୈଠକ**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପୁରୀ ଆହ୍ୱାନକ୍ରମେ ଜିଲାର ୧୧ଟି ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ କୁଳମଣି ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ସୋମନାଥ ନନ୍ଦ ସଭାପତିତ୍ୱ କରି କହିଥିଲେ, ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରୁ ଠିକା ନିଯୁକ୍ତି ଉଠାଯାଇଛି। ୬ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିଛନ୍ତି। କିନ୍ତୁ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇ ନାହିଁ। ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ସର୍ବନିମ୍ନ ଗ୍ରେଡ୍‌ପେ ଦିଆଯାଇ ୭ମ ବେତନ କମିଶନକୁ ସଂଶୋଧନ କରିଛନ୍ତି। କିନ୍ତୁ କଳା, କ୍ରୀଡ଼ା ଶିକ୍ଷକ ଓ ପାର୍ଟଟାଇମ ଇନଷ୍ଟ୍ରକ୍ଟର ଭଳି ଠିକା ଶିକ୍ଷକମାନଙ୍କର କ୍ୟାରିୟର ଆଡଭାନ୍ସମେଣ୍ଟ କରାଯାଉ ନାହିଁ। ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ କ୍ୟାଡରମୁକ୍ତ କରାଯାଉନାହିଁ। ରାଜ୍ୟରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲିଥିଲେ ମଧ୍ୟ ରାଜ୍ୟ ସରକାର ୬ବର୍ଷ ଧରି ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ହେଲେ ଶିକ୍ଷକ ନିଯୁକ୍ତି କରିନାହାନ୍ତି। ବହୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଶିକ୍ଷକରେ ଶିକ୍ଷାଦାନ ଚାଲୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ୩ଦଫା ଦାବି ନେଇ ଶିକ୍ଷକ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଗତ ବର୍ଷ ନଭେମ୍ବରରେ ଆନ୍ଦୋଳନ କରାଯାଇଥିଲା। ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନରୁ ଓହରିଥିଲା। ବାରମ୍ବାର ସରକାରଙ୍କ ସହିତ ଆଲୋଚନା ପରେ ମଧ୍ୟ ସରକାର ଦାବିପୂରଣ କରୁନାହାନ୍ତି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରି କନିଷ୍ଠ ଶିକ୍ଷକଙ୍କୁ ତୁରନ୍ତ ପ୍ରାଥମିକ ଶିକ୍ଷକର ମାନ୍ୟତା ଏଭଳି ବିଭିନ୍ନ ଦାବି ନେଇ ୫ ତରିଖରେ ୩୧୪ ବ୍ଲକରେ ବୈଠକ କରାଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କ ଜରିଆରେ ଦାବିପତ୍ର ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସରକାର ଦାବି ପୂରଣ ନ କଲେ ୧୬ ତାରିଖଠାରୁ ସମସ୍ତ ପ୍ରାଥମିକ ଶିକ୍ଷକ ସାମୂହିକ ଛୁଟିରେ ରହିବା ସହ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଏୟୁପିଟିଏଫର ଉପଦେଷ୍ଟା ବିଜୟ ମହାନ୍ତି, ସମ୍ପାଦକ ରାମ ନାରାୟଣ ମିଶ୍ର, ବିକ୍ରମ ରଥ, ବ୍ରହ୍ମାନନ୍ଦ ମହାରଣା, ପବିତ୍ର ଜେନା, ସୁଧାଂଶୁ ଶେଖର ନାୟକ, ବିଷ୍ଣୁଚରଣ ମହାନ୍ତି, ପ୍ରତାପ କେଶରୀ ଛୋଟରାୟ, ମୋହନ ମଲ୍ଲିକ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ପୁରୀ ସମୁଦ୍ର ଅଶାନ୍ତ ଥିବାବେଳେ ବୁଧବାର ପର୍ଯ୍ୟଟକମାନେ ବିପଜ୍ଜନକ ଅବସ୍ଥାରେ ସ୍ନାନ କରୁଛନ୍ତି।

## କୁଶଭଦ୍ରା ନଦୀବନ୍ଧ ଜଙ୍ଗଲମୟ

**ଜଳସମ୍ପଦ ବିଭାଗ ଚୁପ୍**

ଗୋପ,୨।୮ (ଭାରତୀ ଭୂଷଣ ଉପାଧ୍ୟାୟ)



ଚଳିତବର୍ଷ କୁଶଭଦ୍ରା ନଦୀବନ୍ଧକୁ ସୁଦୃଢ଼ କରିବାକୁ ଗୋପ ଜଳସମ୍ପଦ ବିଭାଗ କୋଟି କୋଟି ଟଙ୍କା କେତେକ ସ୍ଥାନରେ ଖର୍ଚ୍ଚ କରିଛି। ହେଲେ ଏହି ନଦୀବନ୍ଧରେ ଏବେ ଅନାବନା ଗଛ ସହିତ ବିଭିନ୍ନ ଲତା ମାଡ଼ି ଯିବାରୁ ବନ୍ୟା ନିୟନ୍ତ୍ରଣରେ ଅସୁବିଧା ଉପୁଜିବ ବୋଲି ଅଭିଯୋଗ ହୋଇଥିବାବେଳେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରକାଶ ଯେ, ଗୋପ ଜଳସମ୍ପଦ ଉପଖଣ୍ଡ ବିଭାଗ ଅଧୀନରେ ୬୦ କି.ମି.ରୁ ଅଧିକ କୁଶଭଦ୍ରା ନଦୀବନ୍ଧ ରହିଥିବାବେଳେ ୧୦ କି.ମି.ରୁ ଅଧିକ ଧନୁଆ ନଦୀବନ୍ଧ ସହ ସିଆରକଟ୍ ନଦୀବନ୍ଧ ମଧ୍ୟ ରହିଛି। ମାତ୍ର ଏହି ସବୁ ନଦୀବନ୍ଧର ଅନେକ ସ୍ଥାନ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଥିବାବେଳେ ବନ୍ୟା ଜଳ ଆସିଲେ ଅନେକ ସ୍ଥାନରେ ଘଳିଆ ସୃଷ୍ଟି ହେବ ବୋଲି ଅଭିଯୋଗ ହେଉଛି। ନଦୀବନ୍ଧଗୁଡ଼ିକ ଏବେ ଜଙ୍ଗଲମୟ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ ସହିତ ଘଳିଆ ସୃଷ୍ଟି ହେଲେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ ରହିଛି। ୨୦୧୧ ବନ୍ୟାରେ କୁଶଭଦ୍ରା ନଦୀବନ୍ଧ କୁଶୁପୁରଠାରେ ଘଳିଆ ସୃଷ୍ଟି ହୋଇଥିବାବେଳେ ୨୦୨୨ ବନ୍ୟାରେ କୁଶଭଦ୍ରା ନଦୀର ଖଣ୍ଡିଆବନ୍ଧ ଗାଁ ନିକଟରେ ଘାଇ ସୃଷ୍ଟି ହୋଇ ଅନେକ ଗାଁ ଜଳମଗ୍ନ ହୋଇଥିଲା। ତେବେ ଆଗକୁ ବନ୍ୟା ହେବା ଯୋଗୁ ନଦୀ କୂଳିଆ ଗ୍ରାମବାସୀ ଭୟଭୀତ ଅଛନ୍ତି। ତୁରନ୍ତ ଏହି କୁଶଭଦ୍ରା ସହିତ ସିଆରକଟ୍ ଓ ଧନୁଆ ନଦୀବନ୍ଧଗୁଡ଼ିକୁ ସଫା କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ନିମାପଡ଼ା ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ କହିଛନ୍ତି ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଉଛି।

## ମେଡିକାଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ପୁରୀ,୨।୮ (ଅଜିତ୍ ମହାନ୍ତି)

**ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ**

ଜିଲା ପରିଷଦ ସମ୍ମିଳନୀ ଗୃହ ପରିସରରେ ବୁଧବାର ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାକରାଣୀ ସ୍ୱାଇଁ, ଜିଲାପାଳ ସମର୍ଥ ବର୍ମା, ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଜିଲାର ସମସ୍ତ ବିଧାୟକ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମିଶ୍ର ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଜିଲା ପରିଷଦ ବୈଠକ କାରଣରୁ କମ୍ ସମୟ ତଥା ତରବରିଆ ଭାବେ ଜେଡ୍ ଏସ୍‌ଏସ୍ ବୈଠକ ଶେଷ କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ଆଲୋଚନା ଠିକ୍ ଭାବେ ହୋଇପାରି ନ ଥିବା ଉପସ୍ଥିତ ଥିବା ସଦସ୍ୟମାନେ କହିଛନ୍ତି। ସୂଚନାଯୋଗ୍ୟ, ଜିଲା ପରିଷଦ ବୈଠକ ପରେ ଲଞ୍ଚ ବ୍ରେକ୍ ଏବଂ ତା'ପରେ ଅପରାହ୍ନ ୩ଟାରେ ବୈଠକ ଜେଡ୍‌ଏସ୍‌ଏସ୍ ବୈଠକ ହେବାର ଥିଲା। ମାତ୍ର ଜିଲା ପରିଷଦ ବୈଠକ ମଝିରେ ଏହି ବୈଠକ କରାଯାଇଥିଲା।

ବୈଠକରେ ଜିଲାରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ବିଭିନ୍ନ ମତ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ କହିଥିଲେ, ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୬ଟି ଆଇସିୟୁ ବେଡ୍ ଓ ୪ ଭେଣ୍ଟିଲେଟର ରହିଛି। ସେଥିମଧ୍ୟରୁ ଗୋଟିଏ ଖରାପ ମଧ୍ୟ ରହିଛି। ସେହିପରି ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ(ଟିବି ଆଣ୍ଡ ଆଇଡିଏଚ୍)ରେ ୨୦ଟି ଆଇସିୟୁ ବେଡ୍ ଓ ୧୦ ଭେଣ୍ଟିଲେଟର ଅଛି। ହେଲେ ଏସବୁକୁ ବ୍ୟବହାର କରାଯାଉ ନାହିଁ। ଆଇଡିଏଚ୍‌ର ଗୁରୁତର ଆଇସିୟୁ ରୋଗୀଙ୍କୁ ମୁଖ୍ୟ ଚିକିତ୍ସାଳୟ ପଠାଯାଉଛି। ଏପରିକି ଆଇଡିଏଚ୍‌ରେ ଥିବା ଏବିଜି, ଇସିଜି ଓ ଆଲ୍ଟ୍ରାସାଉଣ୍ଡ ଭଳି ସରଞ୍ଜାମ ମଧ୍ୟ କାମରେ ଲାଗୁନି। ମେଶିନ୍‌ଗୁଡିକର ମରାମତି କରାଯାଉ। ସେହିପରି ରୋଗୀଙ୍କୁ ଆଇସିୟୁରେ ୮ ଦିନ ରହିବାକୁ ଅନୁମତି ମିଳୁ। ଅପରପକ୍ଷରେ ମୁଖ୍ୟ ଚିକିତ୍ସାଳୟର କାଜୁଆଲିଟିରେ ଡିଜିଟାଲ ଉଚ୍ଚ ରକ୍ତଚାପ ମେଶିନ୍ ବ୍ୟବହାର ହେଉଛି। ଯାହା ଆଧିକାଂଶ ସମୟରେ ଭୁଲ ତଥ୍ୟ ଦେଖାଉଛି। ଏଣୁ ଡିଜିଟାଲ ମେଶିନ ବଦଳରେ ମାନୁଆଲ ମେଶିନ ବ୍ୟବହାର କରାଯାଉ। ମୁଖ୍ୟ ଚିକିତ୍ସାଳୟରେ କେତେଜଣ ଡାକ୍ତର ୨୦ବର୍ଷରୁ ଅଧିକ ସମୟ ଗୋଟିଏ ଜାଗାରେ କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନ୍‌ରେ ପଠାଯାଉ। ଟିବି ଏବଂ ଆଇଡିଏଚ୍ ଡାକ୍ତରଖାନାର ଭାଙ୍ଗିଥିବା ପାଚେରି ନିର୍ମାଣ କରି ବୋର୍ଡ ଲଗାଯାଉ। ଡାକ୍ତରଖାନାରେ ଥିବା ଅକ୍ସିଜେନ୍ ପ୍ଲାଣ୍ଟରେ ୧୨୫ କିଲୋୱାଟ୍‌ର ଡିଜି ସେଟ୍ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି। ଫଳରେ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କମ୍ୟୁନିଟ୍ ହେଲଥ୍ ସେଣ୍ଟର ଏବଂ ପ୍ରାଇମେରୀ ହେଲଥ୍ ସେଣ୍ଟରରେ କର୍ମଚାରୀ ଅଭାବ ରହିଛି। ତେଣୁ ଉକ୍ତ ପଦବୀ ପୂରଣ ପାଇଁ ସରକାର ଧ୍ୟାନ ଦିଅନ୍ତୁ ବୋଲି ବୈଠକରେ ମର୍ଦ୍ଦରାଜ ଅନୁରୋଧ କରିଥିଲେ। ଏହାପରେ ଅନ୍ୟମାନେ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଉପସ୍ଥିତ ଅତିଥି, ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଜିଲାପାଳ ଶ୍ରୀ ବର୍ମା ସମସ୍ତ ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ କରାଯିବ ବୋଲି ଆଶ୍ୱସନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଅଗଷ୍ଟ ୨୦୨୩



## ସଂକ୍ଷେପରେ

### ରାଜ୍ୟ ଗ୍ରନ୍ଥାଗାରରେ ସମ୍ବଲପୁରୀ ଦିବସ

ଭୁବନେଶ୍ୱର,୨।୮(ଶର୍ମିଷ୍ଠା ପାଣିଗ୍ରାହୀ)- ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ ଭାଷାର ଭାଷାବିତ୍ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିବସକୁ 'ସମ୍ବଲପୁରୀ ଦିବସ' ରୂପେ ମଙ୍ଗଳବାର ପାଳନ କରାଯାଇଛି। ଏହି ଅବସରରେ ଗ୍ରନ୍ଥାଗାରର ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ ଅତସୀ ଦାସଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ଓ ଗ୍ରନ୍ଥାଗାର ଶିକ୍ଷାନବିସମାନେ ଯୋଗଦେଇ ସମ୍ବଲପୁର ଭାଷା, ସାହିତ୍ୟ ଓ ସଂସ୍କୃତି, ନୃତ୍ୟ,ଗୀତ, ଚିତ୍ରକଳା, ଶାଢୀ ଇତ୍ୟାଦିର ଭୂୟସୀ ପ୍ରଶଂସା କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର, ହଳଧର ନାଗ ପ୍ରମୁଖ ଅନେକ କବି ଓ ଲେଖକଙ୍କ ଅବଦାନ ସଂପର୍କରେ ଆଲୋଚନା କରାଯାଇଥିଲା।

### ୬ରେ ସ୍ୱାଧୀନତା- ସ୍ୱନକ୍ଷତ୍ର ପ୍ରତିଯୋଗିତା

ଭୁବନେଶ୍ୱର,୨।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସଂଭାବନା ପକ୍ଷରୁ ଆସନ୍ତା ୬ ତାରିଖରେ ସୂଚନା ଭବନଠାରେ ଅନୁଷ୍ଠିତ ହେବ ସ୍ୱାଧୀନତା- ସ୍ୱନକ୍ଷତ୍ର ପ୍ରତିଯୋଗିତା। ଏହି ପ୍ରତିଯୋଗିତା ଓଡିଆ, ହିନ୍ଦୀ ଓ ସଂସ୍କୃତ ଭାଷାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବର୍ଗ ଓ ଷଷ୍ଠରୁ +୩ ପର୍ଯ୍ୟନ୍ତ ବରିଷ୍ଠ ବର୍ଗରେ ଏହା ଅନୁଷ୍ଠିତ ହେବ। ଚିତ୍ରାଙ୍କନ, ଆବୃତ୍ତି ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ପ୍ରତିଯୋଗୀମାନେ ଉକ୍ତଦିନ ନାମ ପଞ୍ଜୀକରଣ କରିବା ସହ ଅଂଶ ଗ୍ରହଣ କରିବାକୁ ଅନୁଷ୍ଠାନର ଟ୍ରଷ୍ଟି ସ୍ମୃତି ମହାନ୍ତି ସୂଚନା ଦେଇଛନ୍ତି।

### ଡ୍ରିମ୍ସ ମେଡିକାଲ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

କଟକ,୨।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍ସ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଆଣ୍ଡ୍ ହସ୍ପିଟାଲର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ମହାପାତ୍ର ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ରଥମ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଛନ୍ତି। ଜଣେ ଅଭିଜ୍ଞ ମେଡିସିନ୍ ସ୍ପେସାଲିଷ୍ଟ ଭାବେ ପରିଚିତ ଡା. ମହାପାତ୍ର ଏସ୍ସିବି ମେଡିକାଲ ମେଡିସିନ୍ ବିଭାଗର ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ମଧ୍ୟ ଥିଲେ। ଏଥିସହ ମେଡିସିନ୍ ବିଭାଗ ମୁଖ୍ୟ ଭାବେ ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା, ଏକାଡେମିକ୍ ଓ ଟ୍ରେନିଂ ବିଭାଗର ନିର୍ଦ୍ଦେଶକ ଭାବେ ପ୍ରଫେସର ଡା. ରଞ୍ଜନ କୁମାର ଦାସ, ଲ୍ୟାବ୍ ସର୍ଭିସ ନିର୍ଦ୍ଦେଶକ ଭାବେ ପ୍ରଫେସର ଡା. ନିରୂପମା ଚୟନୀଙ୍କ ସମେତ ଅନ୍ୟ ବିଭାଗରେ ପ୍ରଫେସର ଡା. ଚାରୁଲତା ଷଡ଼ଙ୍ଗୀ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ସନ୍ଧ୍ୟା ମହାପାତ୍ର ଯୋଗଦାନ କରିଛନ୍ତି। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିନାନୁମତିରେ ଭୁବନେଶ୍ୱରରେ ରାସ୍ତା ଖୋଳିବା ମନା

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)

ଲଗାଣ ବର୍ଷାରେ ରାଜଧାନୀର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଏହାକୁ ନେଇ କଡ଼ା ସମାଲୋଚନାର ଶିକାର ହେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କର୍ତ୍ତୃପକ୍ଷ ସହରରେ ରାସ୍ତା ଖୋଳା ପୋତାକୁ ବ୍ୟବସ୍ଥିତ କରିବାକୁ ଅଣ୍ଟା ଭିଡିଛନ୍ତି। ବୁଧବାର ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ବିଏମ୍ସି ଅଞ୍ଚଳରେ ମନଇଚ୍ଛା ରାସ୍ତା ଖୋଳି ଦିଆଯାଉଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷକରି ବିଭିନ୍ନ ଟେଲିଫୋନ କମ୍ପାନୀ ଖୁଣ୍ଟି, ଟାୱାର ଓ କେବୁଲ ପକାଇବା ପାଇଁ ରାସ୍ତା ଖୋଳିଦେଉଛନ୍ତି। ମାତ୍ର ଏଣିକି ବିନା ଅନୁମତିରେ କୌଣସି ଟେଲିଫୋନ କମ୍ପାନୀ ବା ସଂସ୍ଥା ରାସ୍ତା ଖୋଳି ପାରିବେ ନାହିଁ। ରାସ୍ତା ଖୋଳିବା ଜରୁରୀ ଥିଲେ ସଂପୃକ୍ତ କମ୍ପାନୀ ବା ସଂସ୍ଥା ବିଏମ୍ସିକୁ ଲିଖିତ ଭାବେ ଜଣାଇବେ। ବିକାଶ ମୂଳକ କାର୍ଯ୍ୟ ପାଇଁ ଯଦି ଜରୁରୀ ପଡେ ତେବେ ବିଏମ୍ସି ବିଭାଗୀୟ ଇଞ୍ଜିନିୟର କ୍ଷେତ୍ର ପରିଦର୍ଶନ କରିବା ପରେ ଏନ୍ଓସି ଦେବେ। ବିଏମ୍ସି ସୀମା ମଧ୍ୟରେ ବର୍ତ୍ତମାନ କୌଣସି ରାସ୍ତା କାଟିବା ପାଇଁ ଅନୁମତି ଦିଆଯିବ ନାହିଁ। ତେବେ ଏହି ଅନୁମତି ପାଇଁ ସଂପୃକ୍ତ ସଂସ୍ଥାକୁ ଅନ୍‌ଲାଇନରେ ଭୁବନେଶ୍ୱର ଡଟ୍ ମି ଜରିଆରେ ଆବେଦନ କରିବାକୁ ପଡିବ। ବିଏମ୍ସି ପକ୍ଷରୁ ତୁରନ୍ତ କ୍ଷେତ୍ର ସମୀକ୍ଷା କରାଯିବ। ସଂପୃକ୍ତ ରାସ୍ତା ଯଦି ବିଏମ୍ସିର ହୋଇଥିବ ତେବେ ଆବଶ୍ୟକତା ଭିତ୍ତିରେ ଅନୁମତି ଦିଆଯିବ। ଏହା ଯଦି ପୂର୍ତ୍ତ ବିଭାଗର ହୋଇଥିବ, ତେବେ ଏହି ଆବେଦନକୁ ସମୀକ୍ଷା ପାଇଁ ବିଏମ୍ସି ପୂର୍ତ୍ତ ବିଭାଗକୁ ପଠାଇବ ଏବଂ ପୂର୍ତ୍ତ ବିଭାଗରୁ ଅନୁମତି ମିଳିବା ପରେ ବିଏମ୍ସି ଏନ୍ଓସି ଦେବ। ଖୁଣ୍ଟ, ଟାୱାର ବସାଇବା କିମ୍ବା କେବୁଲ ପକାଇବା ପାଇଁ ରାସ୍ତା ଖୋଳିଲେ, ପୂର୍ବଭଳି ରାସ୍ତାକୁ ଭଲ ଭାବେ ପୋତିବେ ଏବଂ ଖୋଳା ହୋଇଥିବା ସ୍ଥାନକୁ ଭଲ ଭାବେ ମରାମତି କରିବାକୁ ପଡ଼ିବ। ଏଥିଯୋଗୁ ବିଏମ୍ସି ଦ୍ୱାରା କରାଯାଇଥିବା ରାସ୍ତା, ଫୁଟ୍‌ପାଥ, ଲ୍ୟାଣ୍ଡ ସ୍କେପିଂ ଓ ଅନ୍ୟାନ୍ୟ ଭିତ୍ତିଭୂମି ବାଧାପ୍ରାପ୍ତ ହେଉ ନ ଥିବା ଆବଶ୍ୟକ। ଏହାସହିତ ଏନ୍ଓସି ମିଳିବାର ୭ଦିନ ମଧ୍ୟରେ ସଂପୃକ୍ତ ସଂସ୍ଥା କାର୍ଯ୍ୟ ଆରମ୍ଭ କରିବେ, କାର୍ଯ୍ୟ ସାରିବାର ଅବଧି ବାବଦରେ ସ୍ପଷ୍ଟ ସୂଚନା ଦେବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବେ। କୌଣସି ସଂସ୍ଥା ନିଜର ନିର୍ମାଣ ଓ କାର୍ଯ୍ୟଜନିତ ଆସବାବପତ୍ର ବିଏମ୍ସି ରାସ୍ତା ଉପରେ ବହୁଦିନ ଧରି ପକାଇ ପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ଅନୁମତି ସହ ଉପଯୁକ୍ତ ଦେୟ ଦେବାକୁ ପଡିବ। ଏହା କେଉଁଠାରେ ରହିବ, ତାହା ବିଏମ୍ସି ଚିହ୍ନଟ କରିବ ବୋଲି ନିଷ୍ପତ୍ତି ହୋଇଛି। ବିଏମ୍ସି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକଙ୍କ ସମେତ ପୂର୍ତ୍ତ ବିଭାଗ, ୱାଟକୋ, ବିଏସ୍ଏନ୍ଏଲ୍, ଏୟାରଟେଲ, ଜିଓ, ଗେଲ୍, ପାୱାର ଗ୍ରୀଡ୍, ଓପିଟିସିଏଲ୍ ଆଦି କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



ଆସନ୍ତା ୭ ତାରିଖରୁ ନୂଆ ରୂପରେ ଆସୁଥିବା ଜୀ ସାର୍ଥକର ଧାରାବାହିକ 'ଆମ ଝିଲି'ର ପୋଷ୍ଟର ରିଲିଜ କରାଯାଉଛି।

## ୭ରୁ ନୂଆ ରୂପରେ ଧାରାବାହିକ 'ଆମ ଝିଲି'

ଭୁବନେଶ୍ୱର,୨।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଆମ ଝିଲି' ଏକ ନୂଆ ରୂପ ନେଇ ଆସୁଛି, ଯାହା ଚୁଲବୁଲି ଝିଲିର ବିଶ୍ୱସନୀୟ ଯାତ୍ରାକୁ ଦର୍ଶକଙ୍କୁ ଭେଟିଦେବ। ବୁଧବାର ସ୍ଥାନୀୟ ଏକ ହୋଟଲରେ ଏହାର ପୋଷ୍ଟର ରିଲିଜ୍ ଅବସରରେ ଏହି ସୂଚନା ଦିଆଯାଇଛି। ଝିଲି ଜଣେ ସ୍ନେହୀ, ଯତ୍ନଶୀଳ ଓ ସମସ୍ତଙ୍କ ପ୍ରିୟ ଝିଅ, ଯିଏକି ଦିନେ ମିଠା ମହଲରେ ସମସ୍ତଙ୍କ ପ୍ରିୟ ଥିଲେ। ସେ ପରିବାରକୁ ଏକାଠି କରି ରଖିଥିଲେ। କିନ୍ତୁ ସମୟଚକ୍ରରେ ଝିଲିର ଭାଗ୍ୟ ପରିବର୍ତ୍ତନ ହୁଏ। ମହାପାତ୍ର ପରିବାର ସହ ସ୍ୱାମୀ ସିଦ୍ଧାର୍ଥ ମଧ୍ୟ ପରିସ୍ଥିତିରେ ପଡି ଷଡଯନ୍ତ୍ରର ଶିକାର ହୁଅନ୍ତି ଏବଂ ଝିଲି ଉପରେ ବିଶ୍ୱାସ ହରାନ୍ତି। ଏକଦା ଅନ୍ଧଭାବରେ ଭଲପାଉଥିବା ମହାପାତ୍ର ପରିବାରଠାରୁ ବିଦାୟ ନିଏ ଝିଲି। ଆଉ ଶପଥ କରିଯାଏ ଯେ, ଖୁବ୍‌ଶୀଘ୍ର ଫେରିବ ଓ ଷଡଯନ୍ତ୍ର ପଛରେ ଥିବା ମନ୍ଦ ଶକ୍ତିଗୁଡ଼ିକର ମୁଖା ସମସ୍ତଙ୍କ ଆଗରେ ଖୋଲିବ। ସମୟ ଅତିବାହିତ ହେଇଛି। ଗୋଟିଏ ବର୍ଷରେ ମହାପାତ୍ର ପରିବାର ଧ୍ୱଂସ ମୁଖରେ ପଡିଛି। ତେବେ ଝିଲି ପୁଣି ପ୍ରତ୍ୟାବର୍ତ୍ତନ କରିଛି ଏକ ନୂଆ ଅବତାରରେ। ଏକଦା ସାଇକେଲରେ ମିଠା ବିକ୍ରି କରୁଥିବା ଝିଅ ବର୍ତ୍ତମାନ ନିଜେ ଏକ ବଡ଼ ମିଠା ଦୋକାନର ମାଲିକ ହୋଇଛି। ଯଦିଓ ଝିଲିର କୌତୁକିଆ ମନୋଭାବ ଓ ଆକସ୍ମିକ ଭୁଲ୍‌ଭାଲ୍ ଇଂରାଜୀ କହିବାରେ କିଛି ଅଧିକ ପରିବର୍ତ୍ତନ ହୋଇନାହିଁ ହେଲେ ବର୍ତ୍ତମାନ ସେ ଦୃଷ୍ଟିକୋଣରେ ଅଧିକ ଆତ୍ମବିଶ୍ୱାସୀ ଓ ସଂକଳ୍ପବଦ୍ଧ ହୋଇଛି। କିନ୍ତୁ ଭାଙ୍ଗି ଯାଇଥିବା ମହାପାତ୍ର ପରିବାରକୁ ଝିଲି ପୁଣି ନିଜର ଭଲ ପାଇବା, ପ୍ରେମ,ନିଷ୍ଠା ଓ ବିଶ୍ୱାସ ବଳରେ ଗଢି ତୋଳିବାରେ ସଫଳ ହେବ ତ? ସେ ତା'ର ଟିଙ୍ଗା ବାବୁ ଅର୍ଥାତ୍ ସିଦ୍ଧାର୍ଥକୁ ଫେରିପାଇବ ତ? ଏମିତି ବହୁ ସମାହିତ ପ୍ରଶ୍ନର ଉତ୍ତର ନେଇ ଝିଲି ଜୀବନର ଦ୍ୱିତୀୟ ଅଧ୍ୟାୟ ଆରମ୍ଭ ହେଉଛି। ପ୍ରଦ୍ୟୁମ୍ନ ଲେଙ୍କା ପ୍ରଯୋଜିତ ଏହି ଧାରାବାହିକ 'ଆମ ଝିଲି' ଆସନ୍ତା ୭ ତାରିଖଠାରୁ ପ୍ରତି ସୋମବାରରୁ ଶୁକ୍ରବାର ସନ୍ଧ୍ୟା ୭ଟାରେ ଜୀ ସାର୍ଥକରେ ପ୍ରସାରିତ ହେବ। ଧାରାବାହିକର ମୁଖ୍ୟ ଝିଲି ଚରିତ୍ରରେ ନିକିତା ମିଶ୍ର ଥିବାବେଳେ ସିଦ୍ଧାର୍ଥ ଚରିତ୍ରରେ ଅମର ଛିଞ୍ଚାନୀ ଅଛନ୍ତି। ଜେଜେ ଭୂମିକାରେ ଅନ୍ତର୍ଯାମୀ ପଣ୍ଡା ଓ ଜେଜେମା ଭୂମିକାରେ ପ୍ରଭାତୀ ରହିଛନ୍ତି। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି, ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ତାଙ୍କ ମନୋରଞ୍ଜନ ଜାରି ରଖିଛୁ। ଆମ ଧାରାବାହିକଗୁଡିକର ପ୍ରତ୍ୟେକ ଚରିତ୍ର ହେଉଛି ନୂତନ ଉଦୀୟମାନ ଓଡିଆ ମହିଳାଙ୍କର ପ୍ରତିଫଳନ, ଯେଉଁମାନେ ନିଜର ତଥା ନିଜ ପରିବାରର ସ୍ୱପ୍ନକୁ ସାକାର କରିବାରେ ସର୍ବଦା ଚେଷ୍ଟାରତ ବୋଲି ସେ କହିଛନ୍ତି।

## ୨୧ରେ ମଞ୍ଚସ୍ଥ ହେବ 'ଅଭିଶପ୍ତ ଈଶ୍ୱର, ମହାଭାରତର ମହାଗାଥା'

ଭୁବନେଶ୍ୱର,୨।୮(ଶର୍ମିଷ୍ଠା ପାଣିଗ୍ରାହୀ)

ମଞ୍ଚରେ ସଂଳାପ କହିବ କବିତା । କବିତାମୟ ହେବ ସଂଳାପ । ଓଡ଼ିଆ ଭାଷା ସାହିତ୍ୟର ଅନବଦ୍ୟ କୃତିକୁ ନେଇ ନାଟ୍ୟସଂସ୍ଥା ଉତ୍ତରପୁରୁଷ ଅଗଷ୍ଟ ୨୧ରେ ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ହେବ ନାଟକ 'ଅଭିଶପ୍ତ ଈଶ୍ୱର, ମହାଭାରତର ମହାଗାଥା' । ଯୁବ ନିର୍ଦ୍ଦେଶକ ଦେବଦତ୍ତ ପତି ବିଶିଷ୍ଟ କବି, ପ୍ରାବନ୍ଧିକ ହରପ୍ରସାଦ ଦାସଙ୍କ ଜ୍ଞାନପୀଠ ମୂର୍ତ୍ତିଦେବୀ ପୁରସ୍କାରପ୍ରାପ୍ତ କବିତା ସଂକଳନ 'ବଂଶ'ର କିଛି କବିତାକୁ ନାଟ୍ୟରୂପ ଦେଇଛନ୍ତି। ପାଖାପାଖି ୨୫ ଜଣ କଳାକାର କରୁଛନ୍ତି ଅଭିନୟ । ନାଟକର ନିର୍ଦ୍ଦେଶକ ତଥା ଉତ୍ତରପୁରୁଷର ସମ୍ପାଦକ ଦେବଦତ୍ତ ପତି ଟିକଟ କାଟି ନାଟକ ଦେଖିବାକୁ ଅନୁରୋଧ କରିଛନ୍ତି।

## ୫ ବନ୍ଧୁକ, କାର୍, ବାଇକ୍ ଜବତ: ୫ ଅଭିଯୁକ୍ତ ଗିରଫ

କଟକ,୨।୮(କାର୍ତ୍ତିକ ସାହୁ)

କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍ ଏକ ପେଶାଦାର ବ୍ୟବସାୟୀ ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ପୋପରଡ଼ାର ସତ୍ୟଜିତ୍ ଜେନା ଓରଫ କାଳିଆ, ଜଗତ୍‌ସିଂହପୁରର ଦୁର୍ଗା ଦାସ ଓରଫ ନଣ୍ଡା, ଲାଲବାଗ ଥାନା ଅନ୍ତର୍ଗତ ଦିୱାନବଜାରର ମହମ୍ମଦ ରହିମ, ସେକ୍ ୱାସିମ ଓ କନ୍ଦରପୁର ଥାନା ଅନ୍ତର୍ଗତ ରାଜହଂସ ସାମଲସାହିର ଆସିକ୍ ସାମଲ ଓରଫ ସନ୍ତୋଷ। ସେମାନଙ୍କଠାରୁ ୫୦ ରାଉଣ୍ଡ ଗୁଳି, ୫ଟି ବନ୍ଧୁକ, ଗୋଟିଏ କାର, ଦୁଇଟି ବାଇକ ଓ ୬ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେମାନେ କଟକରେ ରହି ବେଆଇନ ବନ୍ଧୁକ ଓ ଗୁଳି କାରବାର ଚଳାଇଥିଲେ। କଟକ ତଥା ଅବିଭକ୍ତ କଟକ ଜିଲାରେ ବିଭିନ୍ନ ଅପରାଧରେ ସେମାନେ ଜଡ଼ିତ। ସେମାନଙ୍କ ମଧ୍ୟରୁ ରହିମ, ୱାସିମ୍ ଧଳସାମନ୍ତ ଭ୍ରାତାଙ୍କ ଗୋଷ୍ଠୀର ସକ୍ରିୟ ସଦସ୍ୟ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ କଟକ ସହରରେ ବଡ଼ ଧରଣର ଅପରାଧ ଘଟାଇବା ପାଇଁ ବନ୍ଧୁକ କାରବାର ଚଳାଇଥିଲେ। ବାଲି ବ୍ୟବସାୟୀ, ଠିକାଦାରି, ମାଲ ପରିବହନ ବ୍ୟବସାୟୀଙ୍କ ସମେତ ଛୋଟବଡ଼ ଅପରାଧରେ ସକ୍ରିୟ ଥିବା ଅସାମାଜିକ ବ୍ୟକ୍ତିଙ୍କୁ ଏହି ଅଭିଯୁକ୍ତମାନେ ବେଆଇନ ବନ୍ଧୁକ ଓ ଗୁଳି ଯୋଗାଇ ଦେଉଥିଲେ। ଏହି ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଘଟଣାର ଅଧିକ ଖୋଳତାଡ଼ ପାଇଁ ଏମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୨/୨୩) ରୁଜୁ ହୋଇଛି।

## ଦୁଇ କାର୍ ମଝିରେ ଚାପି ହୋଇଗଲା ସ୍କୁଟି



### ରାଜଧାନୀରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର,୨।୮(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବୁଧବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଦୁଇ କାର୍ ମଝିରେ ସ୍କୁଟି ଚାପି ହୋଇଯାଇଥିବାବେଳେ ସୌଭାଗ୍ୟବଶତଃ ଚାଳକ ରବିନାରାୟଣ ଦାସ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଏହି ସିରିଜ୍ ଦୁର୍ଘଟଣାରେ ୪ କାର୍ ସାମାନ୍ୟ ଓ ଗୋଟିଏ ସ୍କୁଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅପରାହ୍ନ ପ୍ରାୟ ୧ଟାରେ ଡମଣାରୁ ପଟିଆ ଅଭିମୁଖେ ଯାଉଥିବା ଏକ କାର୍ (ଓଡି୦୨ବିଆର୍୯୦୦୬) ମାକ୍ସ ଶୋ'ରୁମ୍ ସାମ୍ନା ରାସ୍ତାରେ ହଠାତ୍ ବ୍ରେକ୍ ଦେଇ ଅଟକି ଯାଇଥିଲା। ଫଳରେ ପଛରେ ସ୍କୁଟିରେ ଆସୁଥିବା ରବିନାରାୟଣ ଉକ୍ତ କାର୍ ପଛରେ ପିଟି ହୋଇଯାଇଥିଲେ। ଏହାପଛରେ ଆସୁଥିବା ଅନ୍ୟ ଏକ କାର୍ ରବିନାରାୟଣଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଏହି ସମୟରେ ରବିନାରାୟଣ ସ୍କୁଟି ଉପରେ ଠିଆ ହୋଇଯାଇ ରକ୍ଷାପାଇ ଯାଇଥିଲେ ମଧ୍ୟ ତାଙ୍କ ସ୍କୁଟିଟି ଚୂର୍‌ମାର ହୋଇଯାଇଥିଲା। ଏହାପରେ ସ୍କୁଟି ପଛକୁ ଧକ୍କା ଦେଇଥିବା ଉକ୍ତ କାର୍‌କୁ ଅନ୍ୟ ଦୁଇ କାର୍ ପଛକୁ ପଛ ଧକ୍କା ଦେଇଥିଲେ। ଏଥିଯୋଗୁ ସେଠାରେ ପ୍ରାୟ ୩୦ ମିନିଟ୍ ଧରି ଟ୍ରାଫିକ୍ ଜାମ୍ ହୋଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରି କାର୍ ଓ ସ୍କୁଟିକୁ ଥାନାକୁ ନେଇଥିଲା। ଶହୀଦନଗରରେ ରହୁଥିବା ସ୍କୁଟି ଚାଳକ ରବିନାରାୟଣ ଚନ୍ଦ୍ରଶେଖରପୁରସ୍ଥିତ ଅଫିସକୁ ଯିବାବେଳେ ଏହି ଦୁର୍ଘଟଣାର ସାମ୍ନା କରିଥିଲେ। ଅନ୍ୟପକ୍ଷରେ ପ୍ରଥମେ ରାସ୍ତାରେ ରହିଥିବା କାର୍‌ଟି ରାସ୍ତାରେ ପାଣି ଜମିଥିବାରୁ ଅଟକି ଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ନୂଆ ବ୍ୟାଚ୍ ଓଡ୍ରାଫ୍ ଯବାନଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ନେଉଥିବା ଓଡ୍ରାଫ ଯବାନ।

ଭୁବନେଶ୍ୱର, ୨।୮(ଅସମାପିକା ସାହୁ)

ବର୍ଷା ଦିନରେ ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଓ ସାପ କାମୁଡ଼ାଜନିତ ସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ ପକ୍ଷରୁ ନୂଆ ବ୍ୟାଚ୍ ଯବାନମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯବାନମାନଙ୍କୁ ଫ୍ଲଡ୍ ରେସ୍କ୍ୟୁ ବୋଟ୍ ଅପରେଶନ(ଏଫ୍ଆର୍‌ବିଓ) ପ୍ରଶିକ୍ଷଣ ଦିଆଯାଉଥିବାବେଳେ ବୁଧବାର ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଗୋଠପାଟଣାସ୍ଥିତ ରେଭିନ୍ୟୁ ଅଫିସ୍‌ସ୍ଥିତ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ ସମ୍ମିଳନୀ କକ୍ଷରେ ୪୦ଜଣ ଓଡ୍ରାଫ ଯବାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସାପମାନଙ୍କର ପ୍ରକାର ଭେଦ, ବିଷଧର ଓ ବିଷ ହୀନ ସାପଙ୍କୁ ଚିହ୍ନିବା, ସାପ କାମୁଡ଼ାର ଲକ୍ଷଣ, ପ୍ରାଥମିକ ଚିକିତ୍ସା, କ'ଣ କରିବା ଉଚିତ ଓ କ'ଣ ଅନୁଚିତ - ଏନେଇ ଯବାନମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଯବାନମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ଶୁଭେନ୍ଦୁ। ଓଡ୍ରାଫ ଯବାନମାନେ ବିପଦ ସଙ୍କୁଳ କାର୍ଯ୍ୟ କରିବା ସମୟରେ ବିଶେଷକରି ଦୁର୍ଗମ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ବେଳେ ସାପ କାମୁଡାରୁ କିପରି ନିଜକୁ ରକ୍ଷା କରିପାରିବେ ସେନେଇ ସଚେତନ କରାଇଥିଲେ। ସାପ କାମୁଡ଼ାକୁ ନେଇ ଏହି କାର୍ଯ୍ୟକ୍ରମ ଜୀବନ ରକ୍ଷା ନିମନ୍ତେ ସହାୟକ ହେବ ବୋଲି ଶୁଭେନ୍ଦୁ ମଲ୍ଲିକ ପ୍ରକାଶ କରିଛନ୍ତି।

# ଜଳବନ୍ଦୀକୁ ନେଇ ପୁରୁଣା ଭୁବନେଶ୍ୱରବାସୀଙ୍କ ଚିନ୍ତା ବଢ଼ିଲା

ପୁରୁଣା ଭୁବନେଶ୍ୱର,୨।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଲଗାଣ ବର୍ଷା ଯୋଗୁ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସଙ୍ଗୀନ୍ ପରିସ୍ଥିତି ସୃଷ୍ଟି ହୋଇପଡ଼ିଥିଲା। ପାଣି ନିଷ୍କାସନ ହୋଇ ନ ପାରିବାରୁ ରାସ୍ତାରେ ପାଣି ଜମିବା ସହିତ ମନ୍ଦିର ଓ ଲୋକଙ୍କ ଘରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଚିନ୍ତାରେ ସ୍ଥାନୀୟ ବାସିନ୍ଦା। ଆଗାମୀ ଦିନରେ ଏଭଳି ଯେପରି ନ ହେବ ସେଥିପ୍ରତି ପ୍ରଶାସନ ସଜାଗ ରହିବା ଜରୁରୀ ହୋଇପଡ଼ିଛି।

ଶ୍ରୀଲିଙ୍ଗରାଜ ମନ୍ଦିର ନାଟ ମଣ୍ଡପ ଏବଂ ଭୋଗ ମଣ୍ଡପରୁ ପାଣି ଝରିବା ଦେଖିବାକୁ ମିଳିଥିଲା। ସେହପରି କେଦାର ଗୌରୀ ମନ୍ଦିର ପାଣି ଘେରରେ ରହିଥିଲା। ବିନ୍ଦୁସାଗର କେଦାରଗୋରୀ ଛକରୁ ସେଣ୍ଟ ଜାଭିୟର ରାସ୍ତାରେ ପାଣି ଲହଡ଼ା ମାରି କେଦାର ଗୌରୀ ମନ୍ଦିରରେ ପାଣି ପଶିଯାଇଥିଲା। ଜଳ ନିଷ୍କାସନ ପାଇଁ ଡ୍ରେନ ନ ଥିବାରୁ ମନ୍ଦିରରେ ବର୍ଷାଜଳ ଜମି ରହିଥିଲା। ଏପରିକି ସେବାୟତମାନେ ଆଣ୍ଠୁଏ ପାଣିରେ ପଶି ଠାକୁରଙ୍କ ନୀତିକାନ୍ତି କରିବାକୁ ଭୟଭୀତ ହୋଇଥିଲେ। ସେହିପରି ରଥ ରୋଡ଼ରେ ଅବସ୍ଥିତ ବୈତାଳ ମନ୍ଦିରରେ ବର୍ଷା ପାଣି ଜମି ରହିବାରୁ ଏଠାରେ ପୂଜା ପାଉଥିବା ଅଷ୍ଟଭୁଜା ମା' ଚାମୁଣ୍ଡାଙ୍କ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ରଥ ରୋଡର ଉଭୟ ପାର୍ଶ୍ୱରେ ଜବର ଦଖଲ ଯୋଗୁ ଡ୍ରେନରୁ ଉଦ୍‌ବୃତ୍ତ ଆବର୍ଜନା ଓ ମଇଳା ପାଣି ରୋଡରେ ଭାସିଥିଲା। ଜନସୋଧି କେନ୍ଦ୍ରଠାରୁ ବାରିକ ସାହି ପର୍ଯ୍ୟନ୍ତ ଘରେ ଘରେ ପାଣି ପଶିଯାଇଥିଲା। ବାଉଁଶଖଣି, ବଡ଼ଗଡ଼ ଇ.ଏ କଲୋନୀ, ଗଧିଆଖାଲ,ଗ୍ୟାରେଜ ଛକ, ମହାବୀର ନଗର ରାସ୍ତାରେ ବର୍ଷାଜଳ ଜମିଥିଲା। ଏ ସମ୍ପର୍କରେ ଭାଜପା ନେତା ବାବୁ ସିଂ କହିଛନ୍ତି, ବିଏମ୍ସି ଲୋକମାନଙ୍କଠାରୁ ବିଭିନ୍ନ ଟିକସ ନେଉଥିବା ବେଳେ ମୌଳିକ ସେବା ଯୋଗାଇପାରୁନି। ଜବରଦଖଲ ଉଠାଇବା ସରକାରଙ୍କ କାର୍ଯ୍ୟ। ସେହିପରି ୫୪ ନମ୍ବର ୱାର୍ଡ ସଭାପତି ଦାଶରଥି ଗରାବଡୁ କହିଛନ୍ତି, ଜଳ ସମସ୍ୟା ପାଇଁ ଲୋକମାନେ ହିଁ ଦାୟୀ। କେଉଁଠି ଡ୍ରେନ ଉପରେ ଗୃହ ନିର୍ମାଣ କରାଯାଇଛି ତ' କେଉଁଠି ଖାଲୁଆ ସରକାରୀ ଜାଗାରେ ଘର ନିର୍ମାଣ ହୋଇଛି। ତେଣୁ ଲୋକେ ସଚେତନ ହେବା ଆବଶ୍ୟକ। ସାମାଜିକ କର୍ମୀ ଗୌରୀଶଙ୍କର ଶତପଥୀ କହିଛନ୍ତି, ବିଏମସି ଏବଂ ଉକ୍ତ ଅଞ୍ଚଳର ଜନପ୍ରତିନିଧିମାନେ ସମ୍ପୂର୍ଣ୍ଣ ଦାୟୀ। ସାମାଜିକ କର୍ମୀ ଭୀଷ୍ମ ନାରାୟଣ ନାୟକ କହିଛନ୍ତି, ବିଏମ୍ସି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ପଛଘୁଞ୍ଚା ଦେଉଥିବାରୁ ପୁରୁଣା ଭୁବନେଶ୍ୱରବାସି ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ବର୍ଷବର୍ଷ ଧରି ରୁଦ୍ରପୁରବାସୀ ଜଳବନ୍ଦୀ

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)





ଜଳ ନିଷ୍କାସନ ସମସ୍ୟାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅନ୍ତର୍ଗତ ୪ ନମ୍ବର ୱାର୍ଡର ରୁଦ୍ରପୁର ଗ୍ରାମ ବର୍ଷ ବର୍ଷ ଧରି ଜଳବନ୍ଦୀ ହୋଇରହିଛି। ଏବେ ଲଗାଣ ବର୍ଷାରେ ସ୍ଥିତି ଆହୁରି ସଙ୍ଗିନ ହୋଇପଡିଛି। ପୁରୀ ମୁଖ୍ୟ କେନାଲ ଓ ଜାତୀୟ ରାଜପଥ-୧୬ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏହି ଗ୍ରାମର ବାସିନ୍ଦା ବର୍ଷବର୍ଷ ଧରି ଉକ୍ତ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବିଶେଷକରି ମୂଳ ବାସିନ୍ଦା ବେହେରାସାହି ଗ୍ରାମବାସୀ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଏନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ କାହାର ଆନ୍ତରିକତା ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପୁରୀ ମୁଖ୍ୟ କେନାଲ୍‌ର ହରିଦାସପୁର ସାଇଫନ ଦେଇ ନୂଆପାଟଣା, ବଙ୍ଗୁଆରୀ, ହରିଦାସପୁର, ସୁନ୍ଦରପାଟଣା ଓ ନହରକଣ୍ଟା ଅଞ୍ଚଳର ବର୍ଷା ଓ ବନ୍ୟାଜଳ ଅପର ପାର୍ଶ୍ୱ ରୁଦ୍ରପୁରକୁ ନିଷ୍କାସିତ ହୋଇଥାଏ। ଏହି ପାଣି ସିଧାସଳଖ ଚାଷ ଜମି ଦେଇ ଜାତୀୟ ରାଜପଥରେ ଥିବା ତଳଉ ଶଙ୍ଖ ବାଟ ଦେଇ ଅପରପାର୍ଶ୍ୱ ଜୟପୁର ମୌଜାକୁ ନିଷ୍କାସିତ ହୋଇ ପ୍ରାଚୀ ନଦୀରେ ମିଶିଥାଏ। ମାତ୍ର ଚାଷ ଜମିରେ ବ୍ୟବସାୟିକ ଆପାର୍ଟମେଣ୍ଟ, ବାଣିଜ୍ୟିକ ଗୋଦାମଘର ଓ ଗୃହ ନିର୍ମାଣ ସମୟରେ ଜଳ ନିଷ୍କାସନ ପାଇଁ ବନ୍ଦୋବସ୍ତ କରାଯାଉ ନ ଥିବାରୁ ଏପରି ସମସ୍ୟା ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଜଳ ନିଷ୍କାସନକୁ ଦୃଷ୍ଟି ନ ଦେଇ ବିଡିଏ ପକ୍ଷରୁ ବାସଗୃହ ପ୍ରକଳ୍ପ ଅନୁମୋଦନ ଯୋଗୁ ଜାତୀୟ ରାଜପଥର ତଳଉ ଶଙ୍ଖକୁ ଟୋପାଏ ମଧ୍ୟ ଜଳ ଯାଉନାହିଁ। ଅବହେଳା ପାଇଁ ଏହି ଗ୍ରାମ ଜଳବନ୍ଦୀ ହେଉଛି। ବର୍ଷାଦିନେ ଯେଉଁ ଚାଷ ଜମିରେ ସ୍ଥାନୀୟ ବାସିନ୍ଦା ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ ସେହି ଚାଷଜମି ଓ ସେମାନଙ୍କ ବାଡ଼ିବଗିଚା ଓ ଘର ଦୁଆରେ ଆଣ୍ଠୁଏ ଉଚ୍ଚାରେ ପାଣି ବର୍ଷସାରା ଜମି ରହି ସେମାନଙ୍କ ଜୀବନଜୀବିକାକୁ ବିପର୍ଯ୍ୟସ୍ତ କରିପକାଉଛି। ଜଳ ନିଷ୍କାସନରେ ସ୍ୱାଗତ ବିହାର, ଆପାର୍ଟମେଣ୍ଟ ଏବଂ ରୁଦ୍ରପୁର ଯାଉଁଳି ଶଙ୍ଖ ମୁହଁରେ ଥିବା ସିମ୍ଫୋନୀ ମଲ୍ ବାଧା ସୃଷ୍ଟି କରୁଛି। ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ବିଏମ୍ସି, ବିଡିଏ, ଜଳସମ୍ପଦ ବିଭାଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବୁଧବାର ବିଧାୟକ ସୁଶାନ୍ତ ରାଉତ ଓ ମେୟର ସୁଲୋଚନା ଦାସ ଏହି ଅଞ୍ଚଳ ଗସ୍ତରେ ଆସିଥିବାବେଳେ ଅଞ୍ଚଳବାସୀ ଏ ସମ୍ପର୍କରେ ଜଣାଇବା ସହ ଜଳନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ନିବେଦନ କରିଛନ୍ତି।

## ପରିମଳ ବ୍ୟବସ୍ଥା ଅନୁଧାନ କଲା କେନ୍ଦ୍ରୀୟ ଟିମ୍

କଟକ ସଦର,(ସୁଶାନ୍ତ କୁମାର ଜେନା): ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ସଫଳତା ଅନୁଧାନ ପାଇଁ କେନ୍ଦ୍ରୀୟ ଟିମ୍ କଟକ ସଦର ବ୍ଲକ ଅଧୀନ ୫ଟି ପଞ୍ଚାୟତ ପରିଦର୍ଶନ କରିଥିଲା। ବୁଧବାର କିଶୋର ନଗର ଓ କନ୍ଦରପୁର ପଞ୍ଚାୟତର ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ଏଥିସହ ଆବର୍ଜନା କୁଣ୍ଡଗୁଡ଼ିକର ବ୍ୟବହାର ଉପରେ ମଧ୍ୟ ଅନୁଧାନ କରିଥିଲେ। ମଙ୍ଗଳବାର ପରମହଂସ, ଗଡିରାଉତପାଟଣା, ନିମେଇଶାପୁର ପଞ୍ଚାୟତ ବୁଲି ଦେଖିଥିଲେ। ଏହି ଟିମ୍‌ରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ପ୍ରମୋଦ କୁମାର ଜେନା, ବ୍ଲକ ପ୍ରତିନିଧି ତେଜସ୍କର ସିଂହଙ୍କ ସମେତ ସରପଞ୍ଚ ଓ ଗ୍ରାମ ରୋଜଗାର ସେବକ ସାମିଲ ହୋଇଥିଲେ।



## ସଂକ୍ଷେପରେ

### କାଉନ୍‌ସିଲରଙ୍କ ଦାୟିତ୍ୱ, କାର୍ଯ୍ୟଦକ୍ଷତା ସମ୍ପର୍କିତ ତାଲିମ ଶିବିର

ଚୌଦ୍ୱାର,୨/୮ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ପକ୍ଷରୁ ନିର୍ବାଚିତ କାଉନ୍‌ସିଲରମାନଙ୍କ ଦାୟିତ୍ୱ, କାର୍ଯ୍ୟଦକ୍ଷତା ସମ୍ପର୍କିତ ଏକ ତାଲିମ ଶିବିର ବୁଧବାର ସ୍ଥାନୀୟ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ୍‌ର ନୋଡାଲ ଅଫିସର ବିଚିତ୍ରାନନ୍ଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି(ଡୁଡା)ର ବିଶେଷଜ୍ଞ ଅକ୍ଷୟ ମିଶ୍ର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ସ୍ୱଚ୍ଛତା ବଜାୟ ରଖିବା ପାଇଁ ୱାର୍ଡ଼ଗୁଡ଼ିକରେ କାର୍ଯ୍ୟରତ ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ୱାର୍ଡ଼ ଅଫିସର ଓ ସଫେଇ କର୍ମଚାରୀମାନଙ୍କ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ କାଉନସିଲରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କାଉନ୍‌ସିଲରମାନେ ପୌରପାଳିକାର ନୂଆସାହିଠାରେ ଥିବା ମଳପଙ୍କ ବିଶୋଧନାଗାର, ଅଣୁ ଜୈବିକ ସାର ତିଆରି କେନ୍ଦ୍ର ପରିଦର୍ଶନ କରି ବ୍ୟବହାର ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ପରିମଳ ବିଶେଷଜ୍ଞ ପିୟୁଷ କୁମାର ସାହୁ ଓ ସଞ୍ଜୟ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡୁଡା ତରଫରୁ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଆଖଣ୍ଡଳମଣି ମନ୍ଦିରରେ ସାପ୍ତାହିକ ଭାଗବତ ଚର୍ଚ୍ଚା

କଟକ,୨/୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ମର୍କତନଗର ସେକ୍ଟର-୭ସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଚର୍ଚ୍ଚା ଓ ଭଜନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସାଂସ୍କୃତିକ ସମ୍ପାଦକ ମୁରଲୀଧର ଶତପଥି ପରିଚାଳନା କରିଥିଲେ। ଗତ ମଙ୍ଗଳବାର ପଣ୍ଡିତ ଦୁଲାଲକୃଷ୍ଣ ପତି ଭାଗବତ ପାଠ କରିବା ପରେ ବିଶିଷ୍ଟ ପାଲାକାର ଯୋଗେନ୍ଦ୍ର ମାର୍ଥା ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ କ୍ଷୀରୋଦ କୁମାର ଦାଶ ସ୍ୱାଗତ କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଭାଗବତ ପ୍ରଚାରର ଆବାହକ ନିବାସ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାତ ରଞ୍ଜନ ସ୍ୱାଇଁ, ଡ. ଜ୍ଞାନଗୁରୁ ଦାସ, ବିଜୟ ସାମଲ, ଅନନ୍ତ ବିଶ୍ୱାଳ, ରବି ମହାରଣା, ନର୍ଜୁନ୍ ଇସଲାମ ପ୍ରମୁଖ ଯୋଗଦେଇଥିଲେ।

### ରାସ୍ତାରେ ପାଣି, ଯାତାୟାତରେ ବାଧା

ସାଲେପୁର,୨/୮ (ଅରବିନ୍ଦ ଭୂୟାଁ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସାଲେପୁରର ବିଭିନ୍ନ ଜାଗାରେ ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତରେ ବ୍ୟାଘାତ ଉପୁଜିଛି। ଅପରପକ୍ଷରେ ମଙ୍ଗଳବାର ରାତି ୮ଟାଠାରୁ ବୁଧବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲଗାଣବର୍ଷା ଲାଗି ରହିଥିଲା। ବହୁ ବିଦ୍ୟାଳୟରେ ରେନି ଡେ ମଧ୍ୟ କରାଯାଇଥିଲା। ସାଲେପୁରରେ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ସହରର ସେଣ୍ଟ୍ରାଲ ମାର୍କେଟ୍, ଖେଳପଡ଼ିଆ, ମାଛୁଆଡି ବଜାର, ସାଲେପୁର ସାପ୍ତାହିକ ହାଟ, ଲୁଣାହାର ପୋଲ ନିକଟରୁ ଚନ୍ଦ୍ରାଦେଇପୁର ସ୍କୁଲ ଗେଟ୍ ପର୍ଯ୍ୟନ୍ତ କୁଆଁପାଳ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଥିଲା।

### ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ସର୍ବାଗ୍ରେ

ତିଗିରିଆ,୨/୮ ( ଜାଫର ଖାଁ )

ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କର ଭୂମିକା ସର୍ବଦା ଆଗରେ ବୋଲି ବୁଧବାର ବିଷ୍ଣୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତା କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରୋହିତ କୁମାର ସ୍ୱାଇଁଙ୍କ ସଭାପତିତ୍ୱ, ଗଦାଧରପୁର ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଗୋଛିଙ୍କ ସଂଯୋଜନରେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ସ୍ୱାଇଁ, ବ୍ଲକ ସହଶିକ୍ଷାଧିକାରୀ ସଂଯୁକ୍ତା ଚୌଧୁରୀ, ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ବଳରାମ ମୁଦୁଲି ଏବଂ ସମିତିସଭ୍ୟା ଗାୟତ୍ରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ମହାନ୍ତିଙ୍କ ଉଦ୍ଦେଶ୍ୟରେ ବିଦାୟୀ ଗୀତିକା ଗାନ କରିଥିଲେ। ଏହାସହ ବିଦ୍ୟାଳୟ ପକ୍ଷରୁ ଅତିଥିମାନେ ମହାନ୍ତିଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବଡ଼ ନଈଗୁଆଁ ଗାଁରୁ ହଜାରେ ଗଛ କାଟିନେଲେ ଦୁର୍ବୃତ୍ତ



ଦୁର୍ବୃତ୍ତମାନେ କାଟି ନେଇ ଥିବା ଗଛର ମୂଳ।



କଟା ହୋଇଥିବା ଗଛ।

ନିଶ୍ଚିନ୍ତକୋଇଲି,୨/୮ (ଅଶୋକ କୁମାର ମହାପାତ୍ର)

- ଗୋଟେପଟେ ଚାରା ରୋପଣ, ଆର ପଟେ ଅବାଧ ଗଛ କଟା
- ପ୍ରଶାସନ ନୀରବଦ୍ରଷ୍ଟା, କାର୍ଯ୍ୟାନୁଷ୍ଠାନ ନାହିଁ

ବନ ମହୋତ୍ସବ ଅବସରରେ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରି ଚାରା ରୋପଣ କରି ପରିବେଶର ସୁରକ୍ଷା କଥା ଚିନ୍ତା କରୁଥିବା ବେଳେ ଦୁର୍ବୃତ୍ତମାନେ ଅବାଧରେ ଗଛ କାଟି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳରୁ ଦୁର୍ବୃତ୍ତମାନେ ଯୋଜନାବଦ୍ଧ ଭାବେ ଜୀବନ୍ତ ହଜାରରୁ ଊର୍ଦ୍ଧ୍ୱ ଗଛକୁ କାଟି ନେବାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଏପରିସ୍ଥଳେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜି ଥିବା ଲୋକେ ଅଭିଯୋଗ କରିଛନ୍ତି।

ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ଦାଉଦପୁର ପଞ୍ଚାୟତ ବଡ଼ ନଈଗୁଆଁ ଗ୍ରାମ ରହିଛି। ଏହି ଗ୍ରାମର ସନ୍ନିକଟରେ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ ପଠାରେ ପ୍ରାୟ ୨୦ ଏକର ଜମିରେ ସ୍ଥାନୀୟ ମା' ବୁଢ଼ୀ ଜାଗୁଳାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏଠାରେ ୨୦୦୯-୧୦ ଆର୍ଥିକ ବର୍ଷରେ ଚାରା ରୋପଣ ହୋଇଥିଲା। ଚାରାଗୁଡ଼ିକ ବଢ଼ି ବଡ଼ ବଡ଼ ଗଛରେ ପରିଣତ ହୋଇଥିଲା। ଏଠାରେ ଏକ ପାର୍କ ନିର୍ମାଣ କରାଯାଇଥିଲା। ଏହି ସ୍ଥାନଟି ନଦୀକୂଳରେ ଅବସ୍ଥିତ ଥିଲା ବେଳେ ଏକ ସାଇ ମନ୍ଦିର ରହିଛି। ଦୈନନ୍ଦିନ ଶତାଧିକ ଶ୍ରଦ୍ଧାଳୁ ସାଇବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ନିମନ୍ତେ ଆସିଥାନ୍ତି। ଏପରିକି ଏଠାକୁ ବଣଭୋଜି କରିବାକୁ ମଧ୍ୟ ବିଭିନ୍ନ ସ୍ଥାନରୁ ସ୍କୁଲ, କଲେଜ ପିଲା ଓ ଅନ୍ୟମାନେ ଆସିଥାନ୍ତି। ସ୍ଥାନୀୟ ଅଞ୍ଚଳର ଲୋକମାନେ ମଧ୍ୟ ଏଠାରୁ ଜାଳେଣି କାଠ ସଂଗ୍ରହ କରିଥାନ୍ତି। ଏପରିସ୍ଥଳେ ଦୁର୍ବୃତ୍ତମାନେ ଯୋଜନାବଦ୍ଧ ଭାବେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଜୀବନ୍ତ ଗଛ କାଟି ଦେଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦିଲୀପ କୁମାର ନାୟକଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଛନ୍ତି। ଅଭିଯୋଗର ତଦନ୍ତ ନିମନ୍ତେ ମଙ୍ଗଳପୁର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରି ରିପୋର୍ଟ ଦାଖଲ କରିଛନ୍ତି। ତେବେ ଏହି ସ୍ଥାନରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନୂତନ ବନୀକରଣ କରାଯିବା ନିମନ୍ତେ ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ନୂତନ ବନୀକରଣ ନିମନ୍ତେ ଏତେ ପରିମାଣର ଗଛ କଟାଯାଇଛି। ତେବେ ଏଥିରେ ବ୍ୟତିକ୍ରମ ହୋଇଥିଲେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ନାୟକ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ରାଜ୍ୟ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଆରଡିସି, କଟକ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

# ଓଡ଼ିଶା ଶିକ୍ଷାସେବା ଅଧିକାରୀଙ୍କ ପ୍ରବେଶ ପ୍ରଶିକ୍ଷଣ

କଟକ,୨/୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ନବନିଯୁକ୍ତ ଓଡ଼ିଶା ଶିକ୍ଷା ସେବା ଅଧିକାରୀ(ଓଇଏସ୍)ଙ୍କର ରାଜ୍ୟସ୍ତରୀୟ ପ୍ରବେଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପନିର୍ଦ୍ଦେଶକ (ଶିକ୍ଷକ ତାଲିମ) ମହେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବନିଯୁକ୍ତମାନଙ୍କ ସହ ମତ ବିନିମୟ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦିପ୍ତୀମୟୀ ଶୁଭଦର୍ଶିନୀ ଓ ସୋନାମିକା ରାୟ ନବନିଯୁକ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବଂ ପ୍ରଧାନଶିକ୍ଷକମାନଙ୍କୁ ଶିକ୍ଷା ବିଭାଗର ବିଭିନ୍ନ ଦିଗ ଓ କାର୍ଯ୍ୟ ଉପରେ ମାର୍ଗଦର୍ଶନ କରାଇଥିଲେ। ମୋ ସରକାର, ମୋ ସ୍କୁଲ ଅଭିଯାନ, ୫-ଟି ରୂପାନ୍ତରୀକରଣ, ବିଦ୍ୟାଳୟର ଶୈକ୍ଷିକ ଅଭିବୃଦ୍ଧି, ଉନ୍ନତ ଶିକ୍ଷାଦାନ ପଦ୍ଧତି, ସମଗ୍ର ଶିକ୍ଷା ଅଭିଯାନର ବିଭିନ୍ନ ଯୋଜନା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସଫଳ ରୂପାୟନ, ପୋଷାକ, ପୁସ୍ତକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ବିତରଣ ଆଦି କାର୍ଯ୍ୟର ସଫଳ ରୂପାୟନ ଦିଗରେ ସେମାନଙ୍କୁ ଅବଗତ କରାଯାଇଥିଲା। ବାଳିକା ସଂଯୋଜିକା ମାନସୀ ଧଳ, ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା, ଜିଲା ୫-ଟି ଦାୟିତ୍ୱରେ ଥିବା ପ୍ରମଥ କୁମାର ଦେଓ, ମାଧ୍ୟମିକ ଶିକ୍ଷା ପରିଷଦର ସହ ସମ୍ପାଦକ ଡ. ଅନୁସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନବନିଯୁକ୍ତମାନେ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ।

# ଭାରିଯାନ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ



ମଙ୍ଗଳାବଜାରଠାରୁ ଭେଜିଆ ରାସ୍ତା ଖାଲଖମାରେ ବର୍ଷା ପାଣି ଜମି ରହିଛି।

ତିଗିରିଆ,୨/୮ ( ଜାଫର ଖାଁ )

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ମଙ୍ଗଳାବଜାରଠାରୁ ଭେଜିଆ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରେ ପ୍ରତିଦିନ ବେଆଇନ ଭାବେ ଭେଜିଆ ଅଞ୍ଚଳରୁ ଶତାଧିକ ହାଇୱାରେ କଳାମୁଗୁନି ପଥର ଚାଲାଣ ହେଉଛି। ଏଥିଯୋଗୁ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଥିବାରୁ ଯାତାୟାତରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଭେଜିଆ ରାସ୍ତାର ଜଗନ୍ନାଥପୁର ମଙ୍ଗଳା ମନ୍ଦିର ସାମନା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାରେ ଜେମାଦେଇପୁର ହାଇସ୍କୁଲକୁ ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ପାଠ ପଢିବାକୁ ଯିବା ଆସିବା କରନ୍ତି।

# ବର୍ଷା ପ୍ରଭାବିତଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉ



ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧିମାନେ।

କଟକ,୨/୮ (ସୁପ୍ରିୟା ପ୍ରିୟଦର୍ଶିନୀ)

## ସିଏମ୍‌ସି କମିଶନରଙ୍କୁ ଦାବିପତ୍ର

ସହରାଞ୍ଚଳରେ ବର୍ଷାଜଳ ଘେରରେ ରହିଥିବା ଲୋକଙ୍କ ସମସ୍ୟା ପ୍ରତି ବିହିତ ପଦକ୍ଷେପ ନେବା ଦାବିରେ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ବର୍ଷା ପ୍ରଭାବରେ ପ୍ରଭାବିତ ହୋଇଥିବା ବିଭିନ୍ନ ୱାର୍ଡ, ବସ୍ତି ଓ ତଳିଆ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହିତ ରନ୍ଧା ଓ ଶୁଖିଲା ଖାଦ୍ୟ, ମହମବତି ଆଦି ଯୋଗାଇ ଦେବା ପାଇଁ ବିଧାୟକ ଉକ୍ତ ପତ୍ର ମାଧ୍ୟମରେ ପୌର ପ୍ରଶାସନକୁ ଜଣାଇଛନ୍ତି। ଆହୁରି ୩ ଦିନ ବର୍ଷା ସମ୍ଭାବନା ଥିବାରୁ ଜଳବନ୍ଦୀ ଲୋକଙ୍କୁ ପଲିଥିନ ଓ ଆନୁଷଙ୍ଗିକ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ପାନୀୟଜଳ ସହିତ ଜ୍ୱର, ଝାଡ଼ାବାନ୍ତି ପାଇଁ ପ୍ରତିକାର ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ପାଇଁ ମୋକିମ ଦାବି କରିଛନ୍ତି। କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜା ରାଉତ, ଶୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା, ଭାନୁ ସେନାପତି, ବଟକୃଷ୍ଣ ସାହୁ, ଜେ. କାମେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ।

## ପୋଷାକ ବିତରଣ ଉତ୍ସବ

ମାଣିଆବନ୍ଧ,୨/୮ ( ଅଖିଳ କୁମାର ସାହୁ )

ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ମନସ୍ୱିନୀ ଜେନା, ପରିଚାଳନା ପରିଷଦର ସଭାପତି ନାରାୟଣ ପତି, ଉପସଭାନେତ୍ରୀ ସବିତା ସାହୁ, ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ମହାଳିକଙ୍କ ସଂଯୋଜନାରେ ଉକ୍ତ ଉତ୍ସବରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ୨ ହଳ ପୋଷାକ ବଣ୍ଟନ କରାଯାଇଥିଲା। ଶିକ୍ଷକ ମୁରଲୀ ଦେବତା ଧନ୍ୟବାଦ ଦେଇଥିଲେ।

## ଓସିଏସ୍ ପରୀକ୍ଷାରେ ଜ୍ଞାନରଞ୍ଜନଙ୍କ କୃତିତ୍ୱ

ମାଣିଆବନ୍ଧ, ୨/୮ (ଅଖିଳ କୁମାର ସାହୁ )



ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଣ୍ଟିକିଆର ପଞ୍ଚାୟତ ମଝିପଡ଼ା ଗ୍ରାମର ସରୋଜିନୀ ସାହୁ ଓ କୃଷ୍ଣଚନ୍ଦ୍ର ସାହୁଙ୍କ କନିଷ୍ଠ ପୁତ୍ର ଜ୍ଞାନରଞ୍ଜନ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା - ୨୦୨୧ରେ ୨୨୦ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଗାଁ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା, ଖୁଣ୍ଟୁକଟା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ କନିଷ୍ଠ ମହାବିଦ୍ୟାଳୟ ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ବର୍ତ୍ତମାନ ସେ ଡାକ ବିଭାଗ ଦକ୍ଷିଣ ମଣ୍ଡଳ ଡାକ ଜୀବନ ବୀମା ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଡାକ ବିଭାଗର ଦକ୍ଷିଣ ମଣ୍ଡଳର ସମସ୍ତ କର୍ମଚାରୀ, ଏଜେଣ୍ଟ ଓ ମାଣିଆବନ୍ଧ ପଞ୍ଚାୟତ ଗ୍ରାମବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ, ମାତାପିତା ଓ ସହକର୍ମୀମାନଙ୍କୁ ସେ ସଫଳତାର ଶ୍ରେୟ ଦେଇଛନ୍ତି।

# ସଫା ହେଉନି ଶୌଚାଳୟ, ମାଡ଼ିଗଲାଣି ଗଛଲତା

ନିଶ୍ଚିନ୍ତକୋଇଲି,୨/୮ (ଅଶୋକ କୁମାର ମହାପାତ୍ର)

- ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ମନମୁଖି କାର୍ଯ୍ୟ ଅଭିଯୋଗ
- ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ

ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ମନମୁଖି କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଛାତ୍ର, ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ନିୟମ ଅନୁଯାୟୀ, ଜୁଲାଇ ୧୫ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯିବାର ନିୟମ ଥିଲାବେଳେ ଏପର୍ଯ୍ୟନ୍ତ ଦିଆଯାଇନାହିଁ। ବିଦ୍ୟାଳୟରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲା ବେଳେ ନିୟମିତ ଶୌଚାଳୟ ସଫେଇ କରାଯାଉନାହିଁ। ବିଦ୍ୟାଳୟ ପରିସର ସଫା କରାଯାଉ ନ ଥିବାରୁ ଗଛ ଲତା ମାଡି ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଛି। ଫଳରେ ବିଦ୍ୟାଳୟକୁ ପଢିବାକୁ ଆସୁଥିବା ପିଲାମାନେ ହଇରାଣ ହେଉଛନ୍ତି।

ବିଦ୍ୟାଳୟ ପରିଚାଳନା କମିଟିର ବିନା ରେଜୁଲେଶନରେ କର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀରବଦ୍ରଷ୍ଟା ସାଜିଛନ୍ତି। ଏପରିକି ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଇଛି। ଉନ୍ନୟନ କାମ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସହ କୌଣସି ଆଲୋଚନା କରା ନ ଯାଇ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, କଟକ ଜିଲା ଶିକ୍ଷାଧିକାରୀ, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରବାରେ ଅଭିଯୋଗ ମିଳିଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିଲୁପ୍ତ ହୋଇଯାଉଛନ୍ତି ସାଧବବୋହୂ

ବାଙ୍କୀ,୨/୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବର୍ଷା ଋତୁ ଆରମ୍ଭରେ ଝିପି ଝିପି ବର୍ଷା ଦ୍ୱାରା ବସୁଧା ସବୁଜିମାରେ ଭରିଯାଏ। ଏହାକୁ ସୁନ୍ଦର କରିଦିଏ ଲାଲ୍‌ଟୁକୁ ଟୁକୁ ସାଧବ ବୋହୂ। ବର୍ଷାର ପ୍ରଥମ ଅସରା ଯେତେବେଳେ ଧରାପୃଷ୍ଠରେ ପଡେ ସେତେବେଳେ ନାଲି ଟୁକୁ ଟୁକୁ ସାଧବ ବୋହୂ ଆସିଯାଆନ୍ତି ଧରଣୀକୁ। ସାଧବ ବୋହୂଟି ଶାନ୍ତି ଓ ସମୃଦ୍ଧିର ଏକ ପ୍ରତୀକ। ସାଧବ ବୋହୂକୁ ଦେଖି ଭଲ ଫସଲ ହେବ ବୋଲି ଚାଷୀଭାଇମାନଙ୍କର ବିଶ୍ୱାସ ରହିଛି। ସାଧବ ବୋହୂର ରଙ୍ଗ ନାଲି ଟୁକୁଟୁକୁ। କିନ୍ତୁ ବର୍ତ୍ତମାନ ଚାଷ ଜମିରେ ବହୁଳ ପରିମାଣରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ଏମାନଙ୍କ ବଂଶ କମିବାରେ ଲାଗିଛି। ଏହି ପୋକ ବର୍ଷା ହେବା ମାତ୍ରେ ଧରଣୀ ବକ୍ଷକୁ ଆସନ୍ତି, କିନ୍ତୁ କେଉଁଠୁ ଏହା ବାହାରନ୍ତି ତାହା ଏବେବି କେହି କହି ପାରୁନାହାନ୍ତି। ନୂଆ ବୋହୂ ନାଲି ପାଟ ଶାଢ଼ି ପିନ୍ଧିବା ପରେ ଯେମିତି ସୁନ୍ଦର ଦେଖାଯାଏ ସେମିତି ଏହି ପୋକ ଦେଖା ଯାଉଥିବାରୁ ଏମାନଙ୍କୁ ସାଧବ ବୋହୂ କୁହାଯାଏ। ଏବେ ଏମାନଙ୍କର ବଂଶ ବିଲୁପ୍ତ ହେବାରେ ଲାଗିଛି। ତେଣୁ ଏହି ବିରଳ ପୋକ ସାଧବ ବୋହୂକୁ ସୁରକ୍ଷା ଦେବାକୁ ବାଙ୍କୀ କଲେଜର ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ମନୋଜ କୁମାର ମହାପାତ୍ର ଜନସାଧାରଣଙ୍କୁ ସଚେତନତା କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଛନ୍ତି। ଚଳିତବର୍ଷ ଏହି ବିରଳ ପୋକ ବାଙ୍କୀ ବ୍ଲକ ଅନ୍ତର୍ଗତ କୁରୁମଚଇନ୍ ଗ୍ରାମର ଚାଷଜମିରେ ଦେଖିବାକୁ ମିଳିଛି ବୋଲି ପରିବେଶବିତ୍ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଦୀପକ କୁମାର ସାମନ୍ତରା କହିଛନ୍ତି।

# ଭିନ୍ନକ୍ଷମଙ୍କ ପାଇଁ ବ୍ଲକସ୍ତରୀୟ ସମନ୍ୱିତ ଶିକ୍ଷା କର୍ମଶାଳା




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

ମାହାଙ୍ଗା,୨/୮ (ଯଯାତି ସିଂହ):

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପାଇଁ ବ୍ଲକସ୍ତରୀୟ ସମନ୍ୱିତ ଶିକ୍ଷା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀ ଚକ୍ରଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ପ୍ରଶିକ୍ଷକ ଭାବେ ଆନନ୍ଦମୟୀ ବେହୁରା, ସୁଦର୍ଶନ ଲେଙ୍କା ଓ ସସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସମନ୍ୱିତ ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ପ୍ରଶିକ୍ଷାର୍ଥୀ ଭାବେ ୧୦ ଜଣ ପ୍ରଧାନ ଶିକ୍ଷକ ଓ ୪୦ ଜଣ ଅଭିଭାବକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କ୍ଲଷ୍ଟର ସଂଯୋଜକ ଅଦ୍ୱୈତ୍ୟ ବଲ୍ଲଭ ରାଉତ ଧନ୍ୟବାଦ ଦେଇଥିଲେ।

# ମହାନଦୀ ବନ୍ୟାଜଳ ଘେରରୁ ଜଣେ ଉଦ୍ଧାର, ୧ ନିଖୋଜ

- କୁଦରୁ ୨୦ରୁ ଊର୍ଦ୍ଧ୍ୱ ମେଣ୍ଢା ଉଦ୍ଧାର, ୨ ମୃତ,
- ବଡ଼ମ୍ବା ଓ କଳାପଥର ଅଗ୍ନିଶମ ଦଳଙ୍କ ଉଦ୍ଧାର କାର୍ଯ୍ୟ ଜାରି

ବଡ଼ମ୍ବା,୨/୮ (ମାୟାଧର ମଲ୍ଲିକ )

ମହାନଦୀ ମଧ୍ୟଭାଗରେ ଥିବା କୁଦରେ ବୁଧବାର ୨ଜଣ ଗାଈ ଚରାଳିଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଗାଈ ଓ ମେଣ୍ଢା ଫସି ରହି ଯାଇଥିଲେ। ଗାଈ, ମେଣ୍ଢା ଚରାଇବାକୁ ଯାଇଥିବା ବେଳେ ମହାନଦୀର ବନ୍ୟା ଜଳ ବୃଦ୍ଧି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ଥିବା ଜଣାପଡ଼ିଛି।



ମହାନଦୀକୁ ବୋଟ୍ ଯୋଗେ ଉଦ୍ଧାର କରିବାକୁ ଯାଉଥିବା ଅଗ୍ନିଶମ ବିଭାଗର କର୍ମଚାରୀ।

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମ ନିକଟସ୍ଥ ମହାନଦୀ ମଧ୍ୟ ଭାଗରେ ଥିବା କୁଦକୁ ପ୍ରତିଦିନ ପରି ବୁଧବାର ଶଙ୍ଖାମେରୀ ପଞ୍ଚାୟତର ବସନ୍ତ ବେହେରା ଓ ଅମିନ ନାଏକ ଗାଈ ଓ ମେଣ୍ଢା ଚରାଇବାକୁ ଯାଇଥିଲେ। ଅପରାହ୍ନରେ ମହାନଦୀରେ ବନ୍ୟାଜଳ ଆସି କୁଦ ଚତୁଃପାର୍ଶ୍ୱରେ ଘେରି ଯାଇଥିଲା। ତେବେ ସେମାନେ ଠିକ୍ ସମୟରେ ନ ଫେରିବାରୁ ଅମିନଙ୍କ ପୁଅ ରାକେଶ ବନ୍ୟାଜଳରେ ପହଁରି ସେଠାରେ ପହଞ୍ଚିଥିଲେ। ବସନ୍ତକୁ ଦେଖିବାକୁ ପାଇଥିବା ବେଳେ ତାଙ୍କ ବାପାଙ୍କୁ ନ ପାଇ ଫେରି ଆସି ଗାଁ ଲୋକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ବଡ଼ମ୍ବା ଅଗ୍ନିଶମ ଦଳ ଖବରପାଇ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବସନ୍ତ ଓ ୨୦ରୁ ଊର୍ଦ୍ଧ୍ୱ ମେଣ୍ଢାକୁ ଉଦ୍ଧାର କରାଯାଇଥିବା ବେଳେ ଅମିନଙ୍କ କୌଣସି ସନ୍ଧାନ ପାଇନାହାନ୍ତି। ଅନ୍ୟପକ୍ଷରେ ୨ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଖବରପାଇ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, କଟକ ଜିଲାପାଳ ଓ ଜିଲା ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଅମିନଙ୍କୁ ଖୋଜିବା ଲାଗି କହିଛନ୍ତି। ସେହିଭଳି ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ସଦାନନ୍ଦ ସ୍ୱାଇଁଙ୍କ ସମେତ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି, ସମିତିସଭ୍ୟ ପ୍ରତିନିଧି ଦିଲୀପ ପଙ୍ଗାରୀ ଓ ଗ୍ରାମବାସୀ ଉପସ୍ଥିତ ରହି ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସହାୟତା କରୁଛନ୍ତି। କଳାପଥର ଅଗ୍ନିଶମ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୭କେଜି ରୁପା ନେଇଗଲେ

ବେଗୁନିଆ,୨।୮ (ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ନିକଟରୁ ସୁନା ଦୋକାନ ମାଲିକ ଶ୍ରୀଧର ମହାପାତ୍ରଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୭କେଜି ରୁପା ନେଇଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ମଙ୍ଗଳବାର ରାତି ୯ଟା ୪୦ରେ ଘରକୁ ଯିବା ପାଇଁ ଶ୍ରୀଧର ଦୋକାନ ବନ୍ଦ କରୁଥିଲେ। ସେ ତାଙ୍କ ବାଇକ ଡିକିରେ ୭କେଜି ରୁପା ରଖିଥିଲେ। ଦୋକାନ ତାଲାବନ୍ଦ କରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ହଠାତ୍ ଶ୍ରୀଧରଙ୍କ ବାଇକ୍ ଡିକି ଭାଙ୍ଗି ରୁପା ନେଇଯାଇଥିଲେ। ଫଳରେ ଶ୍ରୀଧର ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ବଡ଼ପାରୀ କ୍ଲଷ୍ଟରରେ ନୂତନ ସିଆର୍‌ସିଙ୍କ ଯୋଗଦାନ

ଟାଙ୍ଗୀ,୨।୮ (ରଘୁନାଥ ସାହୁ)

ବଡ଼ପାରୀ କ୍ଲଷ୍ଟରରେ ଶିକ୍ଷକ ଦୁଃଶାସନ ପ୍ରଧାନ ସିଆରସିସି ଭାବେ ଯୋଗଦେଇଛନ୍ତି। ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଚିଠି ନମ୍ବର ୨୩୯୪ ଅନୁଯାୟୀ ଦୁଃଶାସନ ପ୍ରଧାନ ମୁକ୍ତେଶ୍ୱର ଦେବ କ୍ଲଷ୍ଟରରୁ ବଡପାରୀ କ୍ଲଷ୍ଟରକୁ ଆସିଥିବା ବେଳେ ବଡପାରୀ କ୍ଲଷ୍ଟରରେ କାର୍ଯ୍ୟ କରୁଥିବା ଅମିତ୍ ଚକ୍ରବର୍ତ୍ତୀ ମୁକ୍ତେଶ୍ୱର ଦେବ କ୍ଲଷ୍ଟରକୁ ପଠାଯାଇଥିବା ଜଣାପଡିଛି। କ୍ଲଷ୍ଟରରେ ଯୋଗଦେଇଥିବା ସିଆରସିସିଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱାଗତ କରିଥିଲେ।

### ବେଗୁନିଆ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ନେଲେ ସବିତାଞ୍ଜଳି

ବେଗୁନିଆ,୨।୮ (ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ମହା ବିଦ୍ୟାଳୟର ନୂତନ ଅଧକ୍ଷା ଡ.ସବିତାଞ୍ଜଳି ସେନାପତି ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧକ୍ଷା ସେନାପତିଙ୍କୁ ଛାତ୍ରୀଛାତ୍ର, ସହକର୍ମୀ ଏବଂ ପରିଚାଳନା ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ଡ. ଦିଲୀପ କୁମାର ମିଶ୍ର ଗତ ସୋମବାର ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସଭାଗୃହ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିଲା। ଶିକ୍ଷକ ପରିଷଦର ସମ୍ପାଦକ ବ୍ରଜେନ୍ଦ୍ର ପାଲଟାସିଂହଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଉପଅଧକ୍ଷ ମନମୋହନ ମିଶ୍ର ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦାୟକାଳୀନ ସଙ୍ଗୀତ ଗାନ କରାଯାଇଥିଲା। ବିଦାୟୀ ଅଧକ୍ଷ ମିଶ୍ରଙ୍କ ମହାବିଦ୍ୟାଳୟ ପ୍ରତି ଭରି ରହିଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମହାବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପହାର ସାମଗ୍ରୀ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ପଙ୍କଜ କର, ଜୟକୃଷ୍ଣ ପାଣିଗ୍ରାହୀ, ସତ୍ୟଜିତ ଦାସ, ସୁଧାଂଶୁ ପରିଡା, ଦେବଯାନୀ ପାଇକରାୟ, ସ୍ମୃତିମୟୀ ବସ୍ତିଆ, ପ୍ରିୟମ୍ବଦା ବେହେରା, ବିରଞ୍ଚି ନାରାୟଣ ସାହୁ, ତପନ କୁମାର ପାଢ଼ୀଯୋଶୀ, ନବକିଶୋର ବିଶୋୟୀ, ଆଦିତ୍ୟ କୁମାର ସେନାପତି, ପ୍ରସନ୍ନ କୁମାର ସାହୁ, ପ୍ରହ୍ଲାଦ କୁମାର ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସୂଚନାଥାଉ କି, ଉକ୍ତ ମହାବିଦ୍ୟାଳୟର ଉପଅଧକ୍ଷ ମନମୋହନ ମିଶ୍ର ଅବସର ନେବା ପରେ ଏକ ମାସ ହେଲା ଉକ୍ତ ପଦବୀ ଖାଲି ପଡ଼ିଛି।

### ବର୍ଷାରେ ଭାଙ୍ଗିଲା ପୁରୁଣା ଅଶ୍ୱତ୍ଥ ବୃକ୍ଷ

ବୋଲଗଡ଼,୨।୮ (ଦେବବ୍ରତ ହୋତା)

ଲଗାଣ ବର୍ଷା ଓ ପବନରେ ବୁଧବାର ବୋଲଗଡ଼ ବ୍ଲକ ସାନପଦର ଗ୍ରାମ ମଠସାହିରେ ଥିବା ପୁରାତନ ଅଶ୍ୱତ୍ଥ ବୃକ୍ଷ ଭାଙ୍ଗି ପଡ଼ିଛି। ରୀତି ଯୁଗୀୟ କବି ତଥା 'ମଥୁରା ମଙ୍ଗଳ'ର ରଚୟିତା ଭକ୍ତ ଚରଣ ଦାସଙ୍କ ଜନ୍ମବେଦୀ (ଘର) ଆଗରେ ଥିବା ଏହି ବୃକ୍ଷଟି ପାଖାପାଖି ୧୫ଶହ ଶତାବ୍ଦୀର ବୋଲି ଗ୍ରାମବାସୀ କହିଛନ୍ତି। ଏହି ଗଛତଳେ ଭକ୍ତ ଚରଣ ନିଜର ଲେଖନୀ ଚାଳନା କରି 'ବସନ୍ତରାସ' ପରି ଅନେକ ପୁସ୍ତକ ରଚନା କରି ଓଡିଶା ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିଲେ। ବୋଲଗଡ଼ ଓ ବେଗୁନିଆର ୨ଟି ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚିବା ପରେ ଗଛଟିକୁ ପୂଜାର୍ଚ୍ଚନା କରାଯିବା ପରେ ହଟାଯାଇଥିଲା।

# ସମସ୍ୟା ଜଣାଇଲେ, ସହଯୋଗ ଲୋଡ଼ିଲେ

## ଜିଲାପାଳଙ୍କୁ ଭେଟିଲା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତା।

ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଅବଗତ କରାଇଛି ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ। ସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ସଭାପତି ମୋହନ ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ସରକାରୀ ସୁବିଧାରୁ କିଭଳି ବଞ୍ଚିତ କରାଯାଉଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ପୌରସଂସ୍ଥାଗୁଡ଼ିକ ସଫେଇ ଠିକାସଂସ୍ଥା ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି, ସଫେଇ କର୍ମଚାରୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀଙ୍କୁ ହଇରାଣ କରାଯିବା ନେଇ ମଧ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ସଂଘର ଅଫିସ୍ ଗୃହ ପାଇଁ ସରକାରୀ ଜମି ଆବଣ୍ଟନ ନେଇ ଗୁହାରି କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ସଫେଇ କର୍ମଚାରୀଙ୍କ କଲ୍ୟାଣ ପାଇଁ ସଂଘ ସମସ୍ତ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣି ସମାଧାନର ବାଟ ଫିଟାଇବ ବୋଲି ସଂଘ ସଭାପତି ନାୟକ କହିଛନ୍ତି। ଜିଲାର ସମସ୍ତ ପୌରସଂସ୍ଥାର ସଫେଇ କର୍ମଚାରୀ ପ୍ରତିନିଧି ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ।

# କଂକ୍ରିଟ୍ ବିମ୍ ପଡ଼ି ଶ୍ରମିକଙ୍କ ମୃତ୍ୟୁ

## ମିସ୍ତ୍ରିଙ୍କ ଅବହେଳାରୁ ମୃତ୍ୟୁ ଅଭିଯୋଗ

ଜଟଣୀ,୨।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ଷଣ୍ଢପୁର ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ଘରର କାନ୍ଥ ଭାଙ୍ଗୁଥିବା ବେଳେ କଂକ୍ରିଟ ବିମ୍ ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧଉଳିମୁହଁ ଅଞ୍ଚଳର ମନମୋହନ ମାଝି ଓରଫ ଗନ୍ଧିଆ (୩୫)। ଅନ୍ୟପଟେ ସେଠାରେ କାର୍ଯ୍ୟରତ ମିସ୍ତ୍ରିଙ୍କ ଅବହେଳା ପାଇଁ ଗନ୍ଧିଆଙ୍କ ଜୀବନ ଯାଇଛି ବୋଲି ବଡ଼ଭାଇ ହଜାରୀ ମାଝି ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୮୮/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ସକାଳେ ବର୍ଷା ଲାଗିରହିଥିବା ବେଳେ କେତେଜଣ ଶ୍ରମିକ ଷଣ୍ଢପୁର ଅଞ୍ଚଳରେ ଥିବା ଏକ ସରକାରୀ ଜାଗାରେ ଥିବା ଏକ ଅର୍ଦ୍ଧନିର୍ମିତ ଘର ଭାଙ୍ଗିବାକୁ ଯାଇଥିଲେ। ତେବେ ଘର କାନ୍ଥ ଭାଙ୍ଗିବା ବେଳେ ହଠାତ୍ କାନ୍ଥ ଧସିଯିବାରୁ କଂକ୍ରିଟ୍ ବିମ୍‌ଟି ଗନ୍ଧିଆଙ୍କ ଉପରେ ପଡ଼ିଯାଇଥିଲା। ପରେ ସେଠାରେ କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ଉକ୍ତ ବିମ୍‌ଟିକୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସ୍ଥାନୀୟ ଲୋକେ ଓ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜେସିବି ଦ୍ୱାରା ବିମ୍ ଉଠାଯାଇଥିଲା। ପରେ ଗନ୍ଧିଆଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଭିନ୍ନ ଦାବିରେ ଉଜ୍ଜଳା ଦିଦି ସଂଘର ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘ ଖୋର୍ଦ୍ଧା ଜିଲା ପକ୍ଷରୁ ବୁଧବାର ବିଭିନ୍ନ ଦାବି ପୂରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଜ୍ଜଳା ଦିଦିମାନଙ୍କୁ କାର୍ଯ୍ୟ ଦେବା ସମୟରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା କାର୍ଯ୍ୟକାରୀ କରାଯିବା, ସମସ୍ତ ଉଜ୍ଜଳା ଦିଦିଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବା, ଉଜ୍ଜଳା ଦିଦିମାନଙ୍କୁ କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଇଦେବା ସହ ପାରିଶ୍ରମିକ ଯୋଗାଇ ଦିଆଯିବା ଆଦି ଦାବି ରହିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘର ରାଜ୍ୟ ସଂଯୋଜିକା ବୀଣାପାଣି ବେହେରା, ଭାରତୀୟ ମଜଦୁର ସଂଘର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ, ଭାରତୀୟ ମଜଦୁର ସଂଘର ଖୋର୍ଦ୍ଧା ଜିଲା ସମ୍ପାଦକ ଅକ୍ଷୟ କୁମାର ରାଉତ, ସଭାପତି ପାର୍ଥସାରଥି ମହାନ୍ତି ପ୍ରମୁଖ ଉଜ୍ଜଳା ଦିଦିମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ରାଜ୍ୟ ଉଜ୍ଜଳା ଦିଦି ସଂଘ ଉପଦେଷ୍ଟା ଜ୍ୟୋତ୍ସ୍ନାରାଣୀ ସିଂ, ଖୋର୍ଦ୍ଧା ଜିଲା ସଂଯୋଜିକା ରଶ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ଗୋଦାବରୀଶ କଲେଜରେ ନବାଗତଙ୍କୁ ସ୍ୱାଗତ

ବାଣପୁର୨।୮ (ଶଙ୍କର ବସ୍ତି)

ବାଣପୁର ସ୍ଥିତ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇଥିବା ନବାଗତ ଛାତ୍ରୀଛାତ୍ରଙ୍କୁ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକାମାନେ ସ୍ୱାଗତ କରିଥିଲେ। ଅଧକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରାଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ର ନବାଗତଙ୍କୁ ସ୍ୱାଗତ କରି ଅନୁଷ୍ଠାନର ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଅଧକ୍ଷ ହୋତା ଆଗାମୀ ଦୁଇବର୍ଷରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ପ୍ରଶାସନିକ ଅଧିକାରୀ ଡ.ସୁରପ୍ରତାପ ନରେନ୍ଦ୍ର ସିଂହବର୍ମା, ଡ.ସୁଜାତା ମିଶ୍ର, ଆଦିତ୍ୟ ସାରଥୀ ବେଦମତ୍ତା, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଦୀପ୍ତ କୁମାର ଦାସ, ଡ.ଗୁରୁକିଶୋର ନାୟକ, ସୁବ୍ରତ କୁମାର ତ୍ରିପାଠୀ, ଜୟନ୍ତ କୁମାର ବିହାରୀ, ଗୌରୀଶଙ୍କର ସୁବୁଦ୍ଧି, ଗୋଲକ କୁମାର ବେହେରା, ବିଭୁତି ଭୂଷଣ ହୋତା, ସଂଘମିତ୍ରା ଘଡ଼ୁଆରୀ, ଅଜୟ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଜୟନ୍ତୀ ଲାଲ୍ ଚୌହାନ ଧନ୍ୟବାଦ ଦେଇଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଯାଁଳା,୨।୮ (ବୁଲା ବାରିକ)

ଯାଁଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ଜଟଣୀ ବ୍ଲକ ଶିକ୍ଷା ଗୋଷ୍ଠୀ ଉନ୍ନୟନ ସହ ଅଧିକାରୀ ଉମାମଣି ପରିଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଭୂତି ଭୂଷଣ ଜେନା, ଅକ୍ଷୟ କୁମାର ପାଲ୍‌ଟାସିଂହ, କୈଳାସ ଚନ୍ଦ୍ର ରାଉତ, ତ୍ରିନାଥ ସାମନ୍ତରାୟ, ସ୍କୁଲ ସଭାପତି ସୌମ୍ୟରଞ୍ଜନ ବେହେରା, ସିଆର୍‌ସିସି ପୁଷ୍ପଲତା ପରିଡା, ମାନଗୋବିନ୍ଦ ସାହୁ, ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସ୍ନେହାଶ୍ରୀ ମହାପାତ୍ର, ସାଇସମ୍ପନା ବେହେରା ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଗିରିଜା ନନ୍ଦିନୀ ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଶିକ୍ଷୟିତ୍ରୀ ଟୁଲୁ ଦେଇ ପରିଚାଳନା କରିଥିଲେ।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

## ୧୬ ଗୋରୁ ଉଦ୍ଧାର, ୨ ଗିରଫ

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ସାମନ୍ତରାପୁର ଛକ ନିକଟରୁ ଆଦର୍ଶ ଥାନା ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏଥିରୁ ୧୬ ଗୋରୁଙ୍କୁ ଉଦ୍ଧାର କରାଯିବା ସହ ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରଣପୁର ଅଞ୍ଚଳର ସାଜିଦ୍ ଖାନ୍(୨୧) ଏବଂ ଅସ୍‌ଫାକ ଅଲ୍ଲୀ(୨୦)। ଏସ୍‌ଆଇ ସୁକାନ୍ତ ଦଳେଇଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଏକ ପିକ୍‌ଅପ୍ ଭ୍ୟାନ୍(ଓଆର୦୨-ବିଏ-୦୩୩୦)ରେ ଗୋଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ସାମନ୍ତରାପୁର ଛକ ନିକଟରେ ଉକ୍ତ ଗାଡ଼ିକୁ ଅଟକାଇଥିଲା। ଏଥିରେ ପ୍ରାୟ ୧୬ ଗୋରୁଙ୍କ ଗୋଡ଼ ଓ ମୁହଁ ବାନ୍ଧି ଅକଥନୀୟଭାବେ ରଣପୁରରୁ ଯଦୁପୁର ଅଭିମୁଖେ ନିଆଯାଉଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ଗାଡ଼ିକୁ ଜବତ କରାଯିବା ସହ ଉଦ୍ଧାର ଗୋରୁଙ୍କୁ ସିଜୁଆସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

# ନବନିଯୁକ୍ତ ଓଡ଼ିଶା ଶିକ୍ଷା ସେବା ଅଧିକାରୀଙ୍କ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିଦର୍ଶନ

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)

ଓପେସା ପକ୍ଷରୁ ବୁଧବାର ନବନିଯୁକ୍ତ ଓଡ଼ିଶା ଶିକ୍ଷା ସେବା ଅଧିକାରୀମାନଙ୍କୁ ନେଇ ସହନିର୍ଦ୍ଦେଶକ ଜିତେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟ, ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିଦର୍ଶନ କରିଥିଲା। ଜିଲା ଶିକ୍ଷା କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଓ ଅମ୍ରିତା ପ୍ରୀତିନନ୍ଦା ସ୍ୱାଗତ କରିବା ସହିତ ସମସ୍ତ ବିଭାଗର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏଥିସହ ସମସ୍ତ ବିଭାଗ ଦାୟିତ୍ୱରେ ଥିବା ସହାୟକମାନେ ନିଜ ନିଜ ବିଭାଗର କାର୍ଯ୍ୟଗୁଡ଼ିକ ଉପରେ ଉପସ୍ଥାପନା କରିଥିଲେ। ସେହିପରି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ସ୍ୱାଗତ କରିବା ସହିତ ସମସ୍ତ ବିଭାଗର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ତତ୍‌ସହିତ ବ୍ଲକ ସର୍ବଶିକ୍ଷା ଅଧୀନରେ ଚାଲିଥିବା କାର୍ଯ୍ୟ ମଣ୍ଡଳ ସାଧନ ସଂଯୋଜକ ଭରତ ପ୍ରଧାନ ଉପସ୍ଥାପନ କରିଥିଲେ। ଏମ୍‌ଆଇଏସ୍ ପବିତ୍ର କୁମାର ପାଣି କାର୍ଯ୍ୟାଳୟରେ ହେଉଥିବା ଅନ୍‌ଲାଇନ କାମ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱର୍ଣ୍ଣଲତା ସାମନ୍ତରାୟ, ଅରୁଣ କୁମାର ରାୟ, ପ୍ରଦୀପ କୁମାର ସାହୁ, ସୁରଭି ପାଣିଗ୍ରାହୀ, ହୃଦାନନ୍ଦ ସାହୁ, ପବିତ୍ର କୁମାର ଦଳେଇ, ଲୋପାମୁଦ୍ରା ପଣ୍ଡା, ବିଭୁଦତ୍ତ ପଟ୍ଟନାୟକ, ନୀଳାମ୍ବର ନାୟକ, ଆଞ୍ଚଳିକ ସାଧନା ସଂଯୋଜକ ଯୁଧିଷ୍ଠିର ସାହୁ ଓ ରବିନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ବୁଧବାର ବିଭିନ୍ନ ଶିକ୍ଷା କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ଉପସ୍ଥିତ ନବନିଯୁକ୍ତ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ଓ ଅନ୍ୟମାନେ।

# ସରିଛି ପ୍ରଥମ ପର୍ଯ୍ୟାୟ କାମ, ମିଳୁନି କିସ୍ତି ଟଙ୍କା



ନିର୍ମାଣାଧୀନ ଘର।

ବୋଲଗଡ଼,୨।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତର ସାଗରିକା ସାହୁଙ୍କ ସମସ୍ତ ରେକର୍ଡପତ୍ର ଯାଞ୍ଚ ଓ ତଦନ୍ତ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଥମ ପର୍ଯ୍ୟାୟ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ତଦନୁଯାୟୀ ସେ ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ ଶେଷକରି ଟଙ୍କା ଉଠାଇବାକୁ ଯାଇଥିବା ବେଳେ ତାଙ୍କ ଟଙ୍କା ହୋଲ୍ଡ କରାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏହାପରେ ସେ ପୁଣି ଗତ ୨୪ ତାରିଖରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥଲେ। ହିତାଧିକାରୀଙ୍କ ଭୂଲେଖ ନକ୍ସା ଦେଖି ତୁରନ୍ତ କିସ୍ତି ଟଙ୍କା ପ୍ରଦାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବୋଲଗଡ଼ ବିଡିଓ ଧୋବେଇ ନାୟକ କହିଛନ୍ତି, ଘର କରିଥିବା ସ୍ଥାନ ଓ ପ୍ରଦତ୍ତ ନକ୍ସାରେ ତାରତମ୍ୟ ଥିବାରୁ ଟଙ୍କା ଉଠାଣ ବନ୍ଦ କରାଯାଇଛି। ଏଭଳି ବହୁ ହିତାଧିକାରୀଙ୍କ ଭୁଲ୍ ଦସ୍ତାବିଜ ଯୋଗୁ ପ୍ରଥମ କିସ୍ତି ଟଙ୍କା ଉଠାଣ ବନ୍ଦ କରାଯାଇଛି ବୋଲି ସେ କହିଛନ୍ତି।

# ଲୁଣ୍ଡି ସାଗର ପୁନରୁଦ୍ଧାର କରାଯାଉ

## ପ୍ରଶାସନ ଦୃଷ୍ଟିଦେବାକୁ ଦାବି

କୃଷ୍ଣପ୍ରସାଦ,୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ଅନ୍ତର୍ଗତ ଲୁଣ୍ଡି ସାଗରର ପୁନରୁଦ୍ଧାର କରାଯାଉ ନ ଥିବାରୁ ସମୟାନୁକ୍ରମେ ଏହା ପୋତି ହୋଇଯାଉଛି। ୨୪ ଏକର ପରିମିତ ଏହି ଲୁଣ୍ଡି ସାଗର ଏବେ ପିଲାଙ୍କ ଖେଳପଡ଼ିଆ ପାଲଟିଛି। ଏହି ସାଗର ଉପରେ ରାମଲେଙ୍କା ପଞ୍ଚାୟତର ୬ ହଜାର ଚାଷୀ ଚାଷକାମ ନିମନ୍ତେ ଜଳସେଚନ ପାଇଁ ନିର୍ଭର କରନ୍ତି। ଖରାଦିନେ ଚିନାବାଦାମ ଓ ବର୍ଷାଦିନେ ଧାନଚାଷ ପାଇଁ ଲୁଣ୍ଡି ସାଗର ଏକମାତ୍ର ଭରସା। ଉକ୍ତ ସାଗରରେ ଦୁଇଟି ମୁଖ୍ୟ କେନାଲ ଓ ଚାରୋଟି ପରିକେନାଲ ସଂଯୋଗ ରହିଛି। ଲୁଣ୍ଡି ସାଗରଟି ଜଳସେଚନ ବିଭାଗ ଅଧୀନରେ ଥିବାରୁ ୨୦ ବର୍ଷ ପରେ ମଧ୍ୟ ଏହାର ଉନ୍ନତୀକରଣ ଦିଗରେ ଅର୍ଥ ମଞ୍ଜୁର ହୋଇ ନ ଥିବା ଜଣାପଡ଼ିଛି। ସାଗରର କିଛି ଅଂଶ ପୋତିହୋଇଯିବାରୁ ଗୋରୁ, ଷଣ୍ଢ ନିମନ୍ତେ ଚାରଣଭୂଇଁ ପାଲଟିଛି। ଲୁଣ୍ଡି ସାଗରକୁ ମେଗା ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳ ଓ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲୁଣ୍ଡି ସାଗରକୁ ମେଗା ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବା ଦିଗରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ଜିଲାପାଳ, ୫-ଟି ସଚିବ ଏବଂ ବ୍ରହ୍ମଗିରି ବିଧାୟକ ଦୃଷ୍ଟିଦେବାକୁ ରାମଲେଙ୍କା ପଞ୍ଚାୟତ ପ୍ରତିନିଧି ମଣ୍ଡଳୀ ଏବଂ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଟାଙ୍ଗିଆପଡ଼ାରେ ଚାଷୀ ସମ୍ମିଳନୀ

ଖୋର୍ଦ୍ଧା,୨।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅଧୀନ ଉଇଲ୍‌କିଶନ ନଗର ମା' ଅଁଳାଇ ଦେବୀ ମନ୍ଦିରଠାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ପଞ୍ଚାୟତସ୍ତରୀୟ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ରଘୁନାଥ ମଙ୍ଗରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଘର ରାଜ୍ୟ ଯୁବ ଛାତ୍ରନେତା ମନୋହର ଅଲ୍ଲୀ, କୃଷକ ମହିଳା ନେତ୍ରୀ ମଧୁସ୍ମିତା ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚାଷୀଙ୍କ ବିକାଶ ପ୍ରତି ସରକାର ଅବହେଳା ଓ ଅଣଦେଖା କରୁଛନ୍ତି। ପ୍ରତିବର୍ଷ ଚାଷୀ ଅନାବୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ ଦେଇ ଗତି କରୁଛନ୍ତି। ଗଜାମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହେଉଛି।




ପଞ୍ଚାୟତସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଚାଷୀମାନେ।

ଚାଷ ପାଇଁ ପର୍ଯ୍ୟାପ୍ତ ଜଳସେଚନ ବ୍ୟବସ୍ଥା ନ ଥିବା ବେଳେ କେନାଲରେ ପାଣି ରହୁନି। ଜଳସେଚନ ଅଭାବରୁ ଖରିଫ ଓ ରବି ଫସଲ ବାଧାପ୍ରାପ୍ତ ହେଉଛି। ଚାଷୀ କ୍ଷତି ସହୁଛନ୍ତି। ଅଭିଯୋଗ ସତ୍ତ୍ୱେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଧାନମଣ୍ଡିରେ ସ୍ୱଚ୍ଛତା ରହୁନାହିଁ, ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। କୃଷକଙ୍କୁ ଅନ୍ନଦାତା କୁହାଯାଉଛି। ହେଲେ ଏଠି ଅନ୍ନଦାତା ଅବହେଳିତ ହୋଇ ରହିଛନ୍ତି। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ, ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପର୍ଯ୍ୟାପ୍ତ ସାର, ବିହନ ଅଭାବ ଯୋଗୁ ଚାଷୀ ହଇରାଣ ହେଉଛନ୍ତି ବୋଲି ମତପ୍ରକାଶ ପାଇଛି। ସେହିପରି ଚାଷୀ ପୁଅକୁ ରୋଜଗାର, ବାର୍ଦ୍ଧକ୍ୟ ଭତ୍ତା ୨ହଜାର ଟଙ୍କାକୁ ବୃଦ୍ଧି, ଚାଷୀଙ୍କୁ ଧାନର ଉଚିତ ମୂଲ୍ୟ, ବିହନ ଠିକ୍ ସମୟରେ ଯୋଗାଣ ଆଦି ଦାବିନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବା ଉପରେ ନିଷ୍ପତ୍ତି ହୋଇଛି। ଉକ୍ତ ପଞ୍ଚାୟତରେ ଥିବା ପ୍ରାଥମିକ ସେବା ସମବାୟ ସମିତିରେ ସାର, ବିହନ କିଭଳି ମିଳିପାରିବ ଓ ମଣ୍ଡିରେ ଧାନ ବିକ୍ରି ସମୟରେ କାଣ୍ଟଛାଣ୍ଟ ହେବନାହିଁ ତା ଉପରେ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପଞ୍ଚାୟତ ସଂଘର କମିଟି ଗଠନ କରାଯାଇଛି। ସଂଯୋଜକ ଭାବେ ନରେନ୍ଦ୍ର ବଡ଼ଜେନା, ସହ ସଂଯୋଜକ ପୂର୍ବତନ ସରପଞ୍ଚ ଧନେଶ୍ୱର ପାଇକରାୟଙ୍କ ସମେତ ୧୫ ଜଣ ସଦସ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପାତ୍ର, ତ୍ରିନାଥ ବରାଳ, ଜମେଶ୍ୱର ନାଉଆ, ସନ୍ତୋଷ ରଣା, ଜଗନ୍ନାଥ ସାହୁ, କମ୍ବୁନାଥ ପ୍ରଧାନ, ମହେନ୍ଦ୍ର ବଡ଼ଜେନା, ଦୁର୍ଗାଚରଣ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ରାସ୍ତାରେ ଓଲଟିଲା ପଥର ବୋଝେଇ ଗାଡ଼ି



ପିପିଲି,୨।୮(ଦୁର୍ଗାମାଧବ ମିଶ୍ର)

ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନରେ ଏକ ପଥର ବୋଝେଇ ଗାଡି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ରାସ୍ତା ଉପରେ ପଡିଥିବା ଗାଡ଼ିକୁ ହଟାଇବା ସହ ପଥରକୁ କାଢ଼ିଥିଲା। ସୂଚନା ଅନୁଯାୟୀ, ପଥର ବୋଝେଇ ନେଇ ଆସୁଥିବା ଏକ ୪୦୭ ଗାଡ଼ି ହଠାତ୍ ପିପିଲି ବ୍ଲକ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ରାସ୍ତା ଉପରେ ପଥର ପଡିରହିବାରୁ ଯାତାୟାତରେ ଅସୁବିଧା ଦେଖାଦେଇଥିଲା। ସେପଟେ ଦୁର୍ଘଟଣା ଘଟାଇ ଗାଡି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ।

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା, ୩ ଅଟକ

ପୁରୀ,୨।୮(ଅଜିତ ମହାନ୍ତି)

ବହୁ ଚର୍ଚ୍ଚିତ ପୁରୀର ଯୁବ ବ୍ୟବସାୟୀ ସୋମନାଥ(କପ) ସାହୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବା ୩ଜଣ ଯୁବକଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଅଟକ ରଖିଛି। ଘଟଣା ଘଟାଇଥିବା ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଜିଲା ବାହାରୁ ଧରିଥିବା ସୂଚନା ମିଳିଛି। ତେବେ ପୋଲିସ ଏ ନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେବେ। ସୂଚନାଯୋଗ୍ୟ, ଗତ ମାସ ୨୬ତାରିଖରେ ପୁରୀର ଯୁବ ବ୍ୟବସାୟୀ ତଥା ନେତା ସୋମନାଥ ସାହୁ ରେଡ୍‌କ୍ରସସ୍ଥିତ ତାଙ୍କ ପାଣି ଗୋଦାମରେ ବସି କାର୍ଯ୍ୟ କରୁଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କ ପାଣି ଗୋଦାମରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପ୍ରଥମେ ପୁରୀ ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେ। ଏ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୩ଟି ଟିମ୍ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ୩ଜଣଙ୍କୁ ଉଠାଇ ଆଣି ଅଟକ ରଖିଛି।

# ମୋ ଘର ଯୋଜନା ପ୍ରତି ଆଗ୍ରହୀ ନାହାନ୍ତି ହିତାଧିକାରୀ

ସାକ୍ଷୀଗୋପାଳ,୨।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

**୨ ମାସରେ ୫୮୬ ଜଣଙ୍କ ଆବେଦନକୁ ବ୍ୟାଙ୍କକୁ ପଠାଯାଇଛି**

ରାଜ୍ୟରେ ଗରିବଙ୍କ ନିମନ୍ତେ ସମସ୍ତ କଚ୍ଚାଘରକୁ ପକ୍କାଘର କରି ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର 'ମୋ ଘର ଯୋଜନା' କରିଛନ୍ତି। ହେଲେ ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଏହି ଯୋଜନାର ସୁବିଧା ନେବା ପାଇଁ ହିତାଧିକାରୀଙ୍କ ଆଖିଦୃଶିଆ ସଂଖ୍ୟା ଛୁଇଁପାରିନାହିଁ। ସୂଚନା ଅନୁସାରେ ସତ୍ୟବାଦୀ ବ୍ଲକରେ ଗତ ୨ ମାସ ମଧ୍ୟରେ ୩୬୭୦ଜଣ ମୋ ଘର ଯୋଜନା ପାଇଁ ଅନଲାଇନ୍‌ରେ ରେଜିଷ୍ଟ୍ରେଶନ କରିଥିବା ବେଳେ ୩୩୧୫ଜଣଙ୍କ ଆବେଦନ ପତ୍ର ବ୍ଲକ ପ୍ରଶାସନର ହସ୍ତଗତ ହୋଇଛି। ୫୮୬ ଜଣଙ୍କ ଆବେଦନ ପତ୍ରକୁ ଯାଞ୍ଚ କରାଯାଇ ବିଭିନ୍ନ ବ୍ୟାଙ୍କକୁ ପଠାଯାଇଛି। ୩୦ଟି ଆବେଦନ ପତ୍ରକୁ ବିଭିନ୍ନ କାରଣରୁ ବିଡିଓ ରଦ୍ଦ କରିଛନ୍ତି। ଅନ୍ୟପଟେ ମୋ ଘର ଯୋଜନା ପାଇଁ ହୋଇଥିବା ଗାଇଡ୍‌ଲାଇନ୍ ପ୍ରକ୍ରିୟା ଓ ବ୍ୟାଙ୍କ ଋଣ ଦେବା ପାଇଁ ସୃଷ୍ଟି ହେଉଥିବା ସମସ୍ୟା ଯୋଗୁ ଏହି ଯୋଜନାରେ ଅଧିକ ଲୋକ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା କେତେଜଣ ହିତାଧିକାରୀ କହିଛନ୍ତି। ଏପଟେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ହିତାଧିକାରୀ କଚ୍ଚା ଘରେ କିମ୍ବା ଗୋଟିଏ କୋଠରି ଥିବା କଂକ୍ରିଟ ଘରେ ବାସ କରୁଥିବେ। ପୂର୍ବରୁ ସରକାରଙ୍କ କୌଣସି ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇ ନଥିବେ, ପରିବାରର ମାସିକ ଆୟ ୨୫ହଜାର ଟଙ୍କାରୁ କମ୍ ଥିବ, ପରିବାରରେ ୪ଚକିଆ ଯାନ ନଥିବ, କେହି ସରକାରୀ କର୍ମଚାରୀ କିମ୍ବା ପେନସନ୍‌ଭୋଗୀ ହୋଇ ନଥିବେ, ୫ ଏକର ଜଳସେଚିତ କିମ୍ବା ୧୫ ଏକର ଅଣଜଳସେଚିତ ଜମିରୁ କମ ଥିଲେ ଯାଇ ଏହି ଯୋଜନାରେ ଋଣ ଓ ସବସିଡି ପାଇବା ପାଇଁ ଯୋଗ୍ୟ ହୋଇପାରିବେ।

ସେହିଭଳି ଏହି ଯୋଜନାରେ ୪ଟି ସ୍ତରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହିତାଧିକାରୀ ଋଣ ନେଇପାରିବେ। ଏଥିରେ ସାଧାରଣ ବର୍ଗ ଓ ଅନୁସୂଚିତ ଜାତି/ ଜନଜାତି/ ଦିବ୍ୟାଙ୍ଗ ମୁଖ୍ୟ ପରିବାର ପାଇଁ ଭିନ୍ନ ସବସିଡି ମିଳିବ। ୧ ଲକ୍ଷ ଟଙ୍କାର ଋଣ ନେଲେ ସାଧାରଣ ବର୍ଗଙ୍କୁ ୩୦ ହଜାର, ଅନୁସୂଚିତ ଜାତି/ଜନଜାତି/ଦିବ୍ୟାଙ୍ଗଙ୍କ ପାଇଁ ୪୦ ହଜାର। ୧.୫ ଲକ୍ଷ ଟଙ୍କାର ଋଣ ପାଇଁ ୪୫ ଓ ୫୫ ହଜାର। ୨ ଲକ୍ଷ ପାଇଁ ୬୦ ଓ ୭୦ ହଜାର ଟଙ୍କା ସବସିଡିରେ ମିଳିବ। ଘର ନିର୍ମାଣ ସମୟରେ ୨ ଓ ୩ଟି ପର୍ଯ୍ୟାୟରେ ଏହି ଅର୍ଥ ଦିଆଯିବ। ହିତାଧିକାରୀ ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ ଦେଇ ପରବର୍ତ୍ତୀ ୧୦ବର୍ଷରେ ଋଣ ପରିଶୋଧ କରିବେ। ମାସିକ କିସ୍ତି ମାଧ୍ୟମରେ ଋଣ ଶୁଝିବେ। ୧୦ବର୍ଷରୁ କମ୍ ସମୟରେ ବି ଋଣ ଶୁଝିପାରିବେ। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ମଞ୍ଜୁର ପାଇଁ କୌଣସି ପ୍ରୋସେସିଂ ଫି ନେବେନି ଏବଂ ବନ୍ଧକ ସମୟରେ ଆବଶ୍ୟକ ପଞ୍ଜୀକରଣ ଶୁଳ୍କ ଓ ଷ୍ଟାମ୍ପ ଡିଉଟି ଛାଡ଼, ସବରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଆବଶ୍ୟକ ଦସ୍ତାବିଜ ସମ୍ବନ୍ଧୀୟ ନକଲ, ଇସି ଇତ୍ୟାଦି ପାଇଁ ଦେୟ ମଧ୍ୟ ସରକାର ଛାଡ଼ କରିଛନ୍ତି। ଏହାସତ୍ତ୍ୱେ ଏହି ଯୋଜନା ପାଇଁ ହିତାଧିକାରୀଙ୍କ ମଧ୍ୟରେ ସେଭଳି ଉତ୍ସାହ ଦେଖାଯାଉ ନ ଥିବା ଜଣାପଡ଼ିଛି। ଏ ନେଇ ବିଡିଓ ଲୋଚନ ଦାଶ କହିଛନ୍ତି, ଉକ୍ତ ଯୋଜନା ମାଧ୍ୟମରେ କିଭଳି ଅଧିକରୁ ଅଧିକ ହିତାଧିକାରୀ ସାମିଲ ହେବେ ଓ ଋଣ କ୍ଷେତ୍ରରେ ସରଳୀକରଣ କରିବା ପାଇଁ ସ୍ଥାନୀୟ ବ୍ୟାଙ୍କ ସମୂହକୁ କୁହାଯାଇଛି।




ବ୍ରହ୍ମଗିରି ବ୍ଲକର ରାହାଡ଼ମଲ୍ଲଠାରେ ତିନିକୁଦୀ ବାଲିକେରା ସେତୁ ଉପରେ ବ୍ରିଜ୍ ନିର୍ମାଣ ଦାବିରେ ୩ ପଞ୍ଚାୟତବାସୀ ରାସ୍ତାରୋକ କରୁଛନ୍ତି।

# ବ୍ରିଜ୍ ପାଇଁ ବର୍ଷାରେ ରାସ୍ତାରୋକୋ

ବ୍ରହ୍ମଗିରି,୨।୮(ସ୍ୱାଧୀନ ଚମ୍ପତିରାୟ)

ତିନି ପଞ୍ଚାୟତକୁ ଗମନାଗମନର ସୁବିଧା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏକ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟକୁ ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏହା କେବଳ ପିଲାର ମଧ୍ୟରେ ସୀମିତ ରହିଛି। ବ୍ରିଜ୍‌କୁ ତୁରନ୍ତ ନିର୍ମାଣ ପାଇଁ ସ୍ଥାନୀୟ ବାଲିକେରା, ତିନିକୁଦୀ ଓ ରାହାଧମଲ୍ଲର ଶତାଧିକ ଲୋକ ବୁଧବାର ପୁରୀ ସାତପଡ଼ା ଜାତୀୟ ରାଜପଥର ରେଣ୍ଟା ଛକ ନିକଟରେ ପ୍ରାୟ ୪ ଘଣ୍ଟା ରାସ୍ତା ଅବରୋଧ କରି ବର୍ଷାରେ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଏହି ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶଥାଉକି ବ୍ରହ୍ମଗିରି ବ୍ଲକର ରାହାଡ଼ମଲ୍ଲଠାରେ ଭାର୍ଗବୀ ନଦୀ ଉପରେ ତିନିକୁଦୀ ବାଲିକେରା ସେତୁ ଉପରେ ୩ ପଞ୍ଚାୟତର ୨୦ ଖଣ୍ଡ ଗ୍ରାମର ଲୋକ ଗମନାଗମନ ପାଇଁ ନିର୍ଭର କରନ୍ତି। ଏଠାରେ ସ୍ଥାୟୀ ସେତୁଟେ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏକ ଅସ୍ଥାୟୀ କାଠ ପୋଲ ନିର୍ମାଣ କରାଯାଇ ସ୍ଥାନୀୟ ଲୋକେ ଓ ଛାତ୍ରୀଛାତ୍ର ପ୍ରତ୍ୟେକ ଦିନ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏଠାରେ ଏକ ସ୍ଥାୟୀ ସେତୁର ନିର୍ମାଣ ପାଇଁ ୨୦୧୩ ଜାନୁୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶୁଭ ଦେବାର ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ସେତୁ କେବଳ ୨ଟି ପିଲାର ମଧ୍ୟରେ ନିର୍ମାଣ କାର୍ଯ୍ୟ ସୀମିତ ରହିଛି। ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଅବଗତ କରାଇ ବୁଧବାର ରାସ୍ତା ଅବରୋଧ ପନ୍ଥା ଆପଣାଇଥିଲେ। ପୁରୀ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀ ଅଜିତ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୪ ଦିନ ମଧ୍ୟରେ ଅସ୍ଥାୟୀ କାଠପୋଲକୁ ମରାମତି କରିବା ଓ ସ୍ଥାୟୀ ପୋଲର ନିର୍ମାଣ କାର୍ଯ୍ୟ ବର୍ଷା ଋତୁ ପରେ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହି କାର୍ଯ୍ୟକୁ ପଠାଣି ଜେନା, ଭୀମସେନ ସ୍ୱାଇଁ, ଭ୍ରମରବର ସ୍ୱାଇଁ, ସୁଧାକର ନାୟକ, ନଟବର ବରାଳ ପ୍ରମୁଖ ପରିଚାଳନା କରିଥିଲେ।

## ଆଇଏଏସ୍ ପାଇଁ ଲକ୍ଷ୍ୟ ରଖିଛି: ଆଶୁତୋଷ

ପୁରୀ,୨।୮(ଅଜିତ୍ ମହାନ୍ତି)

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ପୁରୀ ସେବାୟତ ପରିବାରର ଆଶୁତୋଷ ସାହୁ ସଫଳତା ପାଇଛନ୍ତି। ବାସେଳୀସାହି ଜଗନ୍ନାଥ ଲେନରେ ରହୁଥିବା ଆଶୁତୋଷ ପିଲାଟିଦିନରୁ ମେଧାବୀ ଛାତ୍ର ଭାବେ ପରିଚିତ। କଠିନ ପରିଶ୍ରମ ଓ ନିଷ୍ଠା ତାଙ୍କୁ ଏହି ସଫଳତା ଦେଇଛି। ସେ ସ୍ୱର୍ଗତ ଦେବେନ୍ଦ୍ର ନାଥ ସାହୁଙ୍କ ପୁତ୍ର। ପୂର୍ବତନ କାଉନସିଲର, ଆଇନଜୀବୀ ତଥା କଳାକାର ରାଜେନ୍ଦ୍ର କୁମାର ସାହୁଙ୍କ ପୁତୁରା ଅଟନ୍ତି। ଆଶୁତୋଷ ମଧ୍ୟ ଜଣେ ଭଲ ତବଲା ବାଦକ। ଆଗକୁ ସେ ଆଇଏଏସ୍ ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସୂଚନା ଦେଇଛନ୍ତି। ମହାପ୍ରଭୁଙ୍କ କୃପାରୁ ସବୁ ସମ୍ଭବ ବୋଲି କହିଛନ୍ତି। ଗରିବ, ଅସହାୟଙ୍କୁ ସେବା ଦେବା ପାଇଁ ସେ ଆଗ୍ରହ ରଖିଛନ୍ତି।

## ୨ ଖଣ୍ଡା, ଛୁରି, ଟ୍ରଚ୍‌ଲାଇଟ ଜବତ: ୫ ଗିରଫ

ପୁରୀ ୨।୮( ଅଜିତ୍ ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବା ୫ ଯୁବକଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଲୋକନାଥ ରୋଡ ଥାନାପତି ଲେନ୍‌ର ନିର୍ମଳ ପ୍ରଧାନ(୨୮), ବଢେଇ ଲେନ୍‌ର ସନ୍ତୋଷ ମିଶ୍ର (୩୦), ମିଶ୍ର ନୋଳିଆ ସାହିର ତ୍ରିପତି ବେହେରା(୨୮), ଗୋଖା ସାହିର ପତିତ ବେହେରା (୨୩) ଏବଂ କୁମ୍ଭାରପଡା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହିର ସୁଶାନ୍ତ ବିଶୋଇ ଓରଫ ଅର୍ଜୁନ(୨୮)। ସେମାନଙ୍କଠାରୁ ୨ଟି ଖଣ୍ଡା, ୨ଟି ଲୁହାରଡ, ଗୋଟିଏ ଛୁରି, ଗୋଟିଏ ଟ୍ରଚଲାଇଟ୍, ଲଙ୍କାଗୁଣ୍ଡ, ୬ଟି ଖାଲି ବୋତଲ, ଗୋଟିଏ ମୋବାଇଲ ଫୋନ ଏବଂ ୬ଶହ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଥାନାପତି ଲେନ୍ ନିକଟ ବାଲାଜୀ ମନ୍ଦିରଠାରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିଭିନ୍ନ ମାରାଣାସ୍ତ୍ର ଜବତ କରିଛି।

## ଶଙ୍କରାନନ୍ଦ ମଠରେ ମୁଖ୍ୟ ପରିଚାଳକଙ୍କ ଭାବ ବିନିମୟ



ଶଙ୍କରାନନ୍ଦ ମଠ ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ମଣ୍ଡଳୀକୁ ମଠ ପକ୍ଷରୁ ସମ୍ବର୍ଦ୍ଧନା କରାଯାଉଛି।

ପୁରୀ,୨।୮(ଅଜିତ୍ ମହାନ୍ତି)

ପୁରୀରେ ଥିବା ପ୍ରାଚୀନ ଶ୍ରୀଶଙ୍କରାନନ୍ଦ ମଠର ପ୍ରଥମ ସ୍ୱାମୀ ଶ୍ରୀଶଙ୍କରାନନ୍ଦ ଶୃଙ୍ଗେରୀଠାରୁ ଶ୍ରୀଜଗନ୍ନାଥ ଧାମକୁ ଆସିଥିଲେ। ସେ ଜଣେ ବିଖ୍ୟାତ ଦାର୍ଶନିକ ତଥା ଶୈବ ସମ୍ପ୍ରଦାୟର ସନ୍ଥ ଥିଲେ। ତେବେ ଉକ୍ତ ମଠର ମୁଖ୍ୟ ପରିଚାଳନା ଅଧିକାରୀ ପଦ୍ମଶ୍ରୀ ଡ. ଭି.ଆର.ଗୌରୀଶଙ୍କର ଓ ବିଶିଷ୍ଟ ବେଦ ବିଦ୍ୟା ବିଶାରଦ ଡ. ଯଜ୍ଞ ସୁବ୍ରମଣ୍ୟମ୍ ବୁଧବାର ପୁରୀ ଆସି ଶ୍ରୀଶଙ୍କରାନନ୍ଦ ମଠ ପରିଦର୍ଶନ କରିବା ସହ ଭାବ ବିନିମୟ କରିଥିଲେ। ପ୍ରକାଶଯୋଗ୍ୟ, ଶ୍ରୀକ୍ଷେତ୍ରର ୪ଟି ଶୈବମଠ ବହୁ ପ୍ରାଚୀନ। ସେଗୁଡିକ ହେଲା ଶ୍ରୀ ମହିପ୍ରକାଶ ମଠ, ଶ୍ରୀ ଶଙ୍କରାନନ୍ଦ ମଠ, ଶ୍ରୀ ଗୋପାଳତୀର୍ଥ ମଠ ଏବଂ ଶ୍ରୀ ଶିବତୀର୍ଥ ମଠ। ଶ୍ରୀଶଙ୍କରାନନ୍ଦ ସ୍ୱାମୀ ପୁରୀରେ ପଦାର୍ପଣ କରିବା ପରେ ଆଉ ଫେରି ନ ଥିଲେ। ସଂଯୋଗକ୍ରମେ ଗଜପତିଙ୍କ ସହ ସାକ୍ଷାତ ହେବା ପରେ ଶ୍ରୀକ୍ଷେତ୍ରରେ ଆସ୍ଥାନ ପାଇଁ ଜମି ଦେଇଥିଲେ। ତାଙ୍କର ଜ୍ଞାନ, ଭକ୍ତି ଓ ନିଷ୍ଠା ଗଜପତିଙ୍କୁ ପ୍ରଭାବିତ କରିଥିଲା। ସେ ଶ୍ରୀମନ୍ଦିରର ଉପାସନା ଦିଗର ପରିଚାଳନା ଭାର ଦେଇଥିଲେ। ମହାପ୍ରଭୁଙ୍କ ଭୋଗ ବର୍ଦ୍ଧନ କରିବା, ଭୋଗମଣ୍ଡପ ନିର୍ମାଣ ତାଙ୍କରି ପରାମର୍ଶରେ ହୋଇଥିଲା। ମଠ ସେହିଦିନଠାରୁ ଭୋଗ ବର୍ଦ୍ଧନ ଶ୍ରୀଶଙ୍କରାନନ୍ଦ ମଠ ଭାବରେ ପରିଚିତ ହେଲା। ଶ୍ରୀ ଶ୍ରୀଧର ସ୍ୱାମୀ ଏହି ମଠରେ ଭାଗବତର ଭାବାର୍ଥ ଦୀପିକାଟୀକା ରଚନା କରିଥିଲେ। ଶୃଙ୍ଗେରୀ ଶଙ୍କରାଚାର୍ଯ୍ୟ ପୀଠ ସହିତ ଏହି ମଠର ପ୍ରାଚୀନ ସମ୍ପର୍କ ଥିବା ମତ ପ୍ରକାଶ କରିଥିଲେ। ମଠର ଟ୍ରଷ୍ଟ ବୋର୍ଡ ସଭାପତି ଡା. ଦୁର୍ଗାପ୍ରସାଦ ମିଶ୍ର, ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର କୁମାର ମିଶ୍ର, ଯାମିନୀ ମିଶ୍ର, ମିହିର ମିଶ୍ର, ଆଦିତ୍ୟ ମିଶ୍ର, ସଦାଶିବ ସାହୁ ଓ ସଦାନନ୍ଦ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ଦାନବୀର ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମ୍ମାନ




ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସଭାରେ ଉପସ୍ଥିତ ଅତିଥି।

ପୁରୀ,୨।୮(ଅଜିତ୍ ମହାନ୍ତି)

ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ୯୯ତମ ପୁଣ୍ୟତିଥି ସ୍ମୃତି ସମାରୋହ ୨୦୨୩ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ସଭାପତି ରବି ନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ ରଖିଥିବା ବେଳେ ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରିଷ୍ଠ ପୂଜାପଣ୍ଡା ପାଳିଆ ସେବାୟତ ଭୁବନ ମୋହନ ପୂଜାପଣ୍ଡା, ପ୍ରତିହାରୀ ସେବକ ଦେବେନ୍ଦ୍ର ନାଥ ପ୍ରତିହାରୀ ଏବଂ ସେବାୟତ ହରେକୃଷ୍ଣ ପ୍ରଧାନୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କନିଷ୍ଠ ଏବଂ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର, ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଓ ଗଣେଶ ମହାପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜମେଶ୍ୱର ପୂଜାପଣ୍ଡା, ସୋମନାଥ ଗୁରୁ, ସତ୍ୟ ନାରାୟଣ ଗୁରୁ, ପ୍ରେମନାଥ ଗୁରୁ, ଅମରନାଥ ଗୁରୁ, ହରିହର ଗୁରୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ ମହାନ୍ତି ଏବଂ ଗୁରୁ ଇଷ୍ଟେଟ୍ ଓ ସ୍ମୃତି ସଂସଦ ସହଯୋଗ କରିଥିଲେ।

# ବୈଠକକୁ ନ ଯିବାକୁ ସିଆର୍‌ସିସିଙ୍କ ହ୍ୱାଟ୍ସଆପ୍ ଜାରିକୁ ନିନ୍ଦା

କୋଣାର୍କ,୨।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସିର କଲ୍ୟାଣ ମଣ୍ଡପ ପରିସରରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଏମ୍‌ପିଙ୍କ ପ୍ରତିନିଧି ପଦ୍ମଚରଣ ବେଉରା, କାଉନସିଲର ସମୟ ରଞ୍ଜନ ସାହୁ, ନିହାର ରଞ୍ଜନ ବେଉରା, ସୌମ୍ୟ ସୌରଭ ଦାଶ, କୃଷ୍ଣପ୍ରିୟା ନାୟକ, ବିଶ୍ୱମ୍ଭର ବିଶ୍ୱାଳଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଚମ୍ପାହର ଅଗ୍ନିଶମର ଅଧିକାରୀ, ବିଦ୍ୟୁତ୍ ବିଭାଗର ଅଧିକାରୀ, କୋଣାର୍କ ଥାନାଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସ୍ୱାଧୀନତା ଦିବସକୁ ପାଳନ ପାଇଁ ଏକ ସବ୍‌କମିଟି ଗଠନ କରାଯାଇଥିଲା। କମିଟିରେ ନିଷ୍ପତ୍ତିକ୍ରମେ ହେବାକୁ ଥିବା ପ୍ରତିଯୋଗିତାର ତାରିଖ ଓ ବିଷୟବସ୍ତୁ ଚୟନ ଏହି କମିଟି କରିବା ସହ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯିବା ନିମନ୍ତେ ଚୟନ କରିବା ସହିତ ହେବାକୁ ଥିବା ପରେଡର ଜଜ ଚୟନ କରିବା ଦାୟିତ୍ୱ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ଏନ୍‌ଏସି ପକ୍ଷରୁ ସମସ୍ତ ୱାର୍ଡରେ ଥିବା ସରକାରୀ ଓ ବେସରକାରୀ ସ୍କୁଲଗୁଡିକୁ ଏହି ବୈଠକରେ ଭାଗ ନେବା ପାଇଁ ଚିଠି ମାଧ୍ୟମରେ କୁହାଯାଇଥିଲା। ମାତ୍ର ବୈଠକର ୧ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ସ୍କୁଲ ପ୍ରଧାନ ଶିକ୍ଷକ ଯୋଗଦେଇ ନ ଥିବାରୁ ଏନ୍‌ଏସି ଅଧ୍ୟକ୍ଷା ଅସନ୍ତୋଷ ପ୍ରକାଶ କରିଥିଲେ। ନ ଆସିବାର କାରଣ ଉପସ୍ଥିତ ଶିକ୍ଷକ ପ୍ରଫୁଲ୍ଲ ସେଠୀଙ୍କୁ ଅଧ୍ୟକ୍ଷା ପଚାରିବାରୁ ସେ କହିଥିଲେ, ଜଣେ ସିଆର୍‌ସିସି ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଫୋନ ଦ୍ୱାରା ହ୍ୱାଟ୍ସଆପ୍ ଜାରିକରି ବୈଠକରେ ଯୋଗ ନଦେବାକୁ କହିଥିଲେ। ପରେ ଗୋପ ବିଇଓ ସିଆର୍‌ସିସିଙ୍କୁ କହିବା ସହ ହ୍ୱାଟ୍ସଆପ ଗ୍ରୁପରେ ତୁରନ୍ତ ଯୋଗଦେବାକୁ ଜଣାଇବା ପରେ କିଛି ସ୍କୁଲର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଜଣେ ସିଆର୍‌ସିସିଙ୍କ ଏଭଳି ବ୍ୟବହାରକୁ ଉପସ୍ଥିତ ଅଧିକାରୀମାନେ ନିନ୍ଦା କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ତାଙ୍କୁ କୈଫିୟତ ତଲବ କରାଯିବ ବୋଲି ଅଧ୍ୟକ୍ଷା କହିଥିଲେ। ଶିକ୍ଷକ ରାମକୃଷ୍ଣ ମହାନ୍ତି ବୈଠକ ପରିଚାଳନା କରିଥିଲେ।

## ତାରିଣୀ ଛକରୁ ଖୁଣ୍ଟିଆବାଣପୁର ଗ୍ରାମକୁ ସଂଯୋଗ ରାସ୍ତା ଅଧାପନ୍ତରିଆ

କଣାସ,୨।୮(ବିଭୂତି ଭୂଷଣ ତ୍ରିପାଠୀ)



କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ଠିକାଦାର ରାସ୍ତାଘାଟ ନିର୍ମାଣ ସମୟରେ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଚାଲିଯାଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। କଣାସ ବ୍ଲକରେ ରାସ୍ତା ଦୀର୍ଘଦିନ ହେଲା ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସେଥିମଧ୍ୟରୁ ଅଡାଲଠାରୁ ବିଣ୍ଡିପୁର, ତାରିଣୀଛକ, ଖୁଣ୍ଟିଆବାଣପୁର, ବାଲିପଡ଼ା ଦେଇ ବକୁଛକଠାରେ ଜଗନ୍ନାଥ ସଡ଼କକୁ ସଂଯୋଗ କରିଛି। ୨ ବର୍ଷ ତଳେ ବିଣ୍ଡିପୁର ତାରିଣୀଛକଠାରୁ ଖୁଣ୍ଟିଆବାଣପୁର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଖୁଣ୍ଟିଆବାଣପୁରକୁ ୨୦୦ମିଟର ଥାଇ ରାସ୍ତାକାମ ଠିକାଦାର ବନ୍ଦ କରିଦେଇଛନ୍ତି। ଫଳରେ ସେହି ରାସ୍ତା ଦେଇ ଗୋପୀନାଥପୁର, ଦୋଛିଆଁ, କାଦୁଆ, ବଡ଼ାଳ, ଗଡ଼ଖାରଦ, ଦେଇପୁର ପଞ୍ଚାୟତର ଶହଶହ ଜନସାଧାରଣ ଯାତାୟାତ କରିବାକୁ ଅସୁବିଧା ଭୋଗୁଛନ୍ତି। ୨୦୦ ମିଟର ରାସ୍ତାକାମ ହୋଇ ନ ଥିବାରୁ ଉକ୍ତ ଜାଗାରେ ବଡ଼ ଖାଲ ହୋଇ ଦୁର୍ଘଟଣା ଘଟୁଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ଉଠାଇ ନ ଥିଲେ। ତୁରନ୍ତ ଖାଲିଥିବା ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଭାଗକୁ ମିଳିଥିବା ଅନୁଦାନର ହିସାବ ଆଲୋଚନା

ପୁରୀ,୨।୮(ଅଜିତ ମହାନ୍ତି)




ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ପରିଷଦର ୫ମ ବୈଠକରେ ମଞ୍ଚାସୀନ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅଧିକାରୀ।

ପୁରୀ ଜିଲା ପରିଷଦର ୫ମ ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିବା ବେଳେ ପ୍ରମୁଖ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପିପିଲି ବିଧାୟକ ରୁଦ୍ରପ୍ରସାଦ ମହାରଥୀ, ଜିଲାପାଳ ସମର୍ଥ ବର୍ମା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗକୁ ମିଳିଥିବା ଅନୁଦାନ ଅର୍ଥର ହିସାବ ଉପରେ ଆଲୋଚନା କରିଥିଲେ।

୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବଶିକ୍ଷା ଅଭିଯାନର ବିବିଧ ଯୋଜନାରେ ପ୍ରାପ୍ତ ୧୪୯.୨୪ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ବିନିଯୋଗ ହୋଇଛି। ଶିକ୍ଷା ବିଭାଗର ମଧ୍ୟାହ୍ନ ଭୋଜନରେ ଅଦ୍ୟାବଧି ପ୍ରାପ୍ତ ୧୦୭୧.୨୩ ଲକ୍ଷ ଟଙ୍କା ମଧ୍ୟରୁ ୮୪୫.୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଶିକ୍ଷାର ଅନ୍ୟାନ୍ୟ ଯୋଜନାରେ ପ୍ରାପ୍ତ ୯୦.୮୧ଲକ୍ଷ ଟଙ୍କାର ଅନୁଦାନ ସମ୍ପୂର୍ଣ୍ଣ ବିନିଯୋଗ ହୋଇଛି। କୃଷି ବିଭାଗର ପ୍ରାପ୍ତ ୧୬୦.୯୩ ଲକ୍ଷ ଟଙ୍କା ମଧ୍ୟରୁ ୬୬.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ପ୍ରାପ୍ତ ୧୫୦୦.୦୦ ଲକ୍ଷ ଟଙ୍କା ମଧ୍ୟରୁ ୧୩୬୮.୪୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟାନ୍ୟ ଯୋଜନାରେ ପ୍ରାପ୍ତ ୬୩୯୧.୧୪ ଲକ୍ଷ ଟଙ୍କା ମଧ୍ୟରୁ ୧୯୫୬.୦୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଗ୍ରାମୀଣ ପାନୀୟ ଜଳ ଯୋଗାଣରେ ମିଳିଥିବା ୨୨୨୦.୪୩ ଲକ୍ଷ ଟଙ୍କା ମଧ୍ୟରୁ ୧୮୭୫.୫୨ ଟଙ୍କା ଖର୍ଚ୍ଚ ହୋଇଛି। ଜଳସେଚନ ବିଭାଗ ପୁରୀ ବିଭିନ୍ନ ଯୋଜନାରେ ପ୍ରାପ୍ତ ୩୨୦.୦୦ ଲକ୍ଷ ଟଙ୍କା ଅନୁଦାନ ମଧ୍ୟରୁ ୩୧୩.୦୦ ଲକ୍ଷ ଖର୍ଚ୍ଚ ହୋଇଛି। ସେହିପରି ନିମାପଡ଼ା ଜଳସେଚନ ବିଭାଗର ପ୍ରାପ୍ତ ୪୦୯୨.୦୩ ଲକ୍ଷ ଅନୁଦାନ ମଧ୍ୟରୁ ୧୧୦୯.୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଜିଲା ପରିଷଦ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୯୩୧୯.୦୦ ଲକ୍ଷ ଟଙ୍କା ମଧ୍ୟରୁ ୩୫୦୬.୯୭ ଲକ୍ଷ ଟଙ୍କା ଖର୍ଚ୍ଚ

**ପୁରୀ ଜିଲା ପରିଷଦର ୫ମ ବୈଠକ**

ହୋଇ ୧୨,୧୮,୦୨୭ ଶ୍ରମଦିବସ ସୃଷ୍ଟି ହୋଇଛି। ସେହିପରି ୪୬୬୫୦ ପଞ୍ଜିକୃତ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି ଏବଂ ୨୪୮ ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ସେହିପରି ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ବିଦ୍ୟୁତ୍ ଭଳି ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପୁରୀ ଓ ଜଗତ୍‌ସିଂହପୁର ଲୋକ ସଭା ଏମ୍‌ପିଙ୍କ ପ୍ରତିନିଧି, ଜିଲା ପରିଷଦ ସଦସ୍ୟବୃନ୍ଦ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର ବୈଠକ ପରିଚାଳନା କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୦୨।୦୮।୨୦୨୩

| | |
|---|---|
| ୩,୦୮, ୧୨୦ ଟଙ୍କା | |
| ସୁନା | ୮୫୦ ମିଲିଗ୍ରାମ |
| ରୁପା | ୩୧.୯୫୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଅଙ୍ଗଦାନ ମହୋତ୍ସବ, ଏମ୍ସ ଓପିଡି, ପୂର୍ବାହ୍ନ ୧୧ଟା।
- ପେନ୍ ଇନ୍ ବୁକ୍ ପକ୍ଷରୁ ସାହିତ୍ୟିକ ଦାଶ ବେନହୁରଙ୍କ ୭୦ତମ ଜନ୍ମଦିନ ପାଳନ, ସୂଚନା ଭବନ, ସନ୍ଧ୍ୟା ୬ଟା।

# ୨୦୪୭ ସୁଦ୍ଧା ରାଜ୍ୟରୁ ହଟିବ ସିକିଲ୍ ସେଲ୍

- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଛି ଡୋର୍ ଟୁ ଡୋର୍ ସର୍ଭିସ
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ରହିଛନ୍ତି ୩୦ ପ୍ରତିଶତ ରୋଗୀ

ଭୁବନେଶ୍ୱର,୨।୮(ଅଭିଜିତ ଦାସ)

ରାଜ୍ୟରେ ବର୍ତ୍ତମାନ ସିକିଲ୍‌ସେଲ୍ ବା ସିକିଲ୍ ସେଲ୍ ଆନିମିଆ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଅଧିକାଂଶ ରୋଗୀ ଓଡିଶାର ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ ଦେଖାଯାଉଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ୨୦୪୭ ସୁଦ୍ଧା ଏହି ରୋଗ ରାଜ୍ୟରୁ ହଟାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସିକିଲ ସେଲ୍ ସହ ଥାଲାସେମିଆ ରୋଗର ସ୍କ୍ରିନିଂ ସହ ପଦକ୍ଷେପ ଜାରି ରହିଛି, କାରଣ ଏହି ଦୁଇ ରୋଗ ଲୋହିତ ରକ୍ତ କଣିକାରେ ଥିବା ଅମ୍ଳଜାନ ବାହକ ହିମୋଗ୍ଲୋବିନ୍‌ର ଅସମାନତାରୁ ବଂଶାନୁକ୍ରମିକ ଭାବେ ହୋଇଥାଏ। ସେହିପରି କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ସିକିଲସେଲ୍ ଆନେମିଆ ମିଶନ କାର୍ଯ୍ୟକ୍ରମ ଅଧୀନରେ ଓଡିଶାରେ ବିଭିନ୍ନ ଜିଲାରେ ଏହି ରୋଗର ନିରାକରଣ ପାଇଁ ପଦକ୍ଷେପ ନିଆଯାଉଛି।

ସାଧାରଣତଃ ସିକିଲ୍ ସେଲ୍ ରୋଗରେ ରୋଗୀଙ୍କ ଲୋହିତ ରକ୍ତକଣିକାରେ ହିମୋଗ୍ଲୋବିନ୍‌ର ଅଭାବ ଦେଖାଯାଇଥାଏ। ଫଳରେ ଉକ୍ତ ରକ୍ତକଣିକାଗୁଡିକ ଏକ ଦାଆ ଆକୃତି ଧାରଣ କରିବା ସହ ନଷ୍ଟ ହେବାରେ ଲାଗିଥାଏ। ଏଥିଯୋଗୁ ଶରୀରରେ ଅମ୍ଳଜାନ ଅଭାବ ସହତ ଯନ୍ତ୍ରଣା ବୃଦ୍ଧି ହୋଇଥାଏ। ବୟସ ବଢ଼ିବା ସହ ଯନ୍ତ୍ରଣା ବଢ଼ିଥାଏ। ଏପରିକି ଆୟୁଷ ମଧ ହ୍ରାସ ପାଇଥାଏ। ବିଭାଗୀୟ ସୂଚନା ଅନୁଯାୟୀ ୨୦୧୦ରୁ ଓଡିଶା ସିକିଲ ସେଲ ପ୍ରୋଜେକ୍ଟ ଜରିଆରେ ରାଜ୍ୟର ପଶ୍ଚିମ ଓଡିଶାର ୧୨ଟି ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପାଖାପାଖି ୨ରୁ ୩ ଲକ୍ଷ ଲୋକଙ୍କ ସ୍କ୍ରିନିଂ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ ୨୦୧୭ରେ ସ୍ୱାସ୍ଥ୍ୟ ବିଭାଗ ଓ ସିଏମ୍‌ସି ଭେଲୋର ସହ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ୩ଟି ପର୍ଯ୍ୟାୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍କ୍ରିନିଂ କରାଯାଇଥିବା ବେଳେ ୧୫ ପ୍ରତିଶତ ସିକିଲ ସେଲ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ପାଖାପାଖି ୩୦ ପ୍ରତିଶତ ରୋଗୀ ସିକିଲସେଲ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ପୂର୍ବରୁ ୧୨ ଜିଲାରେ ସ୍କ୍ରିନିଂ କରାଯାଉଥିବାବେଳେ ବର୍ତ୍ତମାନ ବିଭାଗ ପକ୍ଷରୁ ୨୦ ଜିଲାରେ ସ୍କ୍ରିନିଂ କରାଯାଉଛି। ଏ ସମ୍ପର୍କରେ ବିଭାଗର ରକ୍ତ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ସିକିଲ୍‌ସେଲ ରୋଗ ଦ୍ୱାରା ବିଶେଷ ଭାବରେ ଶରୀର ଲୋହିତ ରକ୍ତ କଣିକାରେ ଅସୁବିଧା ହୋଇଥାଏ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଆଦି ପଶ୍ଚିମ ଓ ଦକ୍ଷିଣ ଓଡିଶା ଜିଲାରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ ଦେଖାଯାଇଥାଏ। ବର୍ତ୍ତମାନ ରାଜ୍ୟରେ ୦ ରୁ ୨୫ ବର୍ଷ ବୟସର ଲୋକଙ୍କର ସ୍କ୍ରିନିଂ ଚାଲିଥିବାବେଳେ ସ୍ୱାସ୍ଥ୍ୟକର୍ମୀ, ମିଶନ ଶକ୍ତି ମହିଳାମାନେ ଘରକୁ ଘର ବୁଲି ଟେଷ୍ଟ କରୁଛନ୍ତି। ଗର୍ଭବତୀ ଓ ସ୍କୁଲ ପିଲାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ୨୦୪୭ ସୁଦ୍ଧା ରାଜ୍ୟରେ ସିକିଲସେଲ ରୋଗମୁକ୍ତ କରିବା ଲାଗି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟ ସ୍ତରରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ କମିଟି ଗଠନ କରାଯାଇ ସିକିଲସେଲ ରୋଗ ଚିହ୍ନଟ, ସଚେତନତା ଓ ଚିକିତ୍ସା ଆଦି କାର୍ଯ୍ୟକ୍ରମର ପରିଚାଳନା କରାଯାଉଥିବା ଡା. ମିଶ୍ର ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କ ବଡ଼ ମହାସ୍ନାନ

ପୁରୀ,୨।୮(ଅଜିତ ମହାନ୍ତି): ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ପାଣି ପଡିବା ପରେ ନକ୍ଷତ୍ର ବନ୍ଦାପନା ନୀତି ସାରି ଠାକୁର ଭିତରକୁ ବିଜେ କରିଥିଲେ। ଏହି ସମୟରେ ଭକ୍ତମାନେ ଶ୍ରୀମନ୍ଦିର ଭିତର କାଠ ନିକଟରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରୁଥିଲେ। ତେବେ ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଭିତରକାଠ ନିକଟରେ ରକ୍ତ ପଡ଼ିଥିବା ଦେଖିବା ପରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଧୁଆ ହୋଇ ଚୂନପାଣି ପଡିଥିଲା। ତା'ପରେ ମହାସ୍ନାନ ନୀତି କରାଯାଇଥିଲା। ଅପରାହ୍ନ ୪ ଟା ୫୫ ମିନିଟ୍‌ରେ ମହାସ୍ନାନ ପୂଜା ଶେଷ ହୋଇଥିଲା। ମହାପ୍ରଭୁଙ୍କ ବଡ ମହାସ୍ନାନ ପାଇଁ ପ୍ରାୟ ପାଖାପାଖି ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇଥିଲା।



ଭୁବନେଶ୍ୱରସ୍ଥିତ କଳାଭୂମିଠାରେ ଇ-ଅଡିଓ ଗାଇଡେଡ୍ ଟୁର୍‌ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

# କଳାଭୂମିରେ ଇ-ଅଡିଓ ଗାଇଡେଡ୍ ଟୁର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ପରିଦର୍ଶକଙ୍କ ଜ୍ଞାନ ବୃଦ୍ଧିରେ ସହାୟକ ହେବ

ଭୁବନେଶ୍ୱର,୨।୮(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ(କଳାଭୂମି)ଠାରେ ଇ-ଅଡିଓ ଗାଇଡେଡ ଟୁର୍ ଶୁଭାରମ୍ଭ କରିଛନ୍ତି। ଏହା ୩ଟି ଭାଷା ଓଡ଼ିଆ, ହିନ୍ଦୀ ଓ ଇଂଲିଶରେ ଉପଲବ୍ଧ ହେବ। ଏହି ଅଡିଓ ଗାଇଡ ସେବା ଅତିଥିମାନଙ୍କୁ କଳା, ସ୍ଥାପତ୍ୟ, ହସ୍ତଶିଳ୍ପ ବିଷୟରେ ସୂଚନା ପ୍ରଦାନ କରିବାରେ ସହାୟକ ହେବ। ଏହା କଳାଭୂମିକୁ ଆସୁଥିବା ଦୁର୍ଲଭ ସାଂସ୍କୃତିକ ଐତିହ୍ୟ ବିଷୟରେ ଦର୍ଶକମାନଙ୍କ ମନ ଓ ପ୍ରାଣକୁ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅଭିନବ ବ୍ୟବସ୍ଥା ବୈଷୟିକ ଜ୍ଞାନକୌଶଳ ସହାୟତାରେ ଦର୍ଶକମାନଙ୍କୁ ଅଭୁଲା ସ୍ମୃତି ବିଷୟରେ ସୂଚନା ପ୍ରଦାନ କରିବ।

ଏହି ପଦକ୍ଷେପ ଓଡ଼ିଶା କଳାର ସୁରକ୍ଷା କରିବା ସହିତ ଆଧୁନିକ ଜ୍ଞାନ କୌଶଳ ବ୍ୟବହାରକୁ ରାଜ୍ୟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ପରିଦର୍ଶକ ଓ ରାଜ୍ୟର ସାଂସ୍କୃତିକ ଐତିହ୍ୟ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ସଂଯୋଗ ସ୍ଥାପନ କରିବ।

ଏଥିସହିତ ମୁଖ୍ୟମନ୍ତ୍ରୀ ମ୍ୟୁଜିୟମର ୱେବ୍‌ସାଇଟ ଇ-ଟିକେଟ, ବିଶିଷ୍ଟ ଶିଳ୍ପୀ ଟ୍ରଟସ୍କି ମାରୁଦୁଙ୍କ ଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଶିଳ୍ପୀମାନଙ୍କୁ ନେଇ ପ୍ରସ୍ତୁତ କଫିଟେବୁଲ ବୁକ୍‌କୁ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଅନୁଗର୍ଗ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ମେଟ୍ରୋ ରେଲ୍ କର୍ପୋରେଶନର ସିଇଓ, ଜିଏମ୍ ନିଯୁକ୍ତ

ଭୁବନେଶ୍ୱର,୨।୮(ଅଭିଜିତ ଦାସ)

ରାଜ୍ୟ ସରକାର ଭୁବନେଶ୍ୱର ମେଟ୍ରୋ ରେଲ କର୍ପୋରେଶନ (ବିଏମ୍‌ଆର୍‌ସି)ର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର (ସିଇଓ) ଏବଂ ଜେନେରାଲ ମ୍ୟାନେଜର (ଜିଏମ୍) ନିଯୁକ୍ତ କରିଛନ୍ତି। ସିଇଓ ଭାବେ ଭୁବନେଶ୍ୱର ପୂର୍ବତଟ ରେଲପଥର ବ୍ରିଜ୍ ୱାର୍କସ୍‌ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶିବ ପ୍ରସାଦ ସାମନ୍ତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ସେ ୨୦୨୩ ଅଗଷ୍ଟ ୧ରୁ ୨୦୨୪ ଜୁଲାଇ ୩୧ ପର୍ଯ୍ୟନ୍ତ ୧ ବର୍ଷ ଧରି ଏହି ପଦବୀରେ କାର୍ଯ୍ୟ କରିବେ। ସେହିଭଳି ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡଙ୍ଗୀଙ୍କୁ ବିଏମ୍‌ଆର୍‌ସିର ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ଏହାସହ ସେ ପୂର୍ବପରି କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍)ର ଜେନେରାଲ ମ୍ୟାନେଜର ଦାୟିତ୍ୱ ତୁଲାଇବେ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ଜାରି କରାଯାଇଛି ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବିଏମ୍‌ପିଏସ୍ ଅଧ୍ୟକ୍ଷା



ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲର ଅଧ୍ୟକ୍ଷା ଲିପ୍‌ସିତା ମହାନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମେମେଣ୍ଟୋ ପ୍ରଦାନ କରୁଛନ୍ତି।

## ଶୈକ୍ଷିକ ବିକାଶ ଉପରେ କଲେ ଆଲୋଚନା

ଭୁବନେଶ୍ୱର, ୨।୮

ଭୁବନେଶ୍ୱର ମଡେଲ୍ ପବ୍ଲିକ୍ ସ୍କୁଲ (ବିଏମ୍‌ପିଏସ୍) ତକ୍ଷଶୀଳା ସ୍କୁଲର ଅଧ୍ୟକ୍ଷା ଲିପ୍‌ସିତା ମହାନ୍ତି ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ୍ ସମୟରେ ରାଷ୍ଟ୍ରପତି ମୁର୍ମୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଏବଂ ବିଏମ୍‌ପିଏସ୍ ସମ୍ପର୍କରେ ଲିପ୍‌ସିତାଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତ ଏବଂ ଆଗାମୀ ଦିନରେ କିପରି ଶୈକ୍ଷିକ ବିକାଶ ଘଟିବ ସେ ସମ୍ପର୍କରେ ରାଷ୍ଟ୍ରପତି ଦିଗ୍‌ଦର୍ଶନ ଦେଇଥିଲେ। ମୁର୍ମୁ ଯେଉଁ ଶିକ୍ଷା ଲାଭ କରି ଆଜି ଦେଶର ସର୍ବୋଚ୍ଚ ସ୍ଥାନରେ ଆସୀନ ହୋଇପାରିଛନ୍ତି ସେ ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଲିପ୍‌ସିତା ରାଷ୍ଟ୍ରପତିଙ୍କୁ ଏକ ମେମେଣ୍ଟୋ ପ୍ରଦାନ କରିବା ସହ ରାଜ୍ୟରେ ଉତ୍ତମ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ପୂରଣ କରିବାକୁ କେବେହେଲେ ଭୁଲିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ଗରିବ ଏବଂ ଅସହାୟ ପିଲାମାନେ କିଭଳି ଉତ୍ତମ ଶିକ୍ଷା ଲାଭ କରିପାରିବେ ସେ ଦିଗରେ ସର୍ବଦା ଚେଷ୍ଟିତ ରହିବେ ବୋଲି କହିଥିଲେ।

# ସେପ୍ଟେମ୍ବର ୧ରୁ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୨।୮(ଅସମାପିକା ସାହୁ)

ଆସନ୍ତା ସେପ୍ଟେମ୍ବର ୧ରୁ ୧୫ ତାରିଖ ଯାଏ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯିବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ୨୦୧୬ରୁ ଏହା ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ସ୍ୱଚ୍ଛତା ପକ୍ଷରେ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା, ପରିମଳ ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଗୋଷ୍ଠୀର ସମ୍ପୃକ୍ତି ରହିବ। ୧ ତାରିଖ ସ୍ୱଚ୍ଛତା ଶପଥ ଦିବସରେ ସମସ୍ତ ବିଦ୍ୟାଳୟ ଏବଂ କାର୍ଯ୍ୟାଳୟରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ। ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀ ପରିଷ୍କାର-ପରିଚ୍ଛନ୍ନତା ପାଇଁ ଶପଥ ନେବେ। ସେପ୍ଟେମ୍ବର ୬ ତାରିଖ ଜନ୍ମାଷ୍ଟମୀ ପାଇଁ ଛୁଟି ରହୁଥିବାରୁ ଏହି ଦିବସ ପାଇଁ ଧାର୍ଯ୍ୟ କାର୍ଯ୍ୟକ୍ରମ ଏହାର ପୂର୍ବଦିନ ଅର୍ଥାତ୍ ୪ ଓ ୫ ତାରିଖର କାର୍ଯ୍ୟକ୍ରମ ସହ ଅନ୍ତର୍ଭୁକ୍ତ ହୋଇଛି। ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟସ୍ତରରେ ହେବାକୁ ଥିବା ଖର୍ଚ୍ଚ ପିଏବି ଦ୍ୱାରା ମଞ୍ଜୁର ହୋଇଥିବା କମ୍ପୋଜିଟ ସ୍କୁଲ ଗ୍ରାଣ୍ଟର ୧୦% ଭିତରେ ସୀମିତ ରହିବ। ବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ଶେଷ ହେବା ପରଦିନ ପ୍ରତ୍ୟେକ ଜିଲାର ଶ୍ରେଷ୍ଠ ୩ ପ୍ରବନ୍ଧ, ସ୍ଲୋଗାନ, କୁଇଜ, ପେଣ୍ଟିଂ ଆଦି ଦାଖଲ କରାଯିବ। ସେହିପରି ଜିଲାସ୍ତରରେ ବିଦ୍ୟାଳୟ, ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ଅଂଶଗ୍ରହଣ ନେଇ ଦୈନିକ ରିପୋର୍ଟ ପ୍ରତିଦିନ ଓସେପାକୁ ଦିନ ୨ଟା ସୁଦ୍ଧା ପଠାଇବାକୁ କୁହାଯାଇଛି। ଏନେଇ ଓସେପା ପକ୍ଷରୁ ସମସ୍ତ ଜିଲା ଓ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୋନାଲି



@ ଲିପି



@ ଉତ୍ତମ



@ ଧନେଶ୍ୱର



@ ସ୍ୱାଗତମ୍



@ ସୁଚିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବଲିଉଡ୍‌ରେ ଓଡ଼ିଆ ପୁଅ ପ୍ରେମ୍

- ଏକମାତ୍ର ଲକ୍ଷ୍ୟ ବଲିଉଡ୍ ହିଁ ଥିଲା : ପ୍ରେମ୍



ପ୍ରେମ ପରିଜା

ଭୁବନେଶ୍ୱର,୨।୮(ଶର୍ମିଷ୍ଠା ପାଣିଗ୍ରାହୀ): ବଲିଉଡ୍‌ରେ ଓଡ଼ିଆ ପୁଅ ପ୍ରେମ ପରିଜା। ଆସନ୍ତା ୧୧ତାରିଖରେ ଡିଜ୍‌ନି + ହଟ୍‌ଷ୍ଟାର ଓଟିଟି ପ୍ଲାଟଫର୍ମରେ ପ୍ରେମ୍‌ଙ୍କ ଆକ୍ସନ-ଥ୍ରୀଲର ୱେବ୍‌ସିରିଜ 'କମାଣ୍ଡୋ' ମୁକ୍ତି ଲାଭ କରିବ। ଯେଉଁଥିରେ ପ୍ରେମ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ତାଙ୍କ ସହ ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା, ଶ୍ରେୟା ସିଂ ଚୌଧୁରୀ, ମୁକେଶ ଛାବ୍ରା, ଅମିତ୍ ଶିଆଲ୍, ତିଗ୍‌ମାନସୁ ଧୁଲିଆ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏହାର ପ୍ରଯୋଜକ ଭିପୁଲ ଅମ୍ରୁତଲାଲ ଶାହା ଅଛନ୍ତି। ସପ୍ତାହେ ତଳେ ଏହାର ଟିଜର ଅପ୍‌ଲୋଡ୍ ହୋଇସାରିଛି, ଯାହାକୁ ବହୁତ ପ୍ରଶଂସା ମିଳିଛି। ଟିଜରରେ ପ୍ରେମ୍‌ଙ୍କ ଫାଇଟ୍ ସିନ୍ ଜବରଦସ୍ତ ରହିଛି। ସୋସିଆଲ ମିଡିଆରେ ଓଡ଼ିଶାର ପୁଅ ପ୍ରେମ୍ ପରିଜାଙ୍କୁ ନେଇ ଅନେକ ପୋଷ୍ଟ ଦେଖିବାକୁ ମିଳିଛି। ଏଥିସହ ବଲିଉଡ୍‌ରେ ମଧ ଅନେକ କଳାକାର ପ୍ରେମଙ୍କୁ ଶୁଭେଚ୍ଛା ଜଜଣାଇଛନ୍ତି। କମାଣ୍ଡୋମାନେ ଆମ ଦେଶର ପ୍ରକୃତ

## ୧୧ରେ ଓଟିଟିରେ ମୁକ୍ତିଲାଭ କରିବ 'କମାଣ୍ଡୋ'





ହିରୋ। ଜଣେ କମାଣ୍ଡୋ ଦେଶକୁ ବଞ୍ଚାଇବା ତା'ର ମିଶନକୁ କିଭଳି ଶେଷ କରୁଛି ତାହାକୁ ନେଇ କାହାଣୀର ବିଷୟବସ୍ତୁ ରହିଛି।

ପ୍ରେମ୍ ୨୦୧୪ରୁ ବଲିଉଡ ସହ ଯୋଡ଼ିହୋଇ ରହିଥିଲେ ସୁଦ୍ଧା ଏବେ କମାଣ୍ଡୋ ଚଳଚ୍ଚିତ୍ରରେ ତାଙ୍କୁ ମୁଖ୍ୟ ନାୟକ ଭୂମିକାରେ ଦେଖିବାକୁ ମିଳିବାକୁ ଥିବାରୁ ଖବ୍ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି ଓଡ଼ିଶାବାସୀ। ଭୁବନେଶ୍ୱରର ସେଣ୍ଟ ଜୋସେଫ ସ୍କୁଲରେ ଅଧ୍ୟୟନ ପରେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ସେଠାରୁ ଆରମ୍ଭ କରିଥିଲେ ବଲିଉଡ୍‌ର ଯାତ୍ରା। ନାଟକରେ ମଧ ପ୍ରେମଙ୍କର ରହିଛି ବେଶ୍ ଦଖଲ। ଦିଲ୍ଲୀ ହନ୍ସରାଜ କଲେଜର ଡ୍ରାମାଟିକ ସୋସାଇଟି ତରଫରୁ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ନାଟକରେ ସେ ଅଭିନୟ କରିଛନ୍ତି। ଜଣେ ସହ ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ ସେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ଚଳଚ୍ଚିତ୍ର 'ୱେଲ୍‌କମ୍ ଟୁ କରାଚି', 'ସତ୍ୟମେବ ଜୟତେ', 'ବାଜାର', ନେଟଫ୍ଲିକ୍ସର ହଲିଉଡ୍ ସିରିଜ୍ 'ସେନ୍ସ ୮' ଏବଂ 'ବାଟଲା ହାଉସ'ରେ ପରଦା ପଛରେ କାମ କରିଛନ୍ତି ପ୍ରେମ୍।

ଆଗକୁ କମାଣ୍ଡୋ ମୁକ୍ତିଲାଭ କରୁଥିବା ବେଳେ ଏନେଇ ପ୍ରେମ୍ କହିଛନ୍ତି, ମୁଁ ମୋର ସ୍ୱପ୍ନର ନିକଟତର ହୋଇପାରିଛି। କମାଣ୍ଡୋକୁ ନେଇ ମୁଁ ବହୁତ ଏକ୍ସାଇଟେଡ୍ ଅଛି। ଛୋଟବେଳୁ କେବଳ ବଲିଉଡ୍ ହିଁ ଲକ୍ଷ୍ୟ ଥିଲା। ମୁଁ ବଲିଉଡ୍‌ର ବିକଳ୍ପ କିଛି ରଖି ନ ଥିଲି। ବହୁତ ଖୁସି ଯେ, ମୋ ଲକ୍ଷ୍ୟ ପୂରଣ ହୋଇପାରିଛି। କମାଣ୍ଡୋକୁ ଦର୍ଶକ ପସନ୍ଦ କରିବେ ବୋଲି ମୋର ସମ୍ପୂର୍ଣ୍ଣ ଆଶା ଓ ଭରସା ରହିଛି।




ମହିଳାଙ୍କ ଉପରେ ବଢୁଥିବା ହିଂସା ଘଟଣାକୁ ବିରୋଧ କରି ବୁଧବାର ମୁମ୍ବାଇଠାରେ ଶିବସେନା(ୟୁବିଟି)ର ସମର୍ଥକମାନେ ମୁହଁରେ କଳାପଟି ବାନ୍ଧି ନୀରବ ପ୍ରତିବାଦ କରୁଛନ୍ତି।

# ଭାରତରେ ୨୦ ନକଲି ବିଶ୍ୱବିଦ୍ୟାଳୟ: ୟୁଜିସି

**ନୂଆଦିଲ୍ଲୀ,୨।୮**

ଭାରତରେ ୨୦ଟି ନକଲି ବିଶ୍ୱବିଦ୍ୟାଳୟ ଚିହ୍ନଟ ହୋଇଥିବା ବୁଧବାର ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ପକ୍ଷରୁ ଘୋଷଣା କରାଯାଇଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରମାନଙ୍କୁ ଡିଗ୍ରୀ ପ୍ରଦାନ ପାଇଁ ଅଧିକୃତ ନୁହନ୍ତି। ଜାଲ୍ ବିଶ୍ୱବିଦ୍ୟାଳୟ ମଧ୍ୟରୁ ସର୍ବାଧିକ ୮ଟି ଦିଲ୍ଲୀରେ ରହିଛି। ସେଗୁଡ଼ିକ ହେଲା ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍ଥ ସାଇନ୍ସେସ୍ (ଏଆଇଆଇପିଏଚ୍ଏସ୍) ଷ୍ଟେଟ୍ ଗଭର୍ନମେଣ୍ଟ ୟୁନିଭର୍ସିଟି ଆଲିପୁର, କମର୍ସିଆଲ ୟୁନିଭର୍ସିଟି ଲିଃ ଦରିଆଗଞ୍ଜ, ୟୁନାଇଟେଡ୍ ନେଶନ୍ସ ୟୁନିଭର୍ସିଟି, ଦିଲ୍ଲୀ, ଭୋକେଶନାଲ ୟୁନିଭର୍ସିଟି ଦିଲ୍ଲୀ, ଏଡିଆର୍ ସେଣ୍ଟ୍ରିକ୍ ଜୁଡିସିଆଲ ୟୁନିଭର୍ସିଟି ରାଜେନ୍ଦ୍ର ପ୍ୟାଲେସ, ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଦିଲ୍ଲୀ, ବିଶ୍ୱକର୍ମା ଓପନ୍ ୟୁନିଭର୍ସିଟି ଫର୍ ସେଲ୍ଫ–ଏମ୍ପ୍ଲୟମେଣ୍ଟ, ଜିଟିକେ ଡିପୋ ଅପୋଜିଟ୍ ଏବଂ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟ, ରୋହିଣୀ। ସେହିପରି ଉତ୍ତର ପ୍ରଦେଶରେ ୪, ପଶ୍ଚିମବଙ୍ଗରେ ୨, ଆନ୍ଧ୍ର ପ୍ରଦେଶରେ ୨ଟି ଫେକ୍ ୟୁନିଭର୍ସିଟି ରହିଛି। ଅନ୍ୟ ଜାଲ୍ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କର୍ନାଟକ, କେରଳ, ମହାରାଷ୍ଟ୍ର ଓ ପୁଡୁଚେରୀର ଗୋଟିଏ ଲେଖାଏ ରହିଛି।

# ଟ୍ରମ୍ପ୍‌ଙ୍କ ବିରୋଧରେ ଅଭିଯୋଗ ଧାର୍ଯ୍ୟ

**ୱାଶିଂଟନ୍,୨।୮**

**୨୦୨୦ ନିର୍ବାଚନ ଫଳ ପଲଟାଇବା ଉଦ୍ୟମ**


ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୦ ନିର୍ବାଚନରେ ପରାଜିତ ହେବା ପରେ ଫଳାଫଳ ପଲଟାଇବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ଫେଡେରାଲ କୋର୍ଟରେ ଧାର୍ଯ୍ୟ ହୋଇଛି। ଏହାକୁ ମିଶାଇ ଚଳିତବର୍ଷ ଟ୍ରମ୍ପ୍‌ଙ୍କ ବିରୋଧରେ ୪ଟି ଆପରାଧିକ ମାମଲାରେ ଅଭିଯୋଗ ଧାର୍ଯ୍ୟ ହେଲାଣି। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇ ହ୍ୱାଇଟ୍ ହାଉସ୍‌କୁ ପୁନଃ ପ୍ରବେଶ ପାଇଁ ଆଗ୍ରହୀ ୭୭ ବର୍ଷୀୟ ଟ୍ରମ୍ପ୍‌ଙ୍କ ବିରୋଧରେ ୪୫ ପୃଷ୍ଠା ସମ୍ବଳିତ ଅଭିଯୋଗପତ୍ର ନ୍ୟାୟ ବିଭାଗର ସ୍ପେଶାଲ କାଉନ୍‌ସେଲ୍ ଜାକ୍ ସ୍ମିଥ୍ ଦାଖଲ କରିଛନ୍ତି। ଆମେରିକାକୁ ପ୍ରତାରିତ କରିବା ପାଇଁ ଷଡ଼ଯନ୍ତ୍ର ରଚିବା, ସାକ୍ଷ୍ୟ ପ୍ରମାଣରେ ହେରଫେର, ନାଗରିକ ଅଧିକାର ବିରୋଧରେ ଷଡ଼ଯନ୍ତ୍ର ଓ ସରକାରୀ କାର୍ଯ୍ୟରେ ବାଧା ଉଦ୍ୟମ କରିବା ଭଳି ଅଭିଯୋଗ ଏଥିରେ ରହିଛି। ପ୍ରକାଶ ଯେ, ୨୦୨୦ ନିର୍ବାଚରେ ହାରିବା ସତ୍ତ୍ୱେ ଟ୍ରମ୍ପ୍ ନିଜ ପରାଜୟ ସ୍ୱୀକାର କରି ନ ଥିଲେ। ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ ହିଲ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ବିଜୟୀ ଘୋଷଣା ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ଟ୍ରମ୍ପ୍ ନିଜ ସମର୍ଥକମାନଙ୍କୁ ଉସୁକାଉ ଦଙ୍ଗା ଭିଆଇଥିବା ଅଭିଯୋଗ ହୋଇଥିଲା।

# ମଣିପୁର ହିଂସା: ସଂସଦରେ ଅଚଳାବସ୍ଥା

**ନୂଆଦିଲ୍ଲୀ,୨।୮**

ମଣିପୁର ହିଂସା ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି ରହିଛି। ରାଜ୍ୟ ସଭାରେ ଏହି ହିଂସା ଉପରେ ଆଲୋଚନା ଦାବିରେ ବୁଧବାର ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ କକ୍ଷତ୍ୟାଗ କରାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ହଟ୍ଟଗୋଳ ଭିତରେ ଉଚ୍ଚ ସଦନରେ ବନ ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୨୩ ପାରିତ ହୋଇଥିଲା। ଏହା ପୂର୍ବରୁ ଗତ ୨୬ରେ ଏହି ବିଲ୍ ଲୋକ ସଭାର ମଞ୍ଜୁରୀ ଲାଭ କରିଥିଲା। ସେହିପରି ଲିଥିୟମ୍, ସୁନା ଓ ରୂପା ସମେତ ୧୨ରୁ ୬ଟି ଆଣବିକ ଖଣିଜକୁ ଘରୋଇ କ୍ଷେତ୍ରକୁ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ମାଇନ୍ସ ଆଣ୍ଡ୍ ମିନେରାଲ୍ସ (ଡେଭେଲପ୍‌ମେଣ୍ଟ ଆଣ୍ଡ୍ ରେଗୁଲେଶନ୍) ଆମେଣ୍ଡମେଣ୍ଟ ବିଲ୍, ୨୦୨୩ ମଧ୍ୟ ପାରିତ ହୋଇଛି।

# ୩ ହଜାର ଟଙ୍କା ପାଇଁ ଦିଲ୍ଲୀରେ ହତ୍ୟା

**ନୂଆଦିଲ୍ଲୀ,୨।୮**

ମାତ୍ର ୩ ହଜାର ଟଙ୍କା ପାଇଁ ବୁଧବାର ସକାଳେ ଦିଲ୍ଲୀ ଟିଗ୍ରି ଅଞ୍ଚଳର ରାସ୍ତା ଉପରେ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଛି। ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ବହୁଳ ପ୍ରସାରିତ ହୋଇଛି। ସଙ୍ଗମ ବିହାର ନିବାସୀ ୟୁସୁଫ୍ ଅଲୀଙ୍କୁ ବାତ୍ରା ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଟଙ୍କା କାରବାରକୁ ନେଇ ୩–୪ ଦିନ ତଳେ ତାଙ୍କୁ ଶାହରୁଖ୍ ନାମକ ଜଣେ ବ୍ୟକ୍ତି ଧମକ ଦେଇଥିବା ମୃତ ୟୁସୁଫ୍‌ଙ୍କ ବାପା ଶାହିଦ ଅଲୀ କହିଛନ୍ତି। ୟୁସୁଫ୍ ଶାହରୁଖ୍‌ଙ୍କଠାରୁ ୩ ହଜାର ଟଙ୍କା ଧାର ନେଇ ଶୁଝି ନ ପାରିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି।


## OFFICE OF THE PROJECT DIRECTOR DUDA, GAJAPATI
### QUOTATION CALL NOTICE

Letter No.346 Date:27.07.23

**No.CAD-1509:**Sealed quotations are invited from the Intending Firms/ Dealers/ Suppliers and Manufacturers for the **"Supply, fitting and fixing Stationery, Electronic, Furniture and Office Accessories of DUDA, Gajapati".** The rate should be quoted including of all taxes/ transportation and other charges. The quotation should be received at DUDA Office in DUDA, Gajapati on or before 10.08.2023 at 11.30 A.M and same will he opened on dtd. 10.08.2023 at 1:00 P.M in the presence of the quotationer or their authorized representatives. The bid cost is of Rs. 2000/- (Non-Refundable). The quotationer should quote the rate both in figure and words. If any alternation or overriding made in the quotation it should be attested by the quotationer. **The quotationer should submit the copy of PAN Card, IT, G.S.T and Registration Certificate.** The undersigned reserves all the rights to accept or reject any or all the quotations without assigning any reason thereof.

OIPR-19378/11/0001/2324 **Sd./- Project Director, DUDA, Gajapati**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH
ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
ଜିଲ୍ଲା ଅନ୍ଧତ୍ୱ ନିୟନ୍ତ୍ରଣ ସମିତି, ସୁନ୍ଦରଗଡ଼

**Notice No.:................/DBCS/SNG Date:......../......../2023**

### TENDER CALL NOTICE
ଜିଲ୍ଲା ଅନ୍ଧତ୍ୱ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ହେଉଥିବା ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ନିମନ୍ତେ ବିଜ୍ଞାପନ

No. E-298: Sealed tender is invited for supply of Drugs & Consumables and Ophthalmic Equipments/Instruments which are used in District Blindness Control Society, Sundargarh for the year 2023-24. The interested party having valid GSTIN may be applied. The lists of the items are mentioned below in details. The term & conditions of the tender may be downloaded from the website **www.sundergarh.nic.in**. The tender should reach to the Office of the undersigned by 22.08.2023, 5.30 P.M. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

**Sd./- Dr. S.K. Mishra**
**Chief Distirct Medical & Public Health Officer, Sundargarh**
**OIPR-10100/11/0013/2324**

## Government of Odisha
## Housing and Urban Development Department
**No.PT1-HUD-OE-MISC-0004-2021 15152/HUD, Dated 31.07.2023**

### TENDER CALL NOTICE

**No.C-962:**In continuation to this Department Letter No.14238, dated 17.07.2023, it is informed that Xerox Paper of 70GSM is included in the ପ୍ରସାଧନିକ ସାମଗ୍ରୀ list and the scheduled date for submission of Tender is hereby extended upto 10.08.2023 remaining all other terms and conditions un-altered.

**Sd./- Under Secretary to Government**
**OIPR-13001/11/0027/2324**

## BHUBANESWAR MUNICIPAL CORPORATION
### E-PROCUREMENT NOTICE

**No.C-965:** **E-mail Id: eebmcdiv3@gmail.com**

1. Bid Reference No. : BMC-EED-III-08/2023-24
2. Tender Call Notice No. : No.36460, Dt.01.08.2023
3. No. of Work : 13 Nos.
4. Bid Value : Rs.4,53,402.00 to Rs.42,71,728.00
5. Period of Completion : 60 to 90 Days

**Date and Time Schedule**

| Start | End | Opening |
|---|---|---|
| 11.00 AM of 03.08.23 | 5 P.M. of 14.08.23 | 11.00 AM 16.08.23 |

6. Tender details : Can be seen from the procurement portal: **https://www.tendersodisha.gov.in.** BMC website **https://www.bmc.gov.in.**

**Sd./- Executive Engineer, Div-III**
**Bhubaneswar Municipal Corporation**
**OIPR-13002/11/0093/2324**

**No. B-587**

**GOVERNMENT OF ODISHA**
## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO. - I
**E-mail ID: sepwdrgda1@gmail.com**

### "e" Procurement Notice

**Bid Identification No. RC (RANDB) RGD 02/2023-24 (Online Tender)**
**File No. E-II-C8-28/2023 No. 3938 Date: 25.07.2023**

1. No. of the Works : 5 (Five) Nos. of Building works only
2. Estimated Cost : As mentioned against the work
3. Cost of Document : As mentioned against the work
4. Bid Security (EMD-Online) : As mentioned against the work
5. Class of Contractor : As mentioned against the work
6. The Bid documents will be available in the website **www.tendersodisha.gov.in** from 11.00 Hrs. of dated 05.08.2023 to 17.00 Hrs. of dated 14.08.2023 for online bidding
7. Last date/time for receipt of Bids in the Portal : Upto 17.00 Hrs. of dated 14.08.2023
8. Bids received "Online" shall be opened at 11.00 hours on dated 16.08.2023 in the Office of the Superintending Engineer, Rayagada (R&B) Division No. - I.
9. Further details can be seen from the e-Procurement portal: **"www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only.

**Sd./- Executive Engineer**
OIPR-34040/11/0003/2324 **Rayagada (R&B) Division No. - I**

**GOVERNMENT OF ODISHA**
## OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR
**Mail Id: seccbbsr@gmail.com**

### E-Procurement Tender Call Notice No. 06 of 2022-23

**No. 2457 (Estg.) Bhubaneswar the 31st July 2023**

No. B-585: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for construction one number Composite Building work to be received in online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from 5.00 P.M. of 04.08.2023 to 5.00 P.M. of 18.08.2023. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 19.08.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal: **www.tendersorissa.gov.in**.
Addendum/Corrigendum, if required, will be available only in the Website.

**Sd./- Er. P.K. Mohanty**
**Chief Construction Engineer**
OIPR-34156/11/0009/2324 **Central (R&B) Circle, Bhubaneswar**

## OFFICE OF THE DISTRICT JUDGE, DHENKANAL
**No. 01/Rect./2023**

### ADVERTISEMENT
**Dated the 29th day of July 2023**

No. W-34: Applications in the prescribed format are invited from the intending candidates for filling up of the following Posts of Jr. Clerk-cum-Copyist, Jr. Typist, Stenographer Grade-III and Salaried Amin in the Judgeship of Dhenkanal in the regular pay scale as mentioned in the following table against each post with usual D.A. and other allowances, as admissible to them from time to time by the Government of Odisha. The Odisha District and Civil Courts' Judicial Staff Services (Method of Recruitment and Conditions of Service) Rules, 2008 (as amended in the year 2010 & the year 2023) shall govern these appointments and shall be subject to the result of W.P. (C) No. 1273/2014 pending before the Hon'ble High Court of Orissa, Cuttack.

| Sl. No. | Categories of Post | Scale of Pay as per Pay Matrix of ORSP Rules, 2017 | UR | SC | ST | SEBC | Total |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Junior Clerk-cum-Copyist | Level - 4 Rs.19,900 - 63,200/- | 5 | - | 1 (W) | 1 | 7 |
| 2 | Junior Typist | Level - 4 Rs.19,900 - 63,200/- | - | - | 2 (W-1) | - | 2 |
| 3 | Stenographer Gr-III | Level - 7 Rs.25,500 - 81,100/- | - | 1 (W) | 2 (W-1) | - | 3 |
| 4 | Salaried Amin | Level - 5 Rs.21,700 - 69,100/- | - | - | 1 | - | 1 |

**NOTE:** Reservation of vacancies for Ex-Service men, Sports person and Persons with Disability (PwD) shall be made in accordance with the provisions made under the relevant rules. The number of above vacancies in different categories of the Posts may increase or decrease. The authority reserves the right to cancel the recruitment process at any time without prior notice. The decision of the District Judge as to the method of recruitment and result of examination shall be final.

Last Date of Application: 02.09.2023
For details please visit the District Court Website: **https://dhenkanal.dcourts.gov.in**.

**OIPR-18051/11/0001/2324** **Sd./- District Judge, Dhenkanal**

## Mo School Abhiyan Parichalana Sangathan
**A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007**

## ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ
ଏ–୧ ବ୍ଲକ୍, ୬ଷ୍ଠ ମହଲା, ତୋଷାଳୀ ଭବନ, ସତ୍ୟନଗର
ଭୁବନେଶ୍ୱର, ଓଡ଼ିଶା–୭୫୧୦୦୭

### ଜନସାଧାରଣଙ୍କ ପାଇଁ ଜରୁରୀ ବିଜ୍ଞପ୍ତି
ତାରିଖ–୦୧/୦୮/୨୦୨୩, ଭୁବନେଶ୍ୱର

### ଜାଲି ନିଯୁକ୍ତି ବିଜ୍ଞାପନ ପ୍ରଚାର ସମ୍ବନ୍ଧୀୟ ସୂଚନା

**No.n-139:**"ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ" ନାମରେ ନିଯୁକ୍ତି ସମ୍ବନ୍ଧିତ ମିଥ୍ୟା ବିଜ୍ଞାପନ ହ୍ୱାଟ୍‌ସଆପ୍ ଗ୍ରୁପ ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ମାଧ୍ୟମରେ ପ୍ରସାରିତ ହେଉଥିବା "ମୋ ସ୍କୁଲ" କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଛି । 'ମୋ ସ୍କୁଲ' କାର୍ଯ୍ୟାଳୟ ଏହା ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଏହି ବିଜ୍ଞାପନଟି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଏବଂ ଏହି ସଂଗଠନ ସହିତ କୌଣସି ରୂପେ ଜଡ଼ିତ ନୁହେଁ । ଏ ସମ୍ପର୍କରେ ହେଉଥିବା ଠକାମିର କୌଣସି ଦାୟିତ୍ୱ 'ମୋ ସ୍କୁଲ' ଗ୍ରହଣ କରେ ନାହିଁ ।

'ମୋ ସ୍କୁଲ' ସମ୍ବନ୍ଧିତ ସମସ୍ତ ସଠିକ୍ ତଥ୍ୟ ପାଇବା ପାଇଁ ସମସ୍ତଙ୍କୁ "ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ"ର ଅଫିସିଆଲ୍ ୱେବ୍‌ସାଇଟ୍ (www.moschool.in) ପରିଦର୍ଶନ କରିବାକୁ ପରାମର୍ଶ ।

**OIPR-27045/11/0024/2324**

## Government of Odisha
## ST & SC Development, M&BCW Department
### TENDER NOTICE

**TENDER FOR PROVIDING SERVICES OF TEN PEON ON OUTSOURCING BASIS THROUGH SERVICE PROVIDING AGENCY TO ST & SC DEVELOPEMNT, M&BCW DEPARTMENT**
**Tender No. STSCD-OE-ESTT-0030-2015/15801/SSD**
**Dated: 01.08.2023**

**No.V-31:** Sealed tender is invited under bid system from reputed and experienced Service Providing Agency for providing the services of Ten Peon on outsourcing basis for a period of one year to ST & SC Development, M&BCW Department to manage the day to day official work. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Issue of Tender | 10.08.2023 |
| 2. | Tender Due Date and Time | 05.09.2023 (up to 5:00 PM) |
| 3. | Opening of Technical Bid | 08.09.2023 at 4:00 PM |
| 4. | Opening of Financial Bid | 08.09.2023 at 5:30 PM |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover super-scribed **"TENDER FOR PROVIDING SERVICES OF TEN PEON ON OUTSOURCING BASIS THROUGH SERVICE PROVIDING AGENCY TO ST & SC DEVELOPMENT, M&BCW DEPARTMENT"** must reach the undersigned on or before **5.09.2023 up to 5:00 PM** through **Speed Post / Registered Post / Courier only.**

The bid document containing eligibility criteria, scope of the work and other terms and conditions of the tender can be downloaded from https://www.stscodisha.gov.in/. The authority reserves the right to reject any/all proposals and cancel tender process without assigning any reason thereof.

**Complete Address for Submission of Bid:**
**The Joint Secretary to Government, ST & SC Development, M&BCW Department, Government of Odisha, Lok Seva Bhawan, Bhubaneswar-751001**
**Email: www.stscodisha.gov.in**

**Sd./- Joint Secretary to Government**
**ST & SC Development, M&BCW Department**
**OIPR-26001/11/0005/2324**

## ODISHA STATE CASHEW DEVELOPMENT CORPORATION LIMITED
**Kaju Bhawan, Ghatikia, Near Kalinga Studio, Bhubaneswar - 751029**
**CIN - U01133OR1979SGC000818**

**No. 3154/OSCDC** **Date: 02.08.2023**

### WALK-IN-INTERVIEW

No. CAD-1513: Applications are invited from eligible candidates for the Post of 1 (One) Consultant Company Secretary, 1 (One) Executive Assistant to MD, 1 (One) IT Executive and 1 (One) Assistant Manager (Land) at OSCDC Ltd. for a period of two years. The requisite qualification for the above posts is given below.
Interested candidates are requested to attend a Walk-in-Interview for the Post mentioned above on 09.08.2023 at 11.00 A.M. in the Head Office of OSCDC Limited, Bhubaneswar along with the copies of testimonials in support of their Educational Qualification and Service records. The engagements are purely temporary in nature and is not intended to fill up any sanctioned posts.

| Sl. No. | Name of Position | Minimum Qualification | Remuneration | Maximum Age Limit | Tenure of Contract | Work Experience |
|---|---|---|---|---|---|---|
| 1 | Consultant Company Secretary | Company Secretary (Fellow Member of ICSI) | Negotiable | 60 years | 2 years | 10 years |
| 2 | Executive Assistant to MD | Graduate in any stream with good knowledge on computer application | Negotiable | 60 years | 2 years | 5 years |
| 3 | IT Executive | Post Graduate with PGDCA in Computer Application/IT Related Courses | Negotiable | 60 years | 2 years | 5 years |
| 4 | Assistant Manager (Land) | Retired ORS/OAS Officer with relevant knowledge on Land & revenue | As per Finance Deptt. Office Memorandum No. 24533 Dt.29.09.2022 | 65 years | 2 years | 10 years |

The selected candidate shall furnish an affidavit regarding non-pendency of any Criminal Case/Vigilance Case/Disciplinary proceeding against him/her at the time of joining.

**OIPR-01049/11/0002/2324** **Sd./- Managing Director**

## ODISHA MINING CORPORATION LIMITED
**OMC House, Bhubaneswar-751001, Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES — Mining Happiness

### NIT NO.30/OMC/CIVIL/2023

**No.CAD-1515:**Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (In lakh rupees) | Time period of the work (in month) | Class of Contractor | EMD online (In Rupees) | Cost of Bid document (Rs.) Online |
|---|---|---|---|---|---|---|
| 1 | Construction of compound wall to Staff Hostel & Community Centre including Box Culvert at Base Camp of GIOM in the district of Keonjhar. | 248.41 | 06 (six) | B&A | 2,48,500/- | 10,000/- + 18% GST |
| 2 | Construction of Crated Boulder wall along with provision of Garland drain & chain link fencing near Danla of Block-A Mines of GIOM in the district of Keonjhar. | 45.86 | 04 (Four) | B | 45,900/- | 6,000/- + 18% GST |
| 3 | Renovation of existing Ground Floor and Construction of First Floor (Part) with Electrification and Interior work of the Hospital Building at Daitari in the district of Keonjhar (Balance work) | 115.67 | 06 (Six) | B&A | 1,15,700/- | 10,000/- + 18% GST |

1. Availability of Bid document in Govt. portal from dt. 08/08/23 to 22/08/2023 up to 5.00 PM. 2.Last date of on-line submission of tender in the portal is dt 22/08/2023 up to 5.00 PM. 3.Date of opening of Technical Bid is dt 23/08/23 at 11.00 AM. All other details can be seen from bid documents available at Govt. website www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

**OIPR-30005/11/0091/2324** **CGM (Civil)**

# ନିବେଶକ ହରାଇଲେ ଲକ୍ଷାଧିକ ଟଙ୍କାର ଶେୟାର

ନୂଆଦିଲ୍ଲୀ,୨।୮ (ଅଭୟ ଦାଶ)



କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇରଛନ୍ତି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୭୭ (୬୭୬.୫୩) ପଏଣ୍ଟ କମି ୬୫,୭୮୩ (୬୫,୭୮୨.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦୭(୨୦୭.୦୦) ପଏଣ୍ଟ ହ୍ରାସ ଘଟି ୧୯,୫୨୭ (୧୯,୫୨୬.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ପୁଞ୍ଜିବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଆମେରିକା ବଜାରର ରେଟିଂ ହ୍ରାସ ହେବାର ପ୍ରଭାବ ସାରା ବିଶ୍ୱର ଶେୟାର ବଜାରର କାରବାର ଉପରେ ସିଧାସଳଖ ଦେଖିବାକୁ ମିଳିଛି। ଏପରିକି ଏସିଆ ଏବଂ ୟୁରୋପୀୟ ବଜାରରେ ମଧ୍ୟ ଅହେତୁକ ଭାବେ ଶେୟାର ବଜାର କାରବାର ହ୍ରାସ ଯୋଗୁ ଭାରତୀୟ ଷ୍ଟକ୍ ମାର୍କେଟରେ ଶେୟାର ବିକ୍ରି ବଢ଼ିଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୧୦୦୦ ପଏଣ୍ଟ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୩୦୦ ପଏଣ୍ଟ ହ୍ରାସ ଘଟିଛି। ଅପରପକ୍ଷରେ ଅଟୋ ୧.୬୪%, ଆଇଟି ୦.୮୧%, ଫାର୍ମା ୦.୧୯%, ମେଟାଲ୍ସ (ଧାତୁ) ୨.୦୧% ହ୍ରାସ ପାଇଛି। ନିଫ୍ଟିର ମିଡ୍ କ୍ୟାପ୍ ଇଣ୍ଡେକ୍ସ ୧.୨୪% ଓ ସ୍ମଲ କ୍ୟାପ୍ ୧.୭୩% ରେ ବନ୍ଦ ହୋଇଯାଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ଟି ଶେୟାର ମଧ୍ୟରୁ କେବଳ ୪ଟି ଶେୟାର ଲାଭବାନ୍ ହୋଇଥିବା ବେଳେ ୨୬ ଟି କ୍ଷତି ସହିଛନ୍ତି। ଏପରିକି ନିଫ୍ଟି ୫୦ ଷ୍ଟକ୍ ମଧ୍ୟରୁ ୭ ଟି ଲାଭ ହୋଇଥିବା ବେଳେ ୪୩ ଟି କ୍ଷତି ହୋଇଛି।

ବୁଧବାର ସେକ୍ଟରିଆଲ କ୍ଷେତ୍ରରେ ମଧ୍ୟ ଶେୟାର ହ୍ରାସ ପାଇଛି। ଏଥିରେ ଗ୍ରାହକଙ୍କ ୨.୬୧ ଲକ୍ଷ କୋଟି କ୍ଷତି ହୋଇଛି। ଉଲ୍ଲେଖଯୋଗ୍ୟ, ବୁଧବାର ବ୍ୟାଙ୍କ ନିଫ୍ଟି ୧.୨୧%, ଏନର୍ଜି ୧.୬୧% ,

ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସରେ ତାଲିକାଭୁକ୍ତ କମ୍ପାନୀଗୁଡିକର ମାର୍କେଟ କ୍ୟାପ୍ ୩୦୪.୧୯ ଲକ୍ଷ କୋଟିରେ ବନ୍ଦ ହୋଇଥିବା ବେଳେ ପୂର୍ବ ପୂର୍ବ ଟ୍ରେଡିଂ ସେସନରେ ବଜାର କ୍ୟାପ୍ ୩୦୬.୮୦ ଲକ୍ଷ କୋଟି ଟଙ୍କାରେ ଥିଲା। କ୍ରେଡିଟ୍ ରେଟିଂ ଏଜେନ୍ସି ଫିଚ୍(ଫିଚ୍) ଆମେରିକାର କ୍ରେଡିଟ୍ ରେଟିଂକୁ ଏଏଏରୁ ଖସାଇ ଏଏ+ କରିଛନ୍ତି। ଏପରିକି ଆସନ୍ତା ୩ ବର୍ଷ ପାଇଁ ଆମେରିକାର ଆର୍ଥିକ ସ୍ଥିତିର ଅବନତି ଆଶଙ୍କା କରି ରେଟିଂ ଏଜେନ୍ସି ଏହି ଆକଳନ କରିଛନ୍ତି। ରେଟିଂ ଏଜେନ୍ସିର କହିବା ଅନୁଯାୟୀ, ଆର୍ଥିକ ଏବଂ ଋଣ ସମ୍ବନ୍ଧୀୟ ବିଷୟ ସମେତ ଗତ ୨୦ ବର୍ଷ ମଧ୍ୟରେ ଦେଶରେ ଶାସନ ମାନ ହ୍ରାସ ଘଟିଛି। ଫିଚ୍‌ରେ ଏହି ନିଷ୍ପତ୍ତି ଯୋଗୁ ଏସିଆ ଏବଂ ୟୁରୋପୀୟ ଷ୍ଟକ୍ ମାର୍କେଟରେ ଏକ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଏହାର ପ୍ରଭାବ ଭାରତୀୟ ବଜାରରେ ମଧ୍ୟ ଦେଖିବାକୁ ମିଳିଥିଲା।

## ଏୟାରଟେଲ୍ ଆଇକ୍ୟୁ ରିଚ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୭

ଏୟାରଟେଲ୍ ପକ୍ଷରୁ ପ୍ରଥମ ସ୍ୱୟଂ ସେବା (ସେଲ୍‌ଫ ସର୍ଭ) ମାର୍କେଟିଂ ଯୋଗାଯୋଗ ପ୍ଲାଟ୍‌ଫର୍ମ 'ଏୟାରଟେଲ୍ ଆଇ କ୍ୟୁ ରିଚ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ବ୍ୟାବସାୟିକ ସଂସ୍ଥା-ବ୍ରାଣ୍ଡଗୁଡ଼ିକୁ ବ୍ୟକ୍ତିଗତ ଯୋଗାଯୋଗ ଜରିଆରେ ପୂର୍ବ ନିର୍ଦ୍ଧାରିତ ଗ୍ରାହକବର୍ଗଙ୍କୁ ପରିଚାଳନା କରିବାରେ ସକ୍ଷମ କରିବ। ଏ ସମ୍ପର୍କରେ ଏୟାରଟେଲ୍ ବିଜ୍‌ନେସ୍‌ର ଡିଜିଟାଲ୍ ପ୍ରଡକ୍ଟସ୍ ଆଣ୍ଡ ସର୍ଭିସେସ୍ ମୁଖ୍ୟ ଅଭିଷେକ ବିଶ୍ୱାଳ କହିଛନ୍ତି, ଆମେ ଯାହା ବି କିଛି କରୁଛୁ, ତା'ର କେନ୍ଦ୍ରସ୍ଥଳରେ ଗ୍ରାହକମାନେ ରହିଛନ୍ତି। ବିଶେଷକରି ଏସ୍‌ଏମ୍‌ବିମାନଙ୍କ ଗ୍ରାହକ ଯୋଗାଯୋଗରେ ଉନ୍ନତି ଆଣିବା ପାଇଁ ସେମାନଙ୍କ ଲାଗି ଆମେ ଏୟାରଟେଲ୍ ଆଇକ୍ୟୁ ରିଚ୍‌କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଛୁ। ଉନ୍ନତ ପ୍ରଯୁକ୍ତି ଓ ଏୟାରଟେଲ୍‌ର ଭିତ୍ତିଭୂମି, ଡାଟା ଓ ଇଞ୍ଜିନିୟରିଂ ବିଶେଷତାକୁ ବ୍ୟବହାରକରି ଏହା ସଂସ୍ଥାଗୁଡ଼ିକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଗ୍ରାହକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ।

## ବଟରଫ୍ଲାଏର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨।୮



ବଟରଫ୍ଲାଏ କିଚେନ୍ ଆପ୍ଲାଏନ୍‌ସେସ୍‌ର ନୂତନ ଉତ୍ପାଦଗୁଡ଼ିକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଭାରତୀୟ ରୋଷେଇ ବଜାରରେ ବିପ୍ଳବ ଆଣିବା ଓ ଖାଦ୍ୟର ଆନନ୍ଦ ନେବା ପାଇଁ ବ୍ରାଣ୍ଡର ଅତ୍ୟାଧୁନିକ ରୋଷେଇ ଉତ୍ପାଦ ଓ ସମାଧାନକୁ କମ୍ପାନୀ ନିକଟରେ ବଜାର ପ୍ରବେଶ କରାଇଛି। ବିଶେଷକରି ଚିମ୍ନି, ଗ୍ରାଇଣ୍ଡର ଭଳି ସ୍ଥାୟୀ ରନ୍ଧନ ଉପକରଣ ଉନ୍ମୋଚନ କରିବାରେ ୪ ଦଶନ୍ଧିରୁ ଅଧିକ ସମୟ ଧରି କମ୍ପାନୀ କାର୍ଯ୍ୟ କରୁଛି। ଏପରିକି ବଟରଫ୍ଲାଏ ପକ୍ଷରୁ ବୋଲ୍ଟ ଶକ୍ତି ଏଲ୍‌ପିଜି ଷ୍ଟୋଭ୍, ମ୍ୟାଗ୍ନମ୍ ଏଲ୍‌ଜିପି ଷ୍ଟୋଭ୍, ମ୍ୟାଗ୍ନମ ହାଲୁକା ଟେବୁଲ୍ ଟପ୍ ୱେଟ୍ ଗ୍ରାଇଣ୍ଡର, ଜୁସ୍ ମାଷ୍ଟର, ମିକ୍ସଚର ଗ୍ରାଇଣ୍ଡର ଓ ଟେବୁଲ୍ ଟପ୍ ଗ୍ରାଇଣ୍ଡରକୁ ମଧ୍ୟ ନିକଟରେ ଉନ୍ମୋଚନ କରାଯାଇଛି। ସେହିପରି ଗ୍ରାହକମାନେ ଉପରୋକ୍ତ ଉତ୍ପାଦଗୁଡ଼ିକୁ ଅଗ୍ରଣୀ ଆଉଟ୍‌ଲେଟ୍ ଓ ଇ-କମର୍ସ ପ୍ଲାଟ୍‌ଫର୍ମରୁ କିଣିପାରିବେ। ଉପରୋକ୍ତ ସାମଗ୍ରୀଗୁଡିକର ମୂଲ୍ୟ ୨୫୦୦ ଟଙ୍କାରୁ ଆରମ୍ଭକରି ୧୯,୯୯୯ ଟଙ୍କା ପର୍ଯ୍ୟନ୍ତ ରହିଛି।

ଏ ସମ୍ପର୍କରେ ବଟରଫ୍ଲାଏ କିଚେନ୍ ଆପ୍ଲାଏନ୍‌ସେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରଙ୍ଗରାଜନ ଶ୍ରୀରାମ କହିଛନ୍ତି, ଗ୍ରାହକଙ୍କ ଜୀବନରେ ଉନ୍ନତି ଆଣୁଥିବା ଆମର ଉତ୍ପାଦଗୁଡ଼ିକର ସମାଧାନ ବିତରଣ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଏପରିକି ଆଧୁନିକ ପରିବାରରେ ସମୟ ଓ ସୁବିଧାର ମହତ୍ତ୍ୱକୁ ଆମେ ବୁଝିଛୁ। ତେଣୁ ଗ୍ରାହକମାନଙ୍କ ଅନୁଭୂତିରେ ଉନ୍ନତି ଆଣିବାକୁ ଆମେ ନିରନ୍ତର ପ୍ରୟାସ କରୁଛୁ।

ଉଲ୍ଲେଖଯୋଗ୍ୟ, କ୍ରମ୍ପଟନ୍ ଗ୍ରିଭ୍‌ସ ଲିମିଟେଡ୍‌ର ସହାୟକ କମ୍ପାନୀ ତଥା ଭାରତର ଅନ୍ୟତମ ବୃହତ୍ ରୋଷେଇ ଉପକରଣ ବ୍ରାଣ୍ଡ ବଟରଫ୍ଲାଏ କିଚେନ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଭାରତର ରୋଷେଇ ବଜାରରେ ବିପ୍ଳବ ଆଣିବା ଓ ଖାଦ୍ୟର ଆନନ୍ଦକୁ ପାଳନ କରିବା ପାଇଁ ଅତ୍ୟାଧୁନିକ ରୋଷେଇ ଉତ୍ପାଦ ଓ ସମାଧାନକୁ ବଜାର ପ୍ରବେଶ କରାଇଛି।

## ଅଲ୍ ନ୍ୟୁ ଜିଓ ବୁକ୍ ଉନ୍ମୋଚିତ

ନୂଆଦିଲ୍ଲୀ,୨।୮



ରିଲାଏନ୍ସ ରିଟେଲ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ଜିଓ ବୁକ୍ ସୋମବାର ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏହା ସମସ୍ତ ବୟସ ବର୍ଗର ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷ କରି ଏହି ଷ୍ଟାଇଲିସ୍ ଲର୍ନିଂ ବୁକ୍ ଉନ୍ନତ ଜିଓ ଓଏସ୍ ଅପରେଟିଂ ସିଷ୍ଟମ୍ ସହିତ ସଦାସର୍ବଦା ସଂଯୁକ୍ତ ରହିଛି, ପ୍ରତ୍ୟେକଙ୍କ ଶିକ୍ଷଣୀୟ ଅନୁଭୂତିକୁ ବଦଳାଇବାରେ ଜିଓ ବୁକ ପ୍ରତିଶ୍ରୁତି ଦେଉଛି। ସେହିଭଳି ଅନଲାଇନ୍ ପାଠପଢ଼ାରେ ଭାଗ ନେବାଠାରୁ ଆରମ୍ଭ କରି କୋଡ୍ ଶିକ୍ଷା ଗ୍ରହଣ କରିବା କିମ୍ବା ଏକ ଯୋଗ ଷ୍ଟୁଡିଓର ଶୁଭାରମ୍ଭ କରିବା ଭଳି ନୂତନ ସଂସ୍ଥା ଆରମ୍ଭ କରିବାର ଅନ୍ୱେଷଣ କିମ୍ବା ଅନଲାଇନ ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିବା ଆଦି ପର୍ଯ୍ୟନ୍ତ ଜିଓବୁକ୍ ସମସ୍ତ ଶିକ୍ଷଣୀୟ ଉଦ୍ୟମ ପାଇଁ ଉଲ୍ଲେଖନୀୟ ପ୍ଲାଟଫର୍ମ ପ୍ରଦାନ କରିବ। ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ପ୍ରବକ୍ତା କହିଛନ୍ତି, ଏଭଳି ଏକ ଅଭିନବ ଉତ୍ପାଦର ଶୁଭାରମ୍ଭ କରିବାକୁ ଆମେ ସମର୍ପିତ, ଯାହା ଶିକ୍ଷଣୀୟ ଯାତ୍ରାରେ ଲୋକମାନଙ୍କୁ ସଶକ୍ତ କରିବ। ନୂଆ ଜିଓବୁକ୍ ହେଉଛି ଆମର ନୂଆ ଉତ୍ପାଦ ଯାହା ଉନ୍ନତ ସୁବିଧା ସଯୋଗ ଏବଂ ନିରବଚ୍ଛିନ୍ନ ସଂଯୋଗ ବିକଳ୍ପ ସହିତ ସବୁ ବୟସ ବର୍ଗର ଶିକ୍ଷାର୍ଥୀଙ୍କ ଆବଶ୍ୟକତା ପୂରଣ କରିବ।

## ଟିକସ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ସୁପାରିସ

ନୂଆଦିଲ୍ଲୀ,୨।୮




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନଙ୍କ ଅଧ୍ୟକ୍ଷତାରେ ବୁଧବାର ଭିଡିଓ କନ୍‌ଫରେନ୍ସରେ ଜିଏସ୍‌ଟି ପରିଷଦର ୫୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସମେତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ଯୋଗଦେଇଥିଲେ। ସେହିଭଳି ଅର୍ଥ ମନ୍ତ୍ରଣାଳୟ ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଜୁଲାଇ ୧୧ ରେ ୫୦ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କ୍ୟାସିନୋ ବା ଜୁଆଖେଳ ହେଉଥିବା ସ୍ଥାନ, ରେସ୍ କୋର୍ସ ବା ଘୋଡ଼ା ଦୌଡ଼ ପ୍ରତିଯୋଗିତା ହେଉଥିବା ସ୍ଥାନ ଏବଂ ଅନ୍‌ଲାଇନ ଗେମିଂ ଉପରେ ମନ୍ତ୍ରୀ ଗୋଷ୍ଠୀର ଦ୍ୱିତୀୟ ରିପୋର୍ଟ ଉପରେ ବିଚାରବିମର୍ଶ କରାଯାଇଥିଲା। ଏପରିକି କ୍ୟାସିନୋ, ରେସ୍ କୋର୍ସ ଏବଂ ଅନ୍‌ଲାଇନ ଗେମିଂରେ ଯୋଗାଣ ହେଉଥିବା କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ଦାବି ଉପରେ ୨୮% ଜିଏସ୍‌ଟି ଲାଗୁ ନିମନ୍ତେ ପରିଷଦ ସୁପାରିସ କରିଥିଲା। ସେହିପରି ଏହି କାର୍ଯ୍ୟକଳାପ ଏକ କୌଶଳଯୁକ୍ତ କ୍ରୀଡ଼ା କିମ୍ବା ଭାଗ୍ୟ ଆଧାରିତ ଯାହା ହୋଇଥାଉ ପଛେ ସମ୍ପୂର୍ଣ୍ଣ ନାମମାତ୍ର ମୂଲ୍ୟ ଉପରେ ଉପରୋକ୍ତ ପରିମାଣର ଟିକସ ଲାଗୁ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏ ସଂକ୍ରାନ୍ତରେ ସ୍ୱଚ୍ଛତା ଆଣିବା ଲାଗି ମଧ୍ୟ ଆଇନରେ ସଂଶୋଧନ ପାଇଁ ପରିଷଦ ସୁପାରିସ କରିଥିଲା। ତଦନୁଯାୟୀ ଜିଏସ୍‌ଟି ପରିଷଦର ୫୧ତମ ବୈଠକରେ କ୍ୟାସିନୋ, ରେସ୍ କୋର୍ସ ଏବଂ ଅନ୍‌ଲାଇନ ଗେମିଂ ଯୋଗାଣ ଉପରେ ଲାଗୁ ଟିକସ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଲାଗି ସିଜିଏସ୍‌ଟି ଆଇନ୨୦୧୭ର ଅନୁଚ୍ଛେଦ ୩ ସମେତ ସିଜିଏସ୍‌ଟି ଏବଂ ଆଇଜିଏସ୍‌ଟି ଆଇନ-୨୦୧୭ରେ ନିର୍ଦ୍ଦିଷ୍ଟ ସଂଶୋଧନ ପାଇଁ ସୁପାରିସ କରାଯାଇଛି।

## ଜୁଲାଇରେ ୪୮୬୪ ୟୁନିଟ୍ ଯାନ ବିକ୍ରି

ନୂଆଦିଲ୍ଲୀ,୨।୮

ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ୨୦୨୩ ଜୁଲାଇର ଗାଡ଼ି ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ୨୦୨୩ ଜୁଲାଇରେ କମ୍ପାନୀ ୪୮୬୪ ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିଲାବେଳେ ୧୧୧୨ ୟୁନିଟ୍ ଯାନ ରପ୍ତାନି କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୨ ଜୁଲାଇରେ କମ୍ପାନୀ ୬୭୮୪ ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିଲାବେଳେ ୨୧୦୪ ୟୁନିଟ୍ ଯାନ ରପ୍ତାନି କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍ ନିର୍ଦ୍ଦେଶକ (ବିକ୍ରି ଏବଂ ବିପଣନ) ୟୁଚିରୀ ମୁରତା କହିଛନ୍ତି, ଆମେ ବର୍ତ୍ତମାନ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଉଛୁ। ଏପରିକି ଆକର ହୋଣ୍ଡା ସିଟି ଏବଂ ହୋଣ୍ଡା ଆମେଜ ବଜାରରେ ଭଲ ଫଳାଫଳ ସହ ଗ୍ରାହକ ପସନ୍ଦର ଯାନ ପାଲିଟିଛି। ଆଗାମୀ ଦିନରେ ମଧ୍ୟ କାରବାରରେ ବଡ଼ ପରିବର୍ତ୍ତନ ହେବାକୁ ଥିବାବେଳେ କମ୍ପାନୀର ନୂଆ ଏଲଭେଟ ମଧ୍ୟ ଗ୍ରାହକଙ୍କର ପସନ୍ଦର ଯାନ ପାଲଟିବ ବୋଲି ଆଶା କରାଯାଉଛି।

## ଖେଳ ଖବର

## ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ କିଶୋର

ନୂଆଦିଲ୍ଲୀ,୨।୮(ପି.ଟି.)


କିଶୋର ଜେନା

ହଙ୍ଗେରୀର ବୁଦାପେଷ୍ଟରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ୪ ଜଣ ଜାଭେଲିନ୍ ଥ୍ରୋୟର ଯୋଗ୍ୟତା ଅର୍ଜନ କରିଥିବା ବେଳେ ଏହା ମଧ୍ୟରେ ସାମିଲ ଅଛନ୍ତି ଓଡ଼ିଶାର କିଶୋର ଜେନା। ଭାରତରୁ ୪ ଜଣ ଜାଭେଲିନ୍ ଥ୍ରୋୟର ଯୋଗ୍ୟତା ଅର୍ଜନ କରିଥିବା ବେଳେ ଆହତ କାରଣରୁ ରୋହିତ ଯାଦବ ଭାଗ ନେବାରେ ଅସମର୍ଥ ହେବେ। ନୟମ ଅନୁସାରେ ପ୍ରତ୍ୟେକ ଦେଶରୁ ୩ ଆଥଲେଟ ଯୋଗ୍ୟତା ଅର୍ଜନ କରିବେ। ନୀରଜ ଚୋପ୍ରା ଡାଏମଣ୍ଡ ଲିଗ୍ ବିଜୟୀ ହୋଇ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଭାରତରୁ ରୋହିତ, ଡି.ପି. ମନୁ ଓ କିଶୋର ଜେନା ଯୋଗ୍ୟତା ହାସଲ କରିଥିଲେ। କିଶୋର ନିକଟରେ ଶ୍ରୀଲଙ୍କାର ଜାତୀୟ ଚାମ୍ପିୟନଶିପ୍‌ରେ ୮୪.୩୮ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

## ଓଡ଼ିଶାରୁ ୪ ଖେଳାଳି

**ଚତୁଃରାଷ୍ଟ୍ରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ**

ଭୁବନେଶ୍ୱର,୨।୮ (ସରୋଜ ଜେନା)

ଇଂଲଣ୍ଡର ଶେଫିଲ୍ଡରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ବୁଧବାର ଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାରୁ ୪ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଅଗଷ୍ଟ୨ରୁ ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଅଂଶଗ୍ରହଣ କରୁଛନ୍ତି। ପ୍ରମୋଦ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିବେ। ଦୀପରଞ୍ଜନ ବିଷୋୟୀ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଉଥିବା ବେଳେ ଦିଲେଶ୍ୱର ରାଓ ଓ ଶୁଭ୍ରଜିତ ମହାରଣା ଡବଲ୍ସରେ ଭାଗ ନେବେ। ଏହି ୪ ଖେଳାଳିଙ୍କ ବ୍ୟତିତ କୋଚ୍ ଶିବପ୍ରସାଦ ଦାସ ମଧ୍ୟ ଦଳ ସହିତ ରହିଛନ୍ତି।



କୋଚ୍ ଶିବପ୍ରସାଦ ଦାସଙ୍କ ସହ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

# ବ୍ରାଜିଲ, ଇଟାଲୀର ବିଦାୟ

**ଫିଫା ମହିଳା ବିଶ୍ୱକପରେ ବିପର୍ଯ୍ୟୟ**

**ଦକ୍ଷିଣ ଆଫ୍ରିକା, ଜାମାଇକାର ଇତିହାସ**

ହାମିଲଟନ୍,୨।୮(ପି.ଟି.)



ହ୍ୟାଟ୍ରିକ୍ ଅର୍ଜନ ପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ଫ୍ରାନ୍ସର କାଡିଡିଆଟୋଉ ଡିଆନି।

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପରେ ବୁଧବାର କିଛି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବ୍ରାଜିଲ ଓ ଇଟାଲୀ ପରି ଶକ୍ତିଶାଳୀ ଦଳ ଟୁର୍ନାମେଣ୍ଟରୁ ବାଦ ପଡିଥିବା ବେଳେ ପ୍ରଥମ ଥର ପାଇଁ ନକ୍‌ଆଉଟରେ ପ୍ରବେଶ କରି ଇତିହାସ ରଚିଛନ୍ତି ଦକ୍ଷିଣ ଆଫ୍ରିକା ଓ ଜାମାଇକା। ଆର୍ଜେଣ୍ଟିନାକୁ ପରାସ୍ତ କରିଥିବା ସୁଇଡେନ୍ ଆମେରିକା ସହିତ ଏହାର ରାଉଣ୍ଡ ଅଫ୍-୧୬ ମୁକାବିଲା ଖେଳିବ।

**ରାଉଣ୍ଡ ଅଫ୍-୧୬ରେ ଦକ୍ଷିଣ ଆଫ୍ରିକା, ଜାମାଇକା:** ପ୍ରଥମ ଥର ପାଇଁ ବିଶ୍ୱକପର ରାଉଣ୍ଡ ଅଫ୍ ୧୬(ନକ୍‌ଆଉଟ୍)ରେ ପ୍ରବେଶ କରିଛନ୍ତି ଦକ୍ଷିଣ ଆଫ୍ରିକା ଓ ଜାମାଇକା। ଦକ୍ଷିଣ ଆଫ୍ରିକା ୩-୨ରେ ଇଟାଲୀକୁ ପରାସ୍ତ କରିଥିବା ବେଳେ ବ୍ରାଜିଲ ସହିତ ୦-୦ରେ ମ୍ୟାଚ୍ ଅମୀମାଂସିତ ରଖି ନକ୍‌ଆଉଟକୁ ଉନ୍ନୀତ ହୋଇଛି ଜାମାଇକା। ୪ଥର ବିଶ୍ୱକପ୍ ଖେଳି ସାରିଥିବା ଇଟାଲୀକୁ ଅନ୍ତିମ ଗ୍ରୁପ ମ୍ୟାଚ୍‌ରେ ୩-୨ରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ଇଞ୍ଜୁରୀ ଟାଇମରେ ଥେମ୍ବି କେଗ୍ଲାଟାନା ଦକ୍ଷିଣ ଆଫ୍ରିକା ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଇଟାଲୀ ପକ୍ଷରୁ ଆରିଆନା କାରୁସୋ (୧୧ ଓ ୭୪ ମିନିଟ) ଡବଲ୍ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ୧୧ତମ ମିନିଟରେ ଆରିଆନା ପ୍ରଥମ ଗୋଲ ସ୍କୋର କରି ଇଟାଲୀକୁ ୧-୦ରେ ଆଗୁଆ କରିଥିଲେ। ୩୨ ତମ ମିନିଟରେ ଡିଫେଣ୍ଡର ବେନେଡେଟ୍ଟା ଓର୍ସିଙ୍କ ଆତ୍ମଘାତୀ ଗୋଲ୍ ବଳରେ ମ୍ୟାଚ୍ ସମାନ୍ତର ସ୍ଥିତିକୁ ଆସିଥିଲା। ଦ୍ୱିତୀୟାର୍ଦ୍ଧରେ ହିଲଦା ମାଗାୟା୬୭ ତମ ମିନିଟରେ ଗୋଲ ଦେଇ ଦକ୍ଷିଣ ଆଫ୍ରିକାକୁ ଆଗୁଆ କରିଥିଲେ। ତେବେ ଏହାର ୭ ମିନିଟ ପରେ ଇଟାଲୀ ପକ୍ଷରୁ ଆରିଆନା ଆଉ ଏକ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ ଥେମ୍ବି କେଗ୍ଲାଟାନା ଗୋଲ ସ୍କୋର କରିବା ସହିତ ଦକ୍ଷିଣ ଆଫ୍ରିକାକୁ ନକ୍ ଆଉଟରେ ପହଞ୍ଚାଇ ଥିଲେ। ଅନ୍ୟ ପକ୍ଷରେ ବ୍ରାଜିଲ ସହିତ ମ୍ୟାଚ୍‌କୁ ୦-୦ରେ ଡ୍ର ରଖି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି ଜାମାଇକା। ୩ ମ୍ୟାଚ୍‌ରୁ ୧ ବିଜୟ ଓ ୨ ଡ୍ର ସହିତ ୫ ପଏଣ୍ଟ ଅର୍ଜନ କରି ଜାମାଇକା ଯୋଗ୍ୟତା ଅର୍ଜନ କରିଛି।

**ସୁଇଡେନ୍ ନକ୍‌ଆଉଟରେ:** ଗ୍ରୁପ୍ ଜିରେ ଥିବା ସୁଇଡେନ୍ ଏହାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ୨-୦ରେ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଛି। ୩ଟି ଯାକ ମ୍ୟାଚରେ ବିଜୟ ହାସଲ କରିବା ସହିତ ଦଳ ଆମେରିକା ସହିତ ଏହାର ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ। ବର୍ଷା ହୋଇଥିବା ମ୍ୟାଚ୍‌ରେ ସୁଇଡେନ୍ ପକ୍ଷରୁ ଉଭୟ ଗୋଲ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସ୍କୋର ହୋଇଥିଲା। ରେବେକା ବ୍ଲୋମକୋଭିଷ୍ଟ ୬୬ ମିନିଟରେ ଓ ଏଲିନ୍ ରବେନ୍‌ସନ୍ ୯୦ ମିନିଟରେ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ।

**ଡିଆନିଙ୍କ ହ୍ୟାଟ୍ରିକ୍:** ଚଳିତ ବିଶ୍ୱକପର ଦ୍ୱିତୀୟ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ଫ୍ରାନ୍ସର କାଡିଡିଆଟୋଉ ଡିଆନି। ଫ୍ରାନ୍ସ ୬-୩ ଗୋଲରେ ପାନାମାକୁ ପରାସ୍ତ କରିବା ସହିତ ଗ୍ରୁପ୍ ଏଫ୍‌ର ଏକ ନମ୍ବର ସ୍ଥାନରେ ରହି ନକ୍‌ଆଉଟରେ ପ୍ରବେଶ କରିଛି। ଡଆନି(୨୮, ୩୭ ଓ ୫୨ ମିନିଟ)ରେ ୩ ଗୋଲ୍ ସ୍କୋର କରିଥିବା ବେଳେ ମାଏଲେ ଲାର୍କର(୨୧ ମିନିଟ), ଲି ଲେ ଗାରେକ୍(୪୫+୫ ମିନିଟ) ଓ ଭିକି ବେକୋ(୯୦+୧୦ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ପାନାମ ପକ୍ଷରୁ ମାର୍ଟା କକ୍ସ(୨ ମିନିଟ), ୟୋମିରା ପିଞ୍ଜନ(୬୪ ମିନିଟ) ଓ ଲିନେଥ୍ ସେଡେନୋ(୮୭ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମାର୍ଟା କକ୍ସ ମ୍ୟାଚର ଦ୍ୱିତୀୟ ମିନିଟରେ ସ୍କୋର କରିବା ସହିତ ଟୁର୍ନାମେଣ୍ଟର ଦ୍ରୁତତମ ଗୋଲ ରେକର୍ଡ ନିଜ ନାମରେ କରିଥିଲେ।

## ଫାଇନାଲରେ ମହିଳା କମ୍ପାଉଣ୍ଡ ଦଳ

**ବିଶ୍ୱ ଆର୍ଚେରୀ ଚାମ୍ପିୟନଶିପ୍**

ବର୍ଲିନ, ୨।୮ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ଆର୍ଚେରୀ ଚାମ୍ପିୟନଶିପର କମ୍ପାଉଣ୍ଡ ମହିଳା ଟିମ୍ ଇଭେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଜ୍ୟୋତି ସୁରେଖା ଭେନ୍ନମ, ପ୍ରଣୀତ କୌର ଓ ଅଦିତି ସ୍ୱାମୀଙ୍କୁ ନେଇ ଗଠିତ ଭାତୟରତୀୟ ଦଳ ଗତଥରର ଚାମ୍ପିୟନ କଲମ୍ବିଆକୁ ୨୨୦-୨୧୬ ପଏଣ୍ଟରେ ପରାସ୍ତ କରିଛନ୍ତି। କମ୍ପାଉଣ୍ଡ ପୁରୁଷ ଓ ମିକ୍ସଡ ଟିମ୍ ଇଭେଣ୍ଟରେ କିନ୍ତୁ ଭାରତର ଅଭିଯାନ ଶେଷ ହୋଇଛି। ରିକର୍ଭ ଟିମ୍ ଇଭେଣ୍ଟରେ ମଧ୍ୟ ଭାରତୀୟ ପ୍ରତିଯୋଗିମାନେ ଅଲିମ୍ପିକ୍ସ ଯୋଗ୍ୟତା ପାଇବାରେ ବିଫଳ ହୋଇଛନ୍ତି। କାରଣ ଉଭୟ ମହିଳା ଓ ପୁରୁଷ ରିକର୍ଭ ଇଭେଣ୍ଟରେ ଭାରତ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ବ୍ୟକ୍ତିଗତ ହେଉ କିମ୍ବା ଟିମ୍ ଇଭେଣ୍ଟ ଶୀର୍ଷ ୩ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଥାନ୍ତି। ଧିରଜ ବୋମ୍ମାଦେଭରା, ରଜତ ଚୌହାନ ଓ ତୁଷାର ଶେଲ୍‌କେଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ କୋରିଆଠାରୁ ୧-୫ରେ ହାରି ଯାଇଛି। ସେହିପରି ଭଜନ କୌର, ଅଙ୍କିତା ଭକତ ଓ ସିମରନଜିତ କୌରଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ନେଦରଲାଣ୍ଡଠାରୁ ୨-୬ରେ ପରାଜିତ ହୋଇଛି। ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ମଧ୍ୟ ଭାରତୀୟ ପ୍ରତିଯୋଗୀ ନିରାଶ କରିଛନ୍ତି। ରିକର୍ଭ ଇଭେଣ୍ଟର ବ୍ୟକ୍ତିଗତ ବର୍ଗ ପ୍ରତିଯୋଗିତା ଗୁରୁବାର ଆରମ୍ଭ ହେବ।

# ଜୁଡ଼ିଆଘାଟିରେ ଭୂସ୍ଖଳନ

**କେନ୍ଦୁଝର, ୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ମିନି ଟ୍ରକ୍ ଉପରେ ପଡ଼ିଲା ପଥର

କେନ୍ଦୁଝର ସୀମା ଜୁଡ଼ିଆ ଘାଟିରେ ବୁଧବାର ସକାଳେ ଲଗାଣ ବର୍ଷାରେ ଭୂସ୍ଖଳନ ହୋଇଛି। ପାହାଡ଼ରୁ ମାଟି, ଗଛଲତା ସହ ବଡ଼ ପଥର ଖଣ୍ଡ ଜାତୀୟ ରାଜପଥ ୪୯ ଉପରେ ପଡ଼ିଥିଲା। ଫଳରେ ୧ ଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କରିଥିଲା। ଏକ ମିନି ଟ୍ରକ୍ ଉପରେ ପଥର ଖଣ୍ଡ ପଡ଼ିବାରୁ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇ ଅଟକି ରହିଥିଲା। ଗାଡ଼ିରେ ଥିବା ଡ୍ରାଇଭର ଏବଂ ହେଲ୍‌ପର ଅଳ୍ପକେ ରକ୍ଷା ପାଇଛନ୍ତି। ଜାତୀୟ ରାଜପଥର ରେସକ୍ୟୁ ଟିମ୍ ପଥର ଉଠାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଘାଟିରୁ ବର୍ଷା ହେଲେ ଏଭଳି ଅତଡ଼ା ଖସୁଥିଲେ ହେଁ ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅତଡ଼ା ନ ଖସିବା ପାଇଁ ବହୁ ଅର୍ଥ ବ୍ୟୟରେ ତାରଜାଲି ବିଛାଯାଇଥିଲେ ହେଁ ସେ ସବୁ ଛିଣ୍ଡିଯାଉଛି। ଫଳରେ ଦୀର୍ଘ ପ୍ରାୟ ୧ କି.ମି. ବ୍ୟାପି ରାସ୍ତା ଏହି କାରଣରୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ମାଟି ଓ ପଥର ଖସୁଥିବାରୁ ଲୋକମାନେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି। ଠିକ୍ ମାନର ତାରଜାଲି ବିଛାଯାଉ ନ ଥିବାରୁ ଏଭଳି ଅବସ୍ଥା ବାରମ୍ବାର ଉପୁଜିଛି ବୋଲି ଅଭିଯୋଗ ହେଉଛି।



ରାସ୍ତାରେ ବିଶାଳ ପଥର ପଡ଼ିଛି।



ମହାନଦୀରେ ପ୍ରଥମ ବନ୍ୟାଜଳ: କଟକ ଜିଲା ବଡ଼ମ୍ବା ଭଟ୍ଟାରିକା ମନ୍ଦିରରେ ବୁଧବାର ରାତିରେ ପାଣି ପଶିଛି।



ଯୁଯୁମୁରା ବ୍ଲକ ଖଲିଆଦର ଯୋର ଉପରେ ନିର୍ମାଣାଧୀନ ବ୍ରିଜ୍ ଧୋଇଯାଇଛି।


ମାନେଶ୍ୱରର ପ୍ରସିଦ୍ଧ ମାନ୍ଧାତା ବାବା ଶୈବପୀଠ ବୁଧବାର ବର୍ଷାଜଳରେ ଜଳାର୍ଣ୍ଣବ ହୋଇପଡିଛି।

# ଭଟ୍ଟାରିକା ମନ୍ଦିରରେ ପଶିଲା ପାଣି

**ବଡ଼ମ୍ବା, ୨।୮ (ମାୟାଧର ମଲ୍ଲିକ)**

## ମା'ଙ୍କ ଚଳନ୍ତି ବିଗ୍ରହ ସ୍ଥାନାନ୍ତର

କଟକ ଜିଲା ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଭଜନ ମଣ୍ଡପ ଓ ମନ୍ଦିରରେ ମହାନଦୀର ପ୍ରଥମ ବନ୍ୟାଜଳ ବୁଧବାର ରାତିରେ ପଶିଛି। ସନ୍ଧ୍ୟା ସୁଦ୍ଧା ମନ୍ଦିର ସମ୍ମୁଖରେ ଥିବା ସମସ୍ତ ପାହାଚ ବୁଡ଼ିଯିବା ସହ ମନ୍ଦିର ବେଢ଼ା ଉପରେ ପ୍ରବେଶ କରିଥିଲା। ମନ୍ଦିର ଭିତରକୁ ପାଣି ପ୍ରବେଶ କରିବା ପରେ ଭଟ୍ଟାରିକାଙ୍କ ଚଳନ୍ତି ବିଗ୍ରହକୁ ମନ୍ଦିର ନିକଟସ୍ଥ ରତ୍ନଗିରି ପାହାଡ଼ରେ ଥିବା ମା'ଙ୍କ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି ବୋଲି ମୁଖ୍ୟ ପୂଜକ ଶିରୀଶ ରଣା କହିଛନ୍ତି। ମନ୍ଦିର ନିକଟରେ ପୂଜକ ତଥା ମାଳୀ ସେବାୟତମାନେ ଓ ବଡ଼ମ୍ବା ଦେବୋତ୍ତର ବିଭାଗ କର୍ମଚାରୀ ବିପିନ ବିହାରୀ ମନ୍ଦିର ନିକଟରେ ସଜାଗ ରହିଛନ୍ତି।



ଖଇରା ବ୍ଲକ ସମ୍ମୁଖରେ ବନ୍ୟାଜଳ ପ୍ରବାହିତ ହେଉଛି।



ବାଦାମବାଡ଼ି ଅଞ୍ଚଳରେ ଜମି ରହିଥିବା ପାଣି।



ସୋନପୁର ଆମ୍ବେଡ଼କର ଛକ ରାସ୍ତା ଉପରେ ପ୍ରବାହିତ ବର୍ଷା ଜଳ।



ପୌରାଞ୍ଚଳର ଏକ ୱାର୍ଡରେ ବର୍ଷା ଜଳ।


ଯୋଡ଼ା ଅଞ୍ଚଳରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି।


ପାଣି ଘେରରେ ରହିଥିବା କଟକ କେଶରପୁର ଅଞ୍ଚଳ।

# ନାଗାବଳୀ ନଦୀ ପୋଲରେ ଫାଟ

**ରାୟଗଡ଼ା, ୨।୮ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକରେ ୩ ଦିନ ତଳେ ଏକ କଲଭର୍ଟ ଭୁଶୁଡ଼ି ୫ଜଣଙ୍କ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ବ୍ଲକରେ ଥିବା ନାଗାବଳୀ ନଦୀ ପୋଲରେ ଫାଟ ସୃଷ୍ଟି ହୋଇଛି। ଲଗାଣ ବର୍ଷାରେ ନବନିର୍ମିତ ଏହି ପୋଲ ଦବିବା ସହିତ ଗାର୍ଡୱାଲର ବିଭିନ୍ନ ସ୍ଥାନ ଫାଟି ଆଁ କରିଛି। ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ପୋଲର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି।

ଦୀର୍ଘ ୨ ବର୍ଷ ହେବ ସିକରପାଇଠାରୁ କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନୂତନ ରାସ୍ତା ଓ ପୋଲ ନିର୍ମାଣ କାମ ଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ ୬ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପୋଲ ଗତ ଜୁନ୍ ମାସରେ ଶେଷ ହୋଇଥିଲା। ରାସ୍ତା କାମ ଏଯାବତ ଶେଷ ହୋଇନାହିଁ। ନିମ୍ନମାନର କାମ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଯଦି ପୋଲ ଭାଙ୍ଗିଯାଏ, ତେବେ କଲ୍ୟାଣସିଂହପୁର ଓ ଏହାର ଆଖପାଖ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯିବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ୨୦୧୭ ମସିହାର ଭୟାବହ ବନ୍ୟା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ଥରେ ପୋଲ ଦବିବା ଘଟଣା ଚିନ୍ତା ବଢ଼ାଇଛି। ନିମ୍ନମାନର କାମ ନେଇ ପୂର୍ବରୁ ଠିକାଦାର ଓ ଯନ୍ତ୍ରୀ ରାଜୀବ ବେହେରାଙ୍କୁ ଅବଗତ କରାଇଯାଇଥିଲେ ମଧ୍ୟ କାମର ଗୁଣବତ୍ତା ଉପରେ ଧ୍ୟାନ ଦିଆଯାଇ ନ ଥିବା କଲ୍ୟାଣସିଂପୁର ନିବାସୀ ଦିବ୍ୟରଞ୍ଜନ ପାଢ଼ୀ କହିଛନ୍ତି। ପୋଲରେ ଫାଟ ସୃଷ୍ଟି ହୋଇଥିବା ନେଇ ପୂର୍ତ୍ତ ବିଭାଗ ଜାଣିବା ପରେ ବୁଧବାର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ର କହିଛନ୍ତି। ପ୍ରବଳ ବର୍ଷା ଯୋଗୁ ସ୍ଥିତି ଯାଞ୍ଚ ଠିକ୍ ଭାବେ ହୋଇପାରି ନାହିଁ ବୋଲି ସେ କହିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାଜୀବ ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ତେଣୁ ତାଙ୍କ ମତାମତ ମିଳିପାରିନାହିଁ।


ନାଗାବଳୀ ନଦୀ ପୋଲର ଗାର୍ଡୱାଲ ଭାଙ୍ଗିଯାଇଛି।

# ଶୌଚ ବେଳେ ଭାସିଗଲେ ମହିଳା

**ଆନନ୍ଦପୁର, ୨।୮ (ସନ୍ତୋଷ ରାଉତ)**

## ଟାପୁରୁ ଉଦ୍ଧାରକଲେ ଅଗ୍ନିଶମ କର୍ମଚାରୀ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ଫକୀରପୁରର ସନାତନ ରାଉଳଙ୍କ ସ୍ତ୍ରୀ ମାସନ୍ତୀ ରାଉଳ ଶୌଚହେବା ପାଇଁ ଗ୍ରାମ ନିକଟ ବୈତରଣୀ ନଦୀକୁ ଆସିଥିଲେ। ସେ ସମୟରେ ନଦୀରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ମହିଳା ଭାସିଯାଇଥିଲେ। ବନ୍ୟାଜଳରେ ମହିଳା ଭାସିଯାଇ ନଦୀର ମଧ୍ୟଭାଗରେ ଥିବା ଏକ ଟାପୁ ଅଞ୍ଚଳରେ ଲାଗିଥିଲେ। ଖବରପାଇ ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ଅଧଘଣ୍ଟା ପରିଶ୍ରମ ପରେ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପରେ ଉଦ୍ଧାର ମହିଳାଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।


ନଦୀ ମଧ୍ୟରୁ ଅଗ୍ନିଶମ କର୍ମଚାରୀ ମହିଳାଙ୍କୁ ଉଦ୍ଧାର କରୁଛନ୍ତି।


ସୋନ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ମୟୂରଭଞ୍ଜ ଜିଲା କପ୍ତିପଦା-ଶାଳଚୁଆ ରାସ୍ତାରେ ଥିବା ମହିଷାସୁରୀ ପୋଲ ଉପରେ ପ୍ରବାହିତ ୮ ଫୁଟ ଉଚ୍ଚର ବନ୍ୟାଜଳ।



ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳରେ ସାଳନ୍ଦି ନଦୀ ବନ୍ୟାରେ ଜଳବନ୍ଦୀ ଥିବା ଲୋକଙ୍କୁ ବୁଧବାର ଅଗ୍ନିଶମ କର୍ମଚାରୀ ଉଦ୍ଧାର କରୁଛନ୍ତି।



ବୌଦ୍ଧ ଜିଲା ଦେଇ ଯାଇଥିବା ଖୋର୍ଦ୍ଧା- ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଉପରେ ଲୋକେ ମାଛ ଧରୁଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେଡିକାଲ କଲେଜରେ ନାମ ଲେଖାଇବାକୁ କହି ୧୮.୫ ଲକ୍ଷ ଠକେଇ

## ପଶ୍ଚିମବଙ୍ଗରୁ ମାଷ୍ଟର ମାଇଣ୍ଡ ଗିରଫ

**କଟକ,୨।୮ (କାର୍ତ୍ତିକ ସାହୁ)**

ମେଡିକାଲ କଲେଜରେ ନାମ ଲେଖାଇବାର ପ୍ରଲୋଭନ ଦେଖାଇ ୧୮.୫ ଲକ୍ଷ ଟଙ୍କାର ଠକେଇ ହୋଇଛି। ଏହି ଠକେଇର ମାଷ୍ଟର ମାଇଣ୍ଡଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ବିଷ୍ଣୁପୁର ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ନିକଟ ଦୀଘା ଅଞ୍ଚଳର ଶୁଭାଶିଷ ପତି। ସେ ଗତ ୩ ବର୍ଷ ଧରି ଚକ୍‌ମା ଦେଖାଇ ଗିରଫଦାରିରୁ ବର୍ତ୍ତିବା ପାଇଁ ଖସି ବୁଲୁଥିଲେ।

ମିଳିଥିବା ସୂଚନା ଅନୁସାରେ, ହିମାଚଳ ପ୍ରଦେଶର ବିନୋଦ କୁମାର ନାମକ ଜଣେ ବ୍ୟକ୍ତି ୨୦୧୫-୧୬ ମସିହାରେ ୧୮.୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ତାଙ୍କ ପୁଅର ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସହଯୋଗ କରିବାକୁ ତାଙ୍କୁ ୩ ଜଣ ବ୍ୟକ୍ତି ପ୍ରତିଶ୍ରୁତି ଦେଇଥିଲେ। ବାଙ୍ଗାଲୋର କିମ୍ବା ଭୁବନେଶ୍ୱରର ଏକ ଖ୍ୟାତନାମା ମେଡିକାଲ କଲେଜରେ ମ୍ୟାନେଜମେଣ୍ଟ କୋଟା ସିଟ୍ ଜରିଆରେ ନାମ ଲେଖା ନିମନ୍ତେ ସେମାନେ କହିଥିଲେ। ହେଲେ ସେମାନେ ପ୍ରତିଶ୍ରୁତି ରକ୍ଷା କରିପାରି ନ ଥିଲେ। ଏହାପରେ ସେମାନେ ନେଇଥିବା ଟଙ୍କା ଫେରସ୍ତ ପାଇଁ ଏକ ଚେକ୍ ବିନୋଦଙ୍କୁ ପ୍ରଦାନ କରିଥିଲେ। ବିନୋଦ ଉକ୍ତ ଚେକ୍ ବ୍ୟାଙ୍କରେ ଲଗାଇବାରୁ ତାହା ବାଉନ୍ସ ହୋଇଯାଇଥିଲା। ଏ ନେଇ ୨୦୧୯ ଡିସେମ୍ବର ୧୬ରେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ.୧୯/୨୦୧୯) ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ରଘୁନାଥ ବେହେରା ଓ ସୌମ୍ୟକାନ୍ତ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଘଟଣାର ମାଷ୍ଟର ମାଇଣ୍ଡ ଶୁଭାଶିଷ ଫେରାର ଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଦେବୀ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ପଶ୍ଚିମବଙ୍ଗର ବିଷ୍ଣୁପୁର ଥାନା ଅଞ୍ଚଳରେ ଚଢ଼ାଉ କରିଥିଲା। ସେଠାରୁ ଶୁଭାଶିଷଙ୍କୁ ଗିରଫ କରାଯାଇ ସ୍ଥାନୀୟ ଆଲିପୁର ଅତିରିକ୍ତ ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯାଇଛି। କ୍ରାଇମବ୍ରାଞ୍ଚ ଶୁଭାଶିଷଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଖୁବ୍‌ଶୀଘ୍ର ଓଡ଼ିଶାରେ ପହଞ୍ଚିବ। ଏଥିସହ ତାଙ୍କର ଓଡ଼ିଶାରେ ରହିଥିବା ଅନ୍ୟ ଆପରାଧିକ କାର୍ଯ୍ୟକଳାପ ବିଷୟରେ କ୍ରାଇମ୍‌ବ୍ରାଞ୍ଚ ତନାଘନା କରୁଥିବା ସୂଚନା ମିଳିଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୬ ଲକ୍ଷ ଲୁଟ୍

**ରାୟଗଡ଼ା,୨।୮ (ଆଶିଷ ରଞ୍ଜନ ପଣ୍ଡା)**

ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ବୁଧବାର ୬ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ରାୟଗଡ଼ା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ରାୟଗଡ଼ା ସହରର ଅବସରପ୍ରାପ୍ତ କର୍ମଚାରୀ ଏମ୍. ଆପ୍ପାରାଓ ଗ୍ରାଚୁଇଟି ବାବଦରେ ପାଇଥିବା ୬ ଲକ୍ଷ ଟଙ୍କା ବ୍ୟାଙ୍କରୁ ଉଠାଇ ସ୍କୁଟି ଡିକିରେ ରଖିଥିଲେ। ହେଲେ ଦୁର୍ବୃତ୍ତ କୌଶଳପୂର୍ବକ ଡିକି ନ ଭାଙ୍ଗି ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାୟଗଡ଼ା ସହରର ଏମ୍.ଆପ୍ପାରାଓ ଜିଏସ୍‌ଟି ବିଭାଗରେ ହାବିଲଦାର ଭାବେ କାର୍ଯ୍ୟ କରି ମେ ମାସରେ ଅବସର ଗ୍ରହଣ କରିଥିଲେ। ଗ୍ରାଚୁଇଟି ବାବଦରେ ୬ ଲକ୍ଷ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଆପ୍ପାରାଓଙ୍କ ଘର ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସେ ମିସ୍ତ୍ରିକୁ ଟଙ୍କା ଦେବା ପାଇଁ ରାୟଗଡ଼ା ମୁଖ୍ୟ ବଜାରସ୍ଥିତ ଏସ୍‌ବିଆଇ ବ୍ୟାଙ୍କରୁ ୬ ଲକ୍ଷ ୧୦ ହଜାର ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କା ସ୍କୁଟି ଡିକିରେ ରଖି ସେଠାରୁ ବାହାରି ମଙ୍ଗଳା ମନ୍ଦିର ନିକଟସ୍ଥ ତାଙ୍କ ବନ୍ଧୁଙ୍କ ଘରକୁ ପେନ୍‌ସନ ବିଷୟରେ ବୁଝିବାକୁ ଯାଇଥିଲେ। କିଛି ସମୟ ପରେ ବନ୍ଧୁଙ୍କ ଘରୁ ବାହାରି ସ୍କୁଟି ଡିକିରେ ରଖିଥିବା କାଗଜପତ୍ର ନେବାକୁ ଆସିଥିଲେ। ଡିକି ଖୋଲିଲା ବେଳକୁ ସେଥିରେ ଟଙ୍କା ନ ଥିବା ଦେଖି ଆପ୍ପାରାଓ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସି ଟିଭିକୁ ଅନୁଧ୍ୟାନ କରିବାରୁ ଜଣେ ବାଇକ ଚାଳକ ଡିକି ଚାବି ନ ଭାଙ୍ଗି ଅନ୍ୟ କୌଣସି ମାଧ୍ୟମରେ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ବ୍ୟାଙ୍କ ପାଖରୁ କେହି ତାଙ୍କୁ ପିଛାକରି ଏଭଳି କାଣ୍ଡ ଭିଆଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385, 8637280816, 7894447167, 9338226625

ADMISSION OPEN
DISTANCE EDUCATION
For Govt. & Private Job holder's (UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526


# ଶୁଭଲକ୍ଷ୍ମୀ ଟ୍ରେଡର୍ସର ପ୍ରୋପ୍ରାଇଟର ଗିରଫ

## ଚାଷୀଙ୍କ ୭.୧୬ କୋଟିର ସବ୍‌ସିଡି ହଡ଼ପ ମାମଲା

- ପୂର୍ବରୁ ଗିରଫ ହୋଇଛନ୍ତି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫
- ୨୦୧୭-୨୧ରେ ହୋଇଥିଲା ଠକେଇ


ପ୍ରହଲ୍ଲାଦ ମେଶୁଆ

**ଭୁବନେଶ୍ୱର,୨।୮ (ସତ୍ୟଜିତ୍ ରାଉତ)**

ଏକ କମ୍ପାନୀରୁ ଚାଷୀଙ୍କୁ ଧାନରୁଆ ଯନ୍ତ୍ର ଯୋଗାଯାଇଥିବା ଦର୍ଶାଇ ୭.୧୬ କୋଟିର ସରକାରୀ ସବ୍‌ସିଡି ଟଙ୍କା ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣେ ଅଭିଯୁକ୍ତଙ୍କୁ ବୁଧବାର ବରଗଡ଼ରୁ ଗିରଫ କରିଛି। ସେ ହେଲେ ଶୁଭଲକ୍ଷ୍ମୀ ଟ୍ରେଡର୍ସର ପ୍ରୋପ୍ରାଇଟର (ମାଲିକ) ପ୍ରହଲ୍ଲାଦ ମେଶୁଆ। ତାଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବ। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରାଣାଙ୍କ ସମେତ ୫ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ବେଙ୍ଗାଲୁରୁସ୍ଥିତ ଭରୁଷାପ୍ରିୟ ଏଗ୍ରୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ବରମୁଣ୍ଡାରେ ଥିବା ବ୍ରାଞ୍ଚ ଅଫିସ୍‌ରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରିଜିଓନାଲ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏହି କମ୍ପାନୀ ଓଡ଼ିଶା ସରକାରୀଙ୍କ ସହ ଅନୁବନ୍ଧିତ ହୋଇ ଚାଷୀମାନଙ୍କୁ ଧାନରୁଆ ଯନ୍ତ୍ର ଯୋଗାଇଥାଏ। ପ୍ରତି ଧାନରୁଆ ଯନ୍ତ୍ରର ଦାମ ୨.୩୩ ରୁ ୩ ଲକ୍ଷ ଟଙ୍କା ମଧ୍ୟରେ ରହିଥିବାବେଳେ ସରକାର ଚାଷୀଙ୍କୁ ୯୩,୩୦୦ ଟଙ୍କାରୁ ଆରମ୍ଭ କରି ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦେଇଥାନ୍ତି। ତେବେ ଶ୍ରୀନାଥ ଚାକିରି ସମୟରେ ଅନ୍ୟ ଡିଲରଙ୍କ ସହ ମିଶି କମ୍ପାନୀ ଆଇଡି ଦ୍ୱାରା କୃଷି ବିଭାଗର ୱେବ୍‌ସାଇଟ୍‌ରେ ଫେକ୍ ଇଞ୍ଜିନ୍, ଚାଷୀଙ୍କ ନାଁ ଓ ଫଟୋ ଆଦି ଅପ୍‌ଲୋଡ୍ କରି ୧୮ଟି ଜିଲାର ଚାଷୀଙ୍କୁ ୫୫୬ରୁ ଊର୍ଦ୍ଧ୍ୱ ଯନ୍ତ୍ର ବିକ୍ରି କରିଥିବା ଦର୍ଶାଇଥିଲେ। ଏହାପରେ ଚାଷୀଙ୍କୁ ମାତ୍ର କିଛି ଟଙ୍କା ଦେଇ ବଳକା ସବ୍‌ସିଡିକୁ ଅଭିଯୁକ୍ତମାନେ ନେଇଯାଇଥିଲେ। ଏନେଇ ଜଣାପଡ଼ିବା ପରେ କମ୍ପାନୀ ନିର୍ଦ୍ଦେଶକ କେ.ଜି. ଶ୍ରୀ ଚରଣ ଭୁବନେଶ୍ୱର ଭରତପୁର ଥାନାରେ ଏତଲା ଦେବା ପରେ ପୋଲିସ ୨୦୨୧ ଜାନୁୟାରୀ ୨୦ରେ ଏକ ମାମଲା (ନଂ.୨୪/୨୧) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରେ ଏହି ମାମଲାର ତଦନ୍ତଭାର ଇଓଡବ୍ଲ୍ୟୁ ନେଇ ୨୦୨୧ ସେପ୍ଟେମ୍ବର ୧ରେ ଏକ (ନଂ.୧୧/୨୧) ରୁଜୁ କରିଥିଲା। ତେବେ ଶ୍ରୀନାଥଙ୍କ ସହ ମିଶି ଡିଲର୍ ପ୍ରହଲ୍ଲାଦ ୫୫୬ ଧାନରୁଆ ଯନ୍ତ୍ରରୁ ୫୪ଟିକୁ ବଡ଼ଗଡ଼ ଓ ସୋନପୁରର ଚାଷୀଙ୍କୁ ବିକ୍ରି କରିଥିବା ଦର୍ଶାଇ ୫୮ ଲକ୍ଷ ଟଙ୍କା ସବ୍‌ସିଡି ଟଙ୍କା ରିଲିଜ୍ କରିଥିବା ତଦନ୍ତବେଳେ ଜଣାପଡ଼ିଛି ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# ବଜ୍ରକାପ୍ତା ଉଦ୍ଧାର, ୮ ଗିରଫ

## ବୋଲେରୋ, ସ୍କୁଟି ଓ ୮ ମୋବାଇଲ ଜବତ


ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର (ମନୋରଞ୍ଜନ ତିରିଆ/ମାନସ ମହାନ୍ତି), ୨।୮**

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ଓ ରାଇରଙ୍ଗପୁର ବନଖଣ୍ଡ ପକ୍ଷରୁ ମିଳିତ ଚଢ଼ାଉ ପରେ ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଏହି ଘଟଣାରେ ରାଇରଙ୍ଗପୁର ନିକଟରୁ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ବୋଲେରୋ, ଗୋଟିଏ ସ୍କୁଟି ଓ ୮ ମୋବାଇଲ ଫୋନ ଜବତ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୋୟନା ସର୍ଦ୍ଦାର, ରାମେଶ୍ୱର ସର୍ଦ୍ଦାର, ଚୁନୁ ଗାଗରାଇ, ମଙ୍ଗତା ଗୋପ, ଲକ୍ଷ୍ମଚରଣ ସର୍ଦ୍ଦାର, ଗାର୍ଭେଟ କୋରୱା, ସେଲାଇ ଚରଣ ବିରୁଲି ଏବଂ ମଣି ନାଗ। ସମସ୍ତେ ଷଢ଼େଇକଳା - ଖରସୁଆଁ ଓ ପଶ୍ଚିମ ସିଂହଭୂମ ଜିଲାର ବୋଲି ଜଣାପଡ଼ିଛି। ବଜ୍ରକାପ୍ତା ବିକ୍ରି ପାଇଁ ମୂଲଚାଲ ସମୟରେ ବନବିଭାଗ ଚଢ଼ାଉ କରି ଏହି ସଫଳତା ପାଇଛି। ଏହି ପ୍ରଜାତିର ବଜ୍ରକାପ୍ତା ବିଶ୍ୱରେ ସର୍ବାଧିକ ବିକ୍ରି ହେଉଥିବାରୁ ଶିକାରୀମାନେ ଏହାକୁ ଧରି ବାହାରକୁ ଚାଲାଣ କରୁଥିବା ବନ ବିଭାଗ ସୂଚନା ଦେଇଛି।


Classified Everyday 0674-2580101, 2549949

REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

**ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723.** D-74882

Healthcare

Spa Kerala Body Massage only best Therapist @699/- Bhubaneswar. 9337672475. D-0857

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly opened (One8 Spa) / (Salon Service) with expert therapist, 9938843929. D-75136

All types of professional body massage by professional therapy. Contact: 7077933109/ 9556924059/ 8658803018. D-0932

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75017

FFIDAVIT

By an affidavit before the Executive Magistrate, Kuchinda, Dist.- Sambalpur, I, Jharana Jhankar, W/o Pabitra Jhankar, R/o- Deogarh, Ward No.3, Matha Sahi, P.O./P.S./Dist.- Deogarh declare that before marriage I was known as Jharana Naik, after marriage I have changed my surname from Naik to Jhankar. Henceforth, I shall be known as Jharana Jhankar for all purposes. D-0962

ମୁଁ, କୁଲଦୀପ ସରାୟା, ପିତା- ସ୍ୱର୍ଗତ ରାମପ୍ରସାଦ ସରାୟା, ବାସିନ୍ଦା- ରାଣୀପାଟନା, ଥାନା- ସହଦେବଖୁଣ୍ଟା, ଡାକ/ଜିଲ୍ଲା: ବାଲେଶ୍ୱର, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଶାନ୍ତିରାମ ହେମ୍ବ୍ରମ, ବାଲେଶ୍ୱରଙ୍କ ନିକଟରେ କରିଥିବା ସତ୍ୟପାଠ କ୍ର.ସଂ. ୯୭୦, ତା ୦୧।୦୮।୨୦୨୩ରିଖ ଅନୁସାରେ, ମୋର ନାମକୁ ଆନୁଷ୍ଠାନିକ ଭାବେ କୁଲଦୀପ ସରାୟାରୁ କୁଲଦିପ ସରାୟାକୁ ପରିବର୍ତ୍ତନ କରିଅଛି । ଏତଦ୍‌ପଶ୍ଚାତ୍, ଭବିଷ୍ୟତରେ ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ କୁଲଦିପ ସରାୟା, ପିତା- ସ୍ୱର୍ଗତ ରାମପ୍ରସାଦ ସରାୟା ଭାବେ ପରିଚିତ ହେବି । ଧ-୦୯୬୧

I, Srikanta Swain, S/o- Sridhar Swain, Turintira, P.O.- Turintira, P.S.- Balipatna, Dist.- Khordha, Pin- 752102, Odisha declare by this affidavit No. CF-35, dtd.31.07.2023 that now onwards I shall be known as SRIKANT SWAIN for all future purposes. D-75019

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନିଶି କର (ମିଲୁ)
ଅଭିନେତା, ନିର୍ଦ୍ଦେଶକ
ମଲାମାଛ, କାକଟପୁର
ଆବିର୍ଭାବ: ୧୬।୦୬।୧୯୮୪
ତିରୋଧାନ: ୦୩।୦୮।୨୦୨୨
ଦିନ ପରେ ଦିନ ଚାଲିଗଲା କେଣେ
ହୋଇଲା ଗୋଟେ ବରଷ
ଅସଜଡ଼ା ମନେ ଘନେଇ ଆସୁଛି
ପରାଜୟ ଅବଶୋଷ।
ତୋର ସ୍ନେହ, ଶ୍ରଦ୍ଧା ଝୁରୁଛି ମୁହିଁ,
ଛାଡ଼ି ଚାଲିଗଲୁ ଆମକୁ କାହିଁ।
ଶୋକସନ୍ତପ୍ତ: ନାନୀ ଓ ପରିବାରବର୍ଗ।
ଜୟ ମା' ମଙ୍ଗଳା
ଧ-୭୩୭୮୦

ଏକାଦଶାହ ଉପଲକ୍ଷେ



ଫକୀର ଚରଣ ସାହୁ
ସ୍ଥାନ: ମିଶରନରସିଂହପୁର, କେନ୍ଦ୍ରାପଡ଼ା
ତିରୋଧାନ- ୨୪।୦୭।୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ- ରମାକାନ୍ତ ସାହୁ, ସୁରେଶ ଚନ୍ଦ୍ର ସାହୁ, ଶଶିକାନ୍ତ ସାହୁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୦୯୫୯

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗାଈ ପେଟରୁ ବାହାରିଲା ୩୦ କେଜି ପଲିଥିନ

**ବ୍ରହ୍ମପୁର,୨।୮ (ସ୍ମୃତି ରଞ୍ଜନ ମହାଲିକ)**


ଗାଈ ପେଟରୁ ବାହାରିଥିବା ପଲିଥିନ।

ରାଜ୍ୟରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଇଛି। ହେଲେ ତାହା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଚାରିଆଡ଼େ କୁଢ କୁଢ ପଲିଥିନ ଓ ପ୍ଲାଷ୍ଟିକ୍ ଆବର୍ଜନା ଦେଖାଯାଉଛି। ଖାଦ୍ୟ ଅନ୍ୱେଷଣରେ ପଶୁ ଓ ପକ୍ଷୀମାନେ ଏହାକୁ ଖାଇଦେଉଥିବାରୁ ମୃତ୍ୟୁମୁଖରେ ପଡୁଛନ୍ତି। ପଲିଥିନ ଖାଇ ବ୍ରହ୍ମପୁର ଗିରି ରୋଡଠାରେ ମୃତ୍ୟୁ ସହ ଲଢୁଥିବା ଏକ ଗାଇ ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇଛି। ଗାଈ ପେଟରୁ ପ୍ରାୟ ୩୦ କେଜି ପଲିଥିନ ମିଳିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨ ଦିନ ତଳେ ଗାଈଟି ଗିରି ରୋଡ ମୁଖ୍ୟ ରାସ୍ତାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଜଣାଇଥିଲେ। ଗାଈଟିକୁ ଉଦ୍ଧାର ପରେ ପ୍ରାଣୀ ଚିକିତ୍ସକ ସତ୍ୟ ନାରାୟଣ କର ପେଟରେ ଛୋଟ ଅସ୍ତ୍ରୋପଚାର କରିବାରୁ ପଲିଥିନ ଗୁଳା ବାହାରିଥିଲା। ଅସ୍ତ୍ରୋପଚାର ପରେ ଗାଈଟି ସୁସ୍ଥ ହୋଇଥିବା ସୂଚନା ମିଳିଛି। ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ହରିଚନ୍ଦ୍ର ନାୟକ, ଦିଲୀପ ସୁର ସିଂ, ବିଜୁ ଲେଙ୍କା, ସାଇରାମ ରେଡୀ ଓ ଡା ତନ୍ମୟୀ ପଟ୍ଟନାୟକ ଏବଂ ରମା ଗୌରୀ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ବାତିଲ ହେଲେ ଅର୍ଥ ଫେରସ୍ତ ପାଇବେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୨।୮ (ଅନିଲ ଦାସ)**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକରେ ଅପ୍ରତ୍ୟାଶିତ ନାମଲେଖା (ଆଡମିଶନ) ବାତିଲ ହେଲେ ଛାତ୍ରୀଛାତ୍ରଙ୍କୁ ଆଡମିଶନ ଫି ସମ୍ପୂର୍ଣ୍ଣ ଫେରସ୍ତ ହେବ ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସରକାର ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଫି' ଫେରସ୍ତ ଉପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି ପୂର୍ବରୁ ଏକ ନୀତି ପ୍ରଣୟନ କରିଛି। ୨୦୨୩-୨୪ ଶିକ୍ଷାବର୍ଷରୁ ନାମଲେଖା ପାଇଁ ପରିବର୍ତ୍ତିତ ନିୟମ ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ୨୦୨୩ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଆଡମିଶନ ଫି ସମ୍ପୂର୍ଣ୍ଣ ଫେରସ୍ତ ହେବ। ୨୦୨୩ ଅକ୍ଟୋବର ୩୦ ପର୍ଯ୍ୟନ୍ତ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ସର୍ବାଧିକ ୧ ହଜାର ଟଙ୍କା କଟାଯିବାର ନିୟମ ଲାଗୁ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଶିକ୍ଷାନୁଷ୍ଠାନଗୁଡିକରେ ନାମଲେଖାଇ ସାରିଥିଲେ ମଧ୍ୟ ଶିକ୍ଷାର୍ଥୀ ଉନ୍ନତ ସୁଯୋଗ ମିଳିଲେ ପୁରୁଣା ଶିକ୍ଷାନୁଷ୍ଠାନକୁ ଛାଡିଥାନ୍ତି। ଅନେକ ସମୟରେ ଆଡମିଶନ ବାବଦକୁ ପଇଠ କରିଥିବା ଅର୍ଥ ହରାଇବାକୁ ପଡୁଥିଲା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକରେ ଅପ୍ରତ୍ୟାଶିତ ଆଡମିଶନ ବାତିଲ ହେଲେ ଫି' ଫେରସ୍ତ ନେଇ କିଛି ବ୍ୟବସ୍ଥା ଅଛି କି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ମଙ୍ଗରାଜ ପ୍ରଶ୍ନ କରିଥିଲେ।

# ଆଖିବୁଜିଲା ଅସୁସ୍ଥ ହାତୀ ଛୁଆ

**ଠାକୁରମୁଣ୍ଡା,୨।୮ (ତାରାକାନ୍ତ ପଟ୍ଟନାୟକ)**

ନିଅାଁହୁଲା ମାଡ଼ରେ ଆହତ ହୋଇଥିବା ହାତୀ ଛୁଆ ଆଖିବୁଜିଛି। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତା'ର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କରଞ୍ଜିଆ ବନଖଣ୍ଡ ରରୁଆଁ ବ୍ଲକ ପର୍ବତୀପୁର ଗ୍ରାମ ଜାମୁଡି ମୁଣ୍ଡାସାହିଠାରେ ଅସୁସ୍ଥ ହାତୀ ଛୁଆକୁ ଛାଡ଼ି ତା'ର ମା' ଝାଡ଼ଖଣ୍ଡ ପଳାଇ ଯାଇଥିଲା। ବନ କର୍ମଚାରୀମାନେ ହାତୀଛୁଆକୁ ଉଦ୍ଧାର କରି ଚିକିତ୍ସା ଚଳାଇଥିଲେ।

# ମହରମ୍ ତାଜିଆରେ ଚନ୍ଦ୍ରୟାନ-୩ର ଅବିକଳ ନକଲ

**ସୋର, ୨।୮ (ଜନ୍ମେଜୟ ମିଶ୍ର)**

ସୋର ପୌରପାଳିକା ଅଧୀନ ପାରମହଲା ବସ୍ତିରେ ଏଥର ମହରମ୍ ପର୍ବ ପାଳନ ବେଳେ ପରିକ୍ରମା କରୁଥିବା ତାଜିଆରେ ଚନ୍ଦ୍ରୟାନ-୩ର ଅବିକଳ ନକଲ ଦେଖିବାକୁ ମିଳିଛି। ଏବେ ଇସ୍ରୋ ପକ୍ଷରୁ ୩ୟ ଥର ପାଇଁ ପଠାଯାଇଥିବା ଚନ୍ଦ୍ରୟାନ-୩ ପୂର୍ବ ନିର୍ଦ୍ଧାରିତ ସମୟ ନିଘଣ୍ଟରେ ଠିକ୍ ଠାକ୍ ଆଗଉଥିବା ବେଳେ ଆଗାମୀ ୨୩ ତାରିଖରେ ଚନ୍ଦ୍ର ଉପରେ ସଫଳ ଅବତରଣ କରିବା ନେଇ ବୈଜ୍ଞାନିକଙ୍କ ସହ ଦେଶବାସୀ ନିଶ୍ଚିତ ଅଛନ୍ତି। ଏହି ଐତିହାସିକ ସଫଳତାରେ ଦେଶର ବୈଷୟିକ ଜ୍ଞାନ ଓ ସମ୍ମାନ ବିଶ୍ୱସ୍ତରରେ ଯଥେଷ୍ଟ ବୃଦ୍ଧି ହୋଇଥିବା ବେଳେ ଏହାକୁ ନେଇ ଏକ ପ୍ରତୀକାତ୍ମକ ପ୍ରଦର୍ଶନ ବେଶ୍ ନିଖୁଣ ଥିଲା। ଏହାର ଉଚ୍ଚତା ୨୪ ଫୁଟ୍ ଥିବା ବେଳେ ଚଉଡା ୫ ଫୁଟ୍ ରହିଥିଲା। ଚନ୍ଦ୍ରଯାନର ଉତ୍‌କ୍ଷେପଣ ଢ଼ଙ୍ଗରେ କାଉଣ୍ଟଡାଉନ୍ ପରେ ଉତ୍‌କ୍ଷେପଣ କରାଯାଇଥିଲା। ଲୁହା ପାଇପ୍, ଟିଣ, ସୋଲରେ ନିର୍ମିତ ଏହି କଳାକୃତି ତିଆରି ପାଇଁ ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିବା ମୁଖ୍ୟ ବିନ୍ଧାଣୀ ସେକ୍ ଆଜାରୁଦ୍ଦିନ୍ କହିଛନ୍ତି। ଏଥିରେ ସ୍ଥାନୀୟ ମୁସ୍ଲିକ୍ ବନ୍ଧୁଙ୍କ ସହ ତାଙ୍କ କକା ସେକ୍ ସାହିରୁଦ୍ଦିନଙ୍କ ଯୋଗଦାନ ଥିବା ସେ କହିଛନ୍ତି। ମହରମ୍ ବେଳେ ତାଜିଆ ଶୋଭାଯାତ୍ରାରେ ଏହି ଉତ୍‌କ୍ଷେପଣ ମୁଖ୍ୟ ଆକର୍ଷଣ ଥିଲା। ପୂର୍ବରୁ ଭାରତ ପ୍ରତିରକ୍ଷା ବିଭାଗର ଶକ୍ତିଶାଳୀ ଟ୍ୟାଙ୍କ ଓ ଡାଇନୋସର କରି ବେଶ୍ ପ୍ରଶଂସାର ପାତ୍ର ହୋଇଛନ୍ତି ସେକ୍ ଆଜାରୁଦ୍ଦିନ୍। ଲୋକଙ୍କ ମଧ୍ୟରେ ଦେଶପ୍ରେମର ଉତ୍ଥାପନ ପାଇଁ ସେ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ଲକ୍ଷ୍ୟରେ ଏହି କାର୍ଯ୍ୟ କରୁଥିବା କହିଛନ୍ତି।



## ଶେଷରେ ହଁ

ବାଣୀ କପୁର ନିକଟରେ ଏକ ନୂଆ ପ୍ରୋଜେକ୍ଟକୁ ନେଇ ଅଡୁଆରେ ପଡ଼ିଥିଲେ। ଏଥିରେ ଅଭିନୟ କରିବେ କି ନାହିଁ, ସେନେଇ ନିଷ୍ପତ୍ତି ନେଇପାରୁ ନ ଥିଲେ। ହେଲେ କିଛି ଦିନ ପରେ ଥଣ୍ଡା ମିଜାଜରେ ଚିନ୍ତା କଲା ପରେ ରାଜି ହୋଇଥିଲେ। କଥା କ'ଣ କି ନିର୍ଦ୍ଦେଶକ ଅନୁଭବ ସିହ୍ନା ତାଙ୍କର ଆଗାମୀ ଫିଲ୍ମ 'ବଚପନ୍ କା ପ୍ୟାର୍'ର ନାୟିକା ଭାବରେ ବାଣୀଙ୍କୁ ସାଇନ୍ କରିବାକୁ ଚାହିଁଥିଲେ। ଯେତେବେଳେ ଏ ନେଇ ବାଣୀଙ୍କୁ ଯୋଗାଯୋଗ କରାଗଲା ସେତେବେଳେ ସେ ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ମାଗିଥିଲେ। କାରଣ ସେହି ସମୟରେ ବାଣୀଙ୍କ ଆଉ କେତୋଟି ନୂଆ ଅଫର ବିଷୟରେ କଥା ହେଉଥିଲେ। ଯାହାହେଉ ଶେଷରେ ଅନୁଭବ ସିନେମାର ଅଭିନୟ କରିବାକୁ ସେ ରାଜି ହୋଇଥିଲେ। ଏ ନେଇ ସେ କହନ୍ତି, 'ଯେତେବେଳେ ମୋତେ ଅନୁଭବଜୀଙ୍କ ଫିଲ୍ମରେ କାମ କରିବାକୁ ଅଫର ମିଳିଲା ସେତେବେଳେ ମୁଁ ଆଉ କେତୋଟି ଅଫର ବିଷୟରେ କଥା ହେଉଥିଲି। ତେଣୁ ନିଷ୍ପତ୍ତି ନେବାକୁ କିଛିଦିନ ସମୟ ମାଗିଥିଲି। ଆଉ ଶେଷରେ ସେଥିରେ ଆକ୍ଟିଂ କରିବାକୁ ରାଜି ହୋଇଛି।' ଏହି ଫିଲ୍ମରେ ବାଣୀଙ୍କ ନାୟକ ସାଜୁଛନ୍ତି ରାଜ କୁମାର ରାଓ। ଏହାର ଶୁଟିଂ ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ ବୋଲି ଅନୁଭବ ସୂଚନା ଦେଇଛନ୍ତି। ରାଜକୁମାରଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଭେଡ୍'। ଏହା ବ୍ୟତୀତ ତାଙ୍କ ଅଭିନୀତ 'ସ୍ତ୍ରୀ-୨'ଏବଂ 'ମିଷ୍ଟର ଆଣ୍ଡ୍ ମିସେସ୍ ମାହି' ରିଲିଜ ଅପେକ୍ଷାରେ ରହିଛି।


ରକୁଲ୍

## ଏକାଥରେ ହ୍ୟାଟ୍ରିକ୍

ସାନ୍ୟା ମାଲହୋତ୍ରାଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସାନ୍ୟା। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ନାୟିକା ସାଜିବେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ସେ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।'


ସାନ୍ୟା

## ମଡେଲିଂରୁ ଅଭିନେତ୍ରୀ

ରକୁଲ୍ ପ୍ରୀତ୍ ସିଂ ଅଭିନେତ୍ରୀ ସାଜିବା ପୂର୍ବରୁ ମଡେଲିଂରେ ବ୍ୟସ୍ତ ଥିଲେ। ଏପରି କି କଲେଜରେ ପଢ଼ିବା ସମୟରେ ତାଙ୍କୁ ମଡେଲିଂ କରିବାର ସୁଯୋଗ ମିଳିଥିଲା। ହେଲେ ପିଲାଟିଦିନରୁ ତାଙ୍କର ଇଚ୍ଛା ଥିଲା ଭବିଷ୍ୟତରେ ମୁଁ ଜଣେ ଅଭିନେତ୍ରୀ ହେବି। ଯେତେବେଳେ ତାଙ୍କୁ କନ୍ନଡ ଫିଲ୍ମରେ ପ୍ରଥମ ଥର ପାଇଁ ସୁଯୋଗ ମିଳିଲା ସେ ନିଜ କ୍ୟାରିୟରକୁ ନେଇ ସନ୍ଦେହ ଭିତରେ ଥିଲେ। କିନ୍ତୁ ଡେବ୍ୟୁ ଫିଲ୍ମ 'ଗିଲ୍' ଆକ୍ଟିଂ ଦୁନିଆରେ ତାଙ୍କର ଭାଗ୍ୟ ଫିଟାଇ ଦେଇଥିଲା। ପ୍ରଥମ ସିନେମାରୁ ହିଁ ସାଉଁଟିଥିଲେ ପ୍ରଶଂସା। କଲେଜ ପାଠ ଶେଷ କରିବା ପରେ ସେ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୨୦୧୧ରୁ ସେ ନିୟମିତ ଅଭିନୟ ସହ ଜଡିତ ହୋଇଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ୟାରିୟାଁ'। ଏ ନେଇ ରକୁଲ୍ କହନ୍ତି, 'ମୋର ଆକ୍ଟିଂ କ୍ୟାରିୟର ବେଶ୍ ଉତ୍‌ଥାନ ପତନ ଦେଇ ଗତି କରିଛି। ହେଲେ ସେ ନେଇ ମୋର ଅନୁଶୋଚନା ନାହିଁ। କାରଣ ପ୍ରତିଟି କ୍ଷେତ୍ରରେ ସଂଘର୍ଷ କରିବାକୁ ପଡ଼ିଥାଏ, ତେବେ ଯାଇ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଥାଏ।' ଏବେ ତାଙ୍କ ହାତରେ ଦୁଇଟି ହିନ୍ଦୀ ସିନେମା-'ଆଇ ଲଭ୍ ୟୁ' ଏବଂ 'ମେରି ପତ୍ନୀ କି ରିମେକ୍' ଏବଂ ଦୁଇଟି ତାମିଲ ସିନେମା- 'ଆୟାଲାନ୍' ଏବଂ 'ଇଣ୍ଡିଆନ୍-୨' ରହିଛି।

## ସଫଳତାର ରହସ୍ୟ

'ଉରି' ଫେମ୍ ଭିକି କୌଶଲ ଅଭିନୟରେ କେତେ ପରିପକ୍ୱ ତାହା କହିବା ବାହୁଲ୍ୟ। ଇତି ମଧ୍ୟରେ ତାଙ୍କୁ ବେଶ୍ କେତୋଟି ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ମିଳିସାରିଛି। ହେଲେ ଏ ପର୍ଯ୍ୟନ୍ତ ଯେ ଯେଉଁ ସଫଳତା ପାଇଛନ୍ତି ତାହାର ଶ୍ରେୟ ସେ ଦୁଇ ଜଣଙ୍କୁ ଦିଅନ୍ତି। ଆସନ୍ତୁ ନା ଜାଣିବା, ଏ ନେଇ ଖୋଦ୍ ଭିକି କ'ଣ କହୁଛନ୍ତି ? 'ସତ କଥା କହିବାକୁ ଗଲେ ଦୁଇଜଣ ମୋତେ ଅଭିନେତା ହେବାକୁ ବେଶ୍ ଅନୁପ୍ରାଣିତ କରିଛନ୍ତି। ସେ ହେଲେ ନୱାଜଉଦ୍ଦିନ ସିଦ୍ଦିକି ଏବଂ ହୃତିକ ରୋଶନ। ସେମାନଙ୍କର ଅଭିନୟ ଦେଖିବା ପରେ ଅଭିନେତା ହେବାର ଆଗ୍ରହ ମୋ ମନରେ ଆହୁରି ଦୃଢ଼ ହୋଇଥିଲା। ବାକି ଏ ପର୍ଯ୍ୟନ୍ତ ବଲିଉଡ୍‌ରେ ତିଷ୍ଠି ରହିବା ପାଇଁ ଦର୍ଶକମାନଙ୍କର ଭଲ ପାଇବା ଶତ ପ୍ରତିଶତ ଦାୟୀ।' ମୁମ୍ବାଇସ୍ଥିତ ରାଜୀବ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରୁ ସେ ଇଲେକ୍‌ଟ୍ରୋନିକ୍ ଏବଂ ଟେଲିକମ୍ୟୁନିକେଶନରେ ଡ଼ିଗ୍ରୀ ହାସଲ କରିଛନ୍ତି। ପାଠ ପଢ଼ା ଶେଷ ହେବା ପରେ ତାଙ୍କୁ ଚାକିରି ମିଳିଥିଲା। ହେଲେ ଅଭିନେତା ହେବାର ଆଶା ତାଙ୍କୁ ଚାକିରିଠାରୁ ଦୂରେଇ ନେଇଥିଲା। ଭିକିଙ୍କ ବାପା ଶ୍ୟାମ କୌଶଲ ହେଉଛନ୍ତି ବଲିଉଡ୍‌ର ଜଣେ ନାମୀ ଆକ୍ସନ ଡାଇରେକ୍ଟର। ଅନୁରାଗ କାଶ୍ୟପଙ୍କ 'ଗ୍ୟାଙ୍ଗସ ଅଫ୍ ୱାସେପୁର'ରେ ସେ ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ।


ଭିକି

## ଝଡ଼ ପୂର୍ବରୁ ନୀରବତା


'ରାମ୍' ଫିଲ୍ମରେ ଅରିନ୍ଦମ

କଥାରେ ଅଛି 'ଝଡ଼ ପୂର୍ବରୁ ନୀରବତା'। ଏବେ ଓଲିଉଡ୍‌ରେ ଏହାକୁ ନେଇ ଚର୍ଚ୍ଚା। ଆଉ ଏହି ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ଅଲ୍‌ରାଉଣ୍ଡର ଅରିନ୍ଦମ। କଥା କ'ଣ କି କିଛିବର୍ଷ ବଡ଼ ପରଦାଠାରୁ ଦୂରେଇ ରହିବା ପରେ ସେ ପୁଣି ଥରେ ଏକ ଦମ୍‌ଦାର କମବ୍ୟାକ୍ କରୁଛନ୍ତି। ହୋମ୍ ବ୍ୟାନର ରତ୍ନା ଫିଲ୍ମସ ବ୍ୟାନରରେ ସେ ନିର୍ମାଣ କରୁଛନ୍ତି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା। ପୁଣି ଏହାର ଶୀର୍ଷକୁ ନେଇ କିଛିଦିନ ସସ୍‌ପେନ୍ସ ଲାଗିରହିଥିଲା। ଆଉ ଶେଷରେ ଏହାର ଘୋଷଣା କରାଯାଇଛି। ଚିତ୍ରଟିର ଟାଇଟଲ ରହିଛି 'ରାମ୍'। ଏଥର ଦଶହରାରେ ଫିଲ୍ମଟି ପରଦା ଉପରକୁ ଆସିବ ବୋଲି ମଧ୍ୟ ଘୋଷଣା କରାଯାଇଛି। ଏ ନେଇ ଅରିନ୍ଦମ କହନ୍ତି, 'ମୁଁ ସବୁବେଳେ ଡିଫରେଣ୍ଟ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହିଁଥାଏ। ଏଥର ଦଶହରାରେ ଓଡ଼ିଆ ଦର୍ଶକ ଭିନ୍ନ ଧରଣର ସିନେମାଟିଏ ଦେଖିବାକୁ ପାଇବେ।' ଏହାର ନିର୍ଦ୍ଦେଶନା ଦେଉଛନ୍ତି ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଚିତ୍ରନାଟ୍ୟ ଓ ସଂଳାପ ଦାୟିତ୍ୱରେ ଭରଦ୍ୱାଜ ପଣ୍ଡା ରହିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସାଦ ନିଜାମ। ସିନେମାର ବିଭିନ୍ନ ଭୂମିକାରେ ରୂପସା, ପିଙ୍କି ପ୍ରଧାନ, ପ୍ରଦ୍ୟୁମ୍ନ ଲେଙ୍କା, ସଣ୍ଟୁ, ଫେସବୁକ୍‌ର 'ସାହୁ ବାବୁ' ଫେମ୍ ରାଜୁ ଦାସ ଏବଂ କେତେକ ବଙ୍ଗୀୟ କଳାକାର ଅଭିନୟ କରୁଛନ୍ତି। ଏହି ଦ୍ୱିଭାଷୀ (ଓଡ଼ିଆ-ବଙ୍ଗଳା) ଫିଲ୍ମର ଶୁଟିଂ ଇତି ମଧ୍ୟରେ ଆରମ୍ଭ ହୋଇଯାଇଛି।

## ଫେରିଲେ ମୁଁ ତୁମର

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏହାର କାହାଣୀ ରଚନା କରିଛନ୍ତି ବବି ମିଶ୍ର। ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଚିତ୍ରକୁ ନିର୍ମାଣ କରାଯାଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାକର ବସନ୍ତ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ହେବା ପରେ ହିଁ ଜଣାପଡ଼ିବ।

## କାଇଁଚ ମାଳି


ଶୁଭାଶିଷ

ଛୋଟ ପରଦା ଏବଂ ଜଲିଉଡ୍‌ରେ ନିଜର ନିର୍ଦ୍ଦେଶନା ଜଲୱା ଦେଖାଇବା ପରେ ଏବେ ବଡ଼ ପରଦାମୁହାଁ ହୋଇଛନ୍ତି ମେଗା ଧାରାବାହିକ 'ଦୁର୍ଗା' ଫେମ୍ ନିର୍ଦ୍ଦେଶକ ମହେଶ ହାଜରା। ତାଙ୍କ ନିର୍ଦ୍ଦେଶନାରେ ନୂଆ ଓଡ଼ିଆ ସିନେମା 'କାଇଁଚ ମାଳି-ମାଟିର ଛିଟାରେ ଆମ ମାଟିର ଗପ'ର ଶୁଟିଂ ନିକଟରେ ଶେଷ ହୋଇଛି। ଏକ ଭିନ୍ନ ଧରଣର କଥାବସ୍ତୁକୁ ଆଧାର କରି ଚିତ୍ରଟିକୁ ପ୍ରସ୍ତୁତ କରାଯାଇଛି ଏବଂ ଏହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି କହନ୍ତି ମହେଶ। ଏହାର ଲିଡ୍ ରୋଲ୍‌ରେ ଅଛନ୍ତି ଶୁଭାଶିଷ ଶର୍ମା ଓରଫ ମଣ୍ଟୁ। ଏହି ଫିଲ୍ମରେ ତାଙ୍କର ନାୟିକା ସାଜିଛନ୍ତି ସୁପ୍ରିୟା ନାୟକ। ଏମାନଙ୍କ ବ୍ୟତୀତ ଦୁଷ୍ମନ୍ତ ପଣ୍ଡା ଏବଂ ନମ୍ରତା ଥାପ୍ପାଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସତ୍ୟଜିତ ବାଗ୍। ସେ ପ୍ରଥମ ଥର ପାଇଁ ଏଭଳି ଗୁରୁ ଦାୟିତ୍ୱ ସମ୍ଭାଳିଛନ୍ତି। ସଂଳାପ ରଚନା କରିଛନ୍ତି ବିଶ୍ୱଭୂଷଣ ମିଶ୍ର। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଏହାର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ପ୍ରିୟଙ୍କା ମହାପାତ୍ର, ଭୂପତି ତ୍ରିପାଠୀ, ମନୀଷା ମିଶ୍ର ଏବଂ ଅଶୋକ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ରାଖୀ ପୂର୍ଣ୍ଣିମାରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ପରଦାରେ...

## ମହର୍ଷି ବନାମ ତୁ ସେଇ ନୀଳନୟନା

ଚଳିତ ବର୍ଷ ଜୁଲାଇ ୨୮ ସୁଦ୍ଧା ମୋଟ ୨୬ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିସାରିଛି। ଚଳିତ ମାସ ୪ରେ ଦୁଇଟି ସିନେମା- 'ମହର୍ଷି' ଏବଂ 'ତୁ ସେଇ ନୀଳ ନୟନା' ରିଲିଜ ହେବାକୁ ଯାଉଛି। ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ପ୍ରଖ୍ୟାତ ବ୍ୟକ୍ତି ଓଡ଼ିଶାରେ ଆଗଧାଡ଼ିର ଆଲୋକବର୍ତ୍ତିକା ସାଜିଥିଲେ ସେମାନଙ୍କ ମଧ୍ୟରୁ ଜୟୀ ରାଜଗୁରୁ ଅନ୍ୟତମ। ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି 'ମହର୍ଷି'। ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମାକାନ୍ତ କର। ଏଥିରେ ଜୟୀ ରାଜଗୁରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଚନ୍ଦନ କର। ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସତ୍ୟବ୍ରତ ନାୟକ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଏଥିରେ ଚନ୍ଦନଙ୍କ ବ୍ୟତୀତ ଶ୍ରୀତମ ଦାସ, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ, ପ୍ରଶାନ୍ତ ନାୟକ, ମହିମା ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ଅନ୍ୟପକ୍ଷରେ ବିନି ପଟ୍ଟନାୟକ ଫିଲ୍ମସ ନିବେଦିତ ନୂଆ ଚଳଚ୍ଚିତ୍ର 'ତୁ ସେଇ ନୀଳ ନୟନା' ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ବିନି ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇନ୍ତି ତ୍ରିପତି ସାହୁ। ସଙ୍ଗୀତ ନିର୍ଦ୍ଦେଶକ ସାଜିଛନ୍ତି ପ୍ରେମ୍ ଆନନ୍ଦ। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଜୀବନରେ ପ୍ରେମର ରଙ୍ଗ ସବୁବେଳେ ସତେଜ ହୋଇରହିବା ଦରକାର, ନ ହେଲେ ଜୀବନର ଅର୍ଥ ବଦଳି ଯାଏ। ଆଉ ଜୀବନରେ ସେହି ପ୍ରେମର ରଙ୍ଗ ବୋଳିବାକୁ ଏହି ଫିଲ୍ମଟି ଆସୁଛି ବୋଲି କହନ୍ତି ପ୍ରଯୋଜକ। ଏହାର ବିଭିନ୍ନ ଭୂମିକାରେ ସମ୍ବିତ ଆଚାର୍ଯ୍ୟ, ଲିପିକା ସେନାପତି, ପିଣ୍ଟୁ ନନ୍ଦ, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା, ଚୌଧୁରୀ ଜୟ ପ୍ରକାଶ ଦାସ, କମେଡିଆନ୍ ଅମର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


'ତୁ ସେଇ ନୀଳ ନୟନା' ଫିଲ୍ମରେ ଲିପିକା-ସମ୍ବିତ


'ମହର୍ଷି' ଫିଲ୍ମରେ ଚନ୍ଦନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୩/୨୦୨୩ Bhubaneswar, Thursday, August 3/ 2023

# ଭାରତ ଫେଭରାଇଟ

**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକିର ୭ମ ସଂସ୍କରଣ ଗୁରୁବାରଠାରୁ ଚେନ୍ନାଇରେ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାରେ ଏସିଆର ୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିବେ। ବିଶ୍ୱ ର୍‍ୟାଙ୍କିଂର ୪ ନମ୍ବରରେ ଥିବା ଭାରତ ଏଥର ଟାଇଟଲ ଫେଭରାଇଟ ବିବେଚିତ ହେଉଛି।**

## ଆଜିଠୁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି


ହରମନପ୍ରୀତ ସିଂ

**ଭାରତ ମ୍ୟାଚ**

ଅଗଷ୍ଟ ୩: ବନାମ ଚାଇନା, ସମୟ: ରାତି ୮ଟା ୩୦
ଅଗଷ୍ଟ ୪: ବନାମ ଜାପାନ, ସମୟ: ରାତି ୮ଟା ୩୦
ଅଗଷ୍ଟ ୬: ବନାମ ମାଲେସିଆ, ସମୟ: ରାତି ୮ଟା ୩୦
ଅଗଷ୍ଟ ୭: ବନାମ କୋରିଆ, ସମୟ: ରାତି ୮ଟା ୩୦
ଅଗଷ୍ଟ ୯: ବନାମ ପାକିସ୍ତାନ, ସମୟ: ରାତି ୮ଟା ୩୦
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ଫ୍ୟାନ୍‌କୋଡ୍**

Hero ASIAN CHAMPIONS TROPHY CHENNAI 2023

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ୭ମ ସଂସ୍କରଣ ଗୁରୁବାରଠାରୁ ଚେନ୍ନାଇରେ ଆରମ୍ଭ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ନିୟମ ଅନୁସାରେ ଏହି ପ୍ରତିଯୋଗିତାରେ ଏସିଆର ୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିବେ। ଏସିଆନ ହକି ଫେଡେରେଶନ ପ୍ରତିଯୋଗିତା ଆୟୋଜନ କରିବ। ୩ଥର ଚାମ୍ପିୟନ ଭାରତ ଏହି ପ୍ରତିଯୋଗିତା ପାଇଁ ଏଥର ଫେଭରାଇଟ ରହିବ। ଆଗକୁ ଏସିଆନ ଗେମ୍ସ ଥିବାରୁ ଭାରତ ପାଇଁ ଏହି ଟୁର୍ନାମେଣ୍ଟ ପ୍ରସ୍ତୁତି ସ୍ୱରୂପ ହେବ।

### ଚାଇନା ବିପକ୍ଷରୁ ଅଭିଯାନ

ପ୍ରତିଯୋଗିତାରେ ଏଥର ଭାରତ, ଚାଇନା, ପାକିସ୍ତାନ, ଜାପାନ, ଦକ୍ଷିଣ କୋରିଆ ଓ ମାଲେସିଆ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ ପ୍ରତିଦଳ ପରସ୍ପରକୁ ଗୋଟିଏ ଲେଖାଏ ମ୍ୟାଚରେ ଭେଟିବା ପରେ ଶ୍ରେଷ୍ଠ ୪ ଦଳ ସେମି ଫାଇନାଲରେ ପ୍ରବେଶ କରିବେ। ୨ଟି ଯାକ ସେମିଫାଇନାଲ ୧୧ ଓ ଫାଇନାଲ ୧୨ ତାରିଖରେ ହେବ। ଭାରତ ଏବେ ବିଶ୍ୱ ର୍‍ୟାଙ୍କିଂରେ ୪ ନମ୍ବର ସ୍ଥାନରେ ଅଛି। ଚାଇନା ବିପକ୍ଷରେ ମ୍ୟାଚ ଖେଳି ଭାରତ ଅଭିଯାନ ଆରମ୍ଭ କରିବ।

### ପ୍ରଥମଥର ଭାରତ ଆୟୋଜକ

ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୧୧ରୁ ଆରମ୍ଭ ହୋଇଥିଲେ ହେଁ ଭାରତ ଏଥର ପ୍ରଥମଥର ପାଇଁ ଆୟୋଜନ ସୁଯୋଗ ପାଇଛି। ପୂର୍ବରୁ ଅନୁଷ୍ଠିତ ୬ ସଂସ୍କରଣ ଯଥାକ୍ରମେ ଚାଇନା, କାତାର, ଜାପାନ, ମାଲେସିଆ, ଓମାନ ଓ ବାଂଲାଦେଶରେ ଅନୁଷ୍ଠିତ ହୋଇଥିଲା। ଘରୋଇ ପରିବେଶରେ ପ୍ରଥମଥର ପାଇଁ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବାରୁ ଏସିଆନ ଗେମ୍ସ ପାଇଁ ଟିମ୍ କମ୍ବିନେଶନ ସଜାଡ଼ିନେବା ଭାରତର ପ୍ରଥମ ଲକ୍ଷ୍ୟ ହେବ। ଏସିଆନ ଗେମ୍ସ ଚାଇନାର ହାଙ୍ଗଝୋଉରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏସିଆନ ଗେମ୍ସରେ ଚାମ୍ପିୟନ ହେବା ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଟିକେଟ ପାଇବ। ତେଣୁ ଚେନ୍ନାଇରେ ପରୀକ୍ଷା ନିରୀକ୍ଷା କରି ଦଳକୁ ସନ୍ତୁଳିତ କରିବା ପ୍ରାଥମିକତା ହେବ। ମୁଖ୍ୟ ଖେଳାଳିଙ୍କୁ ଆହତ ସମସ୍ୟାରୁ ମୁକ୍ତ ରଖିବା ମଧ୍ୟ ମନରେ ରହିବ। ଚଳିତ ବର୍ଷ ପ୍ରାରମ୍ଭରେ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହକି ବିଶ୍ୱକପରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା। ମାତ୍ର ଏହାପରେ ହରମନପ୍ରୀତ ସିଙ୍କ ଦଳ କ୍ରମେ ଉନ୍ନତ ପ୍ରଦର୍ଶନ କରିବାରେ ଲାଗିଛି। ଇତିମଧ୍ୟରେ ୧୬ଟି ମ୍ୟାଚ ଖେଳିଥିବାବେଳେ ସେଥିରୁ ୯ଟି ଜିତିଛି ଏବଂ ୫ଟିରେ ପରାଜିତ ହୋଇଛି। ୨ଟି ମ୍ୟାଚ ଡ୍ର ରହିଛି।

### ଭାରତ-ପାକିସ୍ତାନ ସଫଳ ଦଳ

ଟୁର୍ନାମେଣ୍ଟ ଇତିହାସ ଦେଖିଲେ ଭାରତ ଓ ପାକିସ୍ତାନ ସବୁଠାରୁ ସଫଳ ଦଳଭାବେ ୩ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି। ଭାରତ ୨୦୧୧, ୨୦୧୬ ଓ ୨୦୧୮ ଏବଂ ପାକିସ୍ତାନ ୨୦୧୨, ୨୦୧୩ ଓ ୨୦୧୮ରେ ଟାଇଟଲ ହାସଲ କରିଛି। ଅର୍ଥାତ୍ ୨୦୧୮ରେ ଭାରତ ଓ ପାକିସ୍ତାନ ଯୁଗ୍ମ ଚାମ୍ପିୟନ ହୋଇଥିଲେ। ପ୍ରବଳ ବର୍ଷା ଯୋଗୁ ଫାଇନାଲ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ଦକ୍ଷିଣ କୋରିଆ ଥରେ ୨୦୨୧ରେ ଚାମ୍ପିୟନ ହୋଇଛି। ଭାରତ ୩ ଥର ଚାମ୍ପିୟନ ହେବା ବ୍ୟତୀତ ୨୦୧୨ରେ ରନରଅପ୍ ଏବଂ ୨୦୨୧ରେ ତୃତୀୟ ସ୍ଥାନ ହାସଲ କରିଥିଲା। ପାକିସ୍ତାନ ୨୦୧୧ ଓ ୨୦୧୬ ଏବଂ ଜାପାନ ୨୦୧୩ ଓ ୨୦୨୧ରେ ରନରଅପ୍ ହୋଇଥିଲା। ବାଂଲାଦେଶରେ ଅନୁଷ୍ଠିତ ଗତ ସଂସ୍କରଣର ସେମିଫାଇନାଲରେ ଭାରତ ୩-୫ ଗୋଲରେ ଜାପାନଠାରୁ ହାରି ଯାଇଥିଲା। ତେବେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନକୁ ୪-୩ ଗୋଲରେ ହରାଇ ବ୍ରୋଞ୍ଜ ଜିତିଥିଲା। ପ୍ରଦର୍ଶନ ଦୃଷ୍ଟିରୁ ଏଥର ଭାରତ ଟାଇଟଲ ହାସଲ କରିବା ପାଇଁ ପ୍ରବଳ ଦାବିଦାର ରହିବ। ଚାଇନା ଚଳିତ ବର୍ଷ ପ୍ରଥମଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା ମୂଳକ ହକି ଖେଳିବ। ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଭାରତ-ଚାଇନା ବ୍ୟତୀତ କୋରିଆ-ଜାପାନ ଓ ପାକିସ୍ତାନ-ମାଲେସିଆ ମଧ୍ୟରେ ଅନୁଷ୍ଠିତ ହେବ।

**-ପ୍ରସ୍ତୁତି: ତପନ ସ୍ୱାଇଁ**

## ଓଏଫ୍‌ସି ସହ ପୁତିଆଙ୍କ ୩ ବର୍ଷ ଚୁକ୍ତି

ଭୁବନେଶ୍ୱର,୨।୮ (ସରୋଜ ଜେନା)

ମିଡଫିଲ୍ଡର ଲାଲଥାଥାଙ୍ଗା ଖାଲରିଙ୍ଗ ପୁତିଆଙ୍କ ସହିତ ୩ ବର୍ଷର ଚୁକ୍ତି ସାଇନ୍ କରିଛି ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି)। ମିଜୋରାମର ପୁତିଆଙ୍କ ପାଇଁ ମୋହନବାଗାନ ଏଫ୍‌ସି ସହିତ ୩ ବର୍ଷର ଟ୍ରାନ୍ସଫର ଡିଲ୍ କରିଛି ଓଏଫ୍‌ସି। ୨୦୧୫-୧୬ ସିଜନରେ ମିଜୋରାମ ପ୍ରିମିୟର ଲିଗ୍‌ରେ ଶ୍ରେଷ୍ଠ ମିଡଫିଲ୍ଡର ଘୋଷିତ ହେବାପରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ସହିତ ଯୋଗ ଦେଇଥିଲେ ଲାଲଥାଥାଙ୍ଗା ଖାଲରିଙ୍ଗ ପୁତିଆ। ଗୋଟିଏ ସିଜନ ପାଇଁ ଆଇଜଲ୍ ଏଫ୍‌ସି ପକ୍ଷରୁ ଲୋନରେ ଖେଳିବା ପରେ ନର୍ଥଇଷ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନର୍ଥଇଷ୍ଟ ପକ୍ଷରୁ ୨୯ ମ୍ୟାଚ୍ ଖେଳିବା ପରେ କେରଳ ବ୍ଲାଷ୍ଟର୍ସରେ ଯୋଗ ଦେଇଥିଲେ ପୁତିଆ। ଜିକ୍‌ସନ୍ ସିଂଙ୍କ ସହ ଏକ ଶକ୍ତିଶାଳୀ ମିଡଫିଲ୍ଡ ଲାଇନ ଅପ୍ ତିଆରି କରିବା ପରେ ବିଗତ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିୟନ ମୋହନବାଗାନ ଦଳର ସଦସ୍ୟ ରହିଥିଲେ।

## ଜିଆନ୍‌ଲୁଗି ବଫନଙ୍କ ଅବସର



ପାର୍ମା,୨।୮(ପି.ଟି.)

ଇଟାଲୀ ଦଳର ବିଶ୍ୱ ବିଜୟୀ ଗୋଲକିପର ତଥା ଜୁଭେଣ୍ଟସ ପକ୍ଷରୁ ଦୀର୍ଘ ବର୍ଷ ଧରି ଖେଳିଥିବା ଜିଆନ୍‌ଲୁଗି ବଫନ ୪୫ ବର୍ଷ ବୟସରେ କ୍ଲବ୍ ଫୁଟବଲରୁ ଅବସର ଗ୍ରହଣ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ ଗୋଲକିପର ଭାବରେ ପରିଗଣିତ ହେଉଥିବା ବଫନ ବୁଧବାର ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେରୀ ବିରେ ପାର୍ମା ପକ୍ଷରୁ ଖେଳୁଥିବା ବେଳେ ତାଙ୍କ ଚୁକ୍ତି ଆହୁରି ଏକ ବର୍ଷ ବୈଧ ରହିଛି। ୩ ବର୍ଷ ପୂର୍ବରୁ ଅନ୍ତର୍ଜାତୀୟ ଫୁଟବଲରୁ ବଫନ ଅବସର ଗ୍ରହଣ କରିଥିଲେ। ଏକ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଜରିଆରେ ସେ ନିଜର ଅବସର ଘୋଷଣା କରିଥିଲେ। ଫ୍ୟାନ ମାନେ ମୋତେ ସବୁକିଛି ପ୍ରଦାନ କରିଛନ୍ତି, ମୁଁ ମଧ୍ୟ ଫ୍ୟାନ୍ ମାନଙ୍କୁ ମୋର ସବୁକିଛି ଦେଇଛି। ବର୍ତ୍ତମାନ ଏହା ଶେଷ ହେଲା ବୋଲି ସେ ପୋଷ୍ଟ କରିଥିଲେ।



କାନାଡ଼ାରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସର ମହିଳା ୬୦ କେଜି ବର୍ଗ ବ୍ୟକ୍ତିଗତ ଓ ଟିମ୍ ଫାଇଟ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ପୋଲିସର ଚିନ୍ମୟୀ ଭୂୟାଁ।

## ୪ରୁ ଆରମ୍ଭ, ଭାଗନେବେ ୧୯ ଦଳ

### ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୨।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍ ଚଳିତ ମାସ ୪ ତାରିଖରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ ହାଇସ୍କୁଲ ସଂଲଗ୍ନ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଏଥର ୧୯ଟି ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇ ଲିଗ୍ ଭିତ୍ତିରେ ମ୍ୟାଚ ଖେଳାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ ବୋଲି ଆୟୋଜକ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। 'ବି' ଡିଭିଜନ ପ୍ରତିଯୋଗିତା ସରିବା ପରେ ଗତିକୃଷ୍ଣ ମେମୋରିଆଲ 'ଏ' ଡିଭିଜନ ଫୁଟବଲ ଲିଗ୍ ଆରମ୍ଭ ହେବ। ତା' ପରେ ଭୁବନେଶ୍ୱର ଆନ୍ତଃସ୍କୁଲ ବାଳକ ଫୁଟବଲ ପ୍ରତିଯୋଗିତା ଏବଂ ସ୍କୁଲ ଲିଗ୍ ପରେ ଭୁବନେଶ୍ୱର ଆନ୍ତଃକ୍ଲବ ମହିଳା ଫୁଟବଲ ଲିଗ୍ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ ପ୍ରକାଶ କରିଛନ୍ତି। 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ କଳିଙ୍ଗ ୟୁଥ୍, ମୁକ୍ତେଶ୍ୱର ୟୁନାଇଟେଡ, ବୀର ବିର୍ସା କ୍ଲବ, ମା' ମଙ୍ଗଳା କ୍ଲବ, ଚନ୍ଦ୍ରଶେଖରପୁର କ୍ରୀଡ଼ା ସଂଘ, ହସିନା କ୍ଲବ, ୟୁନାଇଟେଡ ୟୁଥ୍ କ୍ଲବ, କଳିଙ୍ଗ ସ୍ପୋର୍ଟିଂ, ମଦର୍ସ ଫୁଟବଲ କ୍ଲବ, ଆର୍ଡୋର ଏକାଡେମୀ ସିନିୟର ଓ ଜୁନିୟର, ଲୟଲା ଓଡ଼ିଆ ସ୍କୁଲ, ଲିଙ୍ଗରାଜ କ୍ଲବ, ଏସ୍‌ଜିଓ ନୂଆପଲ୍ଲୀ, ଏମ୍‌ଏସ୍ ଇଲେଭେନ, ଝାରପଡ଼ା କ୍ଲବ, ଗ୍ଲୋବାଲ କ୍ଲବ, ନିଲ୍‌କମଲ କ୍ଲବ ଏବଂ କିଟ୍ ଫୁଟବଲ ଦଳ।

## ସୁରକ୍ଷା ପ୍ରତିନିଧି ଦଳ ମଞ୍ଜୁରୀ ଅପେକ୍ଷାରେ ପାକିସ୍ତାନ

### ଦିନିକିଆ ବିଶ୍ୱକପ

କରାଚୀ,୨।୮(ପି.ଟି.)

ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପରେ ପାକିସ୍ତାନର ଅଂଶଗ୍ରହଣ ଏଯାଏ ସ୍ପଷ୍ଟ ହୋଇପାରି ନାହିଁ। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ବସିଥିବା ବେଳେ ଏଯାଏ କୌଣସି ନିଷ୍ପତ୍ତି ଆସି ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଘୋଷଣା କରିଥିବା ବେଳେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋଙ୍କୁ ଏହାର ମୁଖ୍ୟ ରଖାଯାଇଛି। ତେବେ ଏହି କମିଟି ଏଯାଏ କୌଣସି ବୈଠକ କରି ନ ଥିବା ବେଳେ ପ୍ରଥମ ଥର ଗୁରୁବାର ଏହି କମିଟିର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଭୁଟ୍ଟୋଙ୍କ ନେତୃତ୍ୱରେ ହେବାକୁ ଥିବା ବୈଠକରେ ପିସିବି ଚେୟାରମ୍ୟାନ୍ ଜାକା ଅଶ୍ରଫ୍ ମଧ୍ୟ ଯୋଗ ଦେବେ।

ବିଶ୍ୱକପରେ ପାକିସ୍ତାନ ଯୋଗ ଦେବା ପୂର୍ବରୁ ଯେଉଁ ଭେନ୍ୟୁରେ ପାକିସ୍ତାନର ମ୍ୟାଚ୍ ଖେଳାଯିବ ସମସ୍ତ ଭେନ୍ୟୁକୁ ଏକ ଉଚ୍ଚ ସ୍ତରୀୟ ସୁରକ୍ଷା କମିଟି ପଠାଇବା ପାଇଁ ପ୍ରସ୍ତାବ ମିଳିପାରେ। ଉଚ୍ଚସ୍ତରୀୟ ସୁରକ୍ଷା ପ୍ରତିନିଧି ଦଳ ଭାରତ ଗସ୍ତ କରି ବିଭିନ୍ନ ଭେନ୍ୟୁର ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିବ ବୋଲି କୁହାଯାଇଛି। ଏହି ୧୪ ଜଣିଆ କମିଟିରେ ଏକାଧିକ ପାକିସ୍ତାନ ମନ୍ତ୍ରୀ ଓ ପରାମର୍ଶଦାତାଙ୍କୁ ସ୍ଥାନ ମିଳିଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ, ଗୃହ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସୂଚନା ଓ ପ୍ରସାରଣ ମନ୍ତ୍ରୀ, କଶ୍ମୀର ପ୍ରସଙ୍ଗରେ ରାଷ୍ଟ୍ରୀୟ ପରାମର୍ଶଦାତା, ବୈଦେଶିକ ସଚିବ ଓ ବିଭିନ୍ନ ଗୋଇନ୍ଦା ବିଭାଗର ଅଧିକାରୀଙ୍କୁ ସାମିଲ କରାଯାଇଛି। ଭାରତରେ ଖେଳିବା ନେଇ ପାକିସ୍ତାନକୁ କୌଣସି ସମସ୍ୟା ନ ଥିବା ବେଳେ ଖେଳାଳି, ଫ୍ୟାନ୍ ଓ ଗଣମାଧ୍ୟମ ଅଧିକାରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଏହି କମିଟିର ଏକମାତ୍ର ଲକ୍ଷ୍ୟ ବୋଲି କୁହାଯାଇଛି। ଏହା ସହିତ କେଉଁ ଭେନ୍ୟୁଟି ସ୍ୱର୍ଶକାତର ତା' ଉପରେ ମଧ୍ୟ ବିଚାର କରାଯିବ ବୋଲି କମିଟି କହିଛି। ଶେଷ ଥର ପାଇଁ ପାକିସ୍ତାନ ୨୦୧୬ ଟି୨୦ ବିଶ୍ୱକପ ଖେଳିବା ପାଇଁ ଭାରତ ଗସ୍ତ କରିଥିଲା। ୨୦୧୨-୧୩ ପରଠାରୁ ଉଭୟ ଦେଶ ମଧ୍ୟରେ ଦିନିକିଆ ଦ୍ୱିପାକ୍ଷିକ ସିରିଜ୍ ଖେଳା ଯାଇ ନ ଥିବା ବେଳେ ୨୦୦୭ ପରଠାରୁ ଟେଷ୍ଟ ସିରିଜ୍ ଖେଳା ଯାଇ ନାହିଁ।

## ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଆରମ୍ଭ

**ଭୁବନେଶ୍ୱର, ୨।୮ (ତପନ ସ୍ୱାଇଁ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାରଠାରୁ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କ୍ରୀଡ଼ା କ୍ଷେତ୍ରରେ ବିଶେଷ ଦକ୍ଷତା ଥିବା ପ୍ରତିଭାଙ୍କୁ ଖୋଜି ବାହାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମ ଦିବସରେ ୩୨ଜଣ ଦକ୍ଷ ଜୁଡୋ ଓ ୩୭ ଆଶାୟୀ ଭାରୋତ୍ତୋଳନ ପ୍ରତିଭା ସେମାନଙ୍କ ସାମର୍ଥ୍ୟ ପ୍ରଦର୍ଶନ କରିଥିଲେ। ଗୁରୁବାର ଫେନ୍‌ସିଂ ଓ ଜିମ୍ନାଷ୍ଟିକ୍ସ ପ୍ରତିଭାମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ।


ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଜଣେ ଭାରୋତ୍ତୋଳନ କରୁଛନ୍ତି।

## ଆଥଲେଟିକ୍ସରେ ବ୍ରୋଞ୍ଜରୁ ଭାରତର ଅଭିଯାନ


ଶୁଟିଂ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିବା ଭାରତୀୟ ଶୁଟର ଓ ଅନ୍ୟମାନେ।

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଚେଙ୍ଗଡୁ, ୨।୮

ଏଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରେ ବୁଧବାର ଭାରତର ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭବାନୀ ଯାଦବ ଭଗବତୀ ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୬.୩୨ ମିଟର ଜମ୍ପକରି ଏହି ସଫଳତା ପାଇଥିଲେ। ପୋଲାଣ୍ଡର ନିକୋଲା ହୋରୋସ୍କା ୬.୬୦ ଓ ମାଗ୍‌ଦାଲେନା ବୋକୁନ ୬.୪୧ ମିଟର ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି।

**ଶୁଟିଂ ଦଳକୁ ୮ ସ୍ୱର୍ଣ୍ଣ ସହ ୧୪ ପଦକ**

ଭାରତୀୟ ଶୁଟରମାନେ ଏଥର ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏମାନେ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ ୧୪ ପଦକ ହାସଲ କରିଛନ୍ତି। ଫଳରେ ଭାରତୀୟ ଶୁଟିଂ ଦଳ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ଭାରତୀୟ ପ୍ରତିନିଧି ଦଳରେ ମୋଟ ୨୦ ଶୁଟର ସାମିଲ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣ ପଦକ ହାସଲ କରିଛନ୍ତି।

ବୁଧବାର ଅନ୍ତିମ ଦିବସରେ ଅନୁଷ୍ଠିତ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଏଲାଭେନିଲ ଭାଲାରିଭାନ ଓ ଦିବ୍ୟାଂଶ ସିଂ ପନୱର ରୌପ୍ୟ ପଦକ ହାସଲ କରିଛନ୍ତି। ଚାଇନା ପ୍ରତିଯୋଗୀ ସ୍ୱର୍ଣ୍ଣ ଓ ଆମେରିକା ବ୍ରୋଞ୍ଜ ପଦକ ହାସଲ କରିଛି। ବୁଧବାର ଶେଷସୁଦ୍ଧା ଭାରତ ୧୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୭ ବ୍ରୋଞ୍ଜ ସହ ମୋଟ ୨୩ଟି ପଦକ ପାଇ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଚାଇନା, କୋରିଆ ଓ ଜାପାନ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

ଭାରତରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ମହିଳା ଡବଲ୍ସ ବ୍ୟାଡ୍‌ମିଣ୍ଟନ, ରତପର୍ଣ୍ଣା ମିକ୍ସଡ ଡବଲ୍ସ ବ୍ୟାଡ୍‌ମିଣ୍ଟନ, କବିର ହଂସ ମିକ୍ସଡ ଡବଲ୍ସ ଟେନିସ, ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ ଏବଂ ପ୍ରତ୍ୟାଶା ରାୟ ସୁଇମିଂ ଇଭେଣ୍ଟରେ ଆକ୍ସନରେ ଦେଖିବାକୁ ମିଳିବେ।

## ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ଉପଯୁକ୍ତ ପ୍ଲାଟଫର୍ମ

### ଆଜି ପ୍ରଥମ ଟି୨୦

ଟରୌବା (ତ୍ରିନିଦାଦ), ୨।୮ (ପି.ଟି.)

ମଙ୍ଗଳବାର ସମାପିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିବା ପରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବାକୁ ଯାଉଛି ଭାରତ। ମଙ୍ଗଳବାର ତ୍ରିନିଦାଦର ବ୍ରାଏନ୍ ଲାରା ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତିମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୧ ରନ୍ ସଂଗ୍ରହ କରିଥିଲା। ଟପ୍ ଅର୍ଡରରେ ଶୁବମାନ ଗିଲ୍, ଇଶାନ କିଶନ, ସଞ୍ଜୁ ସାମସନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା ଅର୍ଦ୍ଧଶତକ ହାସଲ କରିଥିଲେ। ଗିଲ୍ ସର୍ବାଧିକ ୮୫ ରନ୍ କରିଥିବା ବେଳେ କିଶନ ୭୭, ସାମସନ୍ ୫୪ ଓ ହାର୍ଦ୍ଦିକ ଅପରାଜିତ ୭୦ ରନ୍‌ର ଇନିଂସ ଖେଳିଥିଲେ। ଜବାବରେ ଘରୋଇ ଦଳ ୩୫.୩ ଓଭରରେ ୧୫୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଗୁଡାକେଶ ମୋତି ସର୍ବାଧିକ ୩୯ ରନ୍ କରିଥିବା ବେଳେ ଆଲିକ୍ ଅଥାନଜେ ୩୨ ରନ୍ ସ୍କୋର କରିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁକେଶ କୁମାର ୩, କୁଲଦୀପ ଯାଦବ ୨ ଉଇକେଟ ନେଇଥିଲେ। ଶୁବମାନ ଗିଲ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଇଶାନ କିଶନଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

**ଟି୨୦ ସିରିଜ୍ ଆରମ୍ଭ**

ଗୁରୁବାରଠାରୁ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଆରମ୍ଭ ହେବ। ଏହି ସିରିଜ୍ ଭାରତ ଓ ଏହାର ଯୁବ ଖେଳାଳିଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରିବ। ୨୦୨୪ ମସିହାର ଟି୨୦ ବିଶ୍ୱକପ ଆମେରିକା ମାଟିରେ ଖେଳାଯିବାକୁ ଥିବା ବେଳେ ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ଏହା ଏକ ପ୍ରକୃଷ୍ଟ ପ୍ଲାଟଫର୍ମ ସାବ୍ୟସ୍ତ ହେବ। ହାର୍ଦ୍ଦିକ ପାଣ୍ଡ୍ୟା ଏହି ଦଳର ନେତୃତ୍ୱ ନେଉଥିବା ବେଳେ ଦଳରେ ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା ଓ ମୁକେଶ କୁମାରଙ୍କ ପରି ଯୁବ ଖେଳାଳି ରହିଛନ୍ତି। ଭାରତୀୟ ଟି୨୦ ଦଳକୁ ଜୟସ୍ୱାଲ ଓ ତିଳକ ବର୍ମାଙ୍କର ଏହା ପ୍ରଥମ ଡାକରା । ଅନ୍ୟପକ୍ଷରେ ଅଗରକରଙ୍କ ନେତୃତ୍ୱରେ ଚୟନ କମିଟି ସଞ୍ଜୁ ସାମସନ୍‌ଙ୍କୁ ମଧ୍ୟ ଟି୨୦ ଦଳରେ ସାମିଲ କରିଛି। ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ଫର୍ମ ପାଇଁ ସଂଘର୍ଷ କରୁଥିବା ବେଳେ ଭାରତ ଏହି ସିରିଜ୍ ପାଇଁ ଫେଭରିଟ୍ ରହିବ। ତେବେ ଦ୍ୱିତୀୟ ଦିନିକିଆ ପରି ୱେଷ୍ଟଇଣ୍ଡିଜ୍ ଭାରତୀୟ ଦଳକୁ ମାତ୍ ଦେଇପାରେ।

ସ୍ପିନ୍ ବିଭାଗରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ସମେତ ରବି ବିଷ୍ଣୋଇ ମଧ୍ୟ ଦଳରେ ରହିଛନ୍ତି। ତେବେ କୁଲ୍‌ଚା (କୁଲଦୀପ୍-ଚହଲ) ଯୋଡିକୁ ଆଉଥରେ ଏକତ୍ର ଦେଖିବାର ସମ୍ଭାବନା ଅଧିକ। ଏହା ବ୍ୟତୀତ ବ୍ୟାଟିଂ ଅଲରାଉଣ୍ଡର ଓ ତୃତୀୟ ସ୍ପିନର ଭାବରେ ଅକ୍ଷର ପଟେଲ ମଧ୍ୟ ଖେଳି ପାରନ୍ତି। ଫ୍ଲୋରିଡାରେ ଅନ୍ତିମ ଦୁଇ ଟି୨୦ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଭାରତୀୟ ଦଳର ଉପ ଅଧିନାୟକ ରହିଥିବା ସୂର୍ଯ୍ୟକୁମାର ଯାଦବ ନିଜର ଛାପ ଛାଡିବାକୁ ପ୍ରୟାସ କରିବେ। ଟପ୍ ଅର୍ଡରରେ ଶୁବମନ ଗିଲ୍, ଇଶାନ୍ କିଶନ୍ ଓ ଯଶସ୍ୱୀ ଜୟସ୍ୱାଲ ରହିଥିବାରୁ ଦଳ ଚୟନକୁ ନେଇ ସଙ୍କଟରେ ପଡିବ ଟିମ୍ ମ୍ୟାନେଜମେଣ୍ଟ। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କାନ୍ଧରେ ଭାର ରହିବ। ପେସ୍ ବୋଲିଂରେ ମୁକେଶ କୁମାର ଭାରତୀୟ ବୋଲିଂର ନେତୃତ୍ୱ ନେବେ।

**ମ୍ୟାଚ୍ ସ୍ଥାନ:ବ୍ରାଏନ୍ ଲାରା ଷ୍ଟାଡିୟମ, ତ୍ରିନିଦାଦ**
**ସମୟ: ରାତି ୮.୦୦,**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**


ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ